# ଧରିତ୍ରୀ DHARITRI

ଭୁବନେଶ୍ୱର, ରବିବାର, ଅକ୍ଟୋବର ୧୫/୨୦୨୩ (୧୮ ପୃଷ୍ଠା+ଛୁଟିଦିନ) Bhubaneswar, Sunday, October 15/2023 Page 18 ₹ 7.00

୪୯ଶ ଭାଗ ୩୨୧ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul VOLUME 49 ISSUE 321 ମୂଲ୍ୟ ₹୭/-






50 years of Trust
No.1 Odisha RETAIL Chain Brand
GD Symbol of Trust
GUPTA DISTRIBUTORS
MOBILE, CAMERA, LAPTOP, ELECTRONICS, HOME APPLIANCES & FURNITURES
FESTIVE SALE
HURRY LIMITED PERIOD OFFER
COST TO COST DHAMAKA
CHECK OUR PRICE, BEFORE YOU BUY
PICK ANY GIFT ON PURCHASE OF Rs.10,000/- AND ABOVE
DOUBLE BED SHEET MRP - 1999/- @500/-
ELECTRIC KETTLE 1.8ltr MRP - 1399/- @500/-
EGG BOILER MRP - 699/- @300/-
ADDITIONAL ASSURED GIFT ON EVERY PURCHASE
FREE GIFT
SAMSUNG* TOP LOAD 10KG
SAMSUNG* GALAXY S23
VIP* STROLLEY
SOUND BAR*
BOROSIL DINNER SET
Buy an OLED & Bring Home a 43 inch Google TV*
& MANY MORE OFFER
0 EASY FINANCE DOWN PAYMENT INTEREST
1 EMI OFF
5 YEAR ASK FOR EXTENDED WARRANTY
EXCHANGE OFFER
UPTO 15 YEAR WARRANTY*
ASSURED CASHBACK OF UP TO 1,00,000/-*
ASSURED EXCLUSIVE GIFT COUPONS WORTH AROUND Rs. 25,000/-
ADDITIONAL GIFT TO ALL EMI CARD HOLDER
HDFC BANK We understand your world
0 DOWN PAYMENT 30 EMI
IDFC FIRST Bank
10% CASHBACK UPTO Rs.15,000/-
HDB FINANCIAL SERVICES
10% CASHBACK UPTO Rs.10,000/-
LED TV PRICE START ₹7490/-
REFRIGETOR PRICE START ₹11190/-
AIR CONDITION PRICE START ₹28900/-
WASHING MACHINE PRICE START ₹7990/-
MICROWAVE OVEN PRICE START ₹6990/-
MOBILE Smartphones at EASY no cost EMI
LAPTOP PRICE START ₹29990/-
CAMERA PRICE START ₹42990/-
ACCESSORIES
HOME APPLIANCES
HOME & OFFICE FURNITURE
UPTO........... 60% OFF*
HYDRAULIC STORAGE BEDS
4 SEATER DINING
LCD UNITS
CENTER TABLES WITH MARBLE TOP
WITHOUT STORAGE BEDS
CUSHION HEAD BOARD BEDS
OFFICE TABLE
SPD DINING SETS
DRESSING TABLES
DIWANS
SIDE BOARD UNITS
PREMIUM DINING SETS
SHOE RACKS
STUDY TABLES
LCD UNITS
COFFEE SETS
FREE DELIVERY WITHIN 20 KMS | EASY FINANCE AVAILABLE | GIFT ON EVERY PURACHASE | EXCHANGE FACILITY AVAILABLE
MARRIAGE EXCLUSIVE OFFER ALSO AVAILABLE | FREE INSTALLATION WITHIN MUNICIPALITY AREA
Furniture Available at PATRAPARA (BBSR), CDA (CUTTACK), KALAPATHAR, JAGATSINGHPUR, NIMAPADA, NAYAGARH, BALUGAON, PARADEEP, ATHAGARH, JAJPUR TOWN, ANGUL, PURI & CHANDIKHOLE
FINANCE PARTNER:
BAJAJ FINSERV
IDFC FIRST Bank
HDFC BANK We understand your world
HDB FINANCIAL SERVICES
ALL CREDIT & DEBIT CARDS ACCEPTABLE
UP TO 5% INSTANT DISCOUNT* SBI card
#Min. Trxn.: ₹25,000; Max. Discount: ₹4,000 per card. Also valid on EMI Trxns. Validity: 15 Oct - 13 Nov 2023. T&C Apply.
WIDECARE SECURE YOUR PRODUCT WITH EXTENDED WARRANTY
LG SONY SAMSUNG Panasonic Kelvinator Godrej Whirlpool HITACHI Inspire the Next VOLTAS BLUE STAR DAIKIN Haier Carrier LLOYD IFB
ONEPLUS oppo vivo DELL hp ASUS EUREKA FORBES BAJAJ BOSCH KUTCHINA CG Cine Gold HAVELLS Nikon Canon
BHUBANESWAR- BARAMUNDA, Main Road, Front of Kali Mandir, Mob: 7008989309, PATIA, KIIT Square, In front of Khimji Honda, Mob: 7008989302, LAXMI SAGAR (Cuttack Road), Mob: 7008989301, SAHEED NAGAR, Beside PNB Bank, Mob-8144920830, HANSPAL, Puri Canal Road, Near Hanuman Mandir, Mob: 7735455009, SAMANTARAPUR - NEAR Sanjeevani Medicare Hospital, ASIDE HANUMAN MANDIR, Mob: 9692316302, PATRAPARA – Plot No: 283/2979, Near ICICI Bank, Mob: 7008989313, CUTTACK- Dolmundai, Mob: 2424932/7008989303, Buxi Bazar, Mob: 7008989304, CDA, Near Judicial Academy (Utkal Hyundai), Mob: 7008989312, PURI- Hospital Square,Grand Road, Mob: 7008989310, JATNI- Near Axis bank, Mob: 2492932/7008989305, NIMAPADA- Near Dolabedi Chhack, Mob: 7008989307, BALUGAON- Main Road, Near Digantika Hotel, Mob: 7008989308, KHORDA- Main Road, Palla Chhack, Mob: 7008989311, NAYAGARH- Khandapada Road, Mob: 7008989306, BHADRAK- Main Road, Chappulia, Mob: 7008989314, JAGATSINGHPUR - Main Bus Stand, Mob: 7008989317, GUPTA FURNITURE PLAZA, Gandhi Chhack, Jagatsinghpur, JAJPUR TOWN- N C College Road, Boula Mula Chhack, Mob: 8144920820, KALAPATHAR- Near Dhabaleswor Temple, Mob: 7008989315, PARADEEP– Dochaaki, Udaybata, Mob: 7008989316, BARIPADA – Near Roxy Cinema Hall, Mob: 7008989347, ANGUL - NH-55, Kandasar, Nalco Nagar (Near Kargil Petrol Pump), Mob: 9692316300, CHANDIKHOLE – Jena Premium, National Highway, Near RLY Overbridge, Mob: 9692316301, ATHAGARH – Birakishorpur, Athagarh, Mob: 9692316303
*T&C Apply. Price/EMI mentioned are subject to change. Offer applicable on selected brand/product only. Products are also available without offer. Pictures are indicative only/CASH BACK IS SUBJECT TO BANK/CREDIT CARD, Depending on Purchase Value/Under Extended Warranty Scheme*
* ଗୁପ୍ତା ଡ଼ିଷ୍ଟ୍ରିବ୍ୟୁଟର୍ସ ର ଶୁଭାରମ୍ଭ କେଉଁ ମସିହାରେ ହୋଇଥିଲା ? ☐୧୯୭୦ ☐୧୯୮୩ ☐୧୯୭୨
* ଅନୁଷ୍ଠାନର ମୁଖ୍ୟ ପରିଚାଳକଙ୍କ ନାମ କ'ଣ ? ☐ପି. ଗୁପ୍ତା ☐ଆର୍. ଗୁପ୍ତା ☐ଡି. ଗୁପ୍ତା
* ସାରା ଓଡ଼ିଶାରେ କେତେଗୋଟି ଶାଖା ରହିଅଛି ? ☐୧୫ ☐୨୮ ☐୨୨
* ଗୁପ୍ତାର ପ୍ରଥମ ଷ୍ଟୋର କେଉଁଠାରେ ହୋଇଥିଲା ? ☐କଟକ ☐ଭୁବନେଶ୍ୱର ☐ନୟାଗଡ଼
ଏହି କୁପନଟି ସଠିକ୍ ଉତ୍ତର ସହିତ ପୂରଣ କରି, ନିକଟତମ ଗୁପ୍ତା ଡ଼ିଷ୍ଟ୍ରିବ୍ୟୁଟର ଶାଖାରେ ଥିବା LUCKY DRAW BOX ରେ ପକାଇ ଉପହାର ମାନ ଜିତନ୍ତୁ ।
Mob: ..........................................

ଧରିତ୍ରୀ
DHARITRI
ଭୁବନେଶ୍ୱର, ରବିବାର, ଅକ୍ଟୋବର ୧୫/୨୦୨୩ Bhubaneswar, Sunday, October 15/2023

# ପାକିସ୍ତାନକୁ ହରାଇ ଶୀର୍ଷରେ ଭାରତ


ପ୍ଲେୟର ଅଫ୍ ଦି ମ୍ୟାଚ ଯଶପ୍ରୀତ୍ ବୁମ୍ରା

## ଦିନିକିଆ କ୍ରିକେଟ ବିଶ୍ୱକପ

**ଅହମଦାବାଦ, ୧୪।୧୦**

ଇତିହାସର ପୁନରାବୃତ୍ତି ଘଟିଛି। ଆଇସିସି ଦିନିକିଆ କ୍ରିକେଟ ବିଶ୍ୱକପରେ ପାକିସ୍ତାନ ବିପକ୍ଷରେ ଶତପ୍ରତିଶତ ବିଜୟ ରେକର୍ଡ ବଜାୟ ରଖିଛି ଭାରତ। ୧୯୯୨ରୁ ଆରମ୍ଭକରି ଏପର୍ଯ୍ୟନ୍ତ କ୍ରମାଗତ ୮ ମ୍ୟାଚରେ ବିଜୟୀ ହୋଇଛି ଟିମ୍ ଇଣ୍ଡିଆ। ଶନିବାର ବିଶ୍ୱର ସର୍ବବୃହତ୍ ନରେନ୍ଦ୍ର ମୋଦି ଷ୍ଟାଡିୟମରେ ଲକ୍ଷାଧିକ ଦର୍ଶକଙ୍କ ଗହଣରେ ଅନୁଷ୍ଠିତ ହାଇପ୍ରୋଫାଇଲ୍ ମ୍ୟାଚରେ ଭାରତ ୭ ଉଇକେଟରେ ପାରମ୍ପରିକ ପ୍ରତିଦ୍ୱନ୍ଦ୍ୱୀ ପାକିସ୍ତାନକୁ ହରାଇ ଦମ୍ଦାର ବିଜୟ ହାସଲ କରିଛି। ଭାରତୀୟ ବୋଲରଙ୍କୁ ମୁକାବିଲା କରି ନ ପାରି ପାକିସ୍ତାନ ୪୨.୫ ଓଭରରେ ୧୯୧ ରନକରି ଅଲ୍ଆଉଟ ହୋଇଥିଲା। ୧୯୨ ରନର ବିଜୟ ଲକ୍ଷ୍ୟକୁ ରୋହିତ ଶର୍ମାଙ୍କ ଦଳ ୩୦.୩ ଓଭରରେ ୩ ଉଇକେଟ ହରାଇ ହାସଲ କରି ନେଇଥିଲା। ୭ ଓଭରରେ ଗୋଟିଏ ମେଡେନ ନେବା ସହ ମାତ୍ର ୧୯ ରନରେ ୨ଟି ଉଇକେଟ ନେଇଥିବା ଯଶପ୍ରୀତ୍ ବୁମ୍ରା ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ହୋଇଛନ୍ତି। ବିଜୟ ଫଳରେ ଭାରତ ପ୍ରଥମଥର ପାଇଁ ପଏଣ୍ଟ ଟେବୁଲର ଶୀର୍ଷକୁ ଉନ୍ନୀତ ହୋଇଛି। ୩ ମ୍ୟାଚରେ ଭାରତର ଏହା ତୃତୀୟ ବିଜୟ ହୋଇଥିବାବେଳେ ପାକିସ୍ତାନର ପ୍ରଥମ ପରାଜୟ। ଭାରତର ବିଜୟ ପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଟିମ୍ ଇଣ୍ଡିଆକୁ ଅଭିନନ୍ଦନ ଜଣାଇଛନ୍ତି।

ଟାର୍ଗେଟ ବଡ଼ ନ ଥିଲେ ମଧ୍ୟ ୨୩ ରନ ମଧ୍ୟରେ ପ୍ରଥମ ଉଇକେଟ ହରାଇ ଭାରତ ପ୍ରାରମ୍ଭିକ ବ୍ୟାଟିଂ ବିପର୍ଯ୍ୟୟରେ ☞ପୃଷ୍ଠା-୯

ଆଜିର ସମ୍ପାଦକୀୟ
ସିଏଜିର ଅଧୋଗତି






**ଆଜିର ମନ୍ତବ୍ୟ**

"ଇସ୍ରାଏଲ୍ ଆକ୍ରମଣକାରୀ ହମାସ୍ ପ୍ରତି ଅଧିକାଂଶ ପାଲେଷ୍ଟିନୀୟଙ୍କ ସମର୍ଥନ ନାହିଁ। କାରଣ ଅବିକଳ ଅଲ୍-କାଏଦା ଭଳି ମନେହେଉଥିବା ଏହି ଆତଙ୍କବାଦୀ ସଙ୍ଗଠନ ଯୋଗୁ ଲୋକେ ନାହିଁ ନ ଥିବା ଦୁର୍ଦ୍ଦଶା ଭୋଗୁଛନ୍ତି।

–ଜୋ ବାଇଡେନ୍, ଆମେରିକା ରାଷ୍ଟ୍ରପତି

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା–ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଡରେ ଥରଥର ନୁହଇଁ ସୁତ**
**ଡାକଇ ଯାହାକୁ ପାଖକୁ ତାତ**
**ଡାକ ନ ଶୁଣୁ ଧରଇ ଠେଙ୍ଗା**
**କହେ ଦନାଇ ଏ କୁଳବାଲୁଙ୍ଗା।**

ଯେଉଁ ପୁତ୍ରର ପିତା ବା ଗୁରୁଜନଙ୍କ ପ୍ରତି ଭୟ ଓ ଭକ୍ତିଭାବ ନ ଥାଏ କିମ୍ବା ସେମାନଙ୍କ ପ୍ରତି କ୍ରୂର ଆଚରଣ ପ୍ରଦର୍ଶନ କରିଥାଏ, ସେଭଳି ପୁତ୍ର କୁଳବାଲୁଙ୍ଗା ହୋଇଥାଆନ୍ତି। ପୁତ୍ରର ପରିସୀମା ଟପି ଅଭଦ୍ର ଆଚରଣ ବା ବ୍ୟବହାର ଦେଖାଇବା କୁଳବାଲୁଙ୍ଗାର ସ୍ୱରୂପ ହୋଇଥିବା ଅର୍ଥରେ ଏଭଳି ଉକ୍ତି ବର୍ଣ୍ଣନା କରାଯାଇଛି।

**ଡେଙ୍ଗା ନଡ଼ିଆ ବାଙ୍ଗରା ଗୁଆ**
**ଏହା ଠଉଁ ଚାରା ବନ୍ଧରେ ଛୁଆ।**

ଯେଉଁ ନଡ଼ିଆ ଗଛ ଡେଙ୍ଗା, ତା'ଗଛର ଚାରା ଉନ୍ନତମାନର ହୋଇଥାଏ। ସେହିପରି ବାଙ୍ଗରା ଗୁଆ ଗଛର ଚାରାରୁ ଗଛ ଭଲ ହେଉଥିବା ନେଇ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ – ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲିଃ:




# ଅନ୍ୱେଷା ହଷ୍ଟେଲର ୨୮ ଛାତ୍ରୀ ଅସୁସ୍ଥ

## ପରିବେଶ ନିରୀକ୍ଷଣକଲେ ସ୍ୱାସ୍ଥ୍ୟ ଅଧିକାରୀ



ମେଡିକାଲରେ ଚିକିତ୍ସିତ ହେଉଥିବା ଛାତ୍ରୀମାନେ।

**କେନ୍ଦୁଝର,୧୪।୧୦(ନରେଶ ଚନ୍ଦ୍ର ପଟ୍ଟନାୟକ)**

କେନ୍ଦୁଝର ଜିଲା ମୁଖ୍ୟାଳୟରେ ଥିବା ଏସ୍‌ସି/ଏସ୍‌ଟି ବିଭାଗ ଅଧୀନରେ ପରିଚାଳିତ ଅନ୍ୱେଷା ହଷ୍ଟେଲରେ ରହୁଥିବା ୨୮ ଛାତ୍ରୀ ଅସୁସ୍ଥ ହୋଇଛନ୍ତି। ସମସ୍ତ ଛାତ୍ରୀ ଭୂତାଣୁଜନିତ ଜ୍ୱର ଓ କେତେଜଣ ଝାଡ଼ାରେ ଆକ୍ରାନ୍ତ ହୋଇଥିବା ଜଣାପଡ଼ିଛି। ସମସ୍ତଙ୍କୁ ଧରଣୀଧର ମେଡିକାଲ କଲେଜ ହସ୍ପିଟାଲର ଶିଶୁ ୱାର୍ଡରେ ଚିକିତ୍ସା ପାଇଁ ଭର୍ତ୍ତି କରାଯାଇଛି। ଘଟଣା ପରେ ଶନିବାର ସିଡିଏମ୍‌ଓଙ୍କ ନେତୃତ୍ୱରେ ଏକ ଟିମ୍ ହଷ୍ଟେଲରେ ରହୁଥିବା ସମସ୍ତ ଛାତ୍ରୀଛାତ୍ରଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲା। ଏଥିସହ ହଷ୍ଟେଲର ପରିବେଶ ନିରୀକ୍ଷଣ କରିଥିବା ଜଣାପଡ଼ିଛି।

ଉକ୍ତ ହଷ୍ଟେଲରେ ସମୁଦାୟ ୪୬୦ ଛାତ୍ରୀଛାତ୍ର ମାଗଣାରେ ରହି ବିଭିନ୍ନ ପବ୍ଲିକ ସ୍କୁଲରେ ଅଧ୍ୟୟନ କରୁଛନ୍ତି। ସେମାନଙ୍କୁ ସ୍କୁଲ ନେବା ଆଣିବା ପାଇଁ ବସ୍ ବ୍ୟବସ୍ଥା ମଧ୍ୟ କରାଯାଇଛି। ଶୁକ୍ରବାର ସକାଳେ ଅନ୍ତେବାସୀଙ୍କୁ ଖାଦ୍ୟ ତାଲିକା ଅନୁଯାୟୀ ବ୍ରେଡ୍ ଓ ଜାମ୍ ଖାଇବାକୁ ଦିଆଯାଇଥିଲା। ଖାଇ ସାରି ୧୯୦ ପିଲା ପଳାଶପଙ୍ଗାସ୍ଥିତ ଗ୍ରୀନ୍ ଫିଲ୍ଡ ସ୍କୁଲକୁ ପାଠ ପଢ଼ିବା ପାଇଁ ଯାଇଥିଲେ। ସେଠାରେ ପ୍ରାର୍ଥନା ସମୟରେ ୧୮ ପିଲା ଅସୁସ୍ଥ ହୋଇ ତଳେ ପଡ଼ିଯିବାରୁ ତାଙ୍କୁ କେନ୍ଦୁଝର ମେଡିକାଲରେ ଭର୍ତ୍ତି କରାଯାଇଥିଲା। ପରେ ରାତିରେ ଆଉ ୧୦ ଜଣ ଅସୁସ୍ଥ ହେବାରୁ ଚିକିତ୍ସା ପାଇଁ ମେଡିକାଲରେ ଭର୍ତ୍ତି କରାଯାଇଥିଲା। ସେଠାରେ ପରୀକ୍ଷା ବେଳେ ସେମାନେ ଭୂତାଣୁଜନିତ ଜ୍ୱରରେ ଆକ୍ରାନ୍ତ ହୋଇଥିବା ମେଡିକାଲ ସୂତ୍ରରୁ ଜଣାପଡ଼ିଛି। ହଷ୍ଟେଲ ପରିଚାଳକ ସନ୍ତୋଷ ସାହୁ କହିଛନ୍ତି, ସମସ୍ତେ ସକାଳେ ବ୍ରେଡ୍ ଓ ଜାମ୍ ଖାଇ ଯାଇଥିଲେ। ମଧ୍ୟାହ୍ନରେ ଭୋଜନ କରିବାକୁ ଭାତ ଓ ତରକାରି ପଠାଯାଇଥିଲା। ଖାଦ୍ୟରେ କୌଣସି ଅସୁବିଧା ନାହିଁ। ଡାକ୍ତରୀଦଳ ଆସି ପରିସ୍ଥିତି ଅନୁଧ୍ୟାନ କରିଯାଇଛନ୍ତି। ପିଇବା ପାଣି ବ୍ୟବସ୍ଥାକୁ ସୁଦୃଢ଼ କରାଯାଇଛି ବୋଲି କହିଥିଲେ। ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. କେ.ସି.ପୃଷ୍ଟି କହିଛନ୍ତି, ଛାତ୍ରୀଛାତ୍ରଙ୍କୁ ଜ୍ୱର ହୋଇଥିବା ବେଳେ କେତେଜଣଙ୍କୁ ଝାଡ଼ା ହେଉଛି। ଏବେ ସମସ୍ତଙ୍କ ଅବସ୍ଥା ଭଲ ରହିଛି। ଭୂତାଣୁ ଜନିତ ଜ୍ୱର ହୋଇଥିବା ଜଣାଯାଉଛି। ଏକ ଟିମ୍ ସହ ହଷ୍ଟେଲ ସ୍ଥିତି ଅନୁଧ୍ୟାନ କରାଯାଇଛି। ଅନ୍ୟ ଛାତ୍ରୀଛାତ୍ରଙ୍କ ଅବସ୍ଥା ଭଲ ଅଛି। ଜ୍ୱର ହେଲେ ପିଲାମାନଙ୍କୁ ମେଡିକାଲ ଆଣିବା ପାଇଁ ପରିଚାଳକଙ୍କୁ କୁହାଯାଇଛି ବୋଲି ସେ କହିଥିଲେ।

# ୧୮ରୁ ବଦଳିବ ପାଗ

**ଭୁବନେଶ୍ୱର,୧୪।୧୦(ଅନିଲ ଦାସ)**

ରାଜ୍ୟରେ ଗତ କିଛିଦିନ ହେବ ପ୍ରବଳ ଗ୍ରୀଷ୍ମ ଅନୁଭୂତ ହେଉଛି। ଅଧିକାଂଶ ସ୍ଥାନରେ ଦିନର ତାପମାତ୍ରା ୩୫ ଡିଗ୍ରୀ ସେଲ୍‌ସିୟସ ଉପରକୁ ଚାଲିଯାଉଛି। କେତେକ ସ୍ଥାନରେ ତାପମାତ୍ରା ୩୬ ଡିଗ୍ରୀ ଉପରେ ରହୁଛି। ରାତ୍ରିରେ ମଧ୍ୟ ତାପମାତ୍ରା ୨୫ରୁ ୨୬ ଡିଗ୍ରୀ ସେଲ୍‌ସିୟସ ମଧ୍ୟରେ ରହୁଛି।

ଆଶ୍ୱିନ ମାସରେ ହାଲୁକା ଶୀତ ଓ କାକର ପରିବେଶକୁ ଶୀତଳ କରିଥାଏ। ଅକ୍ଟୋବର ଶେଷ ଆଡକୁ ଶୀତର ପ୍ରକୋପ ବଢିଥାଏ। ମାତ୍ର ଚଳିତ ବର୍ଷ ଏଥିରେ ସମ୍ପୂର୍ଣ୍ଣ ବ୍ୟତିକ୍ରମ ଦେଖାଦେଇଛି। ଶୀତ ବିଳମ୍ବରେ ଆସିବ ବୋଲି ଜଳବାୟୁ ବିଶେଷଜ୍ଞ ମତ ଦେଉଛନ୍ତି। ସେପ୍ଟେମ୍ବର ଶେଷକୁ ବର୍ଷା ଛାଡ଼ିଯିବା ପରେ ତାତିର ପ୍ରକୋପ ବଢ଼ିଯାଇଛି। ଆସନ୍ତା ୪ ଦିନ ଯାଏ ପାଗରେ ମଧ୍ୟ କୌଣସି ପରିବର୍ତ୍ତନର ସୂଚନା ନାହିଁ ବୋଲି ପାଣିପାଗ ବିଭାଗ ପକ୍ଷରୁ ପୂର୍ବାନୁମାନ କରାଯାଇଛି। ପାଗ ଶୁଖିଲା ଓ ଖରାଟିଆ ରହିବ। ତେବେ ୧୮ ତାରିଖରୁ ତାତି ହ୍ରାସ ପାଇବ। ପାରଦ ୨ରୁ ୪ ଡିଗ୍ରୀ ସେଲ୍‌ସିୟସ ତଳକୁ ଖସିବ। ଏହି ସମୟରେ ଆଣ୍ଡାମାନ ଉପକୂଳରେ ଏକ ଘୂର୍ଣ୍ଣିବଳୟ ସୃଷ୍ଟି ହେବାର ସମ୍ଭାବନା ରହିଛି। ୨୦ ତାରିଖ ବେଳକୁ ଏହା ଲଘୁଚାପରେ ପରିଣତ ହେବ। ଏହା ଧୀରେ ଧୀରେ ଘନୀଭୂତ ହୋଇ ଡିପ୍ ଡିପ୍ରେସନରେ ପରିଣତ ହେବାର ସମ୍ଭାବନା ରହିଛି। ତେବେ ଏହା ବାତ୍ୟା ରୂପ ନେବ କି ନାହିଁ ତାହା ସ୍ପଷ୍ଟ ହୋଇ ନାହିଁ। ଆସନ୍ତା ୨୦ ତାରିଖ ବେଳକୁ ଏ ନେଇ ସୂଚନା ମିଳିପାରିବ ବୋଲି ପାଣିପାଗ ବିଶେଷଜ୍ଞ ଶରତ ସାହୁ କହିଛନ୍ତି।

# ରାଜ୍ୟରେ ୧,୧୨,୬୭୫ ମାମଲା ଫଇସଲା

**ଜିଲାସ୍ତରୀୟ ଲୋକ ଅଦାଲତ**

**କଟକ,୧୪।୧୦(କାର୍ତ୍ତିକ ସାହୁ)**

ନୂଆଦିଲ୍ଲୀସ୍ଥିତ ନ୍ୟାଶନାଲ ଲିଗାଲ ସର୍ଭିସ ଅଥରିଟି(ନାଲ୍‌ସା) ପକ୍ଷରୁ ସ୍ଥିରୀକୃତ ସମୟସୂଚୀ ଅନୁଯାୟୀ ରାଜ୍ୟର ବିଭିନ୍ନ ଜିଲାରେ ଜିଲାସ୍ତରୀୟ ଲୋକ ଅଦାଲତ ଶନିବାର ଅନୁଷ୍ଠିତ ହୋଇଯାଇଛି। ଓଡ଼ିଶା ଲିଗାଲ ସର୍ଭିସ ଅଥରିଟି(ଓଲ୍‌ସା)ର କାର୍ଯ୍ୟନିର୍ବାହୀ ଅଧ୍ୟକ୍ଷ ତଥା ହାଇକୋର୍ଟର କାର୍ଯ୍ୟକାରୀ ମୁଖ୍ୟ ବିଚାରପତି ଡ. ବିଦ୍ୟୁତ୍ ରଞ୍ଜନ ଷଡ଼ଙ୍ଗୀଙ୍କ ତତ୍ତ୍ୱାବଧାନରେ ବିଭିନ୍ନ ଜିଲାରେ ଏହି ଲୋକ ଅଦାଲତ ଅନୁଷ୍ଠିତ ହୋଇଥିଲା। ଏଥିରେ ମୋଟ ୧,୧୨,୬୭୫ ମାମଲା ଫଇସଲା କରାଯାଇ ୨୧କୋଟି ୪୪ଲକ୍ଷ ୨୪ହଜାର ୨ ଟଙ୍କା ଜରିମାନା ଆଦାୟ ପାଇଁ ସ୍ଥିରୀକୃତ ହୋଇଛି। ତନ୍ମଧ୍ୟରେ କୋର୍ଟରେ ବିଚାରାଧୀନ ମାମଲା ୬୯୬ ଓ ରାଜସ୍ୱ ସମ୍ବନ୍ଧୀୟ ମାମଲା ୧,୧୧,୯୭୯ ରହିଛି। କୋର୍ଟରେ ବିଚାରାଧିନ ମାମଲାଗୁଡ଼ିକ ମଧ୍ୟରୁ ମୋଟର ଦୁର୍ଘଟଣାଜନିତ ମାମଲା ୧୫୨, ଖାଉଟି ବିବାଦ ମାମଲା ୧୫, ଜମିଜମା ସଂକ୍ରାନ୍ତୀୟ ମାମଲା ୧୬, ପାରିବାରିକ ବିବାଦ ସମ୍ବନ୍ଧୀୟ ୨୮୩ ଓ ଅନ୍ୟାନ୍ୟ ୨୩୦ ମାମଲା ରହିଛି।

# ଏଜୁକେସନ ୱାର୍ଲ୍ଡ ଇଣ୍ଡିଆ ସ୍କୁଲ ର୍ୟାଙ୍କିଙ୍ଗରେ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ସଫଳତା



ସରକାରୀ ଆବାସିକ ବିଦ୍ୟାଳୟ ବିଭାଗର ୯ମ ସ୍ଥାନରେ ଥିବା ମୟୂରଭଞ୍ଜ ଜିଲା ରାଣୀଭୋଳସ୍ଥିତ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ପକ୍ଷରୁ ପ୍ରମାଣପତ୍ର ଗ୍ରହଣ କରାଯାଉଛି।



ଡେ' ସ୍କୁଲ ବିଭାଗରେ ୮ମ ସ୍ଥାନରେ ଥିବା ଦେବଗଡ ଜିଲା ବୁଢ଼ାପାଳସ୍ଥିତ ଓଡ଼ିଶା ଆଦର୍ଶ ବିଦ୍ୟାଳୟକୁ ପ୍ରମାଣପତ୍ର ପ୍ରଦାନ କରାଯାଉଛି।

**ଭୁବନେଶ୍ୱର, ୧୪।୧୦(ଅସମାପିକା ସାହୁ)**

ଏଜୁକେସନ ୱାର୍ଲ୍ଡ ଇଣ୍ଡିଆ ସ୍କୁଲ ର୍ୟାଙ୍କିଙ୍ଗ ୨୦୨୩–୨୦୨୪ରେ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ସଫଳତା ପାଇଛି। ରାଜ୍ୟର ଦୁଇଟି ସ୍କୁଲ ଦୁଇଟି ବିଭାଗରେ ଶ୍ରେଷ୍ଠ ୧୦ ଭିତରେ ସ୍ଥାନ ପାଇଛି। ରାଜ୍ୟ ସରକାରଙ୍କ ଡେ' ସ୍କୁଲ ବିଭାଗରେ ଦେବଗଡ ଜିଲା ରିଆମାଳ ବ୍ଲକର ବୁଢ଼ାପାଳସ୍ଥିତ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ଅଷ୍ଟମ ସ୍ଥାନ ପାଇଥିବାବେଳେ ସରକାରୀ ଆବାସିକ ବିଦ୍ୟାଳୟ ବିଭାଗରେ ମୟୂରଭଞ୍ଜ ଜିଲା ବାରିପଦା ବ୍ଲକ ରାଣୀଭୋଳସ୍ଥିତ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ନବମ ସ୍ଥାନ ହାସଲ କରି ରାଜ୍ୟ ପାଇଁ ଗୌରବ ଆଣି ଦେଇଛି। ଓଡ଼ିଶା ଆଦର୍ଶ ବିଦ୍ୟାଳୟର ଏହି ସଫଳତାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଖୁସିବ୍ୟକ୍ତ କରିବା ସହ ବିଦ୍ୟାଳୟର ସମସ୍ତ ଛାତ୍ରୀଛାତ୍ର, ଶିକ୍ଷୟିତ୍ରୀ ଶିକ୍ଷକ, ଅଭିଭାବକ ଏବଂ ସଙ୍ଗଠନର ସମସ୍ତ କର୍ମକର୍ତ୍ତାଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ସୂଚନାଯୋଗ୍ୟ, ଗ୍ରାମାଞ୍ଚଳ ଓ ଛୋଟ ସହରର ମେଧାବୀ ଛାତ୍ରୀଛାତ୍ରଙ୍କୁ ସିବିଏସ୍‌ଇ ଢାଞ୍ଚାରେ ଗୁଣାତ୍ମକ ଶିକ୍ଷା ପ୍ରଦାନ ନିମନ୍ତେ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ସ୍ଥାପନ ରାଜ୍ୟ ସରକାରଙ୍କ ଏକ ଅଭିନବ ପରିକଳ୍ପନା।

# ଆବାସିକ ଛାତ୍ରୀନିବାସରେ ୪ର୍ଥ ଶ୍ରେଣୀ ଛାତ୍ରୀଙ୍କ ମୃତ୍ୟୁ

**କାଳିମେଳା, ୧୪।୧୦(ଜୀବନକୃଷ୍ଣ ଦାସ)**

ମାଲକାନଗିରି ଜିଲା କାଳିମେଳା ବ୍ଲକ ଭୁବନପଲ୍ଲୀ ପଞ୍ଚାୟତରେ ଥିବା ଅନୁସୂଚିତ ଜାତି ଜନଜାତି ବିଦ୍ୟାଳୟ ଛାତ୍ରୀନିବାସରେ ରହୁଥିବା ଜଣେ ଚତୁର୍ଥ ଶ୍ରେଣୀ ଛାତ୍ରୀଙ୍କର ଶନିବାର ମୃତ୍ୟୁ ହୋଇଛି। ମୃତ ଛାତ୍ରୀ ଜଣଙ୍କ ହେଲେ ଅଞ୍ଜୁ ମାଡ଼ି(୧୦)। ପ୍ରଧାନ ଶିକ୍ଷକ ଲୋକନାଥ ପରିଡ଼ାଙ୍କ କହିବା ଅନୁଯାୟୀ, ଗତ ୧୩ ତାରିଖର ସକାଳେ ହଠାତ୍ ଅଞ୍ଜୁଙ୍କୁ ଜ୍ୱର ହେବାରୁ ସେ ଅସୁସ୍ଥ ହୋଇ ପଡିଥିଲେ। ବିଦ୍ୟାଳୟ କର୍ମଚାରୀମାନେ ତାଙ୍କୁ ପ୍ରଥମେ ଏମ୍‌ଭି ୭୯ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସନ୍ଧ୍ୟା ବେଳକୁ ସ୍ୱାସ୍ଥ୍ୟାବସ୍ଥାରେ କୌଣସି ଉନ୍ନତି ନ ହେବାରୁ ଅଧିକ ଚିକିତ୍ସା ପାଇଁ ଜିଲା ସଦର ସ୍ୱାସ୍ଥ୍ୟକେନ୍ଦ୍ରକୁ ସ୍ଥାନାନ୍ତର କରିଥିଲେ। ତେବେ ସେଠାରୁ ତାଙ୍କୁ କୋରାପୁଟ ମେଡିକାଲ କଲେଜ ଓ ହସ୍ପିଟାଲକୁ ଡାକ୍ତର ରେଫର୍ କରିଥିଲେ ତାଙ୍କୁ ନେବା ବାଟରେ ମୃତ୍ୟୁ ହୋଇଥିଲା। ତେବେ କେଉଁ କାରଣ ପାଇଁ ଛାତ୍ରୀଙ୍କର ମୃତ୍ୟୁ ହେଲା ସେ ନେଇ ପ୍ରକୃତ ଘଟଣା ଜଣାପଡ଼ି ନାହିଁ। ମୃତଦେହ ବ୍ୟବଚ୍ଛେଦ କରା ନ ଯାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରି ଦିଆଯାଇଛି। ବିନା ବ୍ୟବଚ୍ଛେଦରେ ଘର ଲୋକ ସଂସ୍କାର କରିଦେଇଛନ୍ତି।

ଏ ନେଇ ବ୍ଲକ ସମ୍ପ୍ରସାରଣ ଅଧିକାରୀ ସୁମନ୍ତ କୁମାର ପଣ୍ଡାଙ୍କୁ ପଚାରିବାରୁ ଛାତ୍ରୀଙ୍କୁ ଜ୍ୱର ହେବାରୁ ବିଦ୍ୟାଳୟ କର୍ତ୍ତୃପକ୍ଷ ମେଡିକାଲ ନେଇଥିଲେ। ସେଠାରେ ମୃତ୍ୟୁ ହୋଇଥିବା କଥା କହିବା ସହ ଘଟଣାସ୍ଥଳକୁ ଯାଇ ତଦନ୍ତ କଲା ପରେ ପ୍ରକୃତ କଥା ଜଣାପଡିବ ବୋଲି କହିଛନ୍ତି।

# ଆତ୍ମସମର୍ପଣ କଲେ ମାଓବାଦୀ

**ମାଲକାନଗିରି,୧୪।୧୦(ଦୁର୍ଯ୍ୟୋଧନ ପାତ୍ର)**

ମାଲକାନଗିରି ଜିଲା ସୀମାନ୍ତ ଛତିଶଗଡ଼ର ଦାନ୍ତେୱାଡାରେ ୧ ଲକ୍ଷ ଟଙ୍କା ପୁରସ୍କାର ଘୋଷିତ ମାଓବାଦୀ ରାକେଶ ପୋଲିସ ନିକଟରେ ଆତ୍ମ ସମର୍ପଣ କରିଛନ୍ତି। ମାଓବାଦୀ ସଙ୍ଗଠନ ଭୁଶୁଡିବାରେ ଲାଗିଥିବା ବେଳେ ନିଜର ନୀତି ଆଦର୍ଶ ହରାଉଥିବାରୁ ରାକେଶ ସଙ୍ଗଠନ ଛାଡି ସାଧାରଣ ଜୀବନ ଯାପନ କରିବା ପାଇଁ ନିଷ୍ପତ୍ତି ନେଇ ଆତ୍ମସମର୍ପଣ କରିଥିବା ପୋଲିସ ନିକଟରେ ପ୍ରକାଶ କରିଛନ୍ତି। ସେ ଅନେକ ହିଂସା ଘଟଣାରେ ଜଡିତ ଥିଲେ। ତେବେ ଆତ୍ମସମର୍ପଣ ନୀତି ଅନୁଯାୟୀ ରାକେଶଙ୍କୁ ସମସ୍ତ ସରକାରୀ ସହାୟତା ପ୍ରଦାନ କରାଯିବ ବୋଲି ପୋଲିସ ପକ୍ଷରୁ କୁହାଯାଇଛି।



ରାକେଶ

# ୧୨ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର ବାଣ, ୨୫ କେଜି ବାରୁଦ ଜବତ

**ଖୋର୍ଦ୍ଧା/ବେଗୁନିଆ,୧୪।୧୦**
**(ପ୍ରଭାତ ପାଣିଗ୍ରାହୀ/ହର ପ୍ରସନ୍ନ ପଣ୍ଡା)**

ଆଗକୁ ଆସୁଛି ଦଶହରା ଓ ଆଲୋକର ପର୍ବ ଦୀପାବଳି। ଏଥିପାଇଁ ବିଭିନ୍ନ ସ୍ଥାନରେ ଏବେଠୁ ବାଣ ବିକ୍ରି ଚାଲିଲାଣି। ତେବେ ବେଆଇନ ଭାବେ ବାଣ ପ୍ରସ୍ତୁତ ହେଉଥିବା ଖୋର୍ଦ୍ଧା ଜିଲା ବେଗୁନିଆ ଥାନା ଅଧୀନ କଣ୍ଟାବାଡ଼ ସ୍ଥିତ ମୁକୁନ୍ଦପୁର ଗ୍ରାମରେ ଶନିବାର ପୋଲିସ ଚଢ଼ାଉ କରି ଜଣେ ବ୍ୟବସାୟୀଙ୍କୁ ଗିରଫ କରିଛି। ସେ ହେଲେ ବିଶ୍ୱନାଥ ମହାପାତ୍ର। ଆତସବାଜି ପ୍ରସ୍ତୁତ ହେଉଥିବା କୋଠରିରୁ ୨୫ କେଜି ବାରୁଦ ସହିତ ୧୨ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର ବିଭିନ୍ନ ପ୍ରକାର ବାଣ ଜବତ କରାଯାଇଛି। ଏ ସମ୍ପର୍କରେ ପୋଲିସ ଏକ ମାମଲା (ନଂ.୩୬୪/୨୩) ରୁଜୁକରି ଅଧିକ ତଦନ୍ତ ଚଳାଇଛି।

ସୂଚନା ମୁତାବକ, ମୁକୁନ୍ଦପୁର ଗ୍ରାମରେ ବେଆଇନ ଭାବେ ବାଣ ପ୍ରସ୍ତୁତ ହେଉଥିବା ନେଇ ପୋଲିସକୁ ସୂଚନା ମିଳିଥିଲା। ଏହା ପରେ ଏସ୍‌ପି ସିଦ୍ଧାର୍ଥ କଟାରିଆ ଓ ଏସ୍‌ଡିପିଓ ଦିଲୀପ ଦାସଙ୍କ ନିର୍ଦ୍ଦେଶକ୍ରମେ ବେଗୁନିଆ ଥାନା ଅଧିକାରୀ ବିଶ୍ୱଜିତ୍ ରାଉତରାୟଙ୍କ ସମେତ ଅନ୍ୟ କର୍ମଚାରୀଙ୍କୁ ନେଇ ଏକ ଟିମ୍ ଗଠନ କରାଯାଇଥିଲା। ଏହି ଟିମ୍ ଶନିବାର ସକାଳେ ମୁକୁନ୍ଦପୁର ଗ୍ରାମର ବିଶ୍ୱନାଥଙ୍କ ଘରେ ଚଢ଼ାଉ କରିଥିଲା। ଏକ କୋଠରିରେ ଗଚ୍ଛିତ ଥିବା ଭଳିକି ଭଳି ହାତ ତିଆରି ଧପିଧପି, କୁମ୍ଭି ବାଣ, ବାଡିଆ ବାଣ, ଝରଝରି ଆଦି ୫୦ପେଟିରୁ ଊର୍ଦ୍ଧ୍ୱ



ଜବତ ହୋଇଥିବା ବାରୁଦ ଓ ବିଭିନ୍ନ ପ୍ରକାର ବାଣ।

**■ ଜଣେ ବ୍ୟବସାୟୀ ଗିରଫ**
**■ ବେଆଇନ ଭାବେ ପ୍ରସ୍ତୁତ ହେଉଥିଲା**

ବିଭିନ୍ନ ପ୍ରକାର ବାଣ ଜବତ କରିଥିଲା। ଏଥିସହ ବାଣ ପ୍ରସ୍ତୁତ ପାଇଁ ଥିବା ବାରୁଦ ୨୫କେଜି ଜବତ ହୋଇଛି। ଜବତ ବାଣଗୁଡିକୁ ଦୁଇଟି ମିନି ଟ୍ରକ୍‌ରେ ଥାନାକୁ ଅଣାଯାଇଛି। ଉକ୍ତ ବେଆଇନ କାର୍ଯ୍ୟରେ ସମ୍ପୃକ୍ତ ଥିବାରୁ ବିଶ୍ୱନାଥଙ୍କୁ ଗିରଫ କରାଯାଇଛି। ଏହି ଚଢ଼ାଉରେ ଏସ୍‌ଆଇ ଉମାକାନ୍ତ ବେହେରା, ଏଏସ୍‌ଆଇ ଜେ.ପୂଜାରୀ, ପି.କେ. ଆଚାର୍ଯ୍ୟ, ଏମ୍. ବେହେରା, ବି.ବଳବନ୍ତରାୟ, ପି.କେ. ବେହେରା ପ୍ରମୁଖ ସାମିଲ ଥିଲେ। ସୂଚନାଥାଉ କି, ୨୦୨୦ ଅଗଷ୍ଟ ୧୬ରେ ବିଶ୍ୱନାଥଙ୍କ ଘରେ ବାଣ ପ୍ରସ୍ତୁତ ବେଳେ ବଡ଼ଧରଣର ଅଘଟଣ ଘଟିଥିଲା। ୪ରୁ ୫ ବଖରା ଘର କ୍ଷତିଗ୍ରସ୍ତ ହୋଇଥିଲା। ବେଗୁନିଆ ପୋଲିସ ପହଞ୍ଚି ବିଶ୍ୱନାଥଙ୍କ ଘରୁ ୨ଲକ୍ଷ ଟଙ୍କାର ବାଣ ଜବତ କରିଥିଲା। ବେଆଇନ ବାଣ ପ୍ରସ୍ତୁତ ଓ ବିକ୍ରି କରୁଥିବା ଅଭିଯୋଗରେ ଥାନାରେ ଏକ ମାମଲା (ନଂ.୧୬୬/୨୦) ରୁଜୁ ହୋଇଥିଲା। ତେବେ ପୁଣି ୩ବର୍ଷ ପରେ ବିଶ୍ୱନାଥଙ୍କ ଘରୁ ୧୨ଲକ୍ଷ ଟଙ୍କାର ବିଭିନ୍ନ ପ୍ରକାର ବାଣ ଏବଂ ବାରୁଦ ଜବତ କରାଯାଇଛି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** – ଆଜି ଆପଣ କର୍ମକ୍ଷେତ୍ରରେ ଦୃଢ଼ ପଦକ୍ଷେପ ନେଇ କାମ ହାସଲ କରିପାରିବେ। ବିବାଦୀୟ ପରିସ୍ଥିତିରେ ଅନ୍ୟ ଲୋକମାନଙ୍କ ଆଗରେ ମୁଣ୍ଡ ନୁଆଁଇବେ ନାହିଁ। ବିଭିନ୍ନ ସୂତ୍ରରୁ ରୋଜଗାର କରିବେ, ଯାହାକି ଆପଣଙ୍କୁ ସାମୟିକ ଆନନ୍ଦ ପ୍ରଦାନ କରିବ। ପ୍ରଶାସନ, ଆଇନ, ସଭା ସମିତି, ଆନୁଷ୍ଠାନିକ କାମ ଓ ବନ୍ଧୁମିଳନ ହେତୁକ ଖୁସି ରହିବେ।

**ବୃଷ** – ସାମାଜିକ ସ୍ତରରେ ଲୋକାଭିମୁଖୀ ଗଠନମୂଳକ କାର୍ଯ୍ୟରୁ ପ୍ରଶଂସିତ ହେବେ। ବ୍ୟବସାୟିକ ସଫଳତା ମିଳିବ ଓ କଳା ସାହିତ୍ୟରେ ପ୍ରଶଂସିତ ହେବେ। ଦୀର୍ଘ ଦିନରୁ ରହି ଆସିଥିବା ବିବାଦୀୟ ଘଟଣାର ଅବସାନ ଘଟିବ। ଅଭାବ ନ ଥିଲେ ମଧ୍ୟ ଛୋଟ ଛୋଟ କଥାକୁ କେନ୍ଦ୍ରକରି ପରିବାରରେ ଝଡ଼ ଉଠିବ। ସନ୍ତାନହେତୁକ ଚିନ୍ତା ଟଳିବ।

**ମିଥୁନ** – କର୍ମକ୍ଷେତ୍ରରେ ବନ୍ଧୁମାନଙ୍କ ଅନୁରୋଧକ୍ରମେ ସ୍ଥଗିତ କାମକୁ ସମ୍ପନ୍ନ କରିବେ। ମିଠା କଥା କହି ସହକର୍ମୀଙ୍କ ମନରେ ବିଶ୍ୱାସ ଜନ୍ମାଇବାରେ ସମର୍ଥ ହେବେ। ପ୍ରତିଦ୍ୱନ୍ଦ୍ୱିତା କାରଣରୁ ବାଣିଜ୍ୟ, ବ୍ୟବସାୟରେ ମାନମନାନ୍ତର ଦେଖାଦେଇପାରେ। ଆତ୍ମୀୟମାନେ ଅସହଯୋଗ କରିପାରନ୍ତି, ଯାହାକି ସାମୟିକ ସମସ୍ୟା ସୃଷ୍ଟି କରିବ।

**କର୍କଟ** – କର୍ମକ୍ଷେତ୍ରରେ ସହକର୍ମୀମାନେ ସହଯୋଗର ହାତ ବଢାଇବେ ଓ ସହାନୁଭୂତି ପ୍ରକାଶ କରିବେ। ସନ୍ଦେହ ଓ ଭୁଲ୍ ବୁଝାମଣା ହେତୁ ସମସ୍ୟା ବଢ଼ିବାର ଆଶଙ୍କା ରହିଛି। ସାହିତ୍ୟ ଓ ସଙ୍ଗୀତ କ୍ଷେତ୍ରରେ ପ୍ରତିଦ୍ୱନ୍ଦ୍ୱୀଙ୍କ ମଧ୍ୟରେ ପ୍ରତିଯୋଗିତା ଉପୁଜିପାରେ। ଯେତେ ପାଇଲେ ମଧ୍ୟ ଅଭାବ ଲାଗି ରହିବା କାରଣରୁ ଅଶାନ୍ତି ଅନୁଭବ କରିପାରନ୍ତି।

**ସିଂହ** – ଆଜି ବିଭିନ୍ନ ଯୋଜନା ସମ୍ପର୍କୀୟ ଆଲୋଚନା କରିବାରେ ସଫଳତା ପାଇବେ। ଜଣେ ବନ୍ଧୁଙ୍କଠାରୁ ଆଶା ଅନୁଯାୟୀ ଅର୍ଥ ସାହାଯ୍ୟ ପାଇବେ। ରାଜନୈତିକ ତଥା ସାଙ୍ଗଠନିକ କାର୍ଯ୍ୟରେ ନେତୃତ୍ୱ ନେଇ ପ୍ରଶଂସିତ ହେବେ। ପ୍ରତ୍ୟେକ କ୍ଷେତ୍ରରେ ଧୈର୍ଯ୍ୟହରା ନ ହୋଇ କାର୍ଯ୍ୟ କଲେ ଉପକୃତ ହେବେ।

**କନ୍ୟା** – ଆଜି ଆନୁଷ୍ଠାନିକ କାମରେ ଆଶା ଅନୁରୂପ ଫଳ ପାଇ ଖୁସି ହେବେ। କଥା ଦେଇଥିବା ଲୋକଟି ପରକ୍ଷଣରେ ଓଲଟା କଥା କହି ଯୁକ୍ତିତର୍କର ଆଶ୍ରୟ ନେପାରନ୍ତି। ଆତ୍ମୀୟସ୍ୱଜନଙ୍କ ଆରୋଗ୍ୟ ପାଇଁ ଚିନ୍ତା ବଢ଼ିପାରେ। ବହୁତ ଦିନରୁ ରହି ଆସିଥିବା ସମସ୍ୟା ସମାଧାନ ହୋଇଯିବ।

**ତୁଳା** – କୌଣସି ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବା ପୂର୍ବରୁ ପରିବାର ସହ ଆଲୋଚନା କରିବା ଭଲ ହେବ। ବନ୍ଧୁମିଳନ ଅବକାଶରେ ସନ୍ତାନମାନଙ୍କ ବୈବାହିକ ପ୍ରସ୍ତାବର ଆଲୋଚନା କରିପାରନ୍ତି। ସାମୟିକ ଦୈହିକ ଦୁର୍ବଳତା ଯୋଗୁ ମନୋବଳ କମିଯିବ। ପୂର୍ବ ସ୍ଥିରୀକୃତ ଗସ୍ତ କାର୍ଯ୍ୟକ୍ରମ କେତେକ ଆକସ୍ମିକ ସମସ୍ୟା ହେତୁ ବାତିଲ ହୋଇପାରେ।

**ବିଛା** – ବହୁତ ଦିନର ଆଶା ପୂରଣ ହେବା କାରଣରୁ ମନ ଉତ୍‌ଫୁଲ୍ଲିତ ରହିବ। ଗୃହସୀମାକୁ କେନ୍ଦ୍ରକରି ରହିଥିବା ବିବଦମାନ ସ୍ଥିତିରୁ ସହସା ମୁକ୍ତି ମିଳିବ। ଅନ୍ୟମାନଙ୍କର ଉଦ୍ଦେଶ୍ୟକୁ ବୁଝିନପାରି ଅସମ୍ମାନିତ ହୋଇପାରନ୍ତି। ଆବଶ୍ୟକତା ପୂରଣ କରିବା ସକାଶେ ଧାର ସୂତ୍ରରେ ଅର୍ଥ ଆଣିବାକୁ ପଡ଼ିପାରେ।

**ଧନୁ** – ଭୁଲ୍ ବୁଝାମଣାଜନିତ ପରିବାର ମଧ୍ୟରେ ଛୋଟ କଥାକୁ କେନ୍ଦ୍ର କରି କଳହ ସୃଷ୍ଟି ହୋଇପାରେ। ସାଙ୍ଗଠନିକ କ୍ଷେତ୍ରରେ ଗଠନମୂଳକ ପ୍ରେରଣା ଦେଇ କର୍ମକ୍ଷେତ୍ରରେ ପ୍ରଶଂସିତ ହେବେ। ଦେହ ଭଲ ରହିଲେ ମଧ୍ୟ ପେଟ ଓ ମୁଣ୍ଡ ରୋଗରେ କଷ୍ଟ ପାଇପାରନ୍ତି। ଚେଷ୍ଟା ସଫଳ ହେବାରେ ଜଣେ ପୁରାତନ ବନ୍ଧୁ ସାହାଯ୍ୟ କରିବେ।

**ମକର** – ଆଜି ଦିନଟିରେ ଯେଉଁ କାମରେ ହାତ ଦେବେ, ସେଥିରେ ସଫଳତା ଅବଶ୍ୟମ୍ଭାବୀ। ପ୍ରତ୍ୟୁଷ ଯାତ୍ରା ପ୍ରଶାସନ, ଆଇନ କଳା ସାହିତ୍ୟ କ୍ଷେତ୍ର ମନ୍ଦ ହେବନି। ବାଣିଜ୍ୟ, ବ୍ୟବସାୟରେ କେତେକ ପ୍ରତିବନ୍ଧକ ଦେଖାଦେଇପାରେ। ପରିବାରରେ ବିଶୃଙ୍ଖଳିତ ପୁତ୍ରକନ୍ୟାଙ୍କ ହେତୁକ ସମସ୍ୟା ଲାଗି ରହିବ।

**କୁମ୍ଭ** – ଆଜି ନିକଟ ସମ୍ପର୍କୀୟମାନଙ୍କ ସାହାଯ୍ୟ ଲାଭ କରି ବିବାଦୀୟ ପରିସ୍ଥିତିକୁ ସୁଧାରି ନେବେ। ପରିବାରରେ ପିଲାଙ୍କ ବିଶୃଙ୍ଖଳିତ ଆଚରଣରେ କ୍ଷୁବ୍ଧ ହୋଇପାରନ୍ତି। ବାଣିଜ୍ୟ ଓ ବ୍ୟବସାୟରେ କିଛିନାକିଛି ସମସ୍ୟା ଅବଶ୍ୟ ପରିଲକ୍ଷିତ ହେବ। ଆତ୍ମୀୟମାନଙ୍କ ବେଖାତିର ମନୋଭାବ ଦୁଶ୍ଚିନ୍ତାକୁ ବଢ଼ାଇପାରେ।

**ମୀନ** – ଆଜି ଟେନ୍‌ସନ୍ କମିଯିବ, ମାତ୍ର ସହଯୋଗ ଭିତିରେ କାମ କଲେ ଉପକାର ପାଇବେ। ଶିଳ୍ପ, ବ୍ୟବସାୟ, ପରିବହନ ଓ ବାଣିଜ୍ୟରେ ପ୍ରତିବନ୍ଧକ ସୃଷ୍ଟି ହୋଇପାରେ। ଶିକ୍ଷା, ସନ୍ତାନ, ସମ୍ପର୍କ ସ୍ଥାପନ କ୍ଷେତ୍ରରେ ଆଶାନୁରୂପ ସୁଫଳ ପାଇବେ। ଯେତେ ଭଲ କାମ କଲେ ମଧ୍ୟ ଅନ୍ୟମାନେ ଦୋଷ ଖୋଜିପାରନ୍ତି।

ଆଜି ଆଶ୍ୱିନ ଶୁକ୍ଳପ୍ରତିପଦା ରବିବାର, ଶାରଦୀୟ ନବରାତ୍ର ବା ନବଦିନ ପକ୍ଷ ଆରମ୍ଭ, ଶ୍ରୀମନ୍ଦିରରେ ଦୁର୍ଗାମାଧବଙ୍କ ବାହାର ବିଜେ, ଅକ୍ଟୋବର ୧୫ ତାରିଖ, ପୂର୍ବତନ ରାଷ୍ଟ୍ରପତି ସ୍ୱର୍ଗତ ଏ.ପି.ଜେ. ଅବଦୁଲ୍ କଲାମଙ୍କ ଜୟନ୍ତୀ, ବିଶ୍ୱ ହାତଧୁଆ ଦିବସ, ବିଶ୍ୱ ଛାତ୍ର ଦିବସ, ଶିରିଡ଼ି ସାଇବାବାଙ୍କ ମହାପ୍ରୟାଣ ଦିବସ, ରାଶିନକ୍ଷତ୍ର–ଚିତ୍ରା/ତୁଳା, ପ୍ରତିପଦାର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦିବା. ଘ.୦୬।୩୧ ଗତେ ଘ.୦୮।୫୦ ମଧ୍ୟେ, ଘ.୧୨।୫୯ ଗତେ ଘ.୦୩।୦୧ ମଧ୍ୟେ ଶୁଦ୍ଧ ଶୁଭବେଳା। ଦିବା ଘ.୦୩।୫୩ ଗତେ ଘ.୦୫।୨୦ ମଧ୍ୟେ ରାହୁକାଳ।

ଧରିତ୍ରୀ
DHARITRI
ଭୁବନେଶ୍ୱର, ରବିବାର, ଅକ୍ଟୋବର ୧୫/୨୦୨୩ | Bhubaneswar, Sunday, October 15/2023 | ପୃଷ୍ଠା-୧

# ଯୁକ୍ତ୨ ପଢ଼ିବାକୁ ଆଗ୍ରହ କମୁଛି

## ୩ ଥର ନାମଲେଖା ସୁଯୋଗ ପରେ ବି ଲକ୍ଷାଧିକ ସିଟ୍ ଖାଲି

**ଭୁବନେଶ୍ୱର, ୧୪।୧୦(ଅସମାପିକା ସାହୁ)**

ରାଜ୍ୟର ଉଚ୍ଚ ମାଧ୍ୟମିକ ସ୍କୁଲରେ ଯୁକ୍ତ୨ ପଢ଼ିବାକୁ ପିଲାଙ୍କ ଆଗ୍ରହ କମୁଛି। ଏବର୍ଷ ମାଟ୍ରିକ ପାସ୍ ହାର ଅନୁସାରେ ପିଲାମାନେ ସେପରି ନାମ ଲେଖାଇ ନାହାନ୍ତି। ଫଳରେ ପ୍ରଥମ ବର୍ଷ ନାମଲେଖା ଏ ଯାଏ ଶେଷ ହେଉନାହିଁ। ସିଟ୍ ପୂରଣ ହେଉ ନ ଥିବାରୁ ଗଣଶିକ୍ଷା ବିଭାଗ ପକ୍ଷରୁ ୩ଥର ନାମଲେଖା ସୁଯୋଗ ଦିଆଯାଇଛି। ତଥାପି ଲକ୍ଷେରୁ ଅଧିକ ସିଟ୍ ଖାଲି ପଡ଼ିଥିବାରୁ ଏହାକୁ ନେଇ ତର୍ଜମା ଆରମ୍ଭ ହୋଇଛି। କରୋନା ସମୟରେ ସିଟ୍ ବୃଦ୍ଧି ଓ ମାଟ୍ରିକ ପରେ ପିଲାମାନେ ବୈଷୟିକ ଶିକ୍ଷା ମୁହାଁ ହେଉଥିବାରୁ ଯୁକ୍ତ୨ରେ ସିଟ୍ ଖାଲି ପଡୁଥିବା କୁହାଯାଉଛି।

କରୋନା ସମୟରେ ମାଟ୍ରିକ ପାସ୍ ହାର ଅଧିକ ରହିଥିଲା। ବିନା ପରୀକ୍ଷାରେ ଛାତ୍ରୀଛାତ୍ରଙ୍କୁ ମାର୍କ ଦିଆଯାଇଥିବାରୁ ଦୁଇବର୍ଷ ପାସ୍ ହାର ଅଧିକ ରହିଥିଲା। ତେଣୁ ବାଧହୋଇ ସରକାରଙ୍କୁ ଯୁକ୍ତ୨ ସିଟ୍ ବଢ଼ାଇବାକୁ ପଡ଼ିଥିଲା। କିନ୍ତୁ ଏବେ ପାସ୍ ହାର ପୁଣି କମିଯାଇଥିବାରୁ ଯୁକ୍ତ୨ ସିଟ୍ ବଳକା ପଡୁଥିବା କୁହାଯାଉଛି। ଅନ୍ୟପକ୍ଷରେ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଭିତ୍ତିଭୂମି ସୁଦୃଢ଼ ନାହିଁ କି ଭବିଷ୍ୟତକୁ ନେଇ ପିଲାଙ୍କ ମଧ୍ୟରେ ସେପରି ଉତ୍ସାହ ସୃଷ୍ଟି ହେଉ ନାହିଁ। ତେଣୁ ନାମଲେଖା ପାଇଁ ସରକାର ଯେତେ ସୁଯୋଗ ଦେଲେ ବି ସିଟ୍ ପୂରଣ ହେବା ସମ୍ଭବ ନୁହେଁ ବୋଲି ଶିକ୍ଷାବିତ୍‌ମାନେ କହିଛନ୍ତି। ଏ ସମ୍ପର୍କରେ ୬୬୨ବର୍ଗ ଅଧ୍ୟାପକ ସଂଘ ସଭାପତି ଗୋଲକ ନାୟକ କହିଛନ୍ତି, କରୋନା ପାଇଁ ଯେଉଁ ସିଟ୍ ବଢ଼ାଯାଇଥିଲା ତାହା ଏବେ କମାଇଦେବା ଉଚିତ। ଏଥିସହିତ ଉଚ୍ଚ ମାଧ୍ୟମିକ ସ୍କୁଲରେ ଆବଶ୍ୟକ ଶିକ୍ଷକଙ୍କ ଅଭାବ ରହୁଛି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ଯୁକ୍ତ୨ରେ ୩୦-୪୦ବର୍ଷ ତଳେ ଯେଉଁ ପାଠ୍ୟକ୍ରମ ରହିଥିଲା ସେସବୁ ରହିଛି। ଆଜିକାଲି ପିଲାମାନେ ଟେକ୍ନିକାଲ ଲାଇନ୍‌ରେ ଯିବା ପାଇଁ ଚାହୁଁଛନ୍ତି। ତେଣୁ ଯୁକ୍ତ୨ ସିଲାବସ୍‌ରେ ଏଭଳି ନୂତନ ପାଠ୍ୟକ୍ରମ ସାମିଲ କରିବା ଉଚିତ, ଯେପରି ପିଲାମାନେ ପଢ଼ିବା ପାଇଁ ଆଗ୍ରହ ପ୍ରକାଶ କରିବେ।

ସୂଚନାଯୋଗ୍ୟ, ଶନିବାର ତୃତୀୟ ପର୍ଯ୍ୟାୟ ମେଧା ତାଲିକାରେ ମନୋନୀତ ଛାତ୍ରୀଛାତ୍ରଙ୍କ ନାମଲେଖା ଶେଷ ହୋଇଛି। ଗତ ୧୩ ଓ ୧୪ ତାରିଖରେ ଏହି ନାମଲେଖା ଅନୁଷ୍ଠିତ ହୋଇଥିଲା। ଏହା ପରେ ବି ଯୁକ୍ତ୨ରେ ଲକ୍ଷେରୁ ଊର୍ଦ୍ଧ୍ୱ ସିଟ୍ ଖାଲି ପଡ଼ିଥିବା ଦେଖାଯାଇଛି।

ରାଜ୍ୟରେ ୨,୨୦୬ ଉଚ୍ଚ ମାଧ୍ୟମିକ ସ୍କୁଲରେ ୫,୨୧,୬୫୭ ସିଟ୍ ଥିବାବେଳେ ୪,୧୪,୬୬୧ ସିଟ୍‌ରେ ନାମଲେଖା ହୋଇଛି ଓ ୧,୦୬,୯୯୬ ସିଟ୍ ଖାଲି ପଡ଼ିଛି। ଏଥିମଧ୍ୟରୁ କଳାରେ ୩୩,୬୨୯, ବିଜ୍ଞାନରେ ୫୨,୪୯୧, ବାଣିଜ୍ୟରେ ୧୩,୪୧୭, ସଂସ୍କୃତରେ ୨,୮୬୨ ଏବଂ ଧନ୍ଦାମୂଳକ ଶିକ୍ଷାରେ ୪,୫୯୭ ସିଟ୍ ବଳକା ପଡ଼ିଛି। ତେଣୁ ଆସନ୍ତା ୧୭ ତାରିଖ ଅପରାହ୍ନ ୪ଟା ୩୦ରେ ୱେଟିଂ ଲିଷ୍ଟ ପ୍ରକାଶ ପାଇବ। ୧୮ ଓ ୧୯ ତାରିଖ ଦୁଇଦିନ ଏହି ଛାତ୍ରୀଛାତ୍ରଙ୍କ ନାମଲେଖା ଅନୁଷ୍ଠିତ ହେବ। ତେବେ ଏହି ନାମଲେଖା ସରିବା ପରେ ବି ଆହୁରି ଲକ୍ଷେ ଉପରେ ସିଟ୍ ବଳକା ପଡ଼ିବ ବୋଲି ଆଶଙ୍କା କରାଯାଉଛି।

ଅନ୍ୟପକ୍ଷରେ ନାମଲେଖା ବିଳମ୍ବିତ ହେଉଥିବାରୁ ଗତ ଅଗଷ୍ଟ ୧ରୁ ପ୍ରଥମ ବର୍ଷ ପାଠପଢ଼ା ମଧ୍ୟ ଆରମ୍ଭ ହୋଇଛି। ସେପଟେ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ(ସିଏଚ୍ଏସ୍ଇ) ଦ୍ୱାରା ପରିଚାଳିତ ଯୁକ୍ତ୨ ଦ୍ୱିତୀୟ ବର୍ଷ ପରୀକ୍ଷା ପାଇଁ ନଭେମ୍ବର ୧୦ରୁ ଫର୍ମ ପୂରଣ ଆରମ୍ଭ ହେବାକୁ ଯାଉଛି। ଏପରିସ୍ଥିତିରେ ସିଟ୍ ପୂରଣ ପାଇଁ ବିଳମ୍ବିତ ସମୟ ଯାଏ ନାମଲେଖା ଯାଉଥିବାରୁ ଏହି ପିଲାମାନେ କେବେ କୋର୍ସ ସାରି ପରୀକ୍ଷା ଦେବେ ତାହାକୁ ନେଇ ମଧ୍ୟ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।




# ଗୀତିକାର ସାଜିଲେ ମୋଦି

## ଧ୍ୱନି ଭାନୁଶାଳୀ ଗାଇଲେ 'ଗର୍ବା' ଗୀତ

**ନୂଆଦିଲ୍ଲୀ, ୧୪।୧୦**

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଗୀତିକାର ପାଲଟିଛନ୍ତି। ମୋଦି ଲେଖିଥିବା ଏକ ନୂଆ 'ଗର୍ବା' ଗୀତକୁ ଜଣାଶୁଣା କଣ୍ଠଶିଳ୍ପୀ ଧ୍ୱନି ଭାନୁଶାଳୀ ଗାଇଛନ୍ତି। ତନିଷ୍କ ବାଗ୍‌ଚୀ ଏଥିରେ ସଙ୍ଗୀତ ନିର୍ଦ୍ଦେଶନା ଦେଇଛନ୍ତି। ଗୀତ ସହ ନୃତ୍ୟର ଭିଡିଓକୁ ଧ୍ୱନି ଏକ୍ସ'ରେ ଶେୟାର କରିବା ପରେ ସାମାଜିକ ଗଣମାଧ୍ୟମରେ ଏହା ବହୁଳ ପ୍ରସାରିତ ହୋଇଛି। ମୋଦି ଏହାକୁ ରିଟୁଇଟ୍ କରି ଧ୍ୱନି, ତନିଷ୍କ ଓ ସେମାନଙ୍କ ଟିମ୍‌କୁ ଧନ୍ୟବାଦ ଜଣାଇଛନ୍ତି।


ନରେନ୍ଦ୍ର ମୋଦି


ଧ୍ୱନି ଭାନୁଶାଳୀ

ପ୍ରଧାନମନ୍ତ୍ରୀ କହିଛନ୍ତି, ବହୁ ବର୍ଷ ହେଲା ସେ ଗୀତ ଲେଖାଲେଖି କରୁ ନ ଥିଲେ। ହେଲେ ଗତ କିଛିଦିନ ଭିତରେ ସେ ଏହି ଗୀତ ରଚନା କରିପାରିଛନ୍ତି। ରବିବାରଠାରୁ ନବରାତ୍ରୀ ଉତ୍ସବ ଆରମ୍ଭ ହେଉଛି। ଏହି ସମୟରେ ଗୁଜରାଟୀ ସଂସ୍କୃତି ଓ ପରମ୍ପରାକୁ ନେଇ ସ୍ୱତନ୍ତ୍ର ଡ୍ୟାନ୍ସ 'ଗର୍ବା' ପ୍ରଦର୍ଶିତ ହୋଇଥାଏ। ଏହି ଉପଲକ୍ଷେ ମୋଦିଙ୍କ ଲିଖିତ ଗର୍ବା ଗୀତକୁ ଧ୍ୱନି ଓ ତନିଷ୍କ ଏକ ନୂଆ ସ୍ୱରରେ ସଜାଇଛନ୍ତି। ଜଷ୍ଟ ମ୍ୟୁଜିକ୍ ଏହି ସଙ୍ଗୀତ ଓ ଭିଡିଓକୁ ପ୍ରସ୍ତୁତ କରିଛି।



“ଯେଉଁମାନେ ସତ୍ୟ ପଥରେ ଚାଲିବା ପାଇଁ ପ୍ରସ୍ତୁତ ହୋଇଛନ୍ତି- ସେମାନେ ଗୋଟିଏ ପରେ ଗୋଟିଏ ଆଘାତକୁ ଅପେକ୍ଷା କରନ୍ତି। କାରଣ ସେମାନେ ଜାଣନ୍ତି ଯେ, ଭଗବାନ ଆଘାତ ମଧ୍ୟରେ ହିଁ ସେମାନଙ୍କୁ ସାହାଯ୍ୟ କରିଥାନ୍ତି। -ଶ୍ରୀମା



# ସିଏଜିର ଅଧୋଗତି



ଆକାର ପଟେଲ

ଭାରତର କମ୍ପଟ୍ରୋଲର ଆଣ୍ଡ ଅଡିଟର ଜେନେରାଲ(ସିଏଜି) ୨୦୧୯-୨୦ କାର୍ଯ୍ୟଦକ୍ଷତା ବା ପ୍ରଦର୍ଶନ ରିପୋର୍ଟରେ କହିଛନ୍ତି, ସିଏଜି ହେଉଛି ଭାରତର ସର୍ବୋଚ୍ଚ ଅଡିଟ୍ ସଂସ୍ଥା ଏବଂ ଏହା ଅଡିଟ୍ କରାଯାଉଥିବା ସଂସ୍ଥାଗୁଡ଼ିକର ଆର୍ଥିକ ଉତ୍ତରଦାୟିତ୍ୱ ଓ ସ୍ୱଚ୍ଛତାକୁ ପ୍ରୋତ୍ସାହିତ କରିବ ବୋଲି ଆଶା। କିନ୍ତୁ ସରକାରଙ୍କ ଆଭ୍ୟନ୍ତରୀଣ କାର୍ଯ୍ୟ ଉପରେ ତୀକ୍ଷ୍ଣ ନଜର ରଖୁଥିବା ସଂସ୍ଥାଗୁଡ଼ିକ ଉପରେ ନରେନ୍ଦ୍ର ମୋଦିଙ୍କର ନିୟନ୍ତ୍ରଣ ରହୁଥିବାରୁ ସେଗୁଡ଼ିକର ଅଧୋଗତି ଘଟୁଛି। ଏପରିକି ସିଏଜି ପ୍ରଭାବୀ ଢଙ୍ଗରେ କାର୍ଯ୍ୟକରିବା ବନ୍ଦ କରିଦେଇଛି। କେନ୍ଦ୍ର ସରକାରଙ୍କ ମନ୍ତ୍ରଣାଳୟ ଏବଂ ବିଭାଗଗୁଡ଼ିକ ଉପରେ ପ୍ରସ୍ତୁତ ସିଏଜି ରିପୋର୍ଟଗୁଡ଼ିକର ସଂଖ୍ୟା ୨୦୧୫ରେ ୫୫ ଥିଲାବେଳେ ୭୫% ହ୍ରାସ ପାଇ ୨୦୨୦ରେ ୧୪କୁ ଖସି ଆସିଛି। ୨୦୧୫ରୁ ବର୍ଷ ଅନୁଯାୟୀ କ୍ରମାଗତ ଭାବରେ ୫୫ ରୁ ୪୨, ୪୫, ୨୩, ୨୧ ଏବଂ ୧୪କୁ କମିଛି। ପ୍ରତିରକ୍ଷା ଅଡିଟ୍ ରିପୋର୍ଟ ସଂଖ୍ୟା ୨୦୧୭ରେ ୭ ଥିଲାବେଳେ ୨୦୨୦ରେ କୌଣସି ରିପୋର୍ଟ ପ୍ରକାଶ ପାଇନାହିଁ। କିନ୍ତୁ ସିଏଜି ହେଉଛି ସେହି ସଂସ୍ଥା ଯାହା ମନମୋହନ ସିଂ ସରକାରଙ୍କ ସମୟରେ ୨ଜି ନିଲାମ, କୋଇଲା ଖଣି ନିଲାମ ଓ ରାଜ୍ୟଗୋଷ୍ଠୀ କ୍ରୀଡ଼ା ଉପରେ ସଶକ୍ତ ରିପୋର୍ଟ ଉପସ୍ଥାପନ କରି ସରକାରଙ୍କ ଉପରେ ପ୍ରତିକୂଳ ପ୍ରଭାବ ପକାଇଥିଲା। ଏବେ ଏହି ସଂସ୍ଥାରେ ସ୍ୱାଧୀନ ଭାବେ କାମ କରିବାକୁ ଚେଷ୍ଟା କରୁଥିବା ଲୋକଙ୍କୁ ଦଣ୍ଡ ଦିଆଯାଇଛି। କିଛି ସପ୍ତାହ ପୂର୍ବରୁ ସଂସଦର ମୌସୁମୀ ଅଧିବେଶନରେ ୧୨ଟି ସିଏଜି ରିପୋର୍ଟ ଉପସ୍ଥାପନ କରାଯାଇଥିଲା। କିନ୍ତୁ ତା’ ପରେ ଅଡିଟ୍‌ରେ ଦୁର୍ନୀତିକୁ ସାମ୍ନାକୁ ଆଣିଥିବା ସିଏଜି ଅଧିକାରୀମାନଙ୍କୁ ବଦଳି କରାଯାଇଛି। ସେମାନଙ୍କ ମଧ୍ୟରେ ଅଛନ୍ତି ଦତ୍ତପ୍ରସାଦ ସୂର୍ଯ୍ୟକାନ୍ତ ଶିରସତ। ସେ ଆୟୁଷ୍ମାନ ଭାରତ-ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନାର ପ୍ରଦର୍ଶନ ଅଡିଟ୍ ଦାୟିତ୍ୱରେ ଥିଲେ। ସେ ସମସ୍ତ ୨୮ ରାଜ୍ୟର ୧୬୧ ଜିଲାର ୯୬୪ ଡାକ୍ତରଖାନାର ଅଡିଟ୍‌ରୁ ଜାଣିବାକୁ ପାଇଲେ ଯେ ୨.୨୫ ଲକ୍ଷ ମାମଲାରେ ସର୍ଜରି ସବୁ ଡିସ୍‌ଚାର୍ଜ ତାରିଖ ପରେ କରାଯାଇଥିଲା। ମହାରାଷ୍ଟ୍ରରେ ୧.୭୯ ଲକ୍ଷରୁ ଅଧିକ ଏଭଳି ମାମଲା ଦେଖିବାକୁ ମିଳିଥିଲା, ଯାହା ପାଇଁ ୩୦୦ କୋଟିରୁ ଅଧିକ ଟଙ୍କା ଦାବି କରାଯାଇଥିଲା। ‘ଦି ୱେର’ ରିପୋର୍ଟ ଦର୍ଶାଇଥିଲା ଯେ, ଯେଉଁ ଲୋକମାନଙ୍କର ନିକଟରେ ମୃତ୍ୟୁ ଘଟିଥିଲା ସେମାନଙ୍କ ପାଇଁ ଲଗାତର ଲକ୍ଷାଧିକ ଟଙ୍କା ଦାବି କରାଯାଇଥିଲା। ଏଭଳି ୧.୫୭ ଲକ୍ଷ ନକଲ ହିତାଧିକାରୀ ଥିବା ଅଡିଟ୍‌ରୁ ଜଣାପଡ଼ିଥିଲା। ସିଏଜିର ଆଉ ଜଣେ ଅଧିକାରୀ ଅତୁର୍ଭ ସିହ୍ନା ରାଜପଥ ପ୍ରୋଜେକ୍ଟର ଅଡିଟ୍ କରିଥିଲେ। ଦ୍ୱାରକା ଏକ୍ସପ୍ରେସ୍‌ରେ ବିପୁଳ ଅର୍ଥ ଖର୍ଚ୍ଚ ହୋଇଥିବା ରିପୋର୍ଟରେ ଦର୍ଶାଇବା ପରେ ତାଙ୍କୁ ମଧ୍ୟ ସ୍ଥାନାନ୍ତର କରାଯାଇଥିଲା। ଉପରକୁ ଉଠିଥିବା ରାସ୍ତାର ଗୋଟିଏ ଅଂଶ ପାଇଁ ଖର୍ଚ୍ଚରେ ପରିବର୍ତ୍ତନ କରାଯାଇ ପ୍ରତି କି.ମି.କୁ ୨୫୦ କୋଟି ଟଙ୍କା ସ୍ଥିର କରାଯାଇଥିବା ରିପୋର୍ଟରେ କୁହାଯାଇଥିଲା। କିନ୍ତୁ ପ୍ରତି କି.ମି.କୁ ୧୮ କୋଟି ଖର୍ଚ୍ଚ ହେବ ବୋଲି କ୍ୟାବିନେଟ କମିଟି ଅନ୍ ଇକୋନୋମିକ ଆଫେୟାର୍ସର ସ୍ୱୀକୃତି ଥିଲା। ବିରୋଧୀ ଏହି ପ୍ରସଙ୍ଗ ଉଠାଇବାକୁ ଚେଷ୍ଟା କରିଛନ୍ତି, କିନ୍ତୁ ସରକାରଙ୍କୁ ଏହି ଭୁଲ୍ କାର୍ଯ୍ୟ ସ୍ୱୀକାର କରାଇବାରେ ସକ୍ଷମ ହୋଇନାହାନ୍ତି। ସରକାରଙ୍କୁ ଉତ୍ତରଦାୟୀ କରାଇବାରେ ଗଣମାଧ୍ୟମର ମଧ୍ୟ ଆଗ୍ରହ ନାହିଁ। ବିରୋଧୀ ଏବଂ ନାଗରିକ ସମାଜ ହିଁ ସେମାନଙ୍କର ରିପୋର୍ଟ ପାଇଁ ପ୍ରଥମରୁ ଟାର୍ଗେଟରେ ରହିଆସିଛନ୍ତି। ତେବେ ସିଏଜିର ଅଧୋଗତି କିଭଳି ହେଲା ତାହା ଜାଣିବାକୁ ପାଠକମାନେ ନିଶ୍ଚିତ ଭାବେ ଆଗ୍ରହୀ ହୋଇପାରନ୍ତି।

ଭାରତର ସିଏଜି ଅଛନ୍ତି ଗୁଜରାଟ କ୍ୟାଡର ଆଇଏଏସ୍ ଅଧିକାରୀ ଗିରୀଶ ମୁର୍ମୁ। ସେ ମୋଦିଙ୍କର ଅତି ବିଶ୍ୱସ୍ତ। ଅତୀତରେ ସେ ଜଣେ ବରିଷ୍ଠ ଅଧିକାରୀଙ୍କୁ ତାଙ୍କ ବସ୍‌ଙ୍କ ବିରୋଧରେ ସାକ୍ଷୀ ଦେବା ପାଇଁ ଭୟଭୀତ କରିଥିଲେ। ଗୁଜରାଟର ପୂର୍ବତନ ପୋଲିସ ମହାନିର୍ଦ୍ଦେଶକ ଆର୍.ବି. ଶ୍ରୀକୁମାର ୯ ଏପ୍ରିଲ ୨୦୦୨ରୁ ୧୭ ସେପ୍ଟେମ୍ବର ୨୦୦୨ ଯାଏ ରାଜ୍ୟ ଗୋଇନ୍ଦା ବ୍ୟୁରୋର ମୁଖ୍ୟ ଥିଲେ। ଗୋଧ୍ରା ଦଙ୍ଗାର ଯାଞ୍ଚ କରୁଥିବା ନାନାବତୀ କମିଶନଙ୍କୁ ଏକ ସତ୍ୟପାଠରେ କହିଥିଲେ, ମୋଦିଙ୍କ ସପକ୍ଷରେ ସାକ୍ଷୀ ଦେବା ଲାଗି ମୁର୍ମୁ ତାଙ୍କୁ ଶିଖେଇଥିଲେ, ଡରେଇଥିଲେ ଏବଂ ବାଧ୍ୟ କରିଥିଲେ। ମୁର୍ମୁ ସେତେବେଳେ ମୋଦିଙ୍କ ମୁଖ୍ୟ ସଚିବ ଥିଲେ। ମୋତେ ମଧ୍ୟ ଧମକ ଦିଆଯାଇଥିଲା , ଯଦି ମୁଁ ସରକାରଙ୍କ ସ୍ୱାର୍ଥ ବିରୋଧୀ ବିବୃତି ଦିଏ ତେବେ ମୋତେ ଜଣେ ଶତ୍ରୁ ସାକ୍ଷୀ ଘୋଷଣା କରାଯିବ ଏବଂ ପରେ ଏହାର ମୁକାବିଲା କରାଯିବ। ମୁଁ କହିଥିଲି, ନ୍ୟାୟିକ ଆବଶ୍ୟକତା ଅନୁଯାୟୀ ମୁଁ ଆୟୋଗଙ୍କ ନିକଟରେ ସାକ୍ଷୀ ଦେବି ଏବଂ ସତ୍ୟକୁ ଚାପିଦେବି ନାହିଁ। ମୁର୍ମୁ ସରକାରୀ ଅଧିକାରୀଙ୍କୁ ଶିଖେଇ ନାନାବତୀ କମିଶନଙ୍କ ସମ୍ମୁଖରେ କୁହାଇବା ଲାଗି ଅଧିକାର ଦିଆଯାଇଥିଲା । ମୁର୍ମୁଙ୍କୁ କଶ୍ମୀରର ରାଜ୍ୟପାଳ କରିଥିଲେ ମୋଦି ଓ ପରେ ସିଏଜି। ସରକାରଙ୍କ ୱେବ୍‌ସାଇଟ pmindia.gov.inରେ ସ୍ୱଚ୍ଛତା ସମ୍ପର୍କରେ ଏକ ବିଭାଗ ଅଛି ଯେଉଁଥିରେ ଲେଖା ଅଛି: ‘ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଦୃଢ଼ ବିଶ୍ୱାସ କରନ୍ତି ଯେ ସ୍ୱଚ୍ଛତା ଏବଂ ଉତ୍ତରଦାୟିତ୍ୱ ଯେକୌଣସି ଜନକୈନ୍ଦ୍ରିକ ସରକାରଙ୍କ ଦୁଇଟି ମୂଳଦୁଆ। ଏହା କେବଳ ଲୋକଙ୍କୁ ସରକାରଙ୍କ ନିକଟତର କରେ ନାହିଁ, ବରଂ ନୀତି ନିର୍ଦ୍ଧାରଣ ପ୍ରକ୍ରିୟାରେ ସେମାନଙ୍କୁ ସମାନ ଏବଂ ଅବିଚ୍ଛେଦ୍ୟ ଅଙ୍ଗ ମଧ୍ୟ କରାଏ। ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗଗୁଡ଼ିକ ଉପରେ ମୋଦି ସରକାର ଅସ୍ୱଷ୍ଟତାକୁ ପ୍ରୋତ୍ସାହନ ଦେଇଥିବାରୁ ଏହିସବୁ କଥା ସହ ଏକମତ ହେବା କଷ୍ଟକର। ପ୍ରଧାନମନ୍ତ୍ରୀଙ୍କ ସାଇଟ୍‌ରେ ‘ସ୍ୱଚ୍ଛତା ପାଇଁ ଅନୁସନ୍ଧାନ’ ଶୀର୍ଷକରେ ମଧ୍ୟ ଦର୍ଶାଯାଇଛି , ‘ନିୟମ ଏବଂ ନୀତି ଏସି ଚାମ୍ବରରେ ନୁହେଁ ବରଂ ଲୋକଙ୍କ ମଧ୍ୟରେ ତିଆରି ହୋଇଥିଲା’। ଏଥିରେ ବି ଦର୍ଶାଯାଇଛି, ସ୍ୱଚ୍ଛତା ପ୍ରତି ମୋଦିଙ୍କ ଦୃଢ଼ ସଂକଳ୍ପ ରହିଛି ଓ ସେ ଏହା ପାଳନ କରିବାକୁ ପ୍ରତିଶ୍ରୁତିବଦ୍ଧ ଏବଂ ସେହି ସ୍ୱଚ୍ଛତା ଭାରତର ଲୋକଙ୍କ ପାଇଁ ମୁକ୍ତ, ପାରଦର୍ଶୀ ଏବଂ ଲୋକକୈନ୍ଦ୍ରିକ ସରକାରର ଏକ ଯୁଗକୁ ସୂଚିତ କରୁଛି। ନା, ଏହା ନୁହେଁ। ମୋଦି ଶାସନର ବର୍ଷଗୁଡ଼ିକ ତାଙ୍କ ପୂର୍ବରୁ ଥିବା କୌଣସି ସରକାରଙ୍କ ତୁଳନାରେ ଅନେକ କ୍ଷେତ୍ରରେ ଅଧିକ ଅସ୍ୱଚ୍ଛ ଓ ଅପାରଦର୍ଶୀ ରହି ଆସିଛି।

Email:aakar.patel@gmail.com

## su|do|ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | | | | 7 | | | |
| | | | | | 5 | 8 | 1 | 2 |
| | | 9 | 2 | | | | | 6 |
| | | | 1 | | | | 8 | |
| 2 | | | | 7 | | | | |
| | | 3 | | 4 | | | 6 | |
| | 4 | 1 | 8 | | 9 | | | |
| | | | | | | 1 | 5 | |
| 7 | 8 | 5 | | | | 4 | | |

ଏହାର ଉତ୍ତର ଆସନ୍ତା କାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 5 | 6 | 3 | 1 | 2 | 8 | 4 | 9 | 7 |
| 9 | 7 | 2 | 4 | 3 | 6 | 8 | 5 | 1 |
| 8 | 4 | 1 | 9 | 5 | 7 | 3 | 2 | 6 |
| 1 | 9 | 5 | 2 | 7 | 3 | 6 | 8 | 4 |
| 2 | 3 | 6 | 8 | 4 | 5 | 7 | 1 | 9 |
| 7 | 8 | 4 | 6 | 9 | 1 | 2 | 3 | 5 |
| 3 | 2 | 9 | 5 | 6 | 4 | 1 | 7 | 8 |
| 4 | 5 | 8 | 7 | 1 | 2 | 9 | 6 | 3 |
| 6 | 1 | 7 | 3 | 8 | 9 | 5 | 4 | 2 |

ଗତ କାଲିର ଉତ୍ତର

# ବିଚରା ମୁଖ୍ୟବକ୍ତା



ଚିତ୍ର ଚରିତ୍ର

ଅଧ୍ୟାପକ ନିରଞ୍ଜନ ପାଢ଼ୀ

ପୂର୍ବରୁ ବିନା ବ୍ୟୟରେ ଉପଲବ୍ଧ ବିଦ୍ୟା ଅର୍ଥର ନାଗଫାଶରେ ବନ୍ଦୀ ହୋଇସାରିଲା ପରେ ଏବେ ଅନ୍ୟ ଯେଉଁ ଚିତ୍ରଟି ମାଗଣାରେ ମିଳିପାରୁଛି, ତାହା ହେଉଛି ବକ୍ତୃତା ବା ଭାଷଣ। ଅନ୍ୟର ଚିନ୍ତା ଓ ଚେତନାରେ କିଛି ସମୟ ପାଇଁ ଚମକ ସୃଷ୍ଟି କରି ପାରୁଥିବା ଭାଷଣର ଆୟୁକାଳ ନିର୍ଦ୍ଧାରଣ ; ସ୍ଥଳ ବିଶେଷରେ ଭିନ୍ନ ଭିନ୍ନ ହୋଇଥାଏ। ଏହା କେଉଁଠି କାନରୁ ବାହାରି ତତ୍‌କ୍ଷଣାତ୍ ପବନରେ ମିଳାଇଯାଏ ତ ଅନ୍ୟ କେଉଁଠି ବେଶ୍ କିଛି କାଳ ଚର୍ଚ୍ଚିତ ହୋଇ ରହିଥାଏ। ରାଜନୀତିର ଅବୋଧ୍ୟ ତତ୍ତ୍ୱ ବା ସାଂସ୍କୃତିକ ଜାଗରଣର ବୌଦ୍ଧିକ ଆହ୍ୱାନ ଭଳି କ୍ଲିଷ୍ଟ ବିଷୟକୁ ସହଜ ସୁନ୍ଦର କରିପାରୁଥିବାର ଏକମାତ୍ର ସୁଲଭ ମାଧ୍ୟମ ଏହି ଭାଷଣ।

ଧର୍ମ ସମାବେଶଠାରୁ ଆରମ୍ଭ କରି ବିଦ୍ୟାଳୟର ପୁରସ୍କାର ବିତରଣ ସଭାଯାଏ ସବୁଠି ବିଶାଳ ଶ୍ରୋତୃମଣ୍ଡଳୀକୁ ଉଦ୍‌ବୋଧନ ଦେଉଥିବା ବକ୍ତାମାନେ କେବେ କାହାଠାରୁ ଫଟା ପାହୁଲାଟିଏ ନେଉଥିବାର ଦୃଷ୍ଟାନ୍ତ ବେଶ୍ ବିରଳ। ଅଥଚ ଅସାଧାରଣ ବାଗ୍ମିତା ପ୍ରଦର୍ଶନ କରି ଏମାନେ ଘଣ୍ଟା ଘଣ୍ଟା ଧରି ଶ୍ରୋତାମାନଙ୍କୁ ବହୁ ସାର ଅସାର କଥା କହି ଚମତ୍କୃତ କରନ୍ତି। ଅବଶ୍ୟ କାଁ ଭାଁ ଦେଖାଯାଏ, କିଛି ବକ୍ତା ନିଜ ବାଗ୍ମିତାକୁ ନେଇ କିଛି ପାରିଶ୍ରମିକ ଦାବି ରଖନ୍ତି। ତେବେ ମାଗଣାରେ ଭାଷଣ ଦେଉଥିବା ବକ୍ତାଙ୍କ ତୁଳନାରେ ଏମାନଙ୍କ ସଂଖ୍ୟା ଖୁବ୍ ନଗଣ୍ୟ।

ଆମ ସମାଜରେ ସାଂସ୍କୃତିକ ଭିତ୍ତିଭୂମିର ବ୍ୟାପକ ପ୍ରସାର ପାଇଁ ଧର୍ମସଭା, ସାହିତ୍ୟ ସଭା ବା ସ୍କୁଲ କଲେଜର ଆନୁଷ୍ଠାନିକ ବାର୍ଷିକ ସଭାକୁ ଛାଡ଼ିଦେଲେ କ୍ଲବ ଓ ଯୁବକ ସଂଘର ବିଭିନ୍ନ କ୍ରୀଡ଼ା, ଟୁର୍ନାମେଣ୍ଟଠାରୁ ଆରମ୍ଭ କରି କବିମାନଙ୍କ କବିତା ପାଠୋତ୍ସବଯାଏ ବର୍ଷର ବିଭିନ୍ନ ସମୟରେ କିଛି ନା କିଛି ସଭା ସମାବେଶ ଅନୁଷ୍ଠିତ ହୋଇ ଚାଲିଥାଏ। ପ୍ରତି ସଭା ସମାବେଶରେ ମଞ୍ଚାସୀନ ହେବା ପାଇଁ ଅତି କମ୍‌ରେ ଚାରିଜଣ ବିଶିଷ୍ଟ ଲୋକ ଲୋଡ଼ାପଡ଼ନ୍ତି, ତେଣିକି ସଭାରେ ଉପସ୍ଥିତ ଶ୍ରୋତାଙ୍କ ସଂଖ୍ୟା ଯାହା ହୋଇଥାଉନା କାହିଁକି! ଅବଶ୍ୟ ଯେଉଁସବୁ ସଂଘ ବା ସଙ୍ଗଠନରେ ରାଜନୀତିର ମାତ୍ରା ଅଧିକ ଓ ଗଣତନ୍ତ୍ର ଅତି ମାତ୍ରାରେ ବିକଶିତ, ସେଠି ଅସ୍ଥାୟୀ ଭାବେ ଗଢ଼ି ଉଠିଥିବା ମଞ୍ଚଟି ସମ୍ଭାଳି ପାରିଲାଯାଏ ଆଗପଛ ହୋଇ ଚୌକିମାନଙ୍କ ସଂଖ୍ୟା ବଢ଼ିଚାଲିଥାଏ। ତେବେ ବର ନ ଆସିବାଯାଏ ବିବାହ କାର୍ଯ୍ୟ ସମ୍ପାଦନ ନ ହେଲା ପରି, ଯେଉଁ ଚାରିଜଣଙ୍କ ବିନା ସଭାକାର୍ଯ୍ୟ ଇଞ୍ଚେ ମଧ୍ୟ ଆଗକୁ ମାଡ଼ିପାରେ ନାହିଁ, ସେମାନେ ହେଲେ ସଭାର ସଭାପତି, ମୁଖ୍ୟ ଅତିଥି, ମୁଖ୍ୟବକ୍ତା ଓ ସଙ୍ଗଠନର ବିବରଣୀ ପଢ଼ିବା ପାଇଁ ସମ୍ପାଦକ ବା ସେହି ପ୍ରକାରର ଅନ୍ୟ କେହି କାର୍ଯ୍ୟକର୍ତ୍ତା।



ଉତ୍ସବର ସବୁଠାରୁ ମୁଖ୍ୟ ଆକର୍ଷଣ ମୁଖ୍ୟ ଅତିଥି। ଶିକ୍ଷା, ସାହିତ୍ୟ, ସଂସ୍କୃତି ବା ସମାଜସେବା କ୍ଷେତ୍ରରେ ପ୍ରତିଷ୍ଠିତ କେହି ଜଣେ ବିଜ୍ଞ ଲୋକଙ୍କୁ ମୁଖ୍ୟ ଅତିଥି ଭାବେ ବରଣ କରିବା ବୋଧହୁଏ ଏତେ ଆଳଙ୍କାରିକ ହୁଏନାହିଁ ବୋଲି ସବୁଠି ଲୋଡ଼ାଯାଏ ମନ୍ତ୍ରିତ୍ୱର ମୁକୁଟ ପିନ୍ଧିଥିବା କେହି ରାଜନେତା। ମନ୍ତ୍ରୀଙ୍କ ସଦୟ ସ୍ୱୀକୃତି ଉପଲବ୍ଧ ନ ହେଲେ କୌଣସି ଦ୍ୱିତୀୟ ଶ୍ରେଣୀର ନେତା ବା ପ୍ରଶାସନିକ ଅଧିକାରୀଙ୍କ କଥା ବିଚାରକୁ ନିଆଯାଏ। ମୁଖ୍ୟ ଅତିଥିଙ୍କୁ ମଞ୍ଚ ଉପରକୁ ପାଛୋଟି ନିଆଯାଏ। ମଞ୍ଚର ଗୋଟିଏ କୋଣରେ ଜଗନ୍ନାଥଙ୍କ ଚିତ୍ରପଟରେ ଧୂପଦୀପ ଅର୍ପଣ କରି ଆନୁଷ୍ଠାନିକ ଭାବେ ଉତ୍ସବକୁ ଉଦ୍‌ଘାଟନ କରନ୍ତି ମୁଖ୍ୟ ଅତିଥି। ଘନ ଘନ ତାଳିରେ ପ୍ରକମ୍ପିତ ହୋଇ ଉଠୁଥାଏ ସଭାସ୍ଥଳ। ମନ୍ତ୍ରୀ ଏହି କାର୍ଯ୍ୟଟି ନ କରି ଅନ୍ୟକେହି ସାଧାରଣ ଜ୍ଞାନୀ ଗୁଣୀଙ୍କ ଦ୍ୱାରା କାର୍ଯ୍ୟଟି ସମ୍ପାଦିତ ହେଲେ କେମିତି ଅପୂର୍ଣ୍ଣ ଅପୂର୍ଣ୍ଣ ଭାବ ଅନୁଭୂତ ହେଉଥାଏ ଚାରିଆଡ଼େ। ସାହିତ୍ୟଠାରୁ ଯୋଜନ ଯୋଜନ ଦୂରତ୍ୱରେ ଥିବା ମନ୍ତ୍ରୀ ମହୋଦୟଙ୍କ ହସ୍ତରେ ଗ୍ରନ୍ଥ ଉନ୍ମୋଚନ ନ ହେଲେ ବହିଟି କେମିତି ସୁଖପାଠ୍ୟ ହୋଇ ନ ଥାଏ।

ଭାଷଣ ପର୍ବର ଆଦ୍ୟ ସୋପାନ ମୁଖ୍ୟବକ୍ତାଙ୍କର। ମୁଖ୍ୟବକ୍ତା ଗୁଣୀ ଜ୍ଞାନୀ ଲୋକଟିଏ। ସାଧାରଣତଃ କୌଣସି ଲେଖକ, ବୈଜ୍ଞାନିକ, ସମାଜ ସଂସ୍କାରକ ବା ନିକଟସ୍ଥ କଲେଜର ଅଧ୍ୟାପକଟିଏ। ମୁଖ୍ୟବକ୍ତା ମାଇକ୍ରୋଫୋନ ଆଗରେ ଛିଡ଼ା ହୋଇ ସଭାର ଉଦ୍ଦେଶ୍ୟ ଓ ପ୍ରସଙ୍ଗକୁ ଚାହିଁ ବିଭିନ୍ନ କଥା କହନ୍ତି। ସମାଜର କ୍ରମହ୍ରାସମାନ ନୈତିକତା ଓ ସାମାଜିକତାକୁ ଉଜ୍ଜୀବିତ କରିବା ପ୍ରୟାସରେ ଶାସ୍ତ୍ର ପୁରାଣରେ ଥିବା ବିଭିନ୍ନ ଦୃଷ୍ଟାନ୍ତର ଅବତାରଣା କରନ୍ତି ଓ ସଂସାରର ସକଳ ପ୍ରକାର ଆଦର୍ଶର ଆହ୍ୱାନ ଶ୍ରୋତାମାନଙ୍କ ଆଗରେ ଅଜାଡ଼ି ପକାନ୍ତି। ତାଙ୍କ ଆହ୍ୱାନ ପ୍ରତି ଆଖି ବୁଜିଦେଲେ ଏଇ ସମାଜ ରସାତଳକୁ ଚାଲିଯିବ ବୋଲି ଚେତାବନୀ ଦେଇ ବିଦାୟ ନିଅନ୍ତି।

ମୁଖ୍ୟବକ୍ତାଙ୍କ ପରେ ଆଞ୍ଚଳିକ ଆବଶ୍ୟକତା ଭିତ୍ତିରେ ନିମନ୍ତ୍ରିତ ହୋଇଥିବା ସମ୍ମାନିତ ଅତିଥିମାନଙ୍କର ପାଳି ପଡ଼େ ଓ ଶେଷ ପର୍ଯ୍ୟାୟରେ ସଭାପତିଙ୍କଠୁ ନିମନ୍ତ୍ରଣ ଆସେ ଏମିତି କିଛି ମନ୍ତବ୍ୟ ସହ, “ବର୍ତ୍ତମାନ ସମ୍ବୋଧନ କରିବେ ଆଜିର ମୁଖ୍ୟ ଆକର୍ଷଣ ମାନନୀୟ ମୁଖ୍ୟ ଅତିଥି ମହୋଦୟ।” ମାନନୀୟଙ୍କ ଶ୍ରୀମୁଖରୁ ପ୍ରଥମ ଶବ୍ଦଟି ନିଃସୃତ ହେବା ପୂର୍ବରୁ ଶ୍ରୋତାମାନେ ଏକ ଅପୂର୍ବ ପୁଲକରେ ଉଲ୍ଲସିତ ହୋଇଉଠନ୍ତି ଓ ସେମାନଙ୍କ ଉଲ୍ଲାସ ପ୍ରକଟିତ ହୁଏ କେତେବେଳେ ତାଳିବାଦନ ସହ ତ ଅନ୍ୟବେଳେ ମୁଖ୍ୟ ଅତିଥିଙ୍କ ନାମରେ ଜିନ୍ଦାବାଦ ସହ। ମୁଖ୍ୟ ଅତିଥି ଆମୋଦିତ ହୁଅନ୍ତି ଓ ନିଜସ୍ୱ ଶୈଳୀରେ ତାହାର ପ୍ରତିଦାନ ଦେବାକୁ ବକ୍ତୃତା ମଧ୍ୟରେ ଘୋଷଣା କରନ୍ତି। ବାସ୍, ପୁଣି ଚାଲେ ତାଳିମାଡ଼। ଆରମ୍ଭରୁ ତାଳି ଓ ଶେଷରେ ତାଳି ସହ ମୁଖ୍ୟ ଅତିଥି ପ୍ରସ୍ଥାନ କରନ୍ତି ସଭା ମଞ୍ଚରୁ ପରମ୍ପରାଗତ ଧନ୍ୟବାଦ ଅର୍ପଣକୁ ଅପେକ୍ଷା ନ କରି ନିଜର ବ୍ୟସ୍ତ କାର୍ଯ୍ୟସୂଚୀ ସମ୍ପର୍କରେ ଉଲ୍ଲେଖ କରି।

ମୁଖ୍ୟ ଅତିଥି ଫେରିଯାଆନ୍ତି ନିଜ ଦାମିକା ଗାଡ଼ିରେ। ପଛରେ ପଡ଼ିରହନ୍ତି ସଭାସଦ୍‌ବର୍ଗଙ୍କ ସହ ସେଯାଏଁ ସମସ୍ତଙ୍କ ବିସ୍ମୃତି ଗର୍ଭରେ ଅତି ଦୟନୀୟ ଭାବେ ହଜି ଯାଇଥିବା ବିଚରା ମୁଖ୍ୟବକ୍ତା। ନିଜ ବାହୁଡ଼ା ଯାତ୍ରାର ଉପକ୍ରମ କରି ସେ ଅତ୍ୟନ୍ତ କାକୁସ୍ଥ ଭାବେ ନିମନ୍ତ୍ରଣକାରୀ ଆୟୋଜକଠୁ ବିଦାୟ ମାଗନ୍ତି। ବେଳେବେଳେ ଏମିତି ବି ହୁଏ, ମୁଖ୍ୟ ଅତିଥି ମନ୍ତ୍ରୀଙ୍କ ବିଦାୟଜନିତ କୋଳାହଳ ମଧ୍ୟରେ ଆୟୋଜକମାନେ ମୁଖ୍ୟବକ୍ତାଙ୍କ ଗସ୍ତଖର୍ଚ୍ଚ ଦେବାକୁ ଭୁଲି ଯାଇଥା’ନ୍ତି ଓ ବିଚରା ମୁଖ୍ୟବକ୍ତା ନିଜ ହାତରୁ ଗାଡ଼ିଭଡ଼ା ଭରଣା କରନ୍ତି।

ଫେରିଲାବେଳେ ମୁଖ୍ୟବକ୍ତାଙ୍କ ମନରେ କେତୋଟି ଅବ୍ୟକ୍ତ ପ୍ରଶ୍ନ ମୁଣ୍ଡ ଟେକି ତାଙ୍କୁ ଭାରି ହନ୍ତସନ୍ତ କରେ। ସେ ଭାବି ଚାଲନ୍ତି, ଏମିତି କାହିଁକି ହୁଏ ? ଏକା ଉତ୍ସବର ସମାନ ମଞ୍ଚରେ ବସିଥିବା ଦୁଇଟି ଚରିତ୍ର ପାଇଁ ଲୋକଙ୍କ ଆଚରଣ ଭିନ୍ନ ହୁଏ କାହିଁକି? ମୁଖ୍ୟ ଅତିଥିଙ୍କ ଆତିଥ୍ୟରେ ଉଷ୍ମତା ଭରି ରହିଥିବା ବେଳେ ମୁଖ୍ୟବକ୍ତାଙ୍କ ପାଇଁ ଏତେ ଶୀତଳ ପ୍ରତିବେଦନ କାହିଁକି ? ଅତିଥିଙ୍କ ବ୍ୟକ୍ତିସ୍ୱାର୍ଥ ବିଜଡ଼ିତ, ମିଥ୍ୟା ପ୍ରତିଶ୍ରୁତିମୂଳକ ବକ୍ତୃତାରେ ଶ୍ରୋତାଙ୍କ ଅବିରତ ତାଳିବାଦନ ଚାଲୁଥିବା ବେଳେ ମୁଖ୍ୟବକ୍ତାଙ୍କ ଅର୍ଥପୂର୍ଣ୍ଣ ସନ୍ଦେଶର ପ୍ରାଣମୟ ଶୁଭେଚ୍ଛା ପାଇଁ ଶ୍ରୋତାଙ୍କର ଏତେ ନିଷ୍ପ୍ରାଣ ପ୍ରତିବେଦନ କାହିଁକି? ନିଜ ଘରେ ପହଞ୍ଚିବା ପୂର୍ବରୁ ମୁଖ୍ୟବକ୍ତା ନିଜ ଅନୁଚାରିତ ପ୍ରଶ୍ନଗୁଚ୍ଛର ଉତ୍ତର ନିଜେ ପାଇଥା’ନ୍ତି। ବୋଧହୁଏ ଏଥିପାଇଁ ଯେ ତାଙ୍କ ଆଦର୍ଶବାଦର ଉଚ୍ଚାରଣ ଶ୍ରୋତାଙ୍କ କାନକୁ ଭାରି ଶୁଷ୍କ ଲାଗୁଥିବା ବେଳେ ତାଙ୍କ ଭଳି ବାକ୍ୟବୀରଙ୍କ ତୁଳନାରେ ବହୁବିଧ ପ୍ରତିଶ୍ରୁତି ଅଜାଡ଼ି ଦେଉଥିବା କର୍ମବୀର ମୁଖ୍ୟ ଅତିଥି ଅଧିକ ଓଜନଦାର ବ୍ୟକ୍ତିତ୍ୱର ଅଧିକାରୀ। ଆଉ ବକ୍ତୃତା ଫକ୍କୃତା ଦେଇ ସମୟ ନଷ୍ଟ ନ କରିବାକୁ ସେଦିନ ସେ ଶପଥ ନିଅନ୍ତି ସିନା, ପରିସ୍ଥିତି ଚାପରେ ସେଇ ଶପଥ ରକ୍ଷା କରିପାରନ୍ତି ନାହିଁ ବିଚରା ମୁଖ୍ୟବକ୍ତା।

ପ୍ରଜ୍ଞା ନିଳୟ, ବିଦ୍ୟାପତି ନଗର, ଚକେଇସିହାଣି, ଭୁବନେଶ୍ୱର
ମୋ: ୮୮୯୫୬୭୨୪୧୦୫

# ସ୍ୱାଧୀନତାର ନିର୍ଭୀକ ସ୍ୱର

ବ୍ୟକ୍ତିତ୍ୱ



ନର୍ଗିସ ମହମ୍ମଦି

‘ଗଣତନ୍ତ୍ର, ସମାନତା ଓ ନାରୀ ସ୍ୱାଧୀନତା ନ ମିଳିବା ଯାଏ ଇରାନର ଦମନମୂଳକ ଧର୍ମୀୟ ସରକାରଙ୍କ ନିର୍ମମ ପକ୍ଷପାତ, ଜୁଲମ ଓ ଲିଙ୍ଗଗତ ଅତ୍ୟାଚାର ବିରୋଧରେ ସଂଗ୍ରାମ ଜାରି ରହିବ’। ତେହେରାନ୍‌ର ଏଭିନ୍ ଜେଲରେ କାଳାତିପାତ କରୁଥିବା ନାରୀ ଅଧିକାର ପ୍ରବକ୍ତା ନର୍ଗିସ ମହମ୍ମଦିଙ୍କ ନାମ ୨୦୨୩ ନୋବେଲ ଶାନ୍ତି ଲାଗି ଘୋଷଣା ହେବା ପରେ ତାଙ୍କର ଏହି ବିବୃତିକୁ ଉଧାର କରି ନ୍ୟୁୟର୍କ ଟାଇମ୍ସ ଏପରି ଖବର ପ୍ରସାରଣ କରିଛି। ଉଲ୍ଲେଖ କରାଯାଇପାରେ, ରାଷ୍ଟ୍ର ବିରୋଧରେ ପ୍ରଚାର କରିବା ଅଭିଯୋଗରେ ନର୍ଗିସଙ୍କୁ ଇରାନ୍ ସରକାର କ୍ରମାଗତ ଦଣ୍ଡିତ କରିଚାଲିଛନ୍ତି। ଇସ୍‌ଲାମିକ୍ ରିପବ୍ଲିକ୍ ମହିଳାଙ୍କ ପାଇଁ କରିଥିବା ଡ୍ରେସ୍ କୋଡ୍‌କୁ ଗତବର୍ଷ ୨୨ ବର୍ଷୀୟା ମହସା ଅମିନ ବିରୋଧ କରିବାରୁ ଇରାନ୍‌ର ନୈତିକ ପୋଲିସ ହାଜତରେ ତାଙ୍କର ମୃତ୍ୟୁ ଘଟିଥିଲା। ତାହାକୁ ନେଇ ସମଗ୍ର ଇରାନ୍‌ରେ ଦେଖାଦେଇଥିବା ବିକ୍ଷୋଭ ଓ ପ୍ରତିବାଦ ଅନ୍ତର୍ଜାତୀୟ ସ୍ତରରେ ହଇଚଇ ସୃଷ୍ଟି କରିଥିଲା। ଏହାର ବର୍ଷକ ପରେ ନୋବେଲ କମିଟି ନର୍ଗିସଙ୍କୁ ଶାନ୍ତି ପାଇଁ ଚୟନ କରିବା ଯଥେଷ୍ଟ ଗୁରୁତ୍ୱ ବହନ କରିଛି। ଅନ୍ୟପକ୍ଷରେ ତାଙ୍କୁ ଏହି ପୁରସ୍କାର ଲାଗି ଚୟନ କରିବା ପଛରେ ପାଶ୍ଚାତ୍ୟ ରାଷ୍ଟ୍ରଙ୍କ ବିଧ୍ୱଂସୀ ଚିନ୍ତାଧାରା ନିହିତ ଅଛି କହି ଇରାନ୍ ସରକାର ନୋବେଲ କମିଟିକୁ ଦୋଷୀ କରିଛି। ତେବେ ନରୱେସ୍ଥିତ ନୋବେଲ କମିଟି କହିଛି ନର୍ଗିସଙ୍କୁ ଶାନ୍ତି ସମ୍ମାନ ହେଉଛି ଇରାନ୍‌ରେ ଦେଖାଦେଇଥିବା ଅପ୍ରତ୍ୟାଶିତ ପ୍ରତିବାଦ, ତିନି ଦଶନ୍ଧି ଧରି ମହିଳାଙ୍କ ଅଧିକାର ହନନ ଏବଂ ମୃତ୍ୟୁଦଣ୍ଡ ବିରୋଧରେ ସେ ଚଳାଇଥିବା ଅଭିଯାନକୁ ସ୍ୱୀକୃତି। ଶାନ୍ତି କ୍ଷେତ୍ରରେ ନୋବେଲ ପୁରସ୍କାର ବିଜେତା ହେବାରେ ନର୍ଗିସ ୧୯ତମ ମହିଳା। ସମଗ୍ର ବିଶ୍ୱର ମହିଳା, ଯେଉଁମାନେ ଯେଉଁଠାରେ ପକ୍ଷପାତିତାର ଶିକାର ହେଉଛନ୍ତି ସେମାନଙ୍କୁ ‘ସାହସ ଧରି ଆଗେଇ ଚାଲିବା’ର ବାର୍ତ୍ତା ଦେବା ଉଦ୍ଦେଶ୍ୟରେ ନର୍ଗିସଙ୍କୁ ଚୟନ କରାଯାଇଛି ବୋଲି ନୋବେଲ କମିଟି ଅଧ୍ୟକ୍ଷ ବେରିଟ୍ ରୈସ୍ ଆଣ୍ଡରସେନ୍ କହିଛନ୍ତି।

ଇରାନ୍ ରାଜଧାନୀ ତେହେରାନ୍‌ର ଉତ୍ତରପଶ୍ଚିମ ଜାନ୍‌ଜନଠାରେ ୧୯୭୨ରେ ନର୍ଗିସ ଜନ୍ମଗ୍ରହଣ କରିଥିଲେ। ସେ ଶାହାଙ୍କ ଶାସନ ବେଳେ ବଢ଼ିଥିଲେ। ୧୯୭୯ର ‘ଇସ୍‌ଲାମିକ୍ ରିଭଲ୍ୟୁଶନ’ ଅତ୍ୟାଚାରୀ ଶାହାଙ୍କ ରାଜତନ୍ତ୍ରକୁ ଫିଙ୍ଗିଦେଇଥିଲା। ଉଲ୍ଲେଖଯୋଗ୍ୟ, ମହମ୍ମଦ ରେଜା ପହଲ୍‌ଭି ଥିଲେ ଇରାନ୍‌ରେ ଶେଷ ଶାହା। ଫଳରେ ସେଠାରେ ଆୟତୋଲ୍ଲା ଖୋମେଇନିଙ୍କ ଆଶୀର୍ବାଦରେ ଧର୍ମୀୟ ସରକାର ଗଠନ ହୋଇଥିଲା। ସେଥିରେ ନୂଆ ପାର୍ଲାମେଣ୍ଟ ଓ ନିର୍ବାଚିତ ରାଷ୍ଟ୍ରପତି ରହିଲେ। କିନ୍ତୁ ସବୁକିଛି ଧର୍ମୀୟ ନେତାଙ୍କ ନିୟନ୍ତ୍ରଣରେ ରହିଥିଲା। ଯେଉଁ ପ୍ରତିଶ୍ରୁତି ଦେଇ ନୂଆ ସରକାର ଆସିଥିଲା, ତାହା କ୍ରମେ ଭୁଲିବାକୁ ଲାଗିଲା। ଫଳରେ ଇରାନୀୟ ସମାଜର ଉଦାରବାଦୀମାନେ ସରକାରଙ୍କୁ ବିରୋଧ କଲେ। ସେତେବେଳେ ଯେଉଁମାନେ ଗିରଫ ହୋଇଥିଲେ ସେମାନଙ୍କ ମଧ୍ୟରେ ନର୍ଗିସଙ୍କ ଜଣେ ମାମୁ ଓ ଦୁଇ ଜଣ ସମ୍ପର୍କୀୟ ରହିଥିଲେ। ନର୍ଗିସଙ୍କ ସ୍ୱାଧୀନଚେତା ଚିନ୍ତାଧାରା ସମ୍ଭବତଃ ସେହିଠାରୁ ଗଢ଼ିଆସିଛି।

ଜାନ୍‌ଜନରେ ହାଇସ୍କୁଲ ଶିକ୍ଷା ସମାପ୍ତ କରିବା ପରେ ସେ ଗାଜ୍‌ଭିନ୍‌ସ୍ଥିତ ଇମାମ୍ ଖୋମେଇନି ବିଶ୍ୱବିଦ୍ୟାଳୟରେ ଆପ୍‌ଲାଏଡ୍ ଫିଜିକ୍ସ ପଢ଼ିଥିଲେ। ସେହି ସମୟରେ ସେ ତାସ୍‌କୋଲ ଦାନିସ୍‌ଜୋଇ ରୋସାନ୍‌ଗରନ୍ (ଛାତ୍ରୀ ଗୋଷ୍ଠୀଙ୍କୁ ଆଲୋକିତ କରିବା) ନାମକ ଏକ ସଙ୍ଗଠନର ସହ-ପ୍ରତିଷ୍ଠାତା ହୋଇଥିଲେ। ସେଥିରେ ସେ ମହିଳାଙ୍କ ପ୍ରସଙ୍ଗ ଓ ମୃତ୍ୟୁଦଣ୍ଡ ବିରୋଧୀ ଅଭିଯାନକୁ ଜାଗରଣ କରିଥିଲେ। ବିଶ୍ୱବିଦ୍ୟାଳୟରେ ପଢୁଥିବା ବେଳେ ଅନ୍ୟତମ ସାମାଜିକ କର୍ମୀ ତଘ ରାହାମନିଙ୍କ ସଂସ୍ପର୍ଶରେ ଆସିଥିଲେ ଓ ୧୯୯୯ରେ ତାଙ୍କୁ ବିବାହ କରିଥିଲେ। କଲେଜ ପଢ଼ା ସରିବା ପରେ ସେ ମହିଳା ପତ୍ରିକା ‘ପେଆମ୍-ଇ ହାଜର’ ପାଇଁ ଲେଖାଲେଖି କରିଥିଲେ। ଉକ୍ତ ପତ୍ରିକା ଜଣେ ପ୍ରଗତିଶୀଳ ଧର୍ମଗୁରୁ ଆୟତୋଲ୍ଲା ସୟେଦ ମହମୁଦ ଅଲେଇ ତେଲେଘାନିଙ୍କ କନ୍ୟା ଆଜାମ ଅଲେଇ ତେଲେଘାନିଙ୍କ ଦ୍ୱାରା ପ୍ରକାଶ ପାଉଥିଲା। ଜଣେ ସାମ୍ବାଦିକା ଭାବେ ନର୍ଗିସ ମହିଳାଙ୍କ ପ୍ରସଙ୍ଗ ଓ ସଂସ୍କାରଧର୍ମୀ ବିଷୟକୁ ଉତ୍‌ଥାପନ କରି ସମସ୍ତଙ୍କ ଦୃଷ୍ଟିଆକର୍ଷଣ କରିଥିଲେ। ତାଙ୍କ ସ୍ୱାମୀଙ୍କୁ ୨୦୦୧ରେ ଯେତେବେଳେ ଗିରଫ କରାଗଲା ସେତେବେଳେ ସେ ଅଧିକାର ଅଭିଯାନ ଓ ଭଦ୍ରସମାଜ ଆନ୍ଦୋଳନରେ ନିଜକୁ ଅଧିକ ସକ୍ରିୟ କରିଦେଇଥିଲେ। ଏହାର ବର୍ଷକ ପରେ ସେ ଶିରିନ୍ ଏବାଦିଙ୍କ ସହ-ପ୍ରତିଷ୍ଠିତ ସଂସ୍ଥା ‘ସେଣ୍ଟର ଫର୍ ଡିଫେଣ୍ଡର୍ସ ଅଫ୍ ହ୍ୟୁମାନ ରାଇଟ୍ସ’ରେ ଯୋଗଦେଇଥିଲେ। ପ୍ରସିଦ୍ଧ ମାନବ ଅଧିକାର କର୍ମୀ ଏବାଦି ୨୦୦୩ରେ ନୋବେଲ ଶାନ୍ତି ପାଇଥିଲେ। ୨୦୦୭ରେ ନର୍ଗିସ ‘ନ୍ୟାଶନାଲ କାଉନ୍‌ସିଲ ଫର୍ ପିସ୍’ର ଅନ୍ୟତମ ପ୍ରତିଷ୍ଠାତା ସଦସ୍ୟା ରହିଥିଲେ। ଇରାନ୍‌କୁ ଆମେରିକା ଆକ୍ରମଣ କରିବା ନେଇ ଉପୁଜିଥିବା ଭୟ ପରିପ୍ରେକ୍ଷୀରେ ଏହି ସଙ୍ଗଠନ ଗଢ଼ାଯାଇ ଶାନ୍ତି ଓ ଯୁଦ୍ଧ ବିରୋଧୀ ଅଭିଯାନ ଚଳାଇଥିଲା। ତେବେ ଇରାନ ସରକାରଙ୍କ ତ୍ରୁଟିକୁ ସମାଲୋଚନା କରିବାରୁ ତାଙ୍କୁ ସନ୍ଦେହରେ ରଖାଯାଇଥିଲା। କାର୍ଯ୍ୟାନୁଷ୍ଠାନ ସ୍ୱରୂପ ୨୦୦୯ରେ ପ୍ରଥମେ ତାଙ୍କ ପାସ୍‌ପୋର୍ଟକୁ ବାଜ୍ୟାପ୍ତି କରିଦିଆଗଲା ଓ ୨୦୧୦ରେ ଗିରଫ କରାଗଲା। ତେବେ କୌଶଳ କରି ତାଙ୍କ ସ୍ୱାମୀ ୨୦୧୧ରେ ଫ୍ରାନ୍ସ ପଳାଇଗଲେ। ୨୦୧୫ରେ ତାଙ୍କ ଯାଆଁଳା ସନ୍ତାନ ସ୍ୱାମୀଙ୍କ ପାଖକୁ ଗଲେ। ନର୍ଗିସ ୧୩ ଥର ଗିରଫ ହୋଇ ଜେଲ ଯାଇଛନ୍ତି ଓ ସମୁଦାୟ ୩୧ ବର୍ଷ ଜେଲ ଭୋଗିବେ ବୋଲି କୁହାଯାଉଛି। ଏବେ ତାଙ୍କ ମୁକ୍ତି ପାଇଁ ଚାରିଆଡୁ ଚାପ ପଡୁଛି। ଜେଲ ଭିତର ଦୁର୍ଦ୍ଦଶାକୁ ଦେଖି ୨୦୨୨ରେ ପ୍ରକାଶିତ ତାଙ୍କ ‘ହ୍ୱାଇଟ୍ ଟର୍ଚ୍ଚର’ ପୁସ୍ତକରେ ଅନେକ କିଛି ବର୍ଣ୍ଣନା କରିଛନ୍ତି। ସେ କହନ୍ତି- ଜେଲ ତାଙ୍କୁ ଲକ୍ଷ୍ୟସ୍ଥଳରୁ କେବେ ବିଚ୍ୟୁତ କରିପାରିବ ନାହିଁ।

- ଜିତେନ୍ଦ୍ର କୁମାର ନାୟକ

## ଏଇ ଭାରତରେ

ଗୁଜରାଟର ଟ୍ରାନ୍ସ ଓମେନ ରାଜଭି ଜାନ୍। ସେ ଏବେ ଜଣେ ସଫଳ ଉଦ୍ୟୋଗପତି। ରାଜଭି ସୁରଟରେ ଦୁଇଟି ଦୋକାନ ଖୋଲି ୨୦ ଜଣ ମହିଳାଙ୍କୁ ନିଯୁକ୍ତ କରିଛନ୍ତି। ପ୍ରାରମ୍ଭିକ ଜୀବନରେ ରାଜଭି ଟ୍ରାନ୍ସ ଓମେନ ଜଣାପଡ଼ିଲାପରେ ତାଙ୍କ ପିତା ତାଙ୍କୁ ଘରେ ରଖିବାକୁ ଚାହିଁନଥିଲେ। ଫଳରେ ସେ ଘର ଛାଡ଼ି ନିଜସ୍ୱ ଚେଷ୍ଟାରେ ପଢ଼ିଲେ ଓ ଚାକିରି ପାଇଁ ପ୍ରସ୍ତୁତ ମଧ୍ୟ ହେଲେ। ଚାକିରି ପାଇବାରେ ବିଫଳ ହେବା ପରେ ସେ ବ୍ୟବସାୟ କ୍ଷେତ୍ରକୁ ପ୍ରବେଶ କରିଥିଲେ। ରାଜଭି ପ୍ରଥମେ ସୁରଟରେ ଏକ ସ୍ନାକ୍ସ ଷ୍ଟୋର ଆରମ୍ଭ କରିଥିଲେ ଓ ତାଙ୍କ ମା’ଙ୍କ ନାମାନୁସାରେ ସେହି ଷ୍ଟୋର ନାମ ରଖିଥିଲେ ‘ଜାଗୃତି ନମ୍‌କିନ୍’। ଏହାପରେ ସେ ‘ଜାଗୃତି ବାସ୍ତୁ ଓ ପୂଜା ଷ୍ଟୋର’ ଖୋଲିଛନ୍ତି। ଏହି ଦୁଇ ଦୋକାନରେ ଏବେ ସେ ୩୦ ଜଣ ମହିଳାଙ୍କୁ ରୋଜଗାର ଯୋଗାଇ ଦେଇଛନ୍ତି। ରାଜଭି କେବଳ ଏହି କାମରେ ଅଟକି ନାହାନ୍ତି, ବରଂ ସେ ଅନ୍ୟ ଟ୍ରାନ୍ସ ଓମେନଙ୍କୁ ସଶକ୍ତ କରିବା ଲାଗି ପ୍ରେରିତ କରୁଛନ୍ତି। ସେମାନେ ଆତ୍ମନିର୍ଭର ହେବା ଲାଗି ସବୁ ପ୍ରକାର ସାହାଯ୍ୟ କରୁଛନ୍ତି। ସେ ଗୁଜରାଟର ପ୍ରଥମ ଟ୍ରାନ୍ସ ବିଜ୍‌ନେସ ଓମେନ ବୋଲି ଦାବି କରନ୍ତି।

## ୨୫ ବର୍ଷ ତଳର ଧରିତ୍ରୀ

୧୫ ଅକ୍ଟୋବର ୧୯୯୮

- ନାଇଜେରିଆର ଉତ୍ତରାଞ୍ଚଳ କାଡୁନା ରାଜ୍ୟରେ ଏକ ନଦୀରେ ଦେଶୀ ଡଙ୍ଗା ଦୁର୍ଘଟଣାଗ୍ରସ୍ତ ହୋଇ ବୁଡ଼ିଯିବା ଫଳରେ ୭୩ଜଣଙ୍କ ମୃତ୍ୟୁ।
- କଲ୍ୟାଣ ପାଇଁ ଅର୍ଥନୀତିର ଅବଦାନ ଉପରେ ଗୁରୁତ୍ୱ ପ୍ରଦାନ କରିଆସିଥିବା ଭାରତୀୟ ଅର୍ଥନୀତିଜ୍ଞ ଡ. ଅମର୍ତ୍ତ୍ୟ ସେନ୍‌ଙ୍କୁ ମର୍ଯ୍ୟାଦାପୂର୍ଣ୍ଣ ନୋବେଲ ପୁରସ୍କାର।
- ତ୍ରିପୁରାର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ସିପିଆଇଏମ୍‌ର ବରିଷ୍ଠ ନେତା ଦଶରଥ ଦେବଙ୍କ ୮୨ ବର୍ଷ ବୟସରେ ପରଲୋକ।

## ପାଠକ ଶ୍ରେଷ୍ଠ ବିଚାରକ

### ପ୍ରଦୂଷଣର କାରଣ

ମହାଶୟ,
ମୁଁ ୧୯୭୯ ମସିହାରେ ହାଇସ୍କୁଲରେ ପଢ଼ିବା ବେଳେ ଆମ ଗାଁର ଜଣେ ଠିକାଦାର ଘରେ ରାଜଦୁତ ମୋଟରସାଇକେଲ, ଜଣେ ବ୍ୟବସାୟୀଙ୍କ ଘରେ ବଜାଜ ଚେତକ ସ୍କୁଟର, କଣ୍ଟ୍ରୋଲ ଡିଲରଙ୍କର ବୁଲେଟ ମୋଟରସାଇକେଲ, ସ’ମିଲ୍ ମାଲିକଙ୍କର ୟେଜ୍‌ଦି ମୋଟରସାଇକେଲ ଥିଲା। ଏତଦ୍ ବ୍ୟତୀତ ଆଉ କାହା ଘରେ ମୋଟରସାଇକେଲ ନ ଥିଲା। ସ୍ୱଳ୍ପ ଧନୀ ଘରେ ସାଇକେଲଟିଏ ଥିଲା। ଗରିବ ଲୋକ ସାଇକେଲ କିଣିବାକୁ ସକ୍ଷମ ନ ଥିଲେ। କିନ୍ତୁ ବର୍ତ୍ତମାନ ଜଣକ ଘରେ ପାଞ୍ଚୋଟି ବାଇକ୍ ଦେଖିବାକୁ ମିଳୁଛି। ଏହା ହେଉଛି ପ୍ରଦୂଷଣର ମୂଳ କାରଣ।

- କହ୍ନେଇ ଚରଣ ନନ୍ଦୀ, କମଳାକାନ୍ତ ଭବନ, ସାଆନ୍ତା, ଶେରଗଡ଼, ବାଲେଶ୍ୱର

## ଚିରନ୍ତନୀ

“ନିର୍ମଳ ସେ ପୂତ ଜଳେ
ଅନ୍ତର ବେଦନା ତୋର ଲିଭ
“ଜୀବନ ମନ୍ଦିର ଚୂଳେ
ଜଳି ଉଠୁ ଆଶା ମହାଦୀପ !
(ମହାଦୀପ)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# କୃଷିକ୍ଷେତ୍ରରେ ମହିଳାଙ୍କ ଭାଗୀଦାରି ବଢ଼ୁଛି



**ଆଜି ରାଷ୍ଟ୍ରୀୟ ମହିଳା କିଷାନ ଦିବସ**

କେବଳ ଘରେ ନୁହେଁ ସବୁ କ୍ଷେତ୍ରରେ ମହିଳାମାନେ ଆଜି ନିଜର ଶ୍ରେଷ୍ଠତା ପ୍ରତିପାଦନ କରୁଛନ୍ତି। କୃଷିଠୁ ନେଇ ପ୍ରଯୁକ୍ତିବିଦ୍ୟାର ସଫଳତା ପର୍ଯ୍ୟନ୍ତ ମହିଳାଙ୍କ ରହିଛି ଲମ୍ବା ହାତ। କୃଷିକ୍ଷେତ୍ରରେ ଓଡ଼ିଶା ଏକ ପ୍ରମୁଖ ସ୍ଥାନ ଭାବେ ସବୁବେଳେ ଗଣା ହୋଇ ଆସିଛି। ଏବେ ମହିଳାମାନେ ମଧ୍ୟ ଏହି କ୍ଷେତ୍ରରେ ସାମିଲ ହୋଇ କୃଷିକ୍ଷେତ୍ରକୁ ୨ପାଦ ଆଗକୁ ନେଇ ଯାଇଛନ୍ତି। କୃଷିକ୍ଷେତ୍ରରେ ସେମାନଙ୍କ ସାମିଲ ଏକ ବୈପ୍ଳବିକ ପରିବର୍ତ୍ତନ ଆଣିପାରିଛି। ବର୍ତ୍ତମାନ ଚାରିଆଡ଼େ ମିଲେଟ୍‌ର ଚର୍ଚ୍ଚା ହେଉଛି। ଘରେଘରେ ସବୁଠି ମାଣ୍ଡିଆ(ମିଲେଟ୍) ନିଜର ପରିଚୟ ବୃଦ୍ଧି କରିଛି। ଆଉ ଏକ୍ଷେତ୍ରରେ ମଧ୍ୟ ମହିଳା କିଶାନଙ୍କ ଭୂମିକା ବେଶ୍ ଅଧିକ। କହିବାକୁ ଗଲେ, ଚାଷ କ୍ଷେତ୍ରରେ ମହିଳାଙ୍କ ଭାଗୀଦାରି ବୃଦ୍ଧି ପାଇଛି। ଏଥିସହ ସେମାନେ ସ୍ୱାବଲମ୍ବୀ ହୋଇପାରିଛନ୍ତି। ରବିବାର ରାଷ୍ଟ୍ରୀୟ ମହିଳା କିଷାନ ଦିବସ ଅବସରରେ ଓଡ଼ିଶାର କୃଷି କ୍ଷେତ୍ରରେ ଏକ ଅଂଶ ଭାବେ ନିଜକୁ ପରିଗଣିତ କରିପାରିଥିବା ମହିଳାମାନଙ୍କୁ ନେଇ ଧରିତ୍ରୀର ଏହି ସ୍ୱତନ୍ତ୍ର ଉପସ୍ଥାପନା।

– ପ୍ରସ୍ତୁତି: ଶର୍ମିଷ୍ଠା ପାଣିଗ୍ରାହୀ

## ଜି ୨୦ରେ ରାଇମତି ଓ ସୁବସାଙ୍କ ମିଲେଟ୍ ଗାଥା

ଗତ ସେପ୍ଟେମ୍ବର ୯ ଓ ୧୦ ତାରିଖରେ ଆୟୋଜିତ ଜି– ୨୦ ସମ୍ମିଳନୀରେ ଓଡ଼ିଶାର ୨ଜଣ ଆଦିବାସୀ ମହିଳା ସାମିଲ ହୋଇଥିଲେ। କୋରାପୁଟ ଜିଲାର ରାଇମତି ଘିଉରିଆ ଓ ମୟୂରଭଞ୍ଜ ଜିଲାର ସୁବସା ମହନ୍ତ। ବିଶ୍ୱ ଗୋଷ୍ଠୀ ନିକଟରେ ବଖାଣିଥିଲେ ଓଡ଼ିଶା ମିଲେଟ୍‌ର ବାର୍ତ୍ତା। ବିଶେଷ କରି ଆଦିବାସୀମାନେ କିଭଳି ମିଲେଟ୍ ଦ୍ୱାରା ବର୍ତ୍ତମାନ ସଶକ୍ତ ହୋଇପାରୁଛନ୍ତି ସେହି ଅନୁଭୂତିକୁ ସେ ବର୍ଣ୍ଣନା କରିଥିଲେ। ମାଣ୍ଡିଆ ଚାଷରେ ଉପଯୋଗ କରାଯାଉଥିବା ନୂଆ ବୈଜ୍ଞାନିକ କୌଶଳ ସମ୍ପର୍କରେ ସେମାନେ କହିଥିଲେ। ରାଇମତି ମିଲେଟ୍‌ର ପ୍ରସ୍ତୁତି ଓ ସୁବସା ମାଣ୍ଡିଆ ଚାଷ ଉପରେ ମତ ରଖିଥିଲେ। ଏହି ୨ମହିଳା ଚାଷୀଙ୍କ ଅଂଶଗ୍ରହଣ ସମଗ୍ର ଓଡ଼ିଶା ପାଇଁ ଏକ ଗୌରବ ଆଣିଦେଇଥିଲା।




## ଚାଷୀଙ୍କ ଅମଳକୁ ଗୁରୁତ୍ୱ ଦେଉଛନ୍ତି ସ୍ନିଗ୍ଧା

ଓୟୁଏଟିରୁ ପଢ଼ା ସାରିବା ପରେ ଚାକିରି ଖୋଜିବା ବଦଳରେ ମୁଁ ଏସ୍‌ଏଚ୍‌ଜି ମହିଳାଙ୍କୁ ନେଇ କାମ କରିବା ଆରମ୍ଭ କଲି। ସେତେବେଳେ ଚାଷ କ୍ଷେତ୍ରକୁ ନେଇ ଅନେକ ଖବର ଆସୁଥିଲା, ଯାହା ଶୁଣି ଚିନ୍ତା କରିଥିଲି ଯଦି ଏବେ କରି ନ ପାରିବି ତେବେ କେବେ କରିପାରିବି ନାହିଁ। ଉତ୍ପାଦ ଠିକ୍ ହେଉ ନ ଥିବାରୁ କୃଷିକ୍ଷେତ୍ରରୁ ଚାଷୀ ମୁହଁ ଫେରାଇ ନେଉଛନ୍ତି। ୨୦୧୭ରୁ ମୁଁ କେମିକାଲ ଫ୍ରି ତଥା ଅର୍ଗାନିକ୍ ଚାଷ ଉପରେ ଗବେଷଣା ଆରମ୍ଭ କଲି। ୨୦୧୯ରୁ ଏହା ବିଧିବଦ୍ଧଭାବେ ଆରମ୍ଭ ହେଲା। ଏଗ୍ରିସୋଲ୍ ନାମକ ଉଦ୍ୟୋଗ ଆରମ୍ଭ କରି କୃଷି କ୍ଷେତ୍ରରେ କାମ ଆରମ୍ଭ କଲି ବୋଲି ବ୍ରହ୍ମପୁରର ସ୍ନିଗ୍ଧାରାଣୀ ପାତ୍ର କହିଛନ୍ତି। ସେ କହିଛନ୍ତି, ବର୍ତ୍ତମାନ ମୟୂରଭଞ୍ଜ, ବାଲେଶ୍ୱର, କନ୍ଧମାଳ, ସୁନ୍ଦରଗଡ଼ ଭଳି ଜିଲାରେ କାମ ଚାଲିଛି। ଆଗକୁ ଢେଙ୍କାନାଳ, କେନ୍ଦୁଝର ଓ ଅନ୍ୟାନ୍ୟ ଜିଲାରେ କାମ ହେବ। ଚାଷୀଙ୍କ ଅମଳ କିଭଳି ବୃଦ୍ଧି ହେବ, ସେମାନେ କିଭଳି ଭଲ ଉତ୍ପାଦ ପାଇପାରିବେ ତାହା ଉପରେ ମୁଁ ପ୍ରାଧାନ୍ୟ ଦେଇଥାଏ। ଷ୍ଟାର୍ଟ ଅପ୍ ଓଡ଼ିଶା ସ୍କିମ୍ ମାଧ୍ୟମରେ ମଧ୍ୟ ସରକାରଙ୍କ ପକ୍ଷରୁ ସହାୟତା ମିଳୁଛି ବୋଲି ସ୍ନିଗ୍ଧା କହିଛନ୍ତି।


ସ୍ନିଗ୍ଧାରାଣୀ ପାତ୍ର

## କୋଭିଡ୍‌ରୁ ଆରମ୍ଭ ହେଲା ଗାୟତ୍ରୀଙ୍କ ଜୈବିକ ଉତ୍ପାଦ ଯାତ୍ରା

କେବେଠୁ ଭାବୁଥିଲି ଆମ ଜିନିଷକୁ କିଭଳି ପ୍ରମୋଟ କରିପାରିବି। ଆଉ କୋଭିଡ୍‌ରେ ଦେଲା ଉପଯୁକ୍ତ ସୁଯୋଗ। ଗ୍ରେନ୍ସ ଆଣ୍ଡ ଗ୍ରିନ୍ସ ମାଧ୍ୟମରେ ଗାୟତ୍ରୀ ପଟ୍ଟନାୟକ ଅଢ଼େଇ ବର୍ଷ ହେବ ଆରମ୍ଭ କରିଦେଇଛନ୍ତି କୃଷି କ୍ଷେତ୍ରରେ ଏକ ନୂଆ ଯାତ୍ରା। ଚାଉଳ, ମୁଗ, କୋଳଥ, ହରଡ଼ ଭଳି ଦେଶୀୟ ଡାଲି, ସୋରିଷ ତେଲ ଭଳି ଉତ୍ପାଦ ସେ ଜୈବିକ ପଦ୍ଧତି ମାଧ୍ୟମରେ କରୁଛନ୍ତି। ଓଡ଼ିଶାର ଉତ୍ପାଦକୁ କିଭଳି ପ୍ରମୋଟ କରିହେବ ସେ ଦିଗରେ ସେ କାର୍ଯ୍ୟ କରୁଛନ୍ତି। ଗାୟତ୍ରୀ କହିଛନ୍ତି, ଆମ ଓଡ଼ିଶାର ଯଦି ପଇଡ଼ ଅଛି ତାହେଲେ ମୁଁ ସେଓ ପଛରେ କାହିଁ ଧାଇଁବି। ଯାହା ଅଛି ତାକୁ ନେଇ କିଭଳି କାମ କରିହେବ ତାକୁ ଗୁରୁତ୍ୱ ଦେଉଛି। ଆସନ୍ତା ଫେବୃୟାରୀରେ ନିଜ ଉତ୍ପାଦ ବାହାରିବାକୁ ଯାଉଛି ବୋଲି ଗାୟତ୍ରୀ କହିଛନ୍ତି।


ଗାୟତ୍ରୀ ପଟ୍ଟନାୟକ

# ବିଧାୟକ ପ୍ରତାପ ଜେନାଙ୍କୁ ସମନ

## ୩୧ରେ ବ୍ୟକ୍ତିଗତ ହାଜର ନିର୍ଦ୍ଦେଶ

ମାହାଙ୍ଗା/ନିଶ୍ଚିନ୍ତକୋଇଲି, ୧୪।୧୦ (ଯଯାତି ସିଂ/ଅଶୋକ କୁମାର ମହାପାତ୍ର)

ମାହାଙ୍ଗା ଡବଲ ମର୍ଡର ଘଟଣାର ଅଭିଯୁକ୍ତ ତାଲିକାରେ ଥିବା ମାହାଙ୍ଗା ବିଧାୟକ ପ୍ରତାପ ଜେନାଙ୍କୁ ଶନିବାର ସମନ ଜାରି ହୋଇଛି। ସାଲେପୁର ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ପ୍ରଥମ ଶ୍ରେଣୀ(ଜେଏମ୍‌ଏଫ୍‌ସି) କୋର୍ଟଙ୍କ ଦ୍ୱାରା ପ୍ରେରିତ ସ୍ୱତନ୍ତ୍ର ମେସେଞ୍ଜର ବିଧାୟକଙ୍କ ଭୁବନେଶ୍ୱରସ୍ଥିତ ସରକାରୀ ବାସଭବନରେ ଏହି ସମନ ପ୍ରଦାନ କରିଛନ୍ତି। ବିଧାୟକ ଉକ୍ତ ସମନକୁ ଗ୍ରହଣ କରିଥିବା ଜଣାପଡ଼ିଛି। ଆସନ୍ତା ୩୧ତାରିଖରେ କୋର୍ଟରେ ବ୍ୟକ୍ତିଗତ ଭାବେ ହାଜର ହେବାକୁ ନିର୍ଦ୍ଦେଶ ରହିଛି।

ପ୍ରକାଶ ଯେ, ମାହାଙ୍ଗା ଡବଲ ମର୍ଡର ଘଟଣାରେ ବିଧାୟକ ପ୍ରତାପଙ୍କ ନାମ ୧୩ନମ୍ବର ତାଲିକାରେ ଥିଲା। ହେଲେ ପୋଲିସ ଉକ୍ତ ନାମକୁ ଚାର୍ଜଶିଟରୁ କାଟିଦେଇଥିଲା। ଏହାକୁ ବିରୋଧ କରି କୁଳମଣିଙ୍କ ପୁଅ ରମାକାନ୍ତ ବରାଳ ସାଲେପୁର ଜେଏମ୍‌ଏଫ୍‌ସି କୋର୍ଟରେ ଏକ ପ୍ରୋଟେଷ୍ଟ ପିଟିଶନ (ନଂ.୨୧୭/୨୧) ଦାଏର କରିଥିଲେ। ମାମଲାର ଶୁଣାଣି କରି ମାଜିଷ୍ଟ୍ରେଟ୍ ବିଧାୟକ ଜେନାଙ୍କ ବିରୋଧରେ ଆସିଥିବା ଅଭିଯୋଗର ପୁଙ୍ଖାନୁପୁଙ୍ଖ ତଦନ୍ତ କରି ରିପୋର୍ଟ ଦେବାକୁ ମାହାଙ୍ଗା ଥାନା ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ହେଲେ ପୋଲିସ ରିପୋର୍ଟ ଦେବାରେ ବିଳମ୍ବ କରିବାରୁ କୋର୍ଟ ତାଙ୍କୁ ଭର୍ତ୍ସନା କରିଥିଲେ। ଶେଷରେ ପୋଲିସ ଚାର୍ଜଶିଟ୍, ସିଡିଆର ସମେତ ମାମଲାର ଦସ୍ତାବିଜ କୋର୍ଟରେ ଦାଖଲ କରିଥିଲା। ଇତିମଧ୍ୟରେ କୁଳମଣିଙ୍କ ପୁଅ ରମାକାନ୍ତଙ୍କ ମୃତ୍ୟୁ ହେବା ପରେ ତାଙ୍କ ଭାଇ ରଞ୍ଜିତ କୁମାର ବରାଳ ପୁନର୍ବାର ରିଭ୍ୟୁ ପିଟିଶନ ଦାଖଲ କରିଥିଲେ। ସାକ୍ଷ୍ୟପ୍ରମାଣକୁ ଭିତ୍ତିକରି ସାଲେପୁର ଜେଏମ୍‌ଏଫ୍‌ସି କୋର୍ଟ ଗତ ୨୫ ତାରିଖରେ ବିଧାୟକ ପ୍ରତାପ ଜେନାଙ୍କ ନାମରେ ଆଇପିସି ଦଫା ୩୦୨, ୧୨୦ ବି ଓ ୫୦୬ (ହତ୍ୟା, ଷଡ଼ଯନ୍ତ୍ର, ହତ୍ୟା ଧମକ ଦେବା) ଅନୁଯାୟୀ ମାମଲା ଚାଲୁ ରଖିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଏପରିକି ପ୍ରତାପ ଜଣେ ବିଧାୟକ ହୋଇଥିବାରୁ ତାଙ୍କ ମାମଲାର ବିଚାର ଭୁବନେଶ୍ୱର ସ୍ୱତନ୍ତ୍ର କୋର୍ଟରେ ହେବ ବୋଲି ନିର୍ଦ୍ଦେଶ ଦେବା ସହ ତାଙ୍କୁ ଅକ୍ଟୋବର ୩୧ରେ କୋର୍ଟରେ ହାଜର ହେବାକୁ ସ୍ୱତନ୍ତ୍ର ମେସେଞ୍ଜର ମାଧ୍ୟମରେ ସମନ ଜାରି କରିଥିଲେ।

# ଦୁର୍ଘଟଣାରେ ୩ ଦଶମ ଶ୍ରେଣୀ ଛାତ୍ର ମୃତ

## କୋଚିଂ ସେଣ୍ଟରରୁ ଫେରିବାବେଳେ ଭ୍ୟାନ୍ ସହ ମୁହାଁମୁହିଁ ଧକ୍କା

ବାଙ୍କୀ, ୧୪।୧୦(ଜ୍ଞାନେନ୍ଦ୍ର ମୋହନ ମିଶ୍ର)

ବାଙ୍କୀ–କଟକ ମୁଖ୍ୟ ରାସ୍ତାର ରଣଶଙ୍ଖ ନିକଟରେ ଶନିବାର ପୂର୍ବାହ୍ନ ପ୍ରାୟ ୯ଟାରେ ଏକ ସଡ଼କ ଦୁର୍ଘଟଣାରେ ୩ଜଣ ସ୍କୁଲ ଛାତ୍ରଙ୍କ ମୃତ୍ୟୁ ଘଟିଛି। ମୃତକମାନେ ହେଲେ ହରିରାଜପୁର ଗ୍ରାମର ସୋହନ ନାଏକ ଓ ଅବିନାଶ ଧଳ ଏବଂ ଶୁଖୁଆଖଲା ଗ୍ରାମର ଅମିୟଷ୍ଣୁ ପିରୋଇ। ୩ ଜଣ ଯାକ ଦଶମ ଶ୍ରେଣୀର ଛାତ୍ର। ଦୁର୍ଘଟଣା ପରେ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଉତ୍ତେଜନା ଦେଖାଦେଇଥିଲା। ପରେ ବାଙ୍କୀ ପୋଲିସ ଘଟଣାସ୍ଥଳରେ ପହଞ୍ଚି ସ୍ଥିତିକୁ ନିୟନ୍ତ୍ରଣ କରିଥିଲା।

ସୂଚନା ଅନୁସାରେ ସୋହନ, ଅବିନାଶ ଏବଂ ଅମିୟଷ୍ଣୁ ଏକ ବାଇକ୍‌ରେ ଡମପଡ଼ା ବ୍ଲକ ପାଥପୁର ପଞ୍ଚାୟତ ଚକୁଳେଶ୍ୱର ଗ୍ରାମରେ ଥିବା ଏକ କୋଚିଂ ସେଣ୍ଟରରୁ ପଢ଼ା ସାରି ଘରକୁ ଫେରୁଥିଲେ। ରଣଶଙ୍ଖର ୧୦୦ ମିଟର ଦୂରରେ ଥିବା ମୋଡ଼ଣି ନିକଟରେ ବାଙ୍କୀରୁ ଜାତମୁଣ୍ଡିଆ ଅଭିମୁଖେ ଯାଉଥିବା ଥଣ୍ଡା ପାନୀୟ ଜଳ ବୋଝେଇ ପିକ୍‌ଅପ୍ ଭ୍ୟାନ(ଓଡି୦୨–ବିଡବ୍ଲ୍ୟୁ–୯୪୮୮) ସହ ମୁହାଁମୁହିଁ ଧକ୍କା ହୋଇଥିଲେ। ଫଳରେ ୩ଜଣ ଛାତ୍ର ଗୁରୁତର ହୋଇ ଚେତାଶୂନ୍ୟ ହୋଇପଡ଼ିଥିଲେ। ଘଟଣାସ୍ଥଳରେ ଉତ୍ତେଜନା ସୃଷ୍ଟି ହୋଇଥିଲା। ବାଙ୍କୀ ପୋଲିସ ପହଞ୍ଚି ସ୍ଥିତି ନିୟନ୍ତ୍ରଣ ସହ ଆମ୍ବୁଲାନ୍ସ ଓ ଅଗ୍ନିଶମ ବିଭାଗ ଗାଡ଼ିରେ ଆହତମାନଙ୍କୁ ବାଙ୍କୀ ଡାକ୍ତରଖାନାରେ ଭର୍ତ୍ତି କରିଥିଲା। ମେଡିକାଲରେ ସୋହନଙ୍କ ମୃତ୍ୟୁ ଘଟିଥିବାବେଳେ ଅନ୍ୟ ୨ ଛାତ୍ରଙ୍କ ଅବସ୍ଥା ଗୁରୁତର ଥିବାରୁ କଟକ ବଡ଼ ମେଡିକାଲ୍‌କୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଡାକ୍ତର ଦୁହିଁଙ୍କୁ ମୃତ ଘୋଷଣା କରିଥିଲେ। ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ମୃତଦେହ ହସ୍ତାନ୍ତର କରାଯାଇଥିଲା। ବାଙ୍କୀ ଥାନାରେ ଏକ ମାମଲା(ନଂ.୩୭୬/୨୩) ରୁଜୁ ହେବା ସହ ଗାଡିଟିକୁ ଥାନାରେ ଅଟକ ରଖାଯାଇଛି। ଘଟଣାସ୍ଥଳରୁ ଡ୍ରାଇଭର ଖସି ପଳାଇଛନ୍ତି। ୩ଛାତ୍ର ଯାଉଥିବା ମୋଟରସାଇକେଲ୍ ସମ୍ପୂର୍ଣ୍ଣ ଚୂରମାର ହୋଇଯାଇଛି। ଦଶମ ଶ୍ରେଣୀରେ ପଢୁଥିବା ୩ଛାତ୍ରଙ୍କ ମୃତ୍ୟୁକୁ ନେଇ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

## ଜମି କିଣାଇଦେବା ନାଁରେ ଠକେଇ, ବ୍ୟବସାୟୀ ଗିରଫ

ଭୁବନେଶ୍ୱର, ୧୪।୧୦(ସୂର୍ଯ୍ୟକାନ୍ତ ବେହେରା)

ଜମି କିଣାଇଦେବା ନାଁରେ ସାଢେ ୬ ଲକ୍ଷ ଟଙ୍କା ଠକିବା ଅଭିଯୋଗରେ ଏୟାରପୋର୍ଟ ଥାନା ପୋଲିସ ଜଣଙ୍କୁ ଗିରଫ କରିଛି। ସେ ହେଲେ ଜମି ବ୍ୟବସାୟ କରୁଥିବା ଜଗତ୍‌ସିଂହପୁରର ଦେବାଶିଷ ଜେନା। ଦେବାଶିଷ ହେଉଛନ୍ତି ଅଭିଯୋଗକାରୀ ଦେବେନ୍ଦ୍ର ପ୍ରସାଦ ପଟ୍ଟନାୟକଙ୍କ ସମ୍ପର୍କୀୟ ଭାଇ। ତେଣୁ ଦେବାଶିଷ ଜଟଣୀ ଉତ୍ତର ମୁହାଣରେ ୮ ଲକ୍ଷ ୪୦ ହଜାର ଟଙ୍କା ମୂଲ୍ୟରେ ଗୋଟିଏ ପ୍ଲଟ୍ କିଣାଇଦେବା ପାଇଁ ଦେବେନ୍ଦ୍ରଙ୍କୁ କହିଥିଲେ। ଏଥିପାଇଁ ଦେବାଶିଷ ଉଷାରାଣୀ ମହାନ୍ତିଙ୍କ ପ୍ଲଟ୍‌କୁ ବିକ୍ରୟ କରିବାକୁ ଜାଲ୍ ଦସ୍ତଖତ ଥିବା ଚୁକ୍ତିପତ୍ର ଦେଖାଇ ଦେବେନ୍ଦ୍ରଙ୍କଠାରୁ ସାଢେ ୬ ଲକ୍ଷ ଟଙ୍କା ନେଇଥିଲେ। ହେଲେ ଉକ୍ତ ପ୍ଲଟ୍‌କୁ ଦେବେନ୍ଦ୍ରଙ୍କ ନାମରେ ପଞ୍ଜୀକୃତ କରି ନ ଥିଲେ ଦେବାଶିଷ। ଦେବେନ୍ଦ୍ର ଉକ୍ତ ଜମିର ମାଲିକାଣୀ ଉଷାରାଣୀ ମହାନ୍ତିଙ୍କ ସହିତ ଯୋଗାଯୋଗ କରିବାରୁ ସେ ଠକେଇର ଶିକାର ହୋଇଥିବା ଜାଣିବାକୁ ପାଇଥିଲେ। ଏନେଇ ଦେବେନ୍ଦ୍ର ଫେବୃୟାରୀ ୨୦ରେ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଏକ ମାମଲା (ନଂ ୬୦/୨୦୨୩) ରୁଜୁ କରିଥିଲା।

# ମତ୍ସ୍ୟଜୀବୀଙ୍କ ବିକାଶରେ ରାଜ୍ୟ ସରକାର ବାଧକ: ଧର୍ମେନ୍ଦ୍ର




ଟାଙ୍ଗୀ, ୧୪।୧୦(ରଘୁନାଥ ସାହୁ)

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଚିଲିକା ଅଞ୍ଚଳରେ ରହୁଥିବା ମତ୍ସ୍ୟଜୀବୀଙ୍କ ବ୍ୟବସାୟକୁ ବଢ଼ାଇବା ପାଇଁ ପ୍ରୋତ୍ସାହନ ଦେଉଥିବା ବେଳେ ପରଶ୍ରୀକାତର ରାଜ୍ୟ ସରକାର ମତ୍ସ୍ୟଜୀବୀଙ୍କ ବିକାଶରେ ବାଧକ ସାଜିଛନ୍ତି। ଶନିବାର ଖୋର୍ଦ୍ଧା ଜିଲା ଚିଲିକା ବ୍ଲକ ସୋରଣଠାରେ ଆୟୋଜିତ ସଙ୍କଳ୍ପ ସମାବେଶରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଯୋଗଦେଇ ଏହା କହିଛନ୍ତି। ସେ ଆହୁରି କହିଥିଲେ ଯେ, ଚିଲିକା ମାଟି ମହାପ୍ରଭୁ ଶ୍ରୀଜଗନ୍ନାଥ, ମା' କାଳିଜାଇ ଓ ଭଗବତୀଙ୍କ ପ୍ରତି ଥିବା ଆବେଗକୁ ଦର୍ଶାଏ। କେନ୍ଦ୍ର ସରକାରଙ୍କ ବିଭିନ୍ନ ଜନହିତକର ଯୋଜନା ସମ୍ପର୍କରେ ଜନସାଧାରଣଙ୍କୁ ସଚେତନ କରାଇବା ପାଇଁ ଉପସ୍ଥିତ ଦଳୀୟ କର୍ମକର୍ତ୍ତାଙ୍କୁ ପରାମର୍ଶ ଦେଇଥିଲେ। ସମାବେଶରେ ଯୋଗଦେବା ପୂର୍ବରୁ ସେ ମାନସିଂହପୁର ଠାରେ 'ମୋ ମାଟି ମୋ ଦେଶ' କାର୍ଯ୍ୟକ୍ରମରେ ସାମିଲ ହୋଇ ସୋରଣ ଗୁଳିକାଣ୍ଡରେ ଶହୀଦ ହୋଇଥିବା ମତ୍ସ୍ୟଜୀବୀଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ଏହି ସଙ୍କଳ୍ପ ସମାବେଶରେ ଭାଜପା ରାଷ୍ଟ୍ରୀୟ ପ୍ରବକ୍ତା ଡା. ସମ୍ବିତ୍ ପାତ୍ର, ବ୍ରହ୍ମଗିରି ବିଧାୟକ ଲଲାଟେନ୍ଦୁ ବିଦ୍ୟାଧର ମହାପାତ୍ର, ରାଜ୍ୟ ପ୍ରବକ୍ତା ସୁଦୀପ୍ତ ରାୟ, ପୂର୍ବତନ ସାଧାରଣ ସମ୍ପାଦକ ପୃଥ୍ୱୀରାଜ ହରିଚନ୍ଦନ, ଚିଲିକା ବ୍ଲକ ଅଧ୍ୟକ୍ଷା ଜ୍ୟୋତ୍ସ୍ନାରାଣୀ ବେହେରା, ବାଣପୁର ବ୍ଲକ ଅଧ୍ୟକ୍ଷ ଅମରେନ୍ଦ୍ର ରଣସିଂହ ପ୍ରମୁଖ ଅତିଥିଭାବେ ଯୋଗଦେଇଥିଲେ। ଅତିଥିମାନେ ରାଜ୍ୟ ସରକାରଙ୍କ ବିଫଳତା ସମ୍ପର୍କରେ ମନ୍ତବ୍ୟ ରଖିବା ସହ ଆଗାମୀ ନିର୍ବାଚନରେ ଭାଜପାର ସଫଳତା ପାଇଁ ସମସ୍ତ ଦଳୀୟ କର୍ମକର୍ତ୍ତା ଏକଜୁଟ୍ ହୋଇ କାର୍ଯ୍ୟ କରିବାକୁ ଆହ୍ୱାନ ଦେଇଥିଲେ।

## ଖୋଲିଲା ଶିମିଳିପାଳ

### ଆଦିବାସୀ ନୃତ୍ୟ ଗୀତରେ ପର୍ଯ୍ୟଟକଙ୍କୁ ସ୍ୱାଗତ

ବାରିପଦା, ୧୪।୧୦ (ନୀଳାଦ୍ରି ବିହାରୀ ଦଣ୍ଡପାଟ)

ଏସିଆ ମହାଦେଶର ଦ୍ୱିତୀୟ ବୃହତ୍ତମ ଜୈବମଣ୍ଡଳ ଶିମିଳିପାଳ ଅଭୟାରଣ୍ୟ ଶନିବାରଠାରୁ ଖୋଲାଯାଇଛି। ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପ କାର୍ଯ୍ୟାଳୟ ପକ୍ଷରୁ ବାରିପଦାର ପିଠାବଟା ଓ ଯଶିପୁର କାଳିଆଣି ତନଖି ଫାଟକରେ ପର୍ଯ୍ୟଟକଙ୍କୁ ଆଦିବାସୀ ନୃତ୍ୟଗୀତରେ ସ୍ୱାଗତ କରାଯାଇଛି। ସକାଳ ୬ଟାରୁ ୯ଟା ମଧ୍ୟରେ ପର୍ଯ୍ୟଟକମାନେ ଅଭୟାରଣ୍ୟକୁ ପ୍ରବେଶ କରିଥିଲେ। ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପ ଦକ୍ଷିଣର ଉପନିର୍ଦ୍ଦେଶକ ସମ୍ରାଟ ଗୌଡ଼ା ଉପସ୍ଥିତ ରହି ପର୍ଯ୍ୟଟକଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିଛନ୍ତି। ପର୍ଯ୍ୟଟକଙ୍କ ସୁରକ୍ଷା, ଆମୋଦ ପ୍ରମୋଦ ଓ ରହଣି ନିମନ୍ତେ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଥିବା ବିଭାଗ ପକ୍ଷରୁ ସୂଚନା ମିଳିଛି ।

ପ୍ରଥମ ଦିବସରେ ପିଠାବଟା ଦେଇ ୪ଟି ଓ କାଳିଆଣି ଦେଇ ୯ଟି ଗାଡ଼ି ଶିମିଳିପାଳ ମଧ୍ୟକୁ ପ୍ରବେଶ କରିଥିଲା। ଉଭୟ ଗେଟ୍ ଦେଇ ମୋଟ ୭୩ ପର୍ଯ୍ୟଟକ ପ୍ରବେଶ କରିଛନ୍ତି। ସେମାନଙ୍କ ମଧ୍ୟରୁ ୫୦ଜଣ ଓଡ଼ିଶାର ହୋଇଥିବା ବେଳେ ୨୩ଜଣ ରାଜ୍ୟ ବାହାର। ପର୍ଯ୍ୟଟକଙ୍କ ସୁରକ୍ଷା ନିମନ୍ତେ ସ୍ୱତନ୍ତ୍ର ସ୍କ୍ୱାଡ୍ ଗଠନ ସହ ଗାଇଡ୍ ବ୍ୟବସ୍ଥା କରାଯାଇଛି।

N·S·D·C
RE IMAGINE FUTURE
सत्यमेव जयते
ଦକ୍ଷତା ବିକାଶ ଓ ଉଦ୍ୟମିତା ମନ୍ତ୍ରଣାଳୟ
ଭାରତ ସରକାର
Coca-Cola India

**ଜାତୀୟ ଦକ୍ଷତା ବିକାଶ ନିଗମ**

**ଦକ୍ଷତା ବିକାଶ ଓ ଉଦ୍ୟମିତା ମନ୍ତ୍ରଣାଳୟ**
**ଭାରତ ସରକାର**

ଶୁଭାରମ୍ଭ ପାଇଁ ଆପଣଙ୍କୁ ସାଦର ନିମନ୍ତ୍ରଣ

**ସୁପର୍ ପାୱାର ରିଟେଲର୍ କାର୍ଯ୍ୟକ୍ରମ**
କୋକା-କୋଲା ଇଣ୍ଡିଆର ମିଳିତ ସହଯୋଗରେ ଆୟୋଜିତ



**ମୁଖ୍ୟ ଅତିଥି**

**ଶ୍ରୀ ଧର୍ମେନ୍ଦ୍ର ପ୍ରଧାନ**
**ଶିକ୍ଷା, ଦକ୍ଷତା ବିକାଶ ଓ ଉଦ୍ୟମିତା ମନ୍ତ୍ରୀ**
**ଭାରତ ସରକାର**

ସୋଆ ଅଡ଼ିଟୋରିୟମ
କ୍ୟାମ୍ପସ୍-୨, ସମ୍ ହସ୍ପିଟାଲ ପାଖ
ଭୁବନେଶ୍ୱର

**ତାରିଖ:**
୧୫ ଅକ୍ଟୋବର, ୨୦୨୩
ସକାଳ ୯.୩୦ ମି.

**ସ୍ଥାନ:**
ଶିକ୍ଷା 'ଓ' ଅନୁସନ୍ଧାନ
ବିଶ୍ୱବିଦ୍ୟାଳୟ ଅଡ଼ିଟୋରିୟମ

# ଲେଡି କ୍ରାଇମ୍ କୁଇନ୍ ମୁସ୍କାନଙ୍କ ସମେତ ୪ ଗିରଫ

## ନିଶା ଦେଇ ଲୁଟୁଥିବା ଲଣ୍ଡା ଗ୍ୟାଙ୍ଗ୍ ଧରାପଡିଲା

### ଗ୍ୟାଙ୍ଗ୍ ସଦସ୍ୟଙ୍କ ନାମରେ ରହିଛି ଏକାଧିକ ସଙ୍ଗିନ ମାମଲା

ଭୁବନେଶ୍ୱର,୧୪।୧୦
(ସୂର୍ଯ୍ୟକାନ୍ତ ବେହେରା)

ନିଜ ସୁନ୍ଦର ରୂପରେ ଆକର୍ଷିତ କରି ଫସାଉଥିଲେ। ଆଉ ତା'ପରେ କୌଶଳକ୍ରମେ ନିଶା ଦେଇ ଲୁଟୁଥିଲେ। ଟାର୍ଗେଟରେ ଥିଲେ ଏକୁଟିଆ ଆସୁଥିବା ଟ୍ରେନ୍ ଯାତ୍ରୀ ଓ ଯବାନ। ରାଜଧାନୀ ଭୁବନେଶ୍ୱରର ବ୍ୟସ୍ତବହୁଳ ମାଷ୍ଟର କ୍ୟାଣ୍ଟିନ ଅଞ୍ଚଳରେ ଏଭଳି ତରିକାରେ ଅପରାଧ ଘଟଣା ଆତଙ୍କ ଖେଳାଉଥିବା ଲଣ୍ଡା ଗ୍ୟାଙ୍ଗକୁ ଧରିଛି ଖାରବେଳନଗର ଥାନା ପୋଲିସ। ଏଥିସହ ଗ୍ୟାଙ୍ଗ୍‌ର ମହିଳା ମାଷ୍ଟରମାଇଣ୍ଡ୍ ସମେତ ୪ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ଲକ୍ଷ୍ମୀସାଗର ଥାନା ଅଞ୍ଚଳରେ ରହୁଥିବା ଲେଡି କ୍ରାଇମ୍ କୁଇନ୍ ମୁସ୍କାନ ଓରଫ ସାରିଫ ଖାନ୍, ଗଞ୍ଜାମର ଅଶୋକ ବେହେରା ଓରଫ ଲଣ୍ଡା, ନୟାଗଡର ପୂର୍ଣ୍ଣଚନ୍ଦ୍ର ସେଠୀ ଓରଫ ସାନ ଲଣ୍ଡା ଓ ସୁଶାନ୍ତ ରାଉତ। ସେମାନଙ୍କଠାରୁ ୪ଟି ଷ୍ଟ୍ରିପ୍ ଲୋରାଜେପମ୍ ନିଶା ଟାବ୍‌ଲେଟ, ଗୋଟିଏ ଛୁରି, କୋଲ୍ଡ ଡ୍ରିଙ୍କ୍ସ, ୪ ପ୍ୟାକେଟ କେକ୍ ଓ ୨ଟି ମୋଟରସାଇକେଲ ଜବତ ହୋଇଥିବା ଜୋନ-୧ ଏସିପି ମାନସ ରଞ୍ଜନ ଗଡ଼ନାୟକ ସୂଚନା ଦେଇଛନ୍ତି। ଅଭିଯୁକ୍ତ ଲଣ୍ଡାଙ୍କ ନାମରେ ପୂର୍ବରୁ ୧୨ଟି ଆପରାଧିକ ମାମଲା ରହିଥିବାବେଳେ ଏକ ହତ୍ୟା ମାମଲାର ଟ୍ରାଏଲ୍ ଚାଲିଛି। ପୂର୍ଣ୍ଣଙ୍କ ନାମରେ ଜଟଣୀ ଗୁଳିକାଣ୍ଡ ସମେତ ମୋଟ ୭ଟି ମାମଲା ରହିଛି। ସେହିପରି ସୁଶାନ୍ତଙ୍କ ନାମରେ ୧୦ଟି ଆପରାଧିକ ମାମଲା ରହିଥିବାବେଳେ ଡ୍ରଗ୍ସ କାରବାର ମାମଲାରେ ସେ ବିଶାଖାପାଟଣା ଜେଲ୍‌ରେ ରହି ମାସେ ତଳେ ମୁକୁଳିଥିବା ତଦନ୍ତବେଳେ ଜଣାପଡିଛି। ଅନ୍ୟପକ୍ଷରେ ମୁସ୍କାନଙ୍କ ନାମରେ ପୂର୍ବରୁ ୮ଟି ଆପରାଧିକ ମାମଲା ରହିଥିବାବେଳେ ପୂର୍ବରୁ ମଧ ସେ କୋର୍ଟ ଚାଲାଣ ହୋଇସାରିଛନ୍ତି। ତେଣୁ ବାରମ୍ବାର ଜେଲରୁ ମୁକୁଳି ପୁଣି ଆପରାଧିକ କାର୍ଯ୍ୟକଳାପରେ ଲିପ୍ତ ରହୁଥିବାରୁ ସେମାନଙ୍କୁ ତଡିପାର କରିବାକୁ ପ୍ରକ୍ରିୟା ଆରମ୍ଭ ହୋଇଛି। ଅନ୍ୟପକ୍ଷରେ ଚଢ଼ାଉବେଳେ ଗ୍ୟାଙ୍ଗ୍‌ର ଆଉ ଦୁଇ ଅଭିଯୁକ୍ତ ଘଟଣାସ୍ଥଳରୁ ଫେରାର ହୋଇଯାଇଥିବାରୁ ସେମାନଙ୍କୁ ଧରିବାକୁ ଉଦ୍ୟମ ଜାରି ରହିଥିବା ଏସିପି ଗଡନାୟକ କହିଛନ୍ତି।


ଗିରଫ ୩ ଅଭିଯୁକ୍ତଙ୍କ ସହ ମୁସ୍କାନ ଓରଫ ସାରିଫ ଖାନ୍।

## ସୁନ୍ଦର ରୂପରେ ଫସାଉଥିଲେ ମୁସ୍କାନ, ଟାର୍ଗେଟ ସଫଳ କରୁଥିଲେ ସହଯୋଗୀ

ନିଜର ଆପରାଧିକ ସାମ୍ରାଜ୍ୟ ବିସ୍ତାର କରୁଥିଲେ ମାଷ୍ଟରମାଇଣ୍ଡ୍ ମୁସ୍କାନ। ପ୍ରାୟ ଭୋର୍ ସମୟରେ ନିଜକୁ ସଜେଇ ହୋଇ ସହଯୋଗୀଙ୍କୁ ଧରି ଭୁବନେଶ୍ୱର ଷ୍ଟେଶନରେ ପହଞ୍ଚୁଥିଲେ। ଟ୍ରେନ୍ ଯାତ୍ରୀଙ୍କ ପରି ନିଜ ଗ୍ୟାଙ୍ଗ୍ ସଦସ୍ୟଙ୍କ ଅଟୋରେ ବସୁଥିଲେ। ଏହାପରେ ଟ୍ରେନ୍‌ରୁ ଓହ୍ଲାଉଥିବା ଏକୁଟିଆ ଯାତ୍ରୀ ଓ ଯବନାଙ୍କୁ ଟାର୍ଗେଟ କରୁଥିଲେ। ଯେଉଁ ଯାତ୍ରୀମାନେ ଟ୍ରେନ୍‌ରୁ ଓହ୍ଲାଇ ବସ୍‌ଷ୍ଟାଣ୍ଡ ପାଖକୁ ଆସୁଥିଲେ ମୁସ୍କାନଙ୍କ ଇଶାରାରେ ସେମାନଙ୍କୁ ଅଟୋ ଚାଳକ ଡାକୁଥିଲେ। ଅଟୋରେ ସୁନ୍ଦରୀ ମହିଳା ବସିଥିବାରୁ ଟ୍ରେନ୍ ଯାତ୍ରୀମାନେ ତାଙ୍କୁ ସହଯାତ୍ରୀ ଭାବି ବିନା ଦ୍ୱିଧାରେ ସେଥିରେ ବସି ଯାଉଥିଲେ। ଅଟୋ ଚାଳକ ଗନ୍ତବ୍ୟସ୍ଥଳ ପଚାରି କିଛିବାଟ ଯିବା ପରେ ନିଦ ଆସିବାର ବାହାନା କରି ନିର୍ଦ୍ଦିଷ୍ଟ ଚା' ଓ ପାନୀୟ ଦୋକାନ ନିକଟରେ ଅଟକୁଥିଲେ। ଯୋଜନାନୁସାରେ ଅଟୋ ଚାଳକ ଜଣକ ପ୍ରଥମେ ଚା' ପିଇବାକୁ ମୁସ୍କାନଙ୍କୁ ପ୍ରସ୍ତାବ ଦେଉଥିଲେ। ମୁସ୍କାନ ସଙ୍ଗେ ସଙ୍ଗେ ହଁ ମାରିବା ପରେ ସେ ଚା' ଆଣି ତାଙ୍କୁ ଦେବା ସହ ଅଟୋରେ ବସିଥିବା ଟ୍ରେନ୍ ଯାତ୍ରୀଙ୍କୁ ଦେଉଥିଲେ। ଟ୍ରେନ୍ ଯାତ୍ରୀଙ୍କୁ ନିଶା ବଟିକା ମିଶା ଚା' ପିଇବାକୁ ଦେଉଥିବାବେଳେ ସେମାନେ (ମୁସ୍କାନ ଓ ଅଟୋ ଚାଳକ) ଭଲ ଚା' ପିଉଥିଲେ। ନିଶା ବଟିକା ମିଶା ଚା' ପିଇବା ପରେ ଯାତ୍ରୀ ଜଣକ ସଂଜ୍ଞା ହରାଉଥିଲେ। ଏହାପରେ ସେ ପିନ୍ଧିଥିବା ସୁନା ଅଳଙ୍କାର, ପକେଟରୁ ପର୍ସ, ସାଙ୍ଗରେ ଆଣିଥିବା ଲଗେଜ୍ ଓ ଅନ୍ୟାନ୍ୟ ଜିନିଷ ଲୁଟି ନେବା ପରେ ତାଙ୍କୁ ଏକ ନିଛାଟିଆ ସ୍ଥାନରେ ପକାଇ ଦେଇ ଚମ୍ପଟ ମାରୁଥିଲେ। ଏପରି ମାଳମାଳ ଅଭିଯୋଗ ଆସିବାପରେ କମିଶନରେଟ ପୋଲିସ ମାମଲା ରୁଜୁ କରି ଘଟଣାର ଖୋଳତାଡ କରି ଗ୍ୟାଙ୍ଗକୁ ଠାବ କରିଥିଲା। ତେବେ ଏପରି ଭିନ୍ନ ଭିନ୍ନ ତରିକାରେ ଏକାଧିକ ଗ୍ୟାଙ୍ଗ୍ ସକ୍ରିୟ ଥିବାରୁ ପୋଲିସ ଏଥିପ୍ରତି ସବୁବେଳେ ସଜାଗ ରହିବା ଆବଶ୍ୟକ ବୋଲି ମତ ପ୍ରକାଶ ପାଇଛି।

## ଆଜି କ'ଣ କେଉଁଠି

**ଭୁବନେଶ୍ୱର**

- ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ କଳାକାର ଅସୀମ ବସୁଙ୍କ ୮୮ତମ ଜୟନ୍ତୀ, ରବୀନ୍ଦ୍ର ମଣ୍ଡପସ୍ଥିତ ପ୍ରତିମୂର୍ତ୍ତି ସ୍ଥଳ, ସକାଳ ୮ଟା ୩୦।
- ସଚେତନତା ରାଲି, ଏସ୍‌ଆଇଆର୍‌ଡି, ୟୁନିଟ୍-୮, ସକାଳ ୮ଟା।
- ଏଏସ୍‌ଆଇ ପକ୍ଷରୁ ଆଞ୍ଚଳିକ କର୍ମଶାଳା, ପାନ୍ଥ ନିବାସ, ପୂର୍ବାହ୍ନ ୧୦ଟା।
- ପ୍ରଫେସର ବାଉରିବନ୍ଧୁଙ୍କ ମେମୋରିଆଲ ଲେକ୍ଚର, ଗୁରୁ କେଲୁଚରଣ ମହାପାତ୍ର ଓଡ଼ିଶୀ ଗବେଷଣା କେନ୍ଦ୍ର, ପୂର୍ବାହ୍ନ ୧୦ଟା ୩୦।
- ଡା. ଏପିଜେ ଅବଦୁଲ କଲାମ ମେମୋରିଆଲ ଟ୍ରଷ୍ଟ ପକ୍ଷରୁ ବିଶ୍ୱ ଛାତ୍ର ଦିବସ, କଳିଙ୍ଗ ବୁଦ୍ଧ ମନ୍ଦିର, ୟୁନିଟ୍-୯, ମଧ୍ୟାହ୍ନ ୧୨ଟା।
- ଦିଲ୍ଲୀ ଉତ୍କଳ ଅସ୍ମିତା ଆନୁକୂଲ୍ୟରେ 'ଶାନ୍ତ ସକାଳ' ପୁସ୍ତକ ଲୋକାର୍ପଣ, ଜାତୀୟ ଅଭିଲେଖାଗାର, ଅପରାହ୍ନ ୨ଟା ୩୦।
- 'ଦେବୀ ଭାଗବତ' କଥାମୃତ କାର୍ଯ୍ୟକ୍ରମ, ସାମ୍ବାଦିକ ଭବନ, ମାଷ୍ଟର କ୍ୟାଣ୍ଟିନ, ଅପରାହ୍ନ ୩ଟା।
- ପୁରୁଣା ପେନ୍‌ସନ ପାଇଁ ଜାତୀୟ ଆନ୍ଦୋଳନ ପକ୍ଷରୁ ମହାସମାବେଶ, ଉତ୍କଳ ମଣ୍ଡପ, ଅପରାହ୍ନ ୩ଟା।
- ଗୁରୁ ଦେବପ୍ରସାଦ ଦାସ ଓଡ଼ିଶୀ ନୃତ୍ୟ ପରିବାର ପକ୍ଷରୁ ରୌପ୍ୟ ମହା ଆସର, ଭଞ୍ଜ କଳା ମଣ୍ଡପ, ଅପରାହ୍ନ ୫ଟା।
- ସେଣ୍ଟ ଆରନୋଲ୍ଡ ଏଚ୍‌ଏସ୍ ସ୍କୁଲର ସାଂସ୍କୃତିକ କାର୍ଯ୍ୟକ୍ରମ, ଗାନ୍ଧୀ ମଇଦାନ, ଅପରାହ୍ନ ୫ଟା ୩୦।

**ତିଗିରିଆ**

- ତିଗିରିଆ ପଞ୍ଚାୟତ ସମିତି ବୈଠକ, ସମିତି ସଭାଗୃହ, ପୂର୍ବାହ୍ନ ୧୧ଟା ୩୦।


ପବିତ୍ର ମହାଳୟା ଅବସରରେ ଶନିବାର ପୁରୁଣା ଭୁବନେଶ୍ୱରସ୍ଥିତ ବିନ୍ଦୁସାଗର କୂଳରେ ପିତୃପୁରୁଷଙ୍କ ଉଦ୍ଦେଶ୍ୟରେ ପିଣ୍ଡଦାନ କରାଯାଉଛି।

## ବାଲେଶ୍ୱରରୁ ଉଦ୍ଧାର କୁମ୍ଭୀର ନନ୍ଦନକାନନ ଆସିଲା

ବାରଙ୍ଗ,୧୪।୧୦(ଲିଙ୍ଗରାଜ ରାଉତ)

ବାଲେଶ୍ୱର ଜିଲା ଭୋଗରାଇ ବ୍ଲକ ତାଳସାରୀ ବେଳାଭୂମିରୁ ଉଦ୍ଧାର ହୋଇଥିବା ୧୩ ଫୁଟ ଲମ୍ବର ଏକ ଘଡ଼ିଆଳ କୁମ୍ଭୀରକୁ ଶନିବାର ନନ୍ଦନକାନନ ଅଣାଯାଇଛି। କୁମ୍ଭୀରଟି ପହଞ୍ଚିବା ପରେ ନନ୍ଦନକାନନ ଡାକ୍ତରଖାନାରେ ତା'ର ପ୍ରାଥମିକ ଚିକିତ୍ସା କରାଯାଇ ସ୍ୱାସ୍ଥ୍ୟାବସ୍ଥା ଅନୁଧ୍ୟାନ ପରେ କୁମ୍ଭୀର ଟାଙ୍କିରେ ଛଡ଼ାଯାଇଛି। ଉଦ୍ଧାର କୁମ୍ଭୀରଟି ମାଈ ହୋଇଥିବାବେଳେ ବୟସ ୧୩ ବର୍ଷ, ଓଜନ ୧୧୮ କେ.ଜି. ଓ ୩.୭୫ ମିଟର ଲମ୍ବ ବୋଲି ଜଣାପଡ଼ିଛି। ତା' ଶରୀରର ୨/୩ଟି ସ୍ଥାନରେ ସାମାନ୍ୟ ଆଘାତ ଲାଗିଛି।



ତାଳସାରୀ ଅଞ୍ଚଳର କେତେଜଣ ମତ୍ସ୍ୟଜୀବୀ ସମୁଦ୍ରରୁ ମାଛଧରି ଗୁରୁବାର ଫେରି ବାଲିଚଢ଼ାରେ ବିଶ୍ରାମ ନେବାକୁ ଯାଇଥିଲେ। ସେଠାରେ ଏକ କାଠଗଣ୍ଡି ପଡ଼ିଥିବା ଭାବି ତା' ଉପରେ ବସିବାକୁ ଯାଉଥିବାବେଳେ ହଠାତ୍ ସେମାନଙ୍କୁ କୁମ୍ଭୀରଟି ଆକ୍ରମଣ କରିଥିଲା। ପରେ ସେମାନେ ବନ ବିଭାଗକୁ ଖବର ଦେବା ସହ କୌଶଳ କରି କୁମ୍ଭୀରକୁ କାବୁ କରିଥିଲେ। ବନ ବିଭାଗ କର୍ମଚାରୀ ଡଙ୍ଗାରେ କୁମ୍ଭୀରକୁ ସ୍ଥଳଭାଗକୁ ଆଣିବା ପରେ ଦେଖଣାହାରିଙ୍କର ଭିଡ଼ ଲାଗିଥିଲା। ପରେ ଏକ ପିକ୍‌ଅପ୍ ଭ୍ୟାନ୍‌ରେ କୁମ୍ଭୀରକୁ ଜଳେଶ୍ୱର ବନ୍ୟପ୍ରାଣୀ ବନାଞ୍ଚଳ ରେଞ୍ଜ୍ କାର୍ଯ୍ୟାଳୟକୁ ନିଆଯାଇଥିଲା। ସେଠାରେ କୁମ୍ଭୀରର ପ୍ରାଥମିକ ଚିକିତ୍ସା ପରେ ନନ୍ଦନକାନନକୁ ଖବର ଦିଆଯାଇଥିଲା। ନନ୍ଦନକାନନରୁ ୩ ଜଣିଆ ଦଳ ସେଠାରେ ପହଞ୍ଚି ଉଦ୍ଧାର କୁମ୍ଭୀରକୁ ନନ୍ଦନକାନନ ଆଣିଛନ୍ତି।

## ନୂଆ ଅତିଥି ଅପେକ୍ଷାରେ ନନ୍ଦନକାନନ

ବାରଙ୍ଗ,୧୪।୧୦(ଲିଙ୍ଗରାଜ ରାଉତ)

ନନ୍ଦନକାନନରେ ଆରମ୍ଭ ହୋଇଯାଇଛି ମିଳନ ଋତୁ। ଏହା ଭିତରେ ବାଘ, ସିଂହ, ହରିଣ, ସମ୍ବର, ଗୁରାଣ୍ଡି, ଚଢ଼େଇ ସମେତ ସରୀସୃପ ଜାତୀୟ ଜନ୍ତୁଙ୍କ ମିଳନ ଆରମ୍ଭ ହୋଇଛି। ଏମାନଙ୍କ ମଧ୍ୟରୁ କେତେକାଂଶରେ ମିଳନ ସଫଳ ହୋଇଥିବା ଜଣାପଡ଼ିଛି। ତେବେ ନୂଆବର୍ଷରେ ନୂଆ ଅତିଥିଙ୍କ ଆଗମନକୁ ନନ୍ଦନକାନନ ଅପେକ୍ଷା କରିଥିବା ଜଣାପଡ଼ିଛି। ଧଳାବାଘ ଓ ସାଧାରଣ ବାଘ ସମେତ ସିଂହ ଓ ସିମ୍ପାଞ୍ଜିଙ୍କ ବଂଶ ବୃଦ୍ଧି ନିମନ୍ତେ କର୍ତ୍ତୃପକ୍ଷ ଉଦ୍ୟମ ଆରମ୍ଭ କରିଛି। ଏହି ମିଳନ ଯୋଗୁ ବାଘୁଣୀ ରୁପା ମା' ହେବାକୁ ଯାଉଛି। କେବଳ ବାଘୁଣୀ ରୁପା ନୁହେଁ, ସିଂହୀ କଳ୍ପନା ଓ ସିମ୍ପାଞ୍ଜି ଦୁର୍ଗା ମଧ ମା' ହେବାକୁ ଯାଉଥିବା ଜଣାପଡ଼ିଛି। ଧଳାବାଘୁଣୀ ରୁପା ସହିତ ସାଧାରଣ ବାଘ ସାହିଲର ମିଳନ ହୋଇଛି। ସେହିପରି ସିମ୍ପାଜୀ ଜୁଲୁ ସହିତ ଦୁର୍ଗା ଓ ସିଂହ ଜୟ ସହ କଳ୍ପନାର ମିଳନ ସରିଛି। ଏନେଇ କର୍ତ୍ତୃପକ୍ଷ ସଜାଗ ରହିଥିବା ଜଣାପଡ଼ିଛି।

## ଚାନ୍ଦା ଆଦାୟ, ୨ ଗିରଫ

ଖୁଣ୍ଟୁଣୀ, ୧୪।୧୦( ସଚ୍ଚିଦାନନ୍ଦ ପଣ୍ଡା )

ଖୁଣ୍ଟୁଣୀ ଥାନା ଅନ୍ତର୍ଗତ ୫୫ ନମ୍ବର ଜାତୀୟ ରାଜପଥରେ ଯାତାୟାତ କରୁଥିବା ଟ୍ରକ୍‌କୁ ଅଟକାଇ ଚାନ୍ଦା ଆଦାୟ କରାଯାଉଛି। ଶନିବାର ଅପରାହ୍ନ ପ୍ରାୟ ୫ଟାରେ ଖୁଣ୍ଟୁଣୀ ପୋଲିସ ଚଢ଼ାଉ କରି ସମ୍ପୃକ୍ତ ୨ଜଣ ଯୁବକଙ୍କୁ ଗିରଫ କରିଛି। ସେମାନେ ହେଲେ ପୁରୁଷୋତ୍ତମପୁର ଗ୍ରାମର ସୋମନାଥ ମହାରଣା ଓ ଜୀବନ ନାଏକ। ସେମାନଙ୍କଠାରୁ ୩୫୦ ଟଙ୍କା ଜବତକରାଯାଇଛି। ଏନେଇଥାନାରେଏକ ମାମଲା(ନଂ.୨୦୧/୨୩) ରୁଜୁ ହୋଇଛି।

## ସେଲ୍‌ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com


@ ନିରଞ୍ଜନ


@ ମାନସ


@ ବିଶ୍ୱଜିତ୍


@ ତ୍ରିନାଥ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟ ବିବେଚିତ ଫଟୋ ପ୍ରକାଶ ପାଇବ।

## ଡକାୟତି ଯୋଜନାବେଳେ ୫ ଗିରଫ

ଭୁବନେଶ୍ୱର,୧୪।୧୦ (ସୂର୍ଯ୍ୟକାନ୍ତ ବେହେରା)

### ଖଣ୍ଡା, ଠେଙ୍ଗା, ବିୟର ବୋତଲ, ଲଙ୍କାଗୁଣ୍ଡ ଜବତ

ଲିଙ୍ଗରାଜ ଥାନା ଅନ୍ତର୍ଗତ ସାମନ୍ତରାପୁର ବଡୁସାହି ମଶାଣି ପଡିଆରେ ଡକାୟତି ଯୋଜନା ଚାଲିଥିବା ବେଳେ ସ୍ଥାନୀୟ ପୋଲିସ ଚଢାଉ କରି ଏକ ଗ୍ୟାଙ୍ଗର ୫ଜଣ ସଦସ୍ୟଙ୍କୁ ଗିରଫ କରିଛି। ଫଳରେ ବଡଧରଣ ଡକାୟତି ଯୋଜନା ଫେଲ ହୋଇଛି। ଅଭିଯୁକ୍ତମାନେ ହେଲେ ପୁରୁଣା ଭୁବନେଶ୍ୱର ଅଞ୍ଚଳର ବାପି ନାୟକ ଓ ଅଜୟ କୁମାର ଭୋଇ, କ୍ୟାପିଟାଲ ଥାନା ଅଞ୍ଚଳର ପ୍ରକାଶ ନାୟକ, ଚନ୍ଦକା ଅଞ୍ଚଳର ମିଥୁନ ଭୋଇ ଓ ପୁରୀ ଜିଲା ଡେଲାଙ୍ଗର ପ୍ରକାଶ ଚନ୍ଦ୍ର ମାଝି । ସେମାନଙ୍କଠାରୁ ଗୋଟିଏ ଖଣ୍ଡା, ଗୋଟିଏ ଠେଙ୍ଗା, ୪ଟି ବିୟର ବୋତଲ, ୨ଟି ଲଙ୍କାଗୁଣ୍ଡ ପ୍ୟାକେଟ ଓ ୫ଟି ପାଉଚ ଗ୍ଲାସ ଜବତ ହୋଇଛି।


ଗିରଫ ୫ ଅଭିଯୁକ୍ତ ଓ ଜବତ ସାମଗ୍ରୀ।

## 'ଧଳାବାଡ଼ି ହେଉଛି ହୃଦୟର ସ୍ପନ୍ଦନ'

ପୁରୁଣା ଭୁବନେଶ୍ୱର,୧୪।୧୦
(ସୁବାସ ଚନ୍ଦ୍ର ପ୍ରଧାନ)

ରବିବାର ବିଶ୍ୱ ଧଳାବାଡ଼ି ଦିବସ। ଏହି ଦିବସ ପାଳନ ପୂର୍ବରୁ ଅର୍ଥାତ୍ ଶନିବାର ରାଜାରାଣୀ ମନ୍ଦିର ପରିସରରେ ଫୁଲ, ଚନ୍ଦନ, ସିନ୍ଦୂର ଦେଇ ଧଳାବାଡ଼ିକୁ ସମ୍ମାନର ସହ ପୂଜା କରିଛନ୍ତି ରାଜ୍ୟର କେତେଜଣ ଦୃଷ୍ଟିବାଧିତ ଖେଳାଳି। ଧଳାବାଡ଼ି ହେଉଛି ହୃଦୟର ସ୍ପନ୍ଦନ, ଆମ ସ୍ୱାଭିମାନ ଓ ବନ୍ଧୁପରି। ସର୍ବଦା ଏହା ବିପଦଆପଦରେ ସାହା ହୋଇଥାଏ। ଏହି ବାଡ଼ି ଦ୍ୱାରା ବିଶ୍ୱକୁ ଜିଣିପାରିବା ବୋଲି ଯୋଗଦେଇଥିବା ଖେଳାଳିମାନେ ମତବ୍ୟକ୍ତ କରିଥିଲେ। ଦୃଷ୍ଟିବାଧିତଙ୍କ ବିକାଶ ଲାଗି କାର୍ଯ୍ୟ କରୁଥିବା ସାମାଜିକ ଅନୁଷ୍ଠାନ 'ବୁଲ୍‌ସଆଇ' ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଅନୁଷ୍ଠାନର ସମ୍ପାଦକ ତଥା ରାଜ୍ୟର ପ୍ରଥମ ଦୃଷ୍ଟିବାଧିତ ପାରାସେଲର ବାପିନା ନାୟକ ଯୋଗଦେଇ କହିଥିଲେ, ରାଜ୍ୟରେ ପାଖାପାଖି ୭୦ପ୍ରତିଶତ ଦୃଷ୍ଟିବାଧିତ ବ୍ୟକ୍ତି ଧଳାବାଡ଼ି ବ୍ୟବହାର କରନ୍ତି ନାହିଁ। ରାଜ୍ୟ ସରକାର ଦୃଷ୍ଟିବାଧିତଙ୍କୁ ମାଗଣାରେ ଧଳାବାଡ଼ି ଯୋଗାଇ ଦେଉଛନ୍ତି। କିନ୍ତୁ ଏହି ବାଡ଼ିକୁ ଧରି ଚାଲିବାର ଯେଉଁସବୁ ପ୍ରଶିକ୍ଷଣ କୌଶଳ ଆବଶ୍ୟକ ଥାଏ ତାହା ରାଜ୍ୟରେ ଉପଲବ୍ଧ ନାହିଁ। ଓରିଏଣ୍ଟେଶନ ମୋବିଲିଟି ଟ୍ରେନିଂ କିମ୍ବା ଦକ୍ଷ ପ୍ରଶିକ୍ଷକ ନାହାନ୍ତି। ତେବେ ପ୍ରତି ଜିଲାରେ ପ୍ରଶିକ୍ଷଣ କେନ୍ଦ୍ର ଖୋଲିବାକୁ ସାମାଜିକ କର୍ମୀ ସୁଶାନ୍ତ ସାହୁ ସରକାରଙ୍କ ନିକଟରେ ଦାବି କରିଛନ୍ତି। ଉକ୍ତ କାର୍ଯ୍ୟକ୍ରମରେ 'ବୁଲ୍‌ସଆଇ'ର ଅଧ୍ୟକ୍ଷ ତ୍ରିଲୋଚନ ବେଉରା, କୋଷାଧ୍ୟକ୍ଷ ପ୍ରିୟବ୍ରତ ପଣ୍ଡା, ବରିଷ୍ଠ ପରାମର୍ଶଦାତା ଚନ୍ଦ୍ରଶେଖର ପାଲ୍, ଅମରନାଥ ସିଂସାମନ୍ତ ଯୋଗଦେଇ ଧଳାବାଡ଼ିର ମହତ୍ୱ ଉପରେ ଆଲୋକପାତ କରିଥିଲେ। ସାମାଜିକ କର୍ମୀ ସନ୍ତୋଷ କୁମାର ଜେନା, ଚନ୍ଦନ କୁମାର ପାହାଡ଼ସିଂ, ରଞ୍ଜନ ଦଳେଇ ପ୍ରମୁଖ ସହଯୋଗ କରିଥିଲେ।


ରାଜାରାଣୀ ମନ୍ଦିର ପରିସରରେ ଧଳାବାଡ଼ି ସହ ଦୃଷ୍ଟିବାଧିତ ଖେଳାଳିମାନେ।

### ଆଜି ବିଶ୍ୱ ଧଳାବାଡ଼ି ଦିବସ


ଦୃଷ୍ଟିବାଧିତ ଖେଳାଳିମାନେ ସେମାନଙ୍କ ଧଳାବାଡ଼ିକୁ ଫୁଲରେ ସଜାଇ ପୂଜା କରୁଛନ୍ତି।

## ସଂକ୍ଷେପରେ

### ଭାରସାମ୍ୟ ହରାଇ ବନ୍ଧ ତଳକୁ ଖସିଲା ପିକ୍‌ଅପ ଭ୍ୟାନ୍



ବାରଙ୍ଗ,୧୪।୧୦(ଲିଙ୍ଗରାଜ ରାଉତ)- ନନ୍ଦନକାନନ ଥାନା ଅଧୀନ ଗଣ୍ଡରପୁର ଯାତ୍ରା ପଡ଼ିଆ ନିକଟ ମଞ୍ଚେଶ୍ୱର ସାଇଫନ ମୁଖ୍ୟ ରାସ୍ତାରେ ଏକ ପିକ୍‌ଅପ ଭ୍ୟାନ୍ ଶନିବାର ନଦୀବନ୍ଧ ରାସ୍ତାରୁ ତଳକୁ ଖସିପଡ଼ିଛି। ସୌଭାଗ୍ୟବଶତଃ ଭ୍ୟାନ୍ ଚାଳକ ବର୍ତ୍ତି ଯାଇଛନ୍ତି। ପ୍ରକାଶ ଯେ, ମଞ୍ଚେଶ୍ୱର ପଟୁ ଏକ କୁକୁଡ଼ା ଦାନା ବୋଝେଇ ପିକ୍‌ଅପ୍‌ଟି ଗଣ୍ଡରପୁରକୁ ଆସୁଥିଲା। ଗଣ୍ଡରପୁର ଗାଁ ମୁଣ୍ଡ ଯାତ୍ରା ପଡ଼ିଆ ନିକଟରେ ଭ୍ୟାନ୍ ଆଗପଛ କଲାବେଳେ ଭାରସାମ୍ୟ ହରାଇ ବନ୍ଧତଳକୁ ତିନି ପଲଟା ମାରି ଖସିପଡ଼ିଥିଲା। ଖବରପାଇ ନନ୍ଦନକାନନ ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ଭ୍ୟାନ୍‌କୁ ଜବତ କରିବା ସହ କାଗଜପତ୍ର ଯାଞ୍ଚ କରୁଥିବା ଜଣାପଡ଼ିଛି।

### ମଦ ବୋତଲରେ ଆକ୍ରମଣ: ଜଣେ ଗିରଫ

ବାରଙ୍ଗ,୧୪।୧୦(ଲିଙ୍ଗରାଜ ରାଉତ)- ଗାଡ଼ିକିଣାକୁ ନେଇ ୨ ଜଣଙ୍କ ମଧ୍ୟରେ କଥା କଟାକଟି ହୋଇ ମଦ ବୋତଲରେ ଆକ୍ରମଣ ଘଟଣାରେ ପୋଲିସ ଜଣଙ୍କୁ ଗିରଫ କରି ଶନିବାର କୋର୍ଟଚାଲାଣ କରିଛି। ସେ ହେଲେ ଆଇଆର୍‌ସି ଭିଲେଜ ହାତିଆଗୁଣୀ ବସ୍ତିର ଶୁକୁଟା ଗୁରୁ। ଏନେଇ ବାରଙ୍ଗ ଥାନା ପୋଲିସ ନଂ. ୩୮୨/୨୩ରେ ଏକ ମାମଲା ରୁଜୁକରି ଘଟଣାର ତଦନ୍ତ ଚଳାଇଛି। ଦାଢ଼ାପାଟଣା ଗ୍ରାମର ବିଭୂତି ଭୂଷଣ ଓଝା ଗତ ୧୨ ତାରିଖ ରାତିରେ ଦାଢ଼ାପାଟଣା ଲେଭଲକ୍ରସିଂ ପାଖରେ ଛିଡ଼ା ହୋଇଥିବାବେଳେ ସେଠାରେ ଶୁକୁଟା ପହଞ୍ଚି ଏକ ପୁରୁଣା ବାଇକ୍ କିଣିବାକୁ ଚାହୁଁଥିବା କହିଥିଲେ। ସେଥିପାଇଁ ତାଙ୍କ ପାଖରେ ୨୦ ହଜାର ଟଙ୍କା ଛି। ଆଉ ୫ ହଜାର ଟଙ୍କା ହେଲେ ସେ ବାଇକ୍ କିଣିବେ ବୋଲି ବିଭୂତିଙ୍କୁ ଜଣାଇଥିଲେ। ବିଭୂତି ଶୁକୁଟାଙ୍କୁ ଚୋର ଦର୍ଶାଇ ତାଙ୍କ ଟଙ୍କା ନେଇ ପଳେଇବେ ବୋଲି କହିବାରୁ ଏଥିରେ ଶୁକୁଟା ରାଗିଯାଇ ଗାଳି କରିଥିଲେ। ଏହି ସମୟରେ ଶୁକୁଟା ପାଖରେ ପଡ଼ିଥିବା ଏକ ମଦ ବୋତଲକୁ ଭାଙ୍ଗି ବିଭୂତିଙ୍କ ମୁଣ୍ଡ ଓ ବେକକୁ ଆକ୍ରମଣ କରିଥିଲେ। ବିଭୂତିଙ୍କୁ ପାଟି ଶୁଣି ସ୍ଥାନୀୟ ଲୋକେ ସେଠାକୁ ଆସି ଶୁକୁଟାଙ୍କ କବଳରୁ ତାଙ୍କୁ ଉଦ୍ଧାର କରି ଚିକିତ୍ସା ପାଇଁ ଡାକ୍ତରଖାନା ନେଇଥିବା ବିଭୂତି ଅଭିଯୋଗରେ ଦର୍ଶାଇଛନ୍ତି।

# ବିକ୍ରି ହେବନି ଆମିଷ, ବାଜିବନି ଡିଜେ

ଭୁବନେଶ୍ୱର,୧୪।୧୦ (ଶର୍ମିଷ୍ଠା ପାଣିଗ୍ରାହୀ)

## ଭୁବନେଶ୍ୱର ଶାନ୍ତି କମିଟି ବୈଠକ
## ପ୍ରଦୂଷଣମୁକ୍ତ ଦୁର୍ଗାପୂଜାକୁ ଗୁରୁତ୍ୱ

ଭୁବନେଶ୍ୱର ଶାନ୍ତି କମିଟି ପକ୍ଷରୁ ନୀଳାଦ୍ରିବିହାରସ୍ଥିତ ଗ୍ରାଣ୍ଡ୍ ଲୁମ୍ବିନୀ କନ୍‌ଭେନଶନ୍‌ଠାରେ ଶନିବାର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଭୁବନେଶ୍ୱରର ସମସ୍ତ ପୂଜା କମିଟିକୁ ଶାନ୍ତିଶୃଙ୍ଖଳାର ସହ ପ୍ରଦୂଷଣ ମୁକ୍ତ ପୂଜା କରିବା ପାଇଁ ଶାନ୍ତି କମିଟି ପକ୍ଷରୁ ନିବେଦନ କରାଯାଇଛି। କମିଟି ସଭାପତି ଡ. ମଧୁମାଧବ ଜେନାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ବୈଠକରେ ଭୁବନେଶ୍ୱର ସମସ୍ତ ଦୁର୍ଗାପୂଜା କମିଟିର କର୍ମକର୍ତ୍ତାଙ୍କ ସମେତ ବିଭିନ୍ନ ଅଞ୍ଚଳର ମୁରବି ଓ ବହୁ ବରିଷ୍ଠ ନାଗରିକ ଯୋଗଦେଇଥିଲେ। ଆଗାମୀ ଦୁର୍ଗାପୂଜାରେ ରାଜ୍ୟ ସରକାରଙ୍କ ସମସ୍ତ ନୀତି ନିୟମ ମାନିବା ସହିତ ଶାନ୍ତି ଶୃଙ୍ଖଳା ରକ୍ଷା କରି ପୂଜା ପାଳନ କରିବା। ପଲିଥିନ କିମ୍ବା ପ୍ଲାଷ୍ଟିକ ବ୍ୟବହାର ବନ୍ଦ କରିବା, ଶବ୍ଦ ପ୍ରଦୂଷଣ ନ କରି ନିୟମ ଅନୁଯାୟୀ ବ୍ୟବହାର କରିବା, ମା'ଙ୍କ ମୃଣ୍ମୟ ମୂର୍ତ୍ତି ତିଆରିରେ କେମିକାଲ ରଙ୍ଗ ବା ପ୍ଲାଷ୍ଟର ଅଫ୍ ପ୍ୟାରିସ ବ୍ୟବହାର ନ କରିବା, ପ୍ରତ୍ୟେକ ମଣ୍ଡପରେ ଅଗ୍ନି ନିର୍ବାପକ ସାମଗ୍ରୀ ଓ ପାନୀୟଜଳ ବ୍ୟବସ୍ଥା କରିବା, ମେଲୋଡିରେ ମଦ ପିଇ ନ ନାଚିବା, ଭସାଣିରେ ଡିଜେ ବ୍ୟବହାର ନ କରି ପାରମ୍ପରିକ ବାଦ୍ୟ ବ୍ୟବହାର କରିବାକୁ ନିବେଦନ କରାଯାଇଥିଲା। ସେହିପରି ପୂଜା ସମୟରେ ବରିଷ୍ଠ ନାଗରିକ, ମହିଳା ଓ ଶାରୀରିକ ବିକଳାଙ୍ଗମାନଙ୍କୁ ସମ୍ମାନର ସହ ମଣ୍ଡପମାନଙ୍କରେ ପ୍ରବେଶ ଓ ଦର୍ଶନ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରିବାକୁ ସମସ୍ତ ପୂଜା କମିଟିକୁ ପରାମର୍ଶ ଦିଆଯାଇଥିଲା। ପୂଜା ମଣ୍ଡପ ନିକଟରେ ବିକ୍ରି ହେବନି ଆମିଷ। ଆଖପାଖ ଫାଷ୍ଟଫୁଡ୍ ଦୋକାନ ଉପରେ କଟକଣା ଲାଗିବ। ଭସାଣି ସମୟରେ ନଦୀରେ ନ ବୁଡ଼ି ଅସ୍ଥାୟୀ ପୋଖରୀ ବ୍ୟବହାର କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଏଥିସହିତ ରାସ୍ତା ମରାମତି ବା ପୁନଃନିର୍ମାଣ, ଷ୍ଟ୍ରିଟ୍ ଲାଇଟ ସମସ୍ୟା ଓ ଶାନ୍ତିଶୃଙ୍ଖଳା ରକ୍ଷା କରିବା ପାଇଁ ପ୍ରଶାସନକୁ ଅନୁରୋଧ କରାଯାଇଥିଲା। ବୈଠକରେ ବିଶିଷ୍ଟ ଅତିଥିଙ୍କ ମଧ୍ୟରେ ଭୁବନେଶ୍ୱର ଉତ୍ତର ବିଧାୟକ ସୁଶାନ୍ତ କୁମାର ରାଉତ, ମେୟର ସୁଲୋଚନା ଦାସ, କର୍ପୋରେଟର ମୋନାଲିସା ସାହୁ, ଜୟନ୍ତ ଜେନା, ଡ଼ ହାସନ ଖାଁ, ଯୁଗଳ କିଶୋର ସାହୁ, ବିଶ୍ୱନାଥ ମହାନ୍ତି ପ୍ରମୁଖ ଯୋଗଦେଇଥିଲେ। କମିଟିର ସମ୍ପାଦକ ନବ କିଶୋର ବେହେରା ବାର୍ଷିକ ବିବରଣୀ ପାଠ କରିଥିବାବେଳେ ଆଶାଲତା ରାଉତରାୟ ଚଣ୍ଡୀପାଠ କରିଥିଲେ। ବରିଷ୍ଠ ଆଇନଜୀବୀ ବିଜୟ ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

## ଖାଦ୍ୟ ରୁଚି

# 'ସବ୍‌ଜୀ ମାଲାବାର କରି'

ଭୁବନେଶ୍ୱର, ୧୪।୧୦ (ବନ୍ଦନା ସେଠୀ) - ଚଳିତ ସପ୍ତାହର 'ଖାଦ୍ୟରୁଚି'ରେ ନିରାମିଷପ୍ରିୟ ଲୋକଙ୍କ ପାଇଁ ରହିଛି ଏକ ନୂତନ ଡିସ୍। ସବୁଜ ପନିପରିବାରେ ବିଭିନ୍ନ ଭିଟାମିନ୍ ରହୁଥିବାରୁ ଏହାକୁ ଖାଇବାକୁ ସ୍ୱାସ୍ଥ୍ୟ ବିଶେଷଜ୍ଞମାନେ ପରାମର୍ଶ ଦେଇଥାନ୍ତି। ତେବେ ପନିପରିବାକୁ ନେଇ ଚିରାଚରିତ ଭାବେ ଡାଲମା, ସନ୍ତୁଳା ନ କରି ବିଭିନ୍ନ ସ୍ୱାଦିଷ୍ଟ ଡିସ୍ ପ୍ରସ୍ତୁତ କରିହେବ, ଯାହା ପାଟିକୁ ସୁଆଦିଆ ଲାଗିବା ସହ ଦେହପାଇଁ ମଧ୍ୟ ପୁଷ୍ଟିକର ହୋଇପାରିବ। ଏଭଳି ଏକ ନୂତନ ଡିସ୍ 'ସବ୍‌ଜୀ ମାଲାବାର କରି'ର ପ୍ରସ୍ତୁତ ପ୍ରଣାଳୀ ସମ୍ପର୍କରେ ଆସନ୍ତୁ ହୋଟେଲ ମିଡଲ୍ ଟନ୍‌ର ଏକ୍‌ଜିକ୍ୟୁଟିଭ୍ ସେଫ୍ ହିମାଂଶୁ ସାହୁଙ୍କଠାରୁ ଜାଣିବା।







### ଆବଶ୍ୟକ ସାମଗ୍ରୀ

ଗାଜର- ୧ଟି (ପତଳା ଭାବେ କଟାହୋଇଥିବା)
ଫୁଲକୋବି- ଫାଳେ/ଚଉଠେ
ଛେନା- ଅଧାକପ୍
ଆଳୁ-୨ଟି
ପାଳଙ୍ଗ ଶାଗ-୨ କପ୍
ନଡ଼ିଆ ରସ-୪୦୦ଗ୍ରାମ୍
ରିଫାଇନ୍ ତେଲ- ୨ଚାମଚ
ଲବଙ୍ଗ- ୫ଟି
ଡାଲଚିନି-୧ଖଣ୍ଡ
ସୋରିଷ- ୧ଚାମଚ
ମେଥି-୧ଚାମଚ
ଭୃସୁଙ୍ଗ ପତ୍ର- ୧୦/୧୨ଟି
ଶୁଖିଲା ଲଙ୍କା-୨ଟି
କଟା ପିଆଜ-୧ଟି
ଛୋଟଛୋଟ କଟା ଅଦା- ୨ଇଞ୍ଚ
ହଳଦୀ- ଅଧାଚାମଚ
କଶ୍ମୀରୀ ଲଙ୍କାଗୁଣ୍ଡ-୧ ଚାମଚ
ଟମାଟୋ ପେଷ୍ଟ-୧ କପ୍/ ୨ଟି ଟମାଟୋ
ତେନ୍ତୁଳି ପେଷ୍ଟ-୧ ଚାମଚ
ଲୁଣ- ସ୍ୱାଦ ଅନୁଯାୟୀ

### ପ୍ରସ୍ତୁତି ପ୍ରଣାଳୀ

ପ୍ରଥମେ ସମସ୍ତ ପରିବାକୁ ଭଲଭାବେ ଧୋଇ କାଟି ରଖନ୍ତୁ। ଏବେ ଗ୍ୟାସ୍‌ରେ ପ୍ୟାନ୍ ରଖି ସେଥିରେ ତେଲ ପକାନ୍ତୁ। ତେଲରେ ସୋରିଷ ପକାଇବା ପରେ ଲବଙ୍ଗ, ଡାଲଚିନି, ମେଥି ପକାନ୍ତୁ। ତା'ପରେ ଭୃସୁଙ୍ଗ ପତ୍ର ଏବଂ ଶୁଖିଲା ଲଙ୍କା ପକାଇ ଟିକେ ଭାଜନ୍ତୁ। ଏହାପରେ କଟା ପିଆଜ, ଗ୍ରେଟେଡ୍ ଅଦା ପକାଇ ୨ମିନିଟ୍ ପର୍ଯ୍ୟନ୍ତ କଷିବା ପରେ ସେଥିରେ ହଳଦୀ, ଲଙ୍କାଗୁଣ୍ଡ ପକାଇ ଅଳ୍ପ ସମୟ ପର୍ଯ୍ୟନ୍ତ ଭାଜନ୍ତୁ। ମସଲା ଯେପରି ପ୍ୟାନ୍‌ରେ ଲାଗି ନ ଯାଏ ସେଥିପ୍ରତି ଧ୍ୟାନ ଦେବେ। ଏବେ ସେଥିରେ ଟମାଟୋ ପେଷ୍ଟ, ତେନ୍ତୁଳି ପେଷ୍ଟ ଏବଂ ସ୍ୱାଦ ଅନୁଯାୟୀ ଲୁଣ ପକାଇ ୫-୭ ମିନିଟ୍ ପର୍ଯ୍ୟନ୍ତ କଷନ୍ତୁ। ଏହାପରେ କଟା ଗାଜର ଓ ଫୁଲକୋବି ପକାଇ ୩-୪ମିନିଟ ପର୍ଯ୍ୟନ୍ତ କଷିବା ପରେ ଅଧାକପ୍ ପାଣି ଦେଇ ଢାଙ୍କୁଣି ଘୋଡାଇ ଦିଅନ୍ତୁ। ଗ୍ୟାସ୍‌କୁ ଲୋ ହିଟ୍ ରଖି ପ୍ରାୟ ୧୫ ମିନିଟ ପର୍ଯ୍ୟନ୍ତ ଛାଡି ଦିଅନ୍ତୁ। ପରିବା ସିଝିଯିବା ପରେ ସେଥିରେ ଛେନା ଏବଂ ନଡ଼ିଆ ରସକୁ ପକାଇ ୪-୫ମିନିଟ୍ ପର୍ଯ୍ୟନ୍ତ ଗୋଳାନ୍ତୁ। ଏବେ କଟାହୋଇ ରହିଥିବା ପାଳଙ୍ଗ ଶାଗକୁ ପକାଇ ପ୍ୟାନ୍‌କୁ ଗ୍ୟାସ୍‌ରୁ କାଢି ଦିଅନ୍ତୁ। ଆବଶ୍ୟକ ଥିଲେ ସେଥିରେ ଲେମ୍ବୁରସ ଏବଂ ଧନିଆ ପତ୍ର ପକାଇ ପାରିବେ। ଏବେ ଏକ ପାତ୍ରକୁ କାଢି ଭାତ ସହିତ 'ସବ୍‌ଜୀ ମାଲାବାର କରି'ର ମଜା ନିଅନ୍ତୁ।

# ଗୁରୁ ଦେବପ୍ରସାଦ ଦାସ ଓଡ଼ିଶୀ ନୃତ୍ୟ ପରିବାରର ରୌପ୍ୟ ଆସର

ଭୁବନେଶ୍ୱର,୧୪।୧୦(ଶର୍ମିଷ୍ଠା ପାଣିଗ୍ରାହୀ)



ଉତ୍ସବରେ ଜଣେ ଶିଳ୍ପୀ ଏକକ ଓଡ଼ିଶୀ ନୃତ୍ୟ ପରିବେଷଣ କରୁଛନ୍ତି।

ଗୁରୁ ଡ. ଦେବପ୍ରସାଦ ଦାସ ଓଡ଼ିଶୀ ନୃତ୍ୟ ପରିବାରର ୨୫ତମ ଆସର ପୂର୍ତ୍ତି ଉପଲକ୍ଷେ ରୌପ୍ୟ ମହାଆସର-୨୦୨୩ ଶନିବାର ଭଞ୍ଜକଳା ମଣ୍ଡପରେ ଆରମ୍ଭ ହୋଇଛି। ଦୁଇଦିନ ଧରି ହେବାକୁ ଥିବା ଏହି କାର୍ଯ୍ୟକ୍ରମର ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଓଡ଼ିଶା ସଙ୍ଗୀତ ନାଟକ ଏକାଡ଼େମୀ ସଚିବ ପ୍ରବୋଧ ରଥ, ସମ୍ମାନିତ ଅତିଥି ଭାବେ ଏକାଡ଼େମୀ ଉପସଭାପତି ମନ୍ମଥ ଶତପଥୀ, ଗୁରୁ ଦୁର୍ଗା ଚରଣ ରଣବୀର, ଗୁରୁ ନିରଞ୍ଜନ ରାଉତ, ଗୁରୁ କେ. ରାମାରାଓ ପାତ୍ର ଯୋଗଦେଇଥିଲେ। ଗୁରୁମା ଜିତାରାଣୀ ଦାସଙ୍କୁ ସ୍ୱତନ୍ତ୍ର ଭାବେ ସମ୍ମାନିତ କରାଯାଇଥିଲା। ପ୍ରାୟ ୨୫ଜଣ ଛାତ୍ରୀଛାତ୍ର ଓଡ଼ିଶୀରେ ଏକକ, ଦ୍ୱୈତ ଓ ଦଳଗତ ନୃତ୍ୟ ପରିବେଷଣ କରିଥିଲେ। ଅନୁଷ୍ଠାନର ମୁଖ୍ୟ ସଦସ୍ୟ ଭାବେ ଗୁରୁ ଗାୟତ୍ରୀ ଚାନ୍ଦ, ଗୁରୁ ଡ. ମନୋଜ କୁମାର ବେହେରା, ଗୁରୁ ଭରତ ଚରଣ ଗିରି, ଗୁରୁ ସନାତନ ନାୟକ, ଗୁରୁ ନମିତା ରାୟ, ଗୁରୁ ସୁଶ୍ରୀ ମହାନ୍ତି, ଗୁରୁ ସ୍ୱୟଂ ପ୍ରଜ୍ଞା ସାହୁ ଓ ଯଶସ୍ୱିନୀ ସ୍ୱାଇଁ ଉପସ୍ଥିତ ଥିଲେ। ଗୁରୁ ନମିତା ରାୟ ମଞ୍ଚ ପରିଚାଳନା କରିଥିଲେ। ଗୁରୁ ସୁଶ୍ରୀ ମହାନ୍ତି କାର୍ଯ୍ୟକ୍ରମକୁ ଉପସ୍ଥାପନା କରିଥିବାବେଳେ ଗୁରୁ ଭରତ ଚରଣ ଗିରି ଧନ୍ୟବାଦ ଅର୍ପଣ କରିଥିଲେ।

## ଭାଉଜଙ୍କୁ ଆକ୍ରମଣ କରି ଦିଅର ଗିରଫ

ବାରଙ୍ଗ,୧୪।୧୦ (ଲିଙ୍ଗରାଜ ରାଉତ)

ଜମି ବିବାଦକୁ କେନ୍ଦ୍ରକରି ଭାଉଜଙ୍କୁ ଆକ୍ରମଣ କରିବା ଅଭିଯୋଗରେ ଦିଅର ଗିରଫ ହୋଇ ଶନିବାର କୋର୍ଟଚାଲାଣ ହୋଇଛନ୍ତି। ସେ ହେଲେ ମଳିପଡ଼ାର ସରୋଜ ମହାକୁଡ଼(୩୪)। ପ୍ରକାଶ ଯେ, ସରୋଜଙ୍କ ଘର ପାଖରେ ତାଙ୍କ ଭାଉଜ ଲତା ମହାକୁଡ଼ ରୁହନ୍ତି। ଦିଅର ଭାଉଜଙ୍କ ମଧ୍ୟରେ ଜମିବାଡ଼ିକୁ ନେଇ ଗତ କିଛିଦିନ ହେବ ବିବାଦ ଲାଗି ରହିଥିଲା। ଏହାକୁ କେନ୍ଦ୍ରକରି ଉଭୟ ପରିବାର ମଧ୍ୟରେ ଝଗଡ଼ା ହେଉଥିଲା। ଗତ ଜୁନ୍ ୧୯ ତାରିଖ ସକାଳେ ସରୋଜ ହଠାତ୍ ରାଗିଯାଇ ଏକ ଲୁହାରଡ୍‌ରେ ଲତାଙ୍କୁ ଆକ୍ରମଣ କରିଥିଲେ। ଫଳରେ ଲତା ଗୁରୁତର ହେବା ସହ ତାଙ୍କର ଡାହାଣ ହାତ ଆଙ୍ଗୁଠି ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଥିବା ନେଇ ସେ ଚନ୍ଦକା ଥାନାରେ କରିଥିବା ଅଭିଯୋଗରେ ଦର୍ଶାଇଥିଲେ। ଏନେଇ ପୋଲିସ ୨୦୭/୨୩ରେ ଏକ ମାମଲା ରୁଜୁକରି ସରୋଜଙ୍କୁ କାବୁ କରିଥିଲା।

## ଦିଆସିଲି ବୋଝେଇ କଣ୍ଟେନରରେ ନିଆଁ



ଟାଙ୍ଗୀ/ଗମ୍ଭାରୀମୁଣ୍ଡା, ୧୪।୧୦ (ରଘୁନାଥ ସାହୁ/ ଦିଲୀପ ସ୍ୱାଇଁ)

ଏକ ଦିଆସିଲି ବୋଝେଇ କଣ୍ଟେନର (ଆର୍‌ଜେ ୧୪ ଜିଆଇ ୮୧୦୩) ତାମିଲନାଡୁ ଶିବକାଶୀରୁ ଝାଡ଼ଖଣ୍ଡ ଅଭିମୁଖେ ଯାଉଥିଲା। ଶନିବାର ଭୋର୍ ସମୟରେ ୧୬ ନମ୍ବର ଜାତୀୟ ରାଜପଥର ଖୋର୍ଦ୍ଧା ଜିଲା ନାଚୁଣୀ ଥାନା ଅଧୀନ କଉଡ଼ିଖଣି ଛକ ନିକଟ ଓଭରବ୍ରିଜ୍‌ରେ ଯାଉଥିବାବେଳେ ଗାଡ଼ିରୁ ହଠାତ୍ ଧୂଆଁ ବାହାରିବା ଦେଖି ଡ୍ରାଇଭର ଗାଡ଼ି ଅଟକାଇଥିଲେ। ପରେ ଡ୍ରାଇଭର ଓ ହେଲ୍‌ପର ଗାଡିରୁ ବାହାରି ଆସିଥିଲେ। ଖବରପାଇ ନାଚୁଣୀ ଥାନା ପୋଲିସ ଓ ଗଙ୍ଗାଧରପୁର ଅଗ୍ନିଶମ କର୍ମଚାରୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ତେବେ ଗାଡ଼ିର ସମ୍ମୁଖ ଭାଗ ଜଳିଯାଇଥିବାବେଳେ ଦିଆସିଲି ପ୍ୟାକେଟ ସୁରକ୍ଷିତ ଥିବା ଜଣାପଡ଼ିଛି। କଣ୍ଟେନରରେ ନିଆଁ ଲାଗିବାର କାରଣ ଅସ୍ପଷ୍ଟ ରହିଥିବା ବେଳେ ୱାରିଙ୍ଗ୍‌ରେ ଶର୍ଟ୍‌ସର୍କିଟ ହୋଇ ଅଗ୍ନିକାଣ୍ଡ ଘଟିଥିବା ଅନୁମାନ କରାଯାଉଛି।

# ପୂର୍ବାଞ୍ଚଳ ଭବିଷ୍ୟନିଧି ଭଲିବଲ୍, ବାସ୍କେଟବଲ୍ ଟୁର୍ନାମେଣ୍ଟ ଉଦ୍‌ଘାଟିତ

ଭୁବନେଶ୍ୱର, ୧୪।୧୦ (ବନ୍ଦନା ସେଠୀ)

କିଟ୍ ବିଶ୍ୱବିଦ୍ୟାଳୟସ୍ଥିତ ବିଜୁ ପଟ୍ଟନାୟକ ଇନ୍‌ଡୋର ଷ୍ଟାଡିୟମ୍‌ରେ ଶନିବାର ପୂର୍ବାଞ୍ଚଳ ଭବିଷ୍ୟନିଧି ଭଲିବଲ୍ ଓ ବାସ୍କେଟବଲ୍ ଟୁର୍ନାମେଣ୍ଟ ଉଦ୍‌ଘାଟିତ ହୋଇଯାଇଛି। ପ୍ରତିଯୋଗିତାରେ ପୂର୍ବାଞ୍ଚଳରୁ ଓଡ଼ିଶା, ପଶ୍ଚିମବଙ୍ଗ, ଝାରଖଣ୍ଡ ଓ ଉତ୍ତର-ପୂର୍ବାଞ୍ଚଳରୁ ପ୍ରାୟ ୮୦ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରିଛନ୍ତି। ଓଡ଼ିଶା ପ୍ରଭାରୀ ତଥା ଅତିରିକ୍ତ କେନ୍ଦ୍ରୀୟ କମିଶନର ଉମା ମଣ୍ଡଳ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିଲେ। ଆଞ୍ଚଳିକ କମିଶନର-୧ ପି.ବି. ବର୍ମା ସମ୍ମାନିତ ଅତିଥି ଭାବେ ଯୋଗଦେଇ ବ୍ୟକ୍ତିଗତ ତଥା ବୃତ୍ତିଗତ ଜୀବନରେ ଖେଳର ଉପାଦେୟତା ସମ୍ପର୍କରେ ଆଲୋକପାତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଆଞ୍ଚଳିକ କମିଶନର-୨ ଗୌରବ ମହାନ୍ତି ଓ ସହାୟକ କମିଶନର ମୌସୁମୀଲତା ପାଢୀ ଯୋଗଦେଇଥିଲେ। ୨ଦିନ ଧରି ଚାଲିବାକୁ ଥିବା ପ୍ରତିଯୋଗୀତାର ପ୍ରଥମ ଦିନରେ ଓଡ଼ିଶା ଭଲିବଲରେ ପଶ୍ଚିମବଙ୍ଗକୁ ୨-୦ରେ ହରାଇ ଥିବାବେଳେ ବାସ୍କେଟବଲ୍‌ରେ ଝାଡ଼ଖଣ୍ଡକୁ ୩୩-୪ରେ ହରାଇ ଦୁଇ ବିଭାଗରେ ଫାଇନାଲ୍‌ରେ ପ୍ରବେଶ କରିଛି। ରବିବାର ଓଡ଼ିଶା ଭଲିବଲ ଫାଇନାଲରେ ଝାଡ଼ଖଣ୍ଡକୁ ଏବଂ ବାସ୍କେଟବଲ୍ ଫାଇନାଲରେ ଉତ୍ତରପୂର୍ବାଞ୍ଚଳକୁ ଭେଟିବ। ଆଞ୍ଚଳିକ କ୍ରୀଡା ପ୍ରୋତ୍ସାହକ ପରିଷଦ ପକ୍ଷରୁ ଆୟୋଜିତ ଏହି ପ୍ରତିଯୋଗିତାକୁ କେ.କେ. ମହାନ୍ତି, କେ.ସି. ସାହୁ, ସୁବାସ ଚନ୍ଦ୍ର ଭଟ, ସିଆର ସ୍ୱାଇଁ ପ୍ରମୁଖ ବରିଷ୍ଠ ପ୍ରବର୍ତ୍ତନ ଅଧିକାରୀ ପରିଚାଳନା କରିଥିଲେ। ଉଦ୍‌ଘାଟନୀ ଉତ୍ସବକୁ ଲେଖା ଅଧିକାରୀ ଅଲେଖ ଚନ୍ଦ୍ର ସାହୁ ସଂଯୋଜନା କରିଥିବାବେଳେ କ୍ଲବର ସମ୍ପାଦକ ନିରଞ୍ଜନ ପତି ସହାୟତା କରିଥିଲେ।




କିଟ୍ ଇନ୍‌ଡୋର ଷ୍ଟାଡିୟମ୍‌ରେ ଶନିବାର ପୂର୍ବାଞ୍ଚଳ ଭବିଷ୍ୟନିଧି ଭଲିବଲ୍ ଓ ବାସ୍କେଟବଲ୍ ଟୁର୍ନାମେଣ୍ଟ ଉଦ୍‌ଘାଟନ ଅବସରରେ ଅତିରିକ୍ତ କେନ୍ଦ୍ରୀୟ କମିଶନର ଉମା ମଣ୍ଡଳ ଓ ଅନ୍ୟ ଅତିଥି।

# ଅମ୍ବର ପ୍ୟାଲେସରେ ପୂଜା ପାଇବେ ହରପାର୍ବତୀ

ଭୁବନେଶ୍ୱର, ୧୪।୧୦ (ବନ୍ଦନା ସେଠୀ)

## ନେତାଜୀ ଯୁବକ ସଂଘ



ଦେବୀ ଦୁର୍ଗାଙ୍କ ଧରାବତରଣକୁ ଚାହିଁ ରହିଛନ୍ତି ଶ୍ରଦ୍ଧାଳୁ। ମା'ଙ୍କୁ ଆବାହନ କରିବା ପାଇଁ ଚଳଚଞ୍ଚଳ ହୋଇ ଉଠିଛି ରାଜଧାନୀ ଭୁବନେଶ୍ୱରରୁ ପୁରପଲ୍ଲୀ। ଏଥିପାଇଁ ବଡ଼ଗଡ଼ର ନେତାଜୀ ଯୁବକ ସଂଘ ପକ୍ଷରୁ ମଧ୍ୟ ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ତେବେ ଦଶହରାରେ ସମସ୍ତ ପୂଜା ମଣ୍ଡପରେ ଜଗଜ୍ଜନନୀ ମା' ଦଶଭୁଜାଙ୍କୁ ଆବାହନ କରାଯାଉଥିବାବେଳେ ଏଠାରେ କିନ୍ତୁ ହରପାର୍ବତୀଙ୍କୁ ପୂଜା କରାଯାଏ। ମା'




ଦୁର୍ଗାଙ୍କ ପୂଜା ବିଧି ଅନୁଯାୟୀ ହରପାର୍ବତୀଙ୍କର ସମସ୍ତ ପୂଜା ଆରାଧନା କରାଯାଇଥାଏ। ଗତ ୪୬ ବର୍ଷ ଧରି ଏହି ଧାରା ବଜାୟ ରହି ଆସିଥିବାବେଳେ ଚଳିତ ବର୍ଷ ସଂଘ ପକ୍ଷରୁ ୪୭ତମ ପୂଜା ପାଳନ କରାଯାଉଛି। ୧୬ ଲକ୍ଷ ଟଙ୍କାର ବଜେଟ୍ ରହିଥିବାବେଳେ ରାଜସ୍ଥାନର ଅମ୍ବର ପ୍ୟାଲେସ ଆକୃତିର ତୋରଣରେ ଶୋଭା ପାଇବେ ହରପାର୍ବତୀ। ତୋରଣର ଚଉଡା ୬୦ଫୁଟ ଓ ଉଚ୍ଚତା ୬୫ଫୁଟ ରହିଛି। ସେହିପରି ହରପାର୍ବତୀଙ୍କ ମୂର୍ତ୍ତିର ଉଚ୍ଚତା ୧୨ଫୁଟ ରହିଥିବାବେଳେ ମେଢର ଉଚ୍ଚତା ୧୬ଫୁଟ ରହିଛି। ଏଥିସହ କାର୍ତ୍ତିକ ଓ ଗଣେଶ ମଧ୍ୟ ପୂଜା ପାଇବେ। ଉଭୟ ତୋରଣ ଓ ମୂର୍ତ୍ତି ନିର୍ମାଣ ଦାୟିତ୍ୱ କୋଲକାତା ମେଦିନୀପୁରର କାରିଗରଙ୍କ ଉପରେ ନ୍ୟସ୍ତ ରହିଛି। ମା' ପାର୍ବତୀ ସୁନା ଓ ରୁପା ଅଳଙ୍କାରରେ ସଜେଇ ହେବେ ଏବଂ ମହାଦେବ ଓ ଅନ୍ୟଦେବତାମାନେ ରୁପା ଅଳଙ୍କାରରେ ଭୂଷିତ ହେବେ। ଅଷ୍ଟମୀ ଦିନ ୨ହଜାର ଲୋକଙ୍କ ପାଇଁ ଦହି ପଖାଳର ବନ୍ଦୋବସ୍ତ କରାଯିବ। ଷଷ୍ଠୀରେ ବିଲ୍ୱାଧିବାସ, ବୋଧନ ଦେବୀଙ୍କ ଆମନ୍ତ୍ରଣ ଓ ଅଧିବାସ, ସପ୍ତମୀରେ ନବପତ୍ରିକା ପ୍ରବେଶ, ଦେବତାଙ୍କ ଚକ୍ଷୁଦାନ, ଚଣ୍ଡୀପାଠ, ଅଷ୍ଟମୀରେ ସନ୍ଧି ପୂଜା, ମହାଷ୍ଟମୀ ବ୍ରତପୂଜା, ନବମୀରେ ନବମୀ ବିହିତ ପୂଜା ଏବଂ ଦଶମୀରେ ସୋମନାଥ ବ୍ରତପୂଜା, ଅପରାଜିତା ପୂଜା ହୋଇ ପୂର୍ଣ୍ଣାହୁତି ଦିଆଯିବ। ଏଥରର ମୁଖ୍ୟ ଆକର୍ଷଣ ରହିବ ସାଜିବ ଆଲୋକ ସଜ୍ଜା। ବାହାରୁ ଆସୁଥିବା ଟେଷ୍ଟ ଓ ରଙ୍ଗ ବେରଙ୍ଗର ଭଳିକି ଭଳି ଲାଇଟ୍ ସଜ୍ଜା ସହିତ ୬ଟି ଆଲୋକ ତୋରଣ ରହିବ। ଷଷ୍ଠୀରୁ ଦଶମୀ ପର୍ଯ୍ୟନ୍ତ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। କଣ୍ଠଶିଳ୍ପୀ ଅଭିଜିତ୍ ମଜୁମ୍‌ଦାର, ଅଭିନେତା ପପୁ ପମ୍‌ପମ୍, ଅର୍କେଷ୍ଟ୍ରା ୭ଟ୍ୟୁନ୍‌ସ ସମେତ ବହୁ କଣ୍ଠଶିଳ୍ପୀ ୫ଦିନ ଧରି ଲୋକଙ୍କ ମନୋରଞ୍ଜନ କରିବେ। ଭସାଣିରେ ସମ୍ବଲପୁର, ମୟୂରଭଞ୍ଜ, କେନ୍ଦୁଝର, କୋରାପୁଟ, କଳାହାଣ୍ଡି, ତାଳଚେର, ବ୍ରହ୍ମପୁର ଆଦି ବିଭିନ୍ନ ଅଞ୍ଚଳର କଳାକାରଙ୍କ ପାରମ୍ପରିକ ବାଦ୍ୟ ଯଥା ସମ୍ବଲପୁରୀ ବାଜା, ଭାଙ୍ଗଡା, ପଞ୍ଜାବୀ ବାଜା, ଶିଙ୍ଗ ବାଜା, ଆଖଡ଼ା, ଘଣ୍ଟ, ଶଙ୍ଖ, ଢୋଲ ବାଜା ସାଙ୍ଗକୁ ଶ୍ରୀକାକୁଲମ ବ୍ୟାଣ୍ଡପାର୍ଟିର ଧୁମ୍‌ରେ ଠାକୁରଙ୍କୁ ମେଲାଣି ଦିଆଯିବ।

### ଠାକୁରଙ୍କୁ ସୁନା, ଚାନ୍ଦିରେ ଆଭୂଷିତ କରାଯିବ



ପ୍ରତିବର୍ଷ ଭଳି ଏବର୍ଷ ମଧ୍ୟ ପୂଜା ପାଇଁ ପ୍ରସ୍ତୁତି ଜୋର୍‌ଦାର ରହିଛି। ଠାକୁରଙ୍କୁ ସ୍ୱର୍ଣ୍ଣ ଓ ଚାନ୍ଦି ଅଳଙ୍କାରରେ ଆଭୂଷିତ କରାଯିବ। ସୁରକ୍ଷା ବ୍ୟବସ୍ଥା ପ୍ରତି ଦୃଷ୍ଟି ଦିଆଯାଇ ମଣ୍ଡପରେ ସିସିଟିଭି ମଧ୍ୟ ଲଗାଯିବ। ଏଥିସହ ଭିଡ଼ ନିୟନ୍ତ୍ରଣ ପାଇଁ ୫୦ଜଣ ସ୍ୱେଚ୍ଛାସେବୀ ଓ ଆବଶ୍ୟକ ପୋଲିସ ନିୟୋଜିତ ରହିବେ।

-ସନ୍ତୋଷ ସିଂ, ସଭାପତି

### ଅଷ୍ଟମୀରେ ଶ୍ରଦ୍ଧାଳୁଙ୍କ ପାଇଁ ଦହିପଖାଳ



ଦୀର୍ଘବର୍ଷ ଧରି ଏଠାରେ ଦଶହରାରେ ହରପାର୍ବତୀଙ୍କୁ ଆବାହନ କରାଯାଇଥାଏ। ଏଥିସହ ପ୍ରତିବର୍ଷ ଶ୍ରଦ୍ଧାଳୁଙ୍କୁ ନୂଆ ନୂଆ ତୋରଣ ଭେଟି ଦିଆଯାଇଥାଏ। ଏଥର ମଧ୍ୟ ସେପରିକିଛିନୂଆ କରିବାକୁ ଚେଷ୍ଟା କରିଛୁ। ଅଷ୍ଟମୀରେ ଲୋକଙ୍କ ପାଇଁ ଦହି ପଖାଳର ବ୍ୟବସ୍ଥା କରାଯାଇଛି।

-ବୃନ୍ଦାବନ ଦାସ, ସେକ୍ରେଟାରି

### ପାରମ୍ପରିକ ବାଦ୍ୟରେ ଠାକୁରଙ୍କୁ ମେଲାଣି



ରୀତିନୀତିରେ ପୂଜା କରିବା ସହ ଲୋକଙ୍କ ମନୋରଞ୍ଜନ ପାଇଁ ବ୍ୟାପକ ବ୍ୟବସ୍ଥା କରାଯାଇଛି। ମହିଳା, ବରିଷ୍ଠ ନାଗରିକ ଓ ଦିବ୍ୟାଙ୍ଗଙ୍କ ପାଇଁ ସ୍ୱତନ୍ତ୍ର ଦର୍ଶନ ବ୍ୟବସ୍ଥା କରାଯିବ। ଏଥିସହ ପାରମ୍ପରିକ ବାଦ୍ୟରେ ଠାକୁରଙ୍କୁ ମେଲାଣି ଦିଆଯିବ।

-ଦୀପକ କୁମାର ବେହେରା, କୋଷାଧ୍ୟକ୍ଷ

## ସଂକ୍ଷେପରେ

### ୯ ମାମଲାରେ ୯.୪୫ କୋଟି ଟଙ୍କା ଆଦାୟ

ଖୋର୍ଦ୍ଧା,୧୪।୧୦(ପ୍ରଭାତ ପାଣିଗ୍ରାହୀ)

ଖୋର୍ଦ୍ଧା ସିଭିଲ କୋର୍ଟ ପରିସରରେ ଜିଲାସ୍ତରୀୟ ଲୋକ ଅଦାଲତ ଶନିବାର ଅନୁଷ୍ଠିତ ହୋଇଯାଇଛି। ପ୍ରଥମ ଅତିରିକ୍ତ ଜିଲାଜଜ୍ ତଥା ତାଲୁକ ଆଇନସେବା କମିଟି ଚେୟାରମ୍ୟାନ୍ ଅଜୟ କୁମାର ପ୍ରଧାନଙ୍କ ତତ୍ତ୍ୱାବଧାନରେ ପରିଚାଳିତ ହୋଇଥିଲା। ପରିବାର ଅଦାଲତ ଜଜ୍ ରାଜେଶ କୁମାର ନାୟାର, ସିଭିଲ ଜଜ୍ ସିନିୟର ଡିଭିଜନ ମହିଳା ବିଭାଗ ଚିନ୍ମୟୀ ରଥ, ସିଭିଲ ଜଜ୍ ସିନିୟର ଡିଭିଜନ ସୁନୀତା କୁମାରୀ ଖଣ୍ଡେଲୱାଲ, ସିଭିଲ ଜଜ୍ ଜୁନିୟର ଡିଭିଜନ ପ୍ରଭାତ କୁମାର ସାମଲ, ଜେଏମ୍ଏଫ୍‌ସି ଲିପ୍‌ସା ରାଉତ, ଜିଲା ବାର୍ ସମ୍ପାଦକ ମନ୍ମଥ କୁମାର ମିଶ୍ର ପ୍ରମୁଖ ଯୋଗଦେଇଥିଲେ। ଏହି ଲୋକ ଅଦାଲତରେ ୯ଟି ମାମଲା ଫଇସଲା କରାଯାଇ ୯ କୋଟି ୪୫ ଲକ୍ଷ ୨୫ ହଜାର ଟଙ୍କା ଆଦାୟ କରାଯାଇଛି। ତାଲୁକ ଆଇନସେବା କମିଟି ସମ୍ପାଦକ ବସନ୍ତ ଶତପଥୀ ସଂଯୋଜନା କରିଥିଲେ।

### ମଦ ଜବତ, ୩ ଗିରଫ

ବାଲୁଗାଁ,୧୪।୧୦(ସଂଗ୍ରାମ ପାଇକରାୟ)

ଖୋର୍ଦ୍ଧା ଜିଲା ଅବକାରୀ ଭ୍ରାମ୍ୟମାଣ ଟିମ୍ ଏବଂ ବାଲୁଗାଁ ବିଭାଗୀୟ ଅଧିକାରୀ ମିଳିତ ଭାବେ ଶନିବାର ବିଭିନ୍ନ ଅଞ୍ଚଳରେ ଚଢ଼ାଉ କରି ବେଆଇନ ଭାବେ ବିକ୍ରି ହେଉଥିବା ବିପୁଳ ପରିମାଣର ଦେଶୀ ମଦ ଜବତ କରିଛନ୍ତି। ବାଣପୁର ଥାନା ଅଧୀନ ନାରଣଦେଇପୁର ଗ୍ରାମର ସୁକାନ୍ତି ଦାସଙ୍କୁ ଗିରଫ କରାଯାଇଥିବା ବେଳେ ତାଙ୍କଠାରୁ ୨୬ ଲିଟର ଦେଶୀ ମହୁଲି ମଦ ଜବତ କରାଯାଇଛି। ସେହିପରି ଝିଣ୍ଟିକାପଲ୍ଲୀ ଗ୍ରାମର ଦାମୋଦର ପରିଡ଼ାଙ୍କଠାରୁ ୫୦ ଲିଟର ଏବଂ ଗୁହାଳଡ଼ିହ ଗ୍ରାମର କାର୍ତ୍ତିକ ଦାସଙ୍କଠାରୁ ୬୦ ଲିଟର ଦେଶୀ ମହୁଲି ମଦ ଜବତ କରାଯାଇଛି। ବେଆଇନ ମଦ କାରବାରରେ ସମ୍ପୃକ୍ତ ଥିବା ଉପରୋକ୍ତ ୩ ଅଭିଯୁକ୍ତଙ୍କୁ ଗିରଫ କରାଯାଇ କୋର୍ଟଚାଲାଣ କରାଯାଇଛି। ଏହି ଚଢ଼ାଉରେ ଖୋର୍ଦ୍ଧା ଭ୍ରାମ୍ୟମାଣ ଟିମ୍‌ର ଅଧିକାରୀ ନିଳିମା ଜୟନ୍ତୀ ସ୍ୱାଇଁ, ଏସ୍‌ଆଇ ରୋହିତ କୁମାର ଦଣ୍ଡସେନା, ଏଏସ୍‌ଆଇ ଜିତେନ୍ଦ୍ର ହେମ୍ବ୍ରମ୍ ପ୍ରମୁଖ ସାମିଲ ଥିଲେ।

### ଅବସରପ୍ରାପ୍ତ ବ୍ୟାଙ୍କ ଅଧିକାରୀଙ୍କ ପରଲୋକ

ଟାଙ୍ଗୀ,୧୪।୧୦(ରଘୁନାଥ ସାହୁ)

କଳକଳେଶ୍ୱର ପଞ୍ଚାୟତ ଅନ୍ତର୍ଗତ ପଞ୍ଚୁପାଟିଆ ଗ୍ରାମର ଅବସରପ୍ରାପ୍ତ ବ୍ୟାଙ୍କ ଅଧିକାରୀ ରାଜକିଶୋର ସାମନ୍ତରାୟଙ୍କ ତାଙ୍କ ବାସଭବନରେ ପରଲୋକ ହୋଇଯାଇଛି। ତାଙ୍କୁ ୭୬ ବର୍ଷ ବୟସ ହୋଇଥିଲା। ଚାକିରିରୁ ଅବସର ଗ୍ରହଣ କରିବା ପରେ ସେ ନିଜକୁ ସମାଜସେବାରେ ନିୟୋଜିତ କରୁଥିଲେ। ଗ୍ରାମର ସାମୂହିକ କାର୍ଯ୍ୟରେ ନିଜକୁ ସାମିଲ କରୁଥିଲେ। ତାଙ୍କ ମୃତ୍ୟୁ ଖବରପାଇ ରଣପୁର ମହାବିଦ୍ୟାଳୟ ଅଧାପକ ଭାଗ୍ୟଧର ସ୍ୱାଇଁ, ଖୋର୍ଦ୍ଧା ଜିଲା ଧର୍ମ ଜାଗରଣ ସଂଯୋଜକ ପ୍ରଭାକର ବିଶ୍ୱାଳ, ପୂର୍ବତନ ସରପଞ୍ଚ ଅସିତ କୁମାର ନାଥ, ହରିହର ପ୍ରଧାନ, ଦିଲୀପ କୁମାର ସ୍ୱାଇଁଙ୍କ ସମେତ ସ୍ଥାନୀୟ ଅଞ୍ଚଳର ବହୁ ବ୍ୟକ୍ତି ପହଞ୍ଚି ଶେଷଦର୍ଶନ କରିଥିଲେ। ଗ୍ରାମ ଶ୍ମଶାନରେ ଅନ୍ତିମ ସଂସ୍କାର କରାଯାଇଥିବା ବେଳେ ପୁଅ ବିଚି ମୁଖାଗ୍ନି ଦେଇଥିଲେ।

# ଶ୍ରୀମନ୍ଦିର ଚାରି ଦ୍ୱାର, ରତ୍ନଭଣ୍ଡାର ଖୋଲାଯାଉ

ଖୋର୍ଦ୍ଧା,୧୪।୧୦(ପ୍ରଭାତ ପାଣିଗ୍ରାହୀ)

ଶ୍ରୀମନ୍ଦିର ଚାରି ଦ୍ୱାର ଏବଂ ରତ୍ନଭଣ୍ଡାର ଖୋଲିବା ଦାବିରେ ଶ୍ରୀଜଗନ୍ନାଥ ସେନା, ପୁରୀ କେନ୍ଦ୍ରୀୟ କାର୍ଯ୍ୟାଳୟ ପକ୍ଷରୁ ଜାଗୁଲିପାଟଣାସ୍ଥିତ ପୂର୍ଣ୍ଣ ବିଗ୍ରହ ଶ୍ରୀଅନନ୍ତ ପୁରୁଷୋତ୍ତମଙ୍କ ମନ୍ଦିର ପରିସରରେ ଭକ୍ତ ଜାଗରଣ ଜନସମ୍ପର୍କ ଯାତ୍ରା ଶନିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ହିନ୍ଦୁ ଜାଗରଣ ମଞ୍ଚ, ସଙ୍ଗଠିତ ହିନ୍ଦୁ ସମାଜ ସମେତ ଆଞ୍ଚଳିକ ହିନ୍ଦୁ ମହାସଭା, ବରିଷ୍ଠ ବୁଦ୍ଧିଜୀବୀ, ଶିକ୍ଷାବିତ୍, ସ୍ଥାନୀୟ ଜନସାଧାରଣ ଯୋଗଦେଇ ଶ୍ରୀଜଗନ୍ନାଥ ସେନାର ଜନଆନ୍ଦୋଳନକୁ ସମର୍ଥନ ଜଣାଇ ମନ୍ଦିର ଆଗରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ସେନାର ଆବାହକ ଆଇନଜୀବୀ ପ୍ରିୟଦର୍ଶନ ପଟ୍ଟନାୟକ ଶ୍ରୀମନ୍ଦିର ଚାରି ଦ୍ୱାର ଏବଂ ରତ୍ନଭଣ୍ଡାର ପ୍ରସଙ୍ଗରେ ରାଜ୍ୟ ସରକାରଙ୍କ ଉପରେ ବର୍ଷିଥିଲେ। ଚାରି ଦ୍ୱାର ଏବଂ ରତ୍ନଭଣ୍ଡାର ନ ଖୋଲିବା ପଛରେ ଷଡ଼ଯନ୍ତ୍ର ରହିଛି ବୋଲି ପଟ୍ଟନାୟକ କହିଛନ୍ତି।

ଶ୍ରୀମନ୍ଦିର ଚାରି ଦ୍ୱାରର ବିଶେଷ ମାହାତ୍ମ୍ୟ ରହିଛି। ଏହାକୁ ଧର୍ମ, ଅର୍ଥ, କାମ, ମୋକ୍ଷ ଦ୍ୱାର ବୋଲି କୁହାଯାଏ।



ଶ୍ରୀଅନନ୍ତ ପୁରୁଷୋତ୍ତମଙ୍କ ମନ୍ଦିର ପରିସରରେ ଶ୍ରୀଜଗନ୍ନାଥ ସେନା ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

ପୂର୍ବରୁ ଭକ୍ତ ଚାରି ଦ୍ୱାର ଦେଇ ମହାପ୍ରଭୁଙ୍କୁ ଦର୍ଶନ କରୁଥିବା ବେଳେ ଏବେ ଐତିହ୍ୟ କରିଡର ନିର୍ମାଣ ଚାଲିଥିବା ଦର୍ଶାଇ ସମସ୍ତ ଦ୍ୱାରକୁ ବନ୍ଦକରି ଦିଆଯାଇଛି। ପଶ୍ଚିମ ଦ୍ୱାରକୁ କେବଳ ପୁରୀବାସିନ୍ଦାଙ୍କ ପାଇଁ ବହୁ ବିବାଦ ପରେ ଖୋଲାଯାଇଛି। ଦୈନିକ ଲକ୍ଷାଧିକ ଭକ୍ତ ଶ୍ରୀମନ୍ଦିରକୁ ଆସୁଛନ୍ତି। ଅନ୍ୟ ଦ୍ୱାର ବନ୍ଦ ଯୋଗୁ ଘଣ୍ଟା ଘଣ୍ଟା ଧରି ଲମ୍ବାଧାଡ଼ିରେ ଅପେକ୍ଷା କରି ରହୁଛନ୍ତି।

### ଖୋର୍ଦ୍ଧାରେ ଶ୍ରୀଜଗନ୍ନାଥ ସେନାର ଭକ୍ତ ଜନସମ୍ପର୍କ ଯାତ୍ରା

ଅନେକ ସମୟରେ ଭକ୍ତ ମହାପ୍ରଭୁଙ୍କ ଦର୍ଶନରୁ ବଞ୍ଚିତ ହୋଇ ନିରାଶ ହୋଇ ଫେରୁଛନ୍ତି। ଭକ୍ତଙ୍କ ଶୃଙ୍ଖଳିତ ଦର୍ଶନ ଲାଗି ଶ୍ରୀମନ୍ଦିରର ୪ ଦ୍ୱାର ଖୋଲିବା ଦାବିରେ ଶ୍ରୀଜଗନ୍ନାଥ ସେନା ପକ୍ଷରୁ ଅକ୍ଟୋବର ୩ରେ ବନ୍ଦ ଡାକରା ଦିଆଯାଇଥିଲା। ପରବର୍ତ୍ତୀ ସମୟରେ ଚାରି ଦ୍ୱାର ଖୋଲିବା ଏବଂ ରତ୍ନଭଣ୍ଡାର ରତ୍ନ ଗଣତି ପ୍ରସଙ୍ଗରେ ରାଜ୍ୟ ସରକାର ହସ୍ତକ୍ଷେପ କରି ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ୨ମାସ ମଧ୍ୟରେ ଶେଷ କରିବାକୁ ପ୍ରତିଶ୍ରୁତି ଦେଇଛନ୍ତି। ଅବସରପ୍ରାପ୍ତ ସୁପ୍ରିମ୍‌କୋର୍ଟ ଓ ହାଇକୋର୍ଟ ବିଚାରପତିଙ୍କ ତତ୍ତ୍ୱାବଧାନରେ ଏକ ଉଚ୍ଚସ୍ତରୀୟ କମିଟି ଗଠନ କରି ରତ୍ନଭଣ୍ଡାର ଖୋଲି ରତ୍ନ ଗଣତି ପାଇଁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଏହି କ୍ରମରେ ଜିଲା ପ୍ରଶାସନର ଅନୁରୋଧକ୍ରମେ ଓଡ଼ିଶା ବନ୍ଦ ଡାକରା ସ୍ଥଗିତ ରହିଛି। ଆନ୍ଦୋଳନ ବନ୍ଦ ହୋଇ ନାହିଁ। ତେଣୁ ଭକ୍ତଙ୍କ ଜନଜାଗରଣ ଉଦ୍ଦେଶ୍ୟରେ ଶ୍ରୀଜଗନ୍ନାଥ ସେନା ଗତ ୮ ତାରିଖରେ ଗଞ୍ଜାମଠାରୁ ଭକ୍ତ ଜନସମ୍ପର୍କ ଯାତ୍ରା ଆରମ୍ଭ କରିଛି ବୋଲି ଆବାହକ ପ୍ରିୟଦର୍ଶନ କହିଛନ୍ତି। ଶ୍ରୀଜଗନ୍ନାଥ ସଂସ୍କୃତି ସହ ଖୋର୍ଦ୍ଧା ମାଟି ଜଡ଼ିତ। ଶ୍ରୀଜଗନ୍ନାଥ ମନ୍ଦିର ପରିଚାଳନା ଏବଂ ସୁରକ୍ଷା ଖୋର୍ଦ୍ଧାର ଗଜପତି ଏବଂ ପାଇକ ବୀରମାନେ କରୁଥିଲେ। ଖୋର୍ଦ୍ଧା ହେଉଛି ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଲୀଳାକ୍ଷେତ୍ର। ଜିଲା ପରିକ୍ରମା ପରେ ଅନ୍ୟ ଜିଲାରେ ମଧ୍ୟ ଏହି ଜନଜାଗରଣ ଯାତ୍ରା ଆୟୋଜନ କରାଯାଇ ଲୋକଙ୍କୁ ସଚେତନ କରାଯିବ ବୋଲି ସେ କହିଛନ୍ତି। ହିନ୍ଦୁ ଜାଗରଣ ମଞ୍ଚ ଜିଲା ଆବାହକ ଆଶିଷ ବିଭୁରେନ୍ଦ୍ର, ଆଞ୍ଚଳିକ ହିନ୍ଦୁ ମହାସଭା ଆବାହକ ପ୍ରଶାନ୍ତ ଦାସ କହିଥିଲେ, ଏହି ପ୍ରସଙ୍ଗରେ ଶ୍ରୀଜଗନ୍ନାଥ ସେନାକୁ ପୂର୍ଣ୍ଣ ସମର୍ଥନ କରାଯିବ। ବହୁସଂଖ୍ୟାରେ ଭକ୍ତ, ବିଭିନ୍ନ ସଙ୍ଗଠନ କର୍ମକର୍ତ୍ତା ଏଥିରେ ଯୋଗଦେଇଥିଲେ।

### ସିଦ୍ଧିଦାତ୍ରୀ ବେଶରେ ବନଦୁର୍ଗା



ନିରାକାରପୁର,୧୪।୧୦(ମାନସ ଚନ୍ଦ୍ର ପଟ୍ଟନାୟକ)

ଖୋର୍ଦ୍ଧା ଜିଲା ରାମେଶ୍ୱର ପଞ୍ଚାୟତସ୍ଥିତ ମା' ବନଦୁର୍ଗାଙ୍କ ପୀଠରେ ଶାରଦୀୟ ଷୋଡ଼ଶ ଦିନାତ୍ମକ ପୂଜାର ଅଷ୍ଟମ ଦିବସରେ ବନଦୁର୍ଗା ସିଦ୍ଧିଦାତ୍ରୀ ବେଶରେ ଦର୍ଶନ ଦେଇଛନ୍ତି। ଶନିବାର ସକାଳେ ମଙ୍ଗଳ ଆଳତି, କଳସ ପୂଜା, ସୂର୍ଯ୍ୟ ପୂଜା, ପଞ୍ଚଦେବତା ପୂଜା, ଷୋଡ଼ଶ ଉପଚାରରେ ମଧ୍ୟାହ୍ନ ଧୂପ, ଦୁର୍ଗା ସପ୍ତଶତୀ ଚଣ୍ଡୀପାଠ, ଆଳତି, ଅଧରପଣା ଓ ମହାପ୍ରସାଦ ମା'ଙ୍କୁ ଅର୍ପଣପୂର୍ବକ ରୀତିନୀତି ଅନୁଯାୟୀ ପୂଜାର୍ଚ୍ଚନା କରାଯାଇଥିଲା। ଡ. କୃପାସିନ୍ଧୁ ପଣ୍ଡା ଓ ପଣ୍ଡିତ ତପନ କୁମାର ମହାପାତ୍ର ପୂଜାର୍ଚ୍ଚନା କରିଥିଲେ। ଶିକ୍ଷାବିତ୍ ସୁବାସ ଚନ୍ଦ୍ର ନାୟକ, ପ୍ରଦୀପ ରଞ୍ଜନ ଆଚାର୍ଯ୍ୟ, ଉମାକାନ୍ତ ସାହୁ, ସୁନୀଲ ବରଜ, ସତ୍ୟବ୍ରତ ପରିଡା, ବିଷ୍ଣୁପ୍ରିୟା ପଟ୍ଟଯୋଷୀଙ୍କ ସମେତ ବହୁ ଶ୍ରଦ୍ଧାଳୁ ମା'ଙ୍କ ଏହି ଦିବ୍ୟବେଶ ଦର୍ଶନ କରିଥିଲେ।



ବାଲୁଗାଁ ମହାବିଦ୍ୟାଳୟରେ ଆୟୋଜିତ ସାଇବର ଅପରାଧ ସଚେତନତା କାର୍ଯ୍ୟକ୍ରମରେ ଉପସ୍ଥିତ ଅଧିକାରୀ ଏବଂ ଅନ୍ୟ ଅତିଥି।

# ସାଇବର ଅପରାଧ ସଚେତନତା କାର୍ଯ୍ୟକ୍ରମ

ବାଲୁଗାଁ,୧୪।୧୦(ସଂଗ୍ରାମ ପାଇକରାୟ)

ଖୋର୍ଦ୍ଧା ଜିଲା ପୋଲିସ ପ୍ରଶାସନ ପକ୍ଷରୁ ସାଇବର ଅପରାଧ ସଚେତନତା କାର୍ଯ୍ୟକ୍ରମ ଜାରି ରହିଛି। ଏହି ପରିପ୍ରେକ୍ଷୀରେ ଶନିବାର ବାଲୁଗାଁ ମହାବିଦ୍ୟାଳୟ ପରିସରରେ ସାଇବର ଅପରାଧ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଅଧକ୍ଷା ଡ. କଳ୍ପନା ଦାଶଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥିଭାବେ ଅତିରିକ୍ତ ଜିଲା ଆରକ୍ଷୀ ଅଧୀକ୍ଷକ ସୁରେନ୍ଦ୍ର ନାଥ ମୁର୍ମୁ ଯୋଗଦେଇଥିଲେ। ପ୍ରାରମ୍ଭିକ ପର୍ଯ୍ୟାୟରେ ଏସ୍‌ଆଇ ଦିଲୀପ କୁମାର ସାହୁଙ୍କ ସଚେତନମୂଳକ ସଙ୍ଗୀତ ପରିବେଷଣ ପରେ ସଂଯୋଜକ ତଥା ଅଧାପକ ଡ. କୈଳାସ ଚନ୍ଦ୍ର ମହାରଣା ଅତିଥି ପରିଚୟ ପ୍ରଦାନ କରିଥିଲେ। ସମ୍ମାନିତ ଅତିଥିଭାବେ ଉପଖଣ୍ଡ ପୋଲିସ ଅଧିକାରୀ ଶୁଭ୍ରାଂଶୁ ଶେଖର ମିଶ୍ର, ବାଲୁଗାଁ ଥାନା ଆଇଆଇସି ଜୟପ୍ରକାଶ ପରିଡ଼ା ଯୋଗଦେଇ ସାଇବର ସଚେତନତା କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇଥିଲେ। ପରେ କେ. ଦିନେଶ ସାଇବର ଠକେଇର ବିଭିନ୍ନ ଦିଗ ସମ୍ପର୍କରେ ଅବଗତ କରାଇବା ସହ ସାଇବର ସୁରକ୍ଷାର ସାଧାରଣ ସୂତ୍ର ଓ ମୋବାଇଲର ଯାନ୍ତ୍ରିକ କୌଶଳ ବିଷୟରେ ସଚେତନତା ସୃଷ୍ଟି କରିଥିଲେ। ସମ୍ମାନିତ ଅତିଥି ତଥା ମହାବିଦ୍ୟାଳୟ ପରିଚାଳନା ପରିଷଦର ସଭାପତି ପ୍ରବାସ କୁମାର ସୁନ୍ଦରାୟ ସାଇବର ଠକେଇରୁ ଦୂରେଇ ରହିବା, ନିଜର ଓଟିପିକୁ କାହାକୁ ହସ୍ତାନ୍ତର ନ କରିବା, ଅଜଣା ଫୋନ୍ କଲ୍ ଦ୍ୱାରା ଅର୍ଥଲୋଭରେ ବ୍ୟାଙ୍କ ବିବରଣୀ ପ୍ରଦାନ ନ କରିବା ଆଦି ସମ୍ପର୍କରେ ପରାମର୍ଶ ଦେଇଥିଲେ । ପ୍ରାଧ୍ୟାପକ ଡ. ଲକ୍ଷ୍ମୀଧର ସୁବୁଦ୍ଧି ଦେଶର ବିଭିନ୍ନ ସାଇବର ଏକ୍ତିଆଶାଳ ବିଷୟରେ ସୂଚନା ଦେବା ସହ ସାମ୍ପ୍ରତିକ ସମୟରେ ଏହା ବଡ଼ ଅପରାଧ ବୋଲି ସୂଚନା ଦେଇଥିଲେ। ସଭାପତି ପ୍ରାଧ୍ୟାପିକା ଡ. କଳ୍ପନା ଦାଶ ସାଇବର ସୁରକ୍ଷାକୁ ଜୀବନ ସୁରକ୍ଷା ବୋଲି ନାମିତ କରିବା ସହ ମହାବିଦ୍ୟାଳୟର ବିଭିନ୍ନ ଶ୍ରେଣୀରେ ଏହି ସଚେତନତା କାର୍ଯ୍ୟକ୍ରମକୁ ତ୍ୱରାନ୍ୱିତ କରିବା ପାଇଁ ଶିକ୍ଷାର୍ଥୀମାନଙ୍କୁ ଆହ୍ୱାନ ଜଣାଇଥିଲେ। ଆଇଆଇସି ପରିଡ଼ା ଧନ୍ୟବାଦ ଦେଇଥିଲେ।

### ବୋତଲରେ ଆକ୍ରମଣ: ଜଣେ ଗିରଫ

ବାରଙ୍ଗ,୧୪।୧୦(ଲିଙ୍ଗରାଜ ରାଉତ)

ଗାଡ଼ିକିଣାକୁ ନେଇ ୨ ଜଣଙ୍କ ମଧ୍ୟରେ କଥା କଟାକଟି ହୋଇ ମଦ ବୋତଲରେ ଆକ୍ରମଣ ଘଟଣା ନେଇ ପୋଲିସ ଜଣଙ୍କୁ ଗିରଫ କରି ଶନିବାର କୋର୍ଟଚାଲାଣ କରିଛି। ସେ ହେଲେ ଆଇଆର୍‌ସି ଭିଲେଜ ହାତିଆଶୁଣୀ ବସ୍ତିର ଶୁକୁଟା ଗୁରୁ। ଏନେଇ ବାରଙ୍ଗ ଥାନା ପୋଲିସ ନଂ. ୩୮୨/୨୩ରେ ଏକ ମାମଲା ରୁଜୁକରି ଘଟଣାର ତଦନ୍ତ ଚଳାଇଛି। ପ୍ରକାଶ ଯେ, ଦାଢ଼ାପାଟଣା ଗ୍ରାମର ବିଭୂତି ଭୂଷଣ ଓଝା ଗତ ୧୨ ତାରିଖ ରାତିରେ ଦାଢ଼ାପାଟଣା ଲେଭଲକ୍ରସିଂ ପାଖରେ ଛିଡ଼ା ହୋଇଥିଲେ। ସେଠାରେ ତାଙ୍କୁ ଶୁକୁଟା ଆସି ଦେଖା ହୋଇଥିଲେ। ଉଭୟଙ୍କ କଥା ମଧ୍ୟରେ ଶୁକୁଟା ଏକ ପୁରୁଣା ବାଇକ୍ ଖୋଜୁଥିବା କହିଥିଲେ। ସେଥିପାଇଁ ତାଙ୍କ ପାଖରେ ୨୦ ହଜାର ଟଙ୍କା ରହିଛି। ଆଉ ୫ ହଜାର ଟଙ୍କା ହେଲେ ସେ ବାଇକ୍ କିଣିବେ ବୋଲି ବିଭୂତିଙ୍କୁ କହିଥିଲେ। ବିଭୂତି ଶୁକୁଟାଙ୍କୁ ଚୋର ଦର୍ଶାଇ ତାଙ୍କ ଟଙ୍କା ନେଇ ପଳେଇବେ ବୋଲି କହିଥିଲେ। ଏଥିରେ ଶୁକୁଟା ରାଗିଯାଇ ବିଭୂତି ଚୋରିକରି ଏତେ ଟଙ୍କା ପାଇଛୁ ବୋଲି କହିଥିଲେ। ଏହି କଥାରେ ଉଭୟଙ୍କ ମଧ୍ୟରେ କଥା କଟାକଟି ହୋଇଥିଲା। ଏହି ସମୟରେ ଶୁକୁଟା ପାଖରେ ପଡ଼ିଥିବା ଏକ ମଦ ବୋତଲକୁ ଭାଙ୍ଗି ବିଭୂତିଙ୍କ ମୁଣ୍ଡ ଓ ବେକକୁ ଆକ୍ରମଣ କରିଥିଲେ। ପରେ ସ୍ଥାନୀୟ ଲୋକେ ବିଭୂତିଙ୍କୁ ଉଦ୍ଧାର କରି ଚିକିତ୍ସା ପାଇଁ ଡାକ୍ତରଖାନା ନେଇଥିଲେ।

# ମହାଳୟାରେ ପିତୃପୁରୁଷଙ୍କୁ ପିଣ୍ଡଦାନ

ବୋଲଗଡ଼,୧୪।୧୦(ଦେବବ୍ରତ ହୋତା)

ମହାଳୟା ଅମାବାସ୍ୟା ଉପଲକ୍ଷେ ଶନିବାର ବୋଲଗଡ଼ ବ୍ଲକ ଅଞ୍ଚଳରେ ବିଧିବିଧାନପୂର୍ବକ ପିତୃପୁରୁଷଙ୍କୁ ଦାୟାଦମାନେ ପିଣ୍ଡଦାନ କରିଛନ୍ତି। ଏହି ଅବସରରେ ଘରଦ୍ୱାର ଲିପାପୋଛା ଓ ପରିଷ୍କାର କରି ନୂତନ ବସ୍ତ୍ର ପରିଧାନପୂର୍ବକ ଘରର ସଦସ୍ୟମାନେ ଏହାକୁ ପାଳନ କରିଛନ୍ତି। ଆଶ୍ୱିନ କୃଷ୍ଣପକ୍ଷଠାରୁ ୧୪ ଦିନ ଧରି ଅମାବାସ୍ୟା ପର୍ଯ୍ୟନ୍ତ ପିତୃପୁରୁଷଙ୍କ ଉଦ୍ଦେଶ୍ୟରେ ତିଳତର୍ପଣ କରିବା ସହିତ ଶନିବାର କୁଳ ପୁରୋହିତ (ବ୍ରାହ୍ମଣ)ଙ୍କ ଦାରା ମନ୍ତ୍ର ଉଚ୍ଚାରଣ ହୋଇ ପିଣ୍ଡଦାନ କରାଯାଇଥିଲା। ପରିବାରର ମୁଖ୍ୟ ସଦସ୍ୟ ପିଣ୍ଡ ଦାନ କରିସାରିବା ପରେ ସପରିବାର ମିଳିତ ଭାବେ ବିଧିପୂର୍ବକ ପ୍ରସ୍ତୁତ ଖିରି ଓ ବ୍ୟଞ୍ଜନ ଭୋଜନ କରିଥିଲେ। ମହାଳୟା ଅମାବାସ୍ୟା ପାଳନର ସ୍ୱତନ୍ତ୍ରତା ରହିଛି। ଏହି ଦିବସରେ ପିତୃପୁରୁଷଙ୍କୁ ତିଳତର୍ପଣ ଓ ପିଣ୍ଡଦାନ କଲେ ପୂର୍ବପୁରୁଷଙ୍କ ଆତ୍ମା ଶାନ୍ତି ପାଇବା ସହିତ ପରିବାରର ମଙ୍ଗଳ ହୋଇଥାଏ ବୋଲି ବିଶ୍ୱାସ ରହିଛି।

# ସନ୍ଦର୍ଭ ପାଠ୍ୟକ୍ରମ ଆଲୋଚନାଚକ୍ର



ଆଲୋଚନାଚକ୍ରରେ ଉପସ୍ଥିତ ଅତିଥିମାନେ।

ବୋଲଗଡ଼,୧୪।୧୦(ଦେବବ୍ରତ ହୋତା)

ବୋଲଗଡ଼ ପରମାନନ୍ଦ ମହାବିଦ୍ୟାଳୟ ମନସ୍ତତ୍ତ୍ୱ ବିଜ୍ଞାନ ବିଭାଗ ପକ୍ଷରୁ ସନ୍ଦର୍ଭ ପାଠ୍ୟକ୍ରମ ଆଲୋଚନାଚକ୍ର କଲେଜ କନ୍‌ଫରେନ୍ସ ହଲ୍‌ରେ ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷ ହେମନ୍ତ କୁମାର ମହାପାତ୍ରଙ୍କ ନିର୍ଦ୍ଦେଶକ୍ରମେ ଉଦ୍ଭିଦ ବିଜ୍ଞାନର ବିଭାଗୀୟ ମୁଖ୍ୟ ପ୍ରାଧ୍ୟାପିକା ଏଲିଜାବେଥ୍ ଭଞ୍ଜଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଆଲୋଚନାଚକ୍ରରେ ମନସ୍ତତ୍ତ୍ୱ ବିଜ୍ଞାନର ପ୍ରଫେସର ଡ. ଉଦୟ ନାଥ ଦାସ ମୁଖ୍ୟ ଅତିଥିଭାବେ ଯୋଗଦେଇ ମନସ୍ତତ୍ତ୍ୱ ବିଜ୍ଞାନ ଓ ଏହାର ସାରଗର୍ଭକ ତଥା ସରଳୀକରଣ ବିତର୍କ ସମ୍ପର୍କରେ ଛାତ୍ରୀଛାତ୍ରଙ୍କୁ ସୂଚନା ଦେଇଥିଲେ। ସେହିପରି ମନସ୍ତତ୍ତ୍ୱ ବିଜ୍ଞାନ ବିଭାଗ ମୁଖ୍ୟ ଲକ୍ଷ୍ମୀପ୍ରଭା ମିଶ୍ର ମନସ୍ତତ୍ତ୍ୱ ବିଜ୍ଞାନର ଉପାଦେୟତା ଓ ଏହାର ପ୍ରକୃତ ମାର୍ଗ ସମ୍ପର୍କିତ ସନ୍ଦର୍ଭ ବିଷୟରେ ଆଲୋକପାତ କରିଥିଲେ। ଯୁକ୍ତ ୨ ଛାତ୍ରୀ କୁମାରୀ ଶୁଭସ୍ମିତା ମହାରଣା ଓ ଯୁକ୍ତ ୩ ଛାତ୍ରୀ ଅଙ୍କିତା ପ୍ରିୟଦର୍ଶିନୀ, ତେଜସ୍ୱିନୀ ମହାରଣା ଓ ଗାୟତ୍ରୀ ନାୟକ ପ୍ରମୁଖ ପାଠ୍ୟଚକ୍ର ସମ୍ପର୍କରେ ନିଜ ନିଜର ସନ୍ଦର୍ଭ ପାଠ କରିଥିଲେ। ମେସର୍ସ ସାହୁ ଏଜେନ୍ସି ପକ୍ଷରୁ ଲିଟେରାରି ଉତ୍କର୍ଷତା ପାଇଁ ୨ଜଣଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ଡେମୋନ୍‌ଷ୍ଟ୍ରେଟର ବିଶ୍ୱମୋହନ ନରେନ୍ଦ୍ର ସଂଯୋଜନା କରିବା ସହ ବିଭାଗର ବାର୍ଷିକ ବିବରଣୀ ପାଠ କରିଥିଲେ। ଅଧ୍ୟାପିକା ସସ୍ମିତା ମହାନ୍ତି ଧନ୍ୟବାଦ ଦେଇଥିଲେ।

# ଦିଆସିଲି ବୋଝେଇ କଣ୍ଟେନରରେ ନିଆଁ

ଟାଙ୍ଗୀ/ଗମ୍ଭାରୀମୁଣ୍ଡା, ୧୪।୧୦
(ରଘୁନାଥ ସାହୁ/ ଦିଲୀପ ସ୍ୱାଇଁ)



୧୬ ନମ୍ବର ଜାତୀୟ ରାଜପଥର ଖୋର୍ଦ୍ଧା ଜିଲା ନାଚୁଣୀ ଥାନା ଅଧୀନ କଉଡ଼ିଖିଣି ଛକ ନିକଟ ଓଭରବ୍ରିଜ୍ ଠାରେ ଶନିବାର ଭୋରୁ ଏକ ସିଆସିଲି ବୋଝେଇ କଣ୍ଟେନରରେ ହଠାତ୍ ନିଆଁ ଲାଗିଯାଇଥିଲା। ତେବେ ଗାଡ଼ିର ସମ୍ମୁଖ ଭାଗ ଜଳି ନଷ୍ଟ ହୋଇଯାଇଛି। ଏଥିରେ ଚାଳକ ଓ ହେଲ୍‌ପର ସୁରକ୍ଷିତ ଥିବା ଜଣାପଡ଼ିଛି। ସୂଚନା ମୁତାବକ, ଏହି ଦିଆସିଲି ବୋଝେଇ କଣ୍ଟେନର (ଆର୍‌ଜେ ୧୪ ଜିଆଇ ୮୧୦୩) ତାମିଲନାଡୁ ଶିବକାଶୀରୁ ଝାଡ଼ଖଣ୍ଡ ଅଭିମୁଖେ ଯାଉଥିଲା। ନାଚୁଣୀ ଓଭରବ୍ରିଜ୍ ନିକଟରେ ଗାଡ଼ିରୁ ହଠାତ୍ ଧୂଆଁ ବାହାରିବା ଦେଖି ଡ୍ରାଇଭର ସଙ୍ଗେସଙ୍ଗେ ଗାଡ଼ି ଅଟକାଇ ରାସ୍ତାପାର୍ଶ୍ୱରେ ରଖିଥିଲେ। ତେବେ ଗାଡ଼ିର ସମ୍ମୁଖ ଭାଗ ଜଳିଯାଇଥିଲା। ଖବରପାଇ ନାଚୁଣୀ ଥାନା ପୋଲିସ ଓ ଗଙ୍ଗାଧରପୁର ଅଗ୍ନିଶମ କର୍ମଚାରୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ତେବେ ଗାଡ଼ିରେ ଥିବା ଦିଆସିଲି ପ୍ୟାକେଟ ସୁରକ୍ଷିତ ଥିବା ଜଣାପଡ଼ିଛି। କଣ୍ଟେନରରେ ନିଆଁ ଲାଗିବାର କାରଣ ଅସ୍ପଷ୍ଟ ରହିଥିବା ବେଳେ ୱାରିଙ୍ଗ୍‌ରେ ଶଟ୍‌ସର୍କିଟ ହୋଇ ଅଗ୍ନିକାଣ୍ଡ ଘଟିଥିବା ଅନୁମାନ କରାଯାଉଛି।

# ସହରମୁହାଁ ହାତୀ, ଲୋକେ ଭୟଭୀତ

ଖୋର୍ଦ୍ଧା,୧୪।୧୦(ପ୍ରଭାତ ପାଣିଗ୍ରାହୀ)

ଦୀର୍ଘଦିନର ବ୍ୟବଧାନ ପରେ ପୁଣି ହାତୀ ସହରମୁହାଁ ହୋଇଛନ୍ତି। ଶୁକ୍ରବାର ବିଳମ୍ବିତ ରାତିରେ ଦୁଇଟି ଦନ୍ତା ଖୋର୍ଦ୍ଧା ମେଡିକାଲ ପଛପଟ କଲୋନୀରେ ଜଣଙ୍କ ବାରିରେ ପଶି କଦଳୀ ଗଛ ଖାଇ ଯାଇଛନ୍ତି। ଏହି ଦୃଶ୍ୟ ସିସିଟିଭିରେ କଏଦ ହୋଇଛି। ଏହି ଭିଡିଓ ମୋବାଇଲରେ ଘୂରି ବୁଲୁଛି। କଦଳୀ ଗଛ ଖାଇବା ପରେ ହାତୀ ନିକଟ ଜଙ୍ଗଲକୁ ପଳାଇଯାଇଛି। ସକାଳେ ପରିବାର ସଦସ୍ୟ କଦଳୀ ଗଛ ନ ପାଇ ସିସିଟିଭି ଯାଞ୍ଚ ବେଳେ ହାତୀ କଦଳୀ ଖାଉଥିବା ଦେଖିବାକୁ ପାଇଥିଲେ। ଏପରିକି ହାତୀର ପାଦଚିହ୍ନ ମଧ୍ୟ ଦେଖିବାକୁ ପାଇଥିଲେ। ଖବରପାଇ ବନ ବିଭାଗ ଟିମ୍ ପହଞ୍ଚି ସ୍ଥିତି ଅନୁଧ୍ୟାନ କରି ଫେରିଥିଲା।

ପ୍ରକାଶ ଯେ, ଖୋର୍ଦ୍ଧା ବନାଞ୍ଚଳରେ ବିଭିନ୍ନ ସମୟରେ ହାତୀ ଉପଦ୍ରବ ଦେଖିବାକୁ ମିଳିଥାଏ। ଜଙ୍ଗଲରେ ହାତୀଙ୍କ ପାଇଁ ପର୍ଯ୍ୟାପ୍ତ ଖାଦ୍ୟ ମିଳୁ ନ ଥିବାରୁ ସନ୍ଧ୍ୟା ହେଲେ ଖାଦ୍ୟ ଅନ୍ୱେଷଣରେ ଗାଁ ଓ ସହରମୁହାଁ ହୋଇଥାନ୍ତି। ଲୋକଙ୍କ ବାରିରେ ପଶି ଫସଲ ଖାଇବା ସହ ଦଳଚକଟି ନଷ୍ଟ କରିଥାନ୍ତି। ଏପରିକି ଘର ଓ ପାଚେରି ଭାଙ୍ଗିଥାନ୍ତି। ଅନେକ ସମୟରେ ହାତୀ ଆକ୍ରମଣରେ ଲୋକଙ୍କ ଜୀବନ ଯାଇଥିବା ନଜିର ରହିଛି। ହାତୀ ରାଜପଥକୁ ଚାଲିଆସୁଛନ୍ତି। ପୂର୍ବରୁ ହାତୀ ମେଡିକାଲ ପାଚେରି ଭାଙ୍ଗିବା ସହ ନିକଟରେ ଷ୍ଟାଫ୍ କ୍ୱାର୍ଟର ଚାରିପଟେ ବୁଲିବା, ସହର ଦେଇ ଯାତାୟାତ କରିବା ଘଟଣା ଘଟିଛି। ତେବେ ହାତୀଙ୍କ ଗତିବିଧି ଉପରେ ନଜର ରଖାଯାଉଛି ବୋଲି ବନ ବିଭାଗ ପକ୍ଷରୁ କୁହାଯାଇଛି।


ସିସି ଟିଭିରେ କଏଦ ହୋଇଥିବା ଦୃଶ୍ୟ।

# ଫାଇନାଲରେ ଯଦୁପୁର-ଗୁରୁଜଙ୍ଗ

### ଗୁରୁଜଙ୍ଗ କପ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟ

ଖୋର୍ଦ୍ଧା,୧୪।୧୦(ପ୍ରଭାତ ପାଣିଗ୍ରାହୀ)

ଗୁରୁଜଙ୍ଗ କ୍ରିକେଟ ଆସୋସିଏଶନ ଆନୁକୂଲ୍ୟରେ ଚାଲିଥିବା ଗୁରୁଜଙ୍ଗ କପ୍-୨୦୨୩ରେ ଯଦୁପୁର ଦ୍ୱିତୀୟ ଟିମ୍ ଭାବେ ଫାଇନାଲରେ ପ୍ରବେଶ କରିଛି। ରବିବାର ଆୟୋଜକ ଗୁରୁଜଙ୍ଗ ଓ ଯଦୁପୁର ଟିମ୍ ମଧ୍ୟରେ ଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହେବ। ସ୍ଥାନୀୟ ଖେଳପଡ଼ିଆରେ ୮ମ ଦିବସ(ଶନିବାର)ରେ ସୁଆଙ୍ଗ ଓ ଯଦୁପୁର ଟିମ୍ ମଧ୍ୟରେ ଦ୍ୱିତୀୟ ସେମିଫାଇନାଲ ମ୍ୟାଚ୍ ହୋଇଥିଲା। ଟସ୍ ଜିତି ପ୍ରଥମେ ବ୍ୟାଟିଂକରି ସୁଆଙ୍ଗ ଟିମ୍ ନିର୍ଦ୍ଧାରିତ ୨୦ ଓଭରରେ ସମସ୍ତ ଉଇକେଟ ବିନିମୟରେ ୧୪୩ ରନ ସଂଗ୍ରହ କରିଥିଲା। ଦଳ ପକ୍ଷରୁ ରଶ୍ମିରଞ୍ଜନ ବଡ଼ଜେନା ୪୨ ରନ୍ ସଂଗ୍ରହ କରିଥିଲେ। ଯଦୁପୁର ଟିମ୍ ୧୯ ଓଭରରେ ୪ ଉଇକେଟ ହରାଇ ୧୪୫ ରନ୍ ସଂଗ୍ରହ କରି ବିଜୟୀ ହେବା ସହିତ ଫାଇନାଲରେ ପ୍ରବେଶ କରିଛି। ଦଳ ପକ୍ଷରୁ ଏସ୍.କେ. ସଲମାନ ୫୨ ଓ ମିର୍ ଜାଫର ୪୮ ରନ୍ ସଂଗ୍ରହ କରିଥିଲେ। ସୁଆଙ୍ଗ ଟିମ୍‌ର ସୂର୍ଯ୍ୟକାନ୍ତ ବଡ଼ଜେନା ୨ଟି ଉଇକେଟ ନେଇଥିଲେ। ଯୁବନେତା ଅବ୍ୟକ୍ତ ହରିହର ଖାଡ଼ଙ୍ଗା, ସାମାଜିକ କର୍ମୀ ସୁଧୀର କୁମାର ସାହୁ ଅତିଥିଭାବେ ଯୋଗଦେଇ ଶ୍ରେଷ୍ଠ ଖେଳାଳିଭାବେ ଏସ୍.କେ. ସଲମାନଙ୍କୁ ପୁରସ୍କୃତ କରିଥିଲେ। ଆୟୋଜକ ଟିମ୍‌ର ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ। ସନ୍ଦୀପ ମହାନ୍ତି, ସାନୁଜ ବିଶ୍ୱାଳ, ଅସିତ୍ ଶତପଥୀ, ପ୍ରଶାନ୍ତ ବେହେରା, ମନୋଜ ମିଶ୍ର, ସୂର୍ଯ୍ୟକାନ୍ତ ଗୁମାନ୍‌ସିଂ, ସୁଜିତ ପରିଡା, ଅସିତ୍ ପରିଡା ପ୍ରମୁଖ ମ୍ୟାଚ୍ ପରିଚାଳନାରେ ସହଯୋଗ କରିଥିଲେ।



ଅତିଥିଙ୍କଠାରୁ ଖେଳାଳି ମ୍ୟାନ୍ ଅଫ୍ ଦି ମ୍ୟାଚ୍ ପୁରସ୍କାର ଗ୍ରହଣ କରୁଛନ୍ତି।




୧୪।୧୦।୨୦୨୩

| | |
|---|---|
| ୫,୪୦,୧୩୨ ଟଙ୍କା | |
| ସୁନା | ୨୨.୬୦୦ ଗ୍ରାମ୍ |
| ରୁପା | ୨୭୫.୮୫୦ ଗ୍ରାମ୍ |

# ନାରାୟଣୀ ମନ୍ଦିରକୁ ବିଜେକଲେ ଦୁର୍ଗାମାଧବ

## ଶ୍ରୀକ୍ଷେତ୍ରରେ ଗୁପ୍ତ ଗୁଣ୍ଡିଚା

ପୁରୀ, ୧୪।୧୦(ଅଜିତ୍ ମହାନ୍ତି) :

ଶନିବାରଠାରୁ ଶ୍ରୀକ୍ଷେତ୍ରରେ ଆରମ୍ଭ ହୋଇଛି ଗୁପ୍ତ ଗୁଣ୍ଡିଚା। ଗୁପ୍ତ ଗୁଣ୍ଡିଚା ଅବସରରେ ଶ୍ରୀମନ୍ଦିର ମା' ବିମଳାଙ୍କ ପୀଠରୁ ଦୁର୍ଗାମାଧବ ରଥାକୃତି ବିମାନରେ ବିଜେହୋଇ ଦୋଳମଣ୍ଡପସାହିସ୍ଥିତ ନାରାୟଣୀ ମନ୍ଦିରକୁ ବିଜେ କରିଥାନ୍ତି। ଏହାକୁ ଗୁପ୍ତ ଗୁଣ୍ଡିଚା ନୀତି ବୋଲି କୁହାଯାଇଥାଏ। ଏହି ନୀତିକୁ ଦେଖିବା ପାଇଁ ପ୍ରବଳ ଭିଡ଼ ପରିଲକ୍ଷିତ ହୋଇଥିଲା। ପରମ୍ପରା ଅନୁଯାୟୀ ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ସକାଳ ଧୂପ ଶେଷ ହେବା ପରେ ମହାପ୍ରଭୁଙ୍କ ନିକଟରୁ ଆଜ୍ଞାମାଳ ପାଇ ଦୁର୍ଗାମାଧବ ବିମାନକୁ ବିଜେ କରିଥିଲେ। ପରେ ଘଣ୍ଟ, ଛତା, କାହାଳି ସହ ବିମାନବଡୁ ସେବକମାନେ ବିମାନକୃତ ବିମାନରେ ନାରାୟଣୀ ମନ୍ଦିରକୁ ବିଜେ କରିଥିଲେ। ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ରାତ୍ର ଚନ୍ଦନ ଲାଗି ସମ୍ପନ୍ନ ହେବା ପରେ ପାଲିଙ୍କିରେ ଦୁର୍ଗା ମାଧବ ଶ୍ରୀମନ୍ଦିରକୁ ବାହୁଡା ବିଜେ କରିଥିଲେ। ଲୋକକଥା ଅନୁଯାୟୀ ପବିତ୍ର ରଥଯାତ୍ରା ସମୟରେ ମହାପ୍ରଭୁ ଶ୍ରୀଜଗନ୍ନାଥ, ବଡ଼ଭାଇ ଶ୍ରୀବଳଭଦ୍ର ଓ ଭଉଣୀ ସୁଭଦ୍ରାଙ୍କୁ ନେଇ ରଥାରୂଢ଼ ହୋଇ ଗୁଣ୍ଡିଚା ଯାତ୍ରା କରିଥାନ୍ତି। ଏହି ସମୟରେ ତାଙ୍କ ସହ ମାତା ମହାଲକ୍ଷ୍ମୀଙ୍କୁ ସାଙ୍ଗରେ ନେଇନଥାନ୍ତି । ତେବେ ଏନେଇ ପବିତ୍ର ହେରାପଞ୍ଚମୀ ଅବସରରେ ରାଗ ଜର୍ଜରିତ ମା' ମହାଲକ୍ଷ୍ମୀ ମହାପ୍ରଭୁଙ୍କ ରଥ ଭାଙ୍ଗିବାସହ ମହାପ୍ରଭୁଙ୍କ ଉପରେ ଅଭିମାନ କରିଥାନ୍ତି। ତେବେ ନୀଳାଦ୍ରିବିଜେ ଅବସରରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଶ୍ରୀମନ୍ଦିର ପ୍ରବେଶ ସମୟରେ ମାତା ମହାଲକ୍ଷ୍ମୀ ରୋଷ କରିଥାନ୍ତି । ସେହି ସମୟରେ ରୋଷରେ ଥିବା ମାତା ଲକ୍ଷ୍ମୀଙ୍କୁ ଶାରଦୀୟ ପୂଜା ଅବସରରେ ଗୁଣ୍ଡିଚା ଯାତ୍ରାରେ ନେବାକୁ ପ୍ରତିଶ୍ରୁତି ଦେଇଥାନ୍ତି ମହାପ୍ରଭୁ। ସେହି ପ୍ରତିଶ୍ରୁତିକୁ ରକ୍ଷାକରି ପରମ୍ପରା ଅନୁସାରେ ଶ୍ରୀକ୍ଷେତ୍ରରେ ଗୁପ୍ତ ଗୁଣ୍ଡିଚା ପାଳନ କରାଯାଇଛି।



# ଜୟ ଜଗନ୍ନାଥ ସେବା ସମିତି ଟ୍ରଷ୍ଟ ପକ୍ଷରୁ ଅସହାୟଙ୍କୁ ପିଣ୍ଡଦାନ

ପୁରୀ ୧୪।୧୦(ଅଜିତ୍ ମହାନ୍ତି):

ଜୟ ଜଗନ୍ନାଥ ସେବା ସମିତି ଟ୍ରଷ୍ଟ ପକ୍ଷରୁ ଅସହାୟଙ୍କ କ୍ଷେତ୍ରରେ ପିଣ୍ଡଦାନ କରାଯାଇଛି। ଶେଷ ସମୟ, ଶେଷ ସମ୍ମାନ ଓ ସଭିଙ୍କୁ ସମାନ ଲକ୍ଷ୍ୟ ନେଇ ଏଭଳି ଉଦ୍ୟମ କରାଯାଇଥିବା ଟ୍ରଷ୍ଟ ସଭାପତି ମନୋଜ କୁମାର ପଣ୍ଡା କହିଛନ୍ତି। ସୂଚନାଯୋଗ୍ୟ, ଯାହାଙ୍କ ଅନ୍ତିମ ସଂସ୍କାର କରିବାରେ ଆର୍ଥିକ ବାଧା କିମ୍ବା ଅନ୍ୟ କୌଣସି ଅସୁବିଧା ହୋଇଥାଏ ଜୟ ଜଗନ୍ନାଥ ସେବା ସମିତି ଟ୍ରଷ୍ଟ ପକ୍ଷରୁ ନିଃଶୁଳ୍କରେ ଅନ୍ତିମ ସଂସ୍କାର କରାଯାଏ। ବର୍ତ୍ତମାନ ସୁଦ୍ଧା ୫୦ରୁ ଊର୍ଦ୍ଧ୍ୱ ଅସହାୟ ଲୋକଙ୍କର ଅନ୍ତିମ ସଂସ୍କାର ଟ୍ରଷ୍ଟ ପକ୍ଷରୁ କରାଯାଇ ସାରିଲାଣି। ଏହି ଅବସରରେ ଟ୍ରଷ୍ଟର ସଦସ୍ୟ ହରମୋହନ ନାୟକ, ସଚିତା ନନ୍ଦ ସ୍ୱାଇଁ, ବିନୋଦ ମହାପାତ୍ର, ଡମ୍ବୁରୁଧର ବାରିକ, ରାଜ କୁମାର ନାୟକ, ସ୍ମୃତି ରଞ୍ଜନ ବାରିକ, ରାକନ ବାରିକ, ସୁଦର୍ଶନ ଗୁଡ୍ଡୁ, ରାନୀ ସିଂ, ସୁନୀଲ୍ କୁମାର ବେହେରା, ସାଗର ମହାରଣା, କାର୍ତ୍ତିକେଶ୍ୱର ବେହେରା, ବଳରାମ ସାହୁ, ଶୁଭଲକ୍ଷ୍ମୀ ନାୟକ, ଲିମା ମହାପାତ୍ର, ହାଡ଼ିବନ୍ଧୁ ବେହେରା,ଜଗନ୍ନାଥ ସାହୁ, ଶ୍ରବଣ କୁମାର ଦାସ, ଗଜେନ୍ଦ୍ର ସେନାପତି, ମହାଶ୍ୱେତା ସାହୁ ଉପସ୍ଥିତ ଥିଲେ। ଟ୍ରଷ୍ଟର ସମ୍ପାଦକ ଶଶାଙ୍କ ଦାଶ, ସଭାପତି ମନୋଜ ପଣ୍ଡାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

## ସଂକ୍ଷେପରେ

### ସ୍କୁଟି ଦୁର୍ଘଟଣାରେ ବୃଦ୍ଧ ଗୁରୁତର

ଅସ୍ତରଙ୍ଗ,୧୪।୧୦(ମମତା ଜେନା)

ସ୍କୁଟି ଧକ୍କାରେ ଜଣେ ବୃଦ୍ଧ ଗୁରୁତର ହୋଇଥିବା ଶନିବାର ତାଙ୍କ ପରିବାର ପକ୍ଷରୁ ଅଭିଯୋଗ ହୋଇଛି। ଅସ୍ତରଙ୍ଗ ବ୍ଲକ ସହନ ଗ୍ରାମର ଛବି ବେହେରା ନାମକ ବୃଦ୍ଧ ଅପରାହ୍ନରେ ଅସ୍ତରଙ୍ଗ ହାଟରୁ ହାଟ ସଉଦା ନେଇ ଫେରୁଥିଲେ। ସେହି ସମୟରେ ହୀରାଦେଇ ରାସ୍ତାରେ ବିପରୀତ ଦିଗରୁ ଆସୁଥିବା ଏକ ସ୍କୁଟି (ଓଡି୧୩ ପି୫୩୦୮) ଦ୍ରୁତଗତିରେ ଆସି ବୃଦ୍ଧଙ୍କୁ ଧକ୍କା ଦେଇଥିଲା। ଘଟଣା ସ୍ଥଳରେ ବୃଦ୍ଧ ଜଣକ ଗୁରୁତର ଆହତ ହେବା ସହ ତାଙ୍କର ରକ୍ତବାନ୍ତି ହୋଇଥିଲା। ସ୍କୁଟି ଚାଳକ ସେଠାରୁ ଖସିଯିବାକୁ ଉଦ୍ୟମ କରୁଥିବାବେଳେ ସ୍ଥାନୀୟ ଲୋକେ ତାଙ୍କୁ କାବୁ କରିଥିଲେ। ସ୍ଥାନୀୟ ଲୋକେ ବୃଦ୍ଧଙ୍କୁ ଚିକିତ୍ସା ପାଇଁ ଡାକ୍ତରଖାନା ନେବାକୁ ସ୍କୁଟି ଚାଳକଙ୍କୁ ବାଧ୍ୟ କରିଥିଲେ। ଫଳରେ ସେ ଏକ କାରରେ ତାଙ୍କୁ ଅସ୍ତରଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ବୃଦ୍ଧଙ୍କ ଅବସ୍ଥା ବିଗିଡ଼ିବାରୁ ତାଙ୍କୁ ଚାରିଛକ ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଆମ୍ବୁଲାନ୍ସ ନ ମିଳିବାରୁଚାଳକ ଜଣକ ବୃଦ୍ଧଙ୍କୁ କାରରେ ଚାରିଛକ ଆଣିଥିଲେ। କିନ୍ତୁ ସ୍କୁଟି ଚାଳକଙ୍କ ନାମ ଓ ଠିକଣା ବର୍ତ୍ତମାନ ସୁଦ୍ଧା ଜଣାପଡ଼ି ନ ଥିବାରୁ ବୃଦ୍ଧଙ୍କ ବୋହୂ ଆରତୀ ବେହେରା ଅସ୍ତରଙ୍ଗ ଥାନାରେ ଏକ ଲିଖିତ ଅଭିଯୋଗ କରିଛନ୍ତି ।

### ପ୍ରତି ଉନ୍ନୟନ କାର୍ଯ୍ୟକୁ ସମୀକ୍ଷା କରିବ ସତ୍ୟବାଦୀ ବିକାଶ ପରିଷଦ

ସାକ୍ଷୀଗୋପାଳ, ୧୪।୧୦
(ପ୍ରଶାନ୍ତ କୁମାର ବାରିକ/କିଶୋର ମହାପାତ୍ର):

ସତ୍ୟବାଦୀ ବିକାଶ ପରିଷଦ ପକ୍ଷରୁ ଶନିବାର ସ୍ଥାନୀୟ ପଞ୍ଚସଖା ପାଠାଗାର ପରିସରରେ ଆଇନ୍‌ଗତ ସହାୟତା ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରକୁ ଅନୁଷ୍ଠାନର ସଭାପତି ଆଇନ୍‌ଜୀବୀ ଗୁଣ୍ଡିଚା ବରାଳ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଛନ୍ତି। ସେ କହିଛନ୍ତି, ସତ୍ୟବାଦୀ ବିକାଶ ପରିଷଦର କର୍ମକର୍ତ୍ତାମାନେ ସତ୍ୟବାଦୀରେ ହେବାକୁ ଥିବା ଗ୍ରାମ୍ୟ ନ୍ୟାୟାଳୟକୁ ଶୀଘ୍ର ସ୍ଥାପନ କରିବା ସହ ପଣ୍ଡିତ ଗୋପବନ୍ଧୁଙ୍କ ଜନ୍ମସ୍ଥାନ, ସମାଧି ପୀଠ, ସତ୍ୟବାଦୀ ହାଇସ୍କୁଲ ଓ ସାକ୍ଷୀଗୋପାଳ ମନ୍ଦିରକୁ ଉନ୍ନତୀକରଣ କରିବା ଭଳି ପ୍ରତ୍ୟେକ ଉନ୍ନୟନ କାର୍ଯ୍ୟ ସମୀକ୍ଷା କରିବେ। ଯଦି ଏ ସବୁର ଉନ୍ନୟନ କାର୍ଯ୍ୟ ନିର୍ଦ୍ଧାରିତ ସମୟ ମଧ୍ୟରେ ନହୁଏ ତେବେ ସତ୍ୟବାଦୀ ବିକାଶ ପରିଷଦ ପକ୍ଷରୁ ସାକ୍ଷୀଗୋପାଳ ମନ୍ଦିର ସମ୍ମୁଖରେ ଆଗାମୀ ଦିନରେ ଧାରଣା ଦିଆଯିବ ବୋଲି ସଭାପତି ଗୁଣ୍ଡିଚା ବରାଳ ପ୍ରକାଶ କରିଛନ୍ତି। ବରାଳ ବାଲୁଙ୍କେଶ୍ୱର ଦେଙ୍କ ମୁଖ୍ୟ ପୂଜକ ତଥା ବରିଷ୍ଠ ସେବାୟତ ପ୍ରଫୁଲ୍ଲ ଚନ୍ଦ୍ର ମହାପାତ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ କହିଥିଲେ, ଆମ ଅଞ୍ଚଳରେ ଅନେକ ଗରିବ ଲୋକ ଠିକ୍ ଆଇନ୍‌ଗତ ସହାୟତା ପାଇବାରେ ଦୀର୍ଘଦିନରୁ ବଞ୍ଚିତ ହେଉଛନ୍ତି। ଏଭଳି ସ୍ଥିତିରେ ସତ୍ୟବାଦୀ ବିକାଶ ପରିଷଦ ପକ୍ଷରୁ ଏହି କାର୍ଯ୍ୟ ମାଗଣାରେ ଯୋଗାଇ ଦିଆଯିବ। ଏହି ସହାୟତା ଶିବିରର ପ୍ରଥମ ଦିନରେ ୪ ଜଣ ଅସହାୟ ବ୍ୟକ୍ତିଙ୍କୁ ଉପସ୍ଥିତ ଆଇନ୍‌ଜୀବୀମାନେ ସେମାନଙ୍କ ସମସ୍ୟାର ସମାଧାନ ଦିଗରେ ସହାୟତା ପ୍ରଦାନ କରିଛନ୍ତି। ବରିଷ୍ଠ ଶିକ୍ଷାବିତ୍ ଜୟନ୍ତ ତ୍ରିପାଠୀ, ଲିଙ୍ଗରାଜ ବର, ଧାଡ଼ିଆ ପ୍ରଧାନ, ଚିନ୍ମୟୀ ରଥ ପ୍ରମୁଖ ୪୦ ଜଣରୁ ଊର୍ଦ୍ଧ୍ୱ ବ୍ୟକ୍ତି ଉପସ୍ଥିତ ରହିଥିଲେ। ଅନୁଷ୍ଠାନର ସଂଯୋଜକ ହୃଷୀକେଶ ମିଶ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସମ୍ପାଦକ ଆଇନ୍‌ଜୀବୀ ଅମର ନନ୍ଦ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ପରିଷଦ ପକ୍ଷରୁ ମହିଳାମାନଙ୍କୁ ସହାୟତା ପ୍ରଦାନ କରିବା ନିମନ୍ତେ ଏକ ମହିଳା ୱିଙ୍ଗସ୍ ଗଠନ କରାଯାଇଛି।

# ଦିଲ୍ଲୀ ଗଲା 'ମେରି ମିଟି ମେରା ଦେଶ'ରେ ସଂଗୃହୀତ ମାଟି



'ମେରି ମିଟି ମେରା ଦେଶ' କାର୍ଯ୍ୟକ୍ରମରେ ଜିଲାର ବିଭିନ୍ନ ସ୍ଥାନରୁ ସଂଗୃହୀତ ହୋଇଥିବା ମାଟି ।

ପୁରୀ ୧୪।୧୦( ଅଜିତ୍ ମହାନ୍ତି)

'ମେରି ମିଟି ମେରି ଦେଶ' କାର୍ଯ୍ୟକ୍ରମ ଅଧୀନରେ ପୁରୀ ଲୋକସଭା ନିର୍ବାଚନ ମଣ୍ଡଳୀରୁ ସଂଗୃହୀତ ମାଟିକୁ ଶନିବାର ଦିଲ୍ଲୀସ୍ଥିତ ନେହେରୁ ଯୁବ କେନ୍ଦ୍ର ମୁଖ୍ୟାଳୟକୁ ପଠାଯାଇଛି। ଭାଜପା ରାଷ୍ଟ୍ରୀୟ ପ୍ରବକ୍ତା ସମ୍ବିତ ପାତ୍ର ସଂଗୃହିତ ମାଟିକୁ ହସ୍ତାନ୍ତର କରିଛନ୍ତି। ଶନିବାର ୟୁଥ୍ ହଷ୍ଟେଲରେ ଆୟୋଜି ଏହି କାର୍ଯ୍ୟକ୍ରମରେ ବିଜେପି ରାଷ୍ଟ୍ରୀୟ ପ୍ରବକ୍ତା, ବିଧାୟକ ଜୟନ୍ତ ଷଡ଼ଙ୍ଗୀ ଏବଂ ନେହେରୁ ଯୁବ କେନ୍ଦ୍ର ଜିଲା ପ୍ରମୁଖ ଜୟଶଙ୍କର ଜୋଶୀ ଯୋଗ ଦେଇଥିଲେ। ନେହେରୁ ଯୁବ କେନ୍ଦ୍ରର ବିଭିନ୍ନ ବ୍ଲକ ପ୍ରତିନିଧି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ। ଏହି ଅବସରରେ ପାତ୍ର ସୂଚନା ଦେଇ କହିଥିଲେ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଆହ୍ୱାନକ୍ରମେ ସାରା ଦେଶରେ 'ମେରି ମିଟି ମେରି ଦେଶ' କାର୍ଯ୍ୟକ୍ରମ ଜାରି ରହିଛି। ପ୍ରତ୍ୟେକ ଗ୍ରାମ, ପଞ୍ଚାୟତ, ଘର, ତୀର୍ଥକ୍ଷେତ୍ର, ଐତିହ୍ୟସ୍ଥଳୀ ଆଦି ସ୍ଥାନରୁ ମାଟି ସଂଗ୍ରହ କରାଯାଉଛି। ସଂଗୃହୀତ ମାଟି ଦିଲ୍ଲୀର କର୍ତ୍ତବ୍ୟ ପଥଠାରେ ଶହୀଦ୍‌ମାନଙ୍କ ଉଦ୍ଦେଶ୍ୟରେ ନିର୍ମାଣ ହେଉଥିବା ଅମୃତ ବାଟିକାରେ ବ୍ୟବହୃତ ହେବ। ଏହି କାର୍ଯ୍ୟକ୍ରମରେ ଜିଲାର ବିଭିନ୍ନ କଲେଜରୁ ଛାତ୍ରୀଛାତ୍ରମାନେ ଅଂଶଗ୍ରହଣ କରିଥିଲେ।

# ଜିଲାସ୍ତରୀୟ ତୃତୀୟ ଲୋକ ଅଦାଲତ

ପୁରୀ, ୧୪।୧୦(ଅଜିତ୍ ମହାନ୍ତି) :

ଜିଲା ଆଇନ୍ ସେବା ପ୍ରାଧିକରଣ ଆନୁକୂଲ୍ୟରେ ପୁରୀ ସମେତ ନିମାପଡା, କୋଣାର୍କ, ପିପିଲି, ବ୍ରହ୍ମଗିରି ଓ କଣାସ ଅଦାଲତରେ ଶନିବାର ଜିଲାସ୍ତରୀୟ ତୃତୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଛି। ଜିଲା ଆଇନସେବା ପ୍ରାଧିକରଣର ଅଧ୍ୟକ୍ଷ ତଥା ଜିଲା ଓ ଦୌରାଜଜ୍ ଶୀତିକଣ୍ଠ ସାମଲଙ୍କ ତତ୍ତ୍ୱାବଧାନ ଓ ଜିଲା ଆଇନସେବା ପ୍ରାଧିକରଣର ସଚିବ ଅମିତ୍ କୁମାର ବାରିକ୍‌ଙ୍କ ପରିଚାଳନାରେ ଲୋକ ଅଦାଲତ ଅନୁଷ୍ଠିତ ହୋଇଥିଲା। ଏଥିରେ ୫୪୮୯ ମକଦ୍ଦମା ଫଇସଲା କରାଯିବା ସହ ଜୋରିମାନା ବାବଦକୁ ୭୬ ଲକ୍ଷ ୯ ହଜାର ୭୬୦ ଟଙ୍କା ଆଦାୟ କରାଯାଇଛି। ଅନ୍ୟପକ୍ଷରେ ୭ ଗୋଟି ମୋଟର ଦୁର୍ଘଟଣାଜନିତ କ୍ଷତିପୂରଣ ମାମଲାର ସମାଧାନ କରାଯାଇଛି ଏବଂ ୧୮ ଲକ୍ଷ ୪୫ ହଜାର ଟଙ୍କା କ୍ଷତିପୂରଣ ପ୍ରଦାନ ପାଇଁ ବୀମା କମ୍ପାନୀ ଗୁଡିକୁ ନିର୍ଦ୍ଦେଶ ଦିଆଯାଇଛି। ସେହିପରି ୯ ପାରିବାରିକ ବିବାଦ, ୪୩ ଅନ୍ୟାନ୍ୟ ବିବାଦର ସାମାଧାନ କରାଯାଇଛି। ୫୪୩୦ ରାଜସ୍ୱ ମାମଲାର ଫଇସଲା କରାଯାଇ ୪୨ ଲକ୍ଷ ୪୬ ହଜାର ୮୧୨ ଟଙ୍କା ଆଦାୟ କରାଯାଇଛି। ଆୟୋଜିତ ଲୋକ ଅଦାଲତରେ ପରିବାର ଅଦାଲତ ବିଚାରପତି ଅରୁଣ କୁମାର ମଲ୍ଲିକ୍, ପ୍ରଥମ ଅତିରିକ୍ତ ଜିଲା ଓ ଦୌରାଜଜ୍ ଅମିୟ ରଞ୍ଜନ ଜେନା, ଦ୍ୱିତୀୟ ଅତିରିକ୍ତ ଜିଲା ଓ ଦୌରାଜଜ୍ ଚିନ୍ମୟ ମିଶ୍ର, ବରିଷ୍ଠ ଦେୱାନୀ ଅଦାଲତ ବିଚାରପତି ରାଣା ଘୋଷ, ପ୍ରଥମ ଅତିରିକ୍ତ ବରିଷ୍ଠ ଦେୱାନୀ ଅଦାଲତ ବିଚାରପତି ଦିଗ୍‌ବିଜୟ ଦାସ, ଦେୱାନୀ ଅଦାଲତ ବିଚାରପତି ମନୀନ୍ଦ୍ର ଭୂଷଣ ସାହୁ, ଉପଖଣ୍ଡ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ୍ ପତିତପାବନ ପଣ୍ଡା, ଗ୍ରାମ୍ୟ ନ୍ୟାୟାଳୟ ଅଧିକାରୀ ନର୍ମଦା କର, ପ୍ରଥମଶ୍ରେଣୀ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ୍ ଶ୍ରୁତକୀର୍ତ୍ତି ଆଚାର୍ଯ୍ୟ, ତନ୍ମୟ ରଞ୍ଜନ ଦାସ ପ୍ରମୁଖ ଯୋଗଦାନ କରି ମାମଲା ଗୁଡିକର ଫଇସଲା କରିଥିଲେ।

# ଫାଟିଲା ଦୟା ନଦୀବନ୍ଧ

## ଲୋକେ ଭୟଭୀତ

କଣାସ, ୧୪।୧୦(ବିଭୂତି ଭୂଷଣ ତ୍ରିପାଠୀ):



କଣାସ ବ୍ଲକରେ ପ୍ରବାହିତ ହେଉଥିବା ଦୟା ନଦୀବନ୍ଧ ବାମପାର୍ଶ୍ୱ ବସନ୍ତପୁର ନିକଟରେ ଫାଟି ଆଁ କରିଥିବାରୁ କଣାସ ଅଞ୍ଚଳବାସୀ ଆତଙ୍କିତ ଅବସ୍ଥାରେ ରହିଛନ୍ତି। ପ୍ରକାଶଥାଉକି ୪ ମାସ ତଳେ ଉକ୍ତ ସ୍ଥାନ ନଦୀ ଭିତରକୁ ଫାଟି ଧସିଯାଇଥିବା ବେଳେ ବିଭାଗୀୟ ଅଧିକାରୀମାନେ ଉକ୍ତ ସ୍ଥାନ ପରିଦର୍ଶନ କରି ଠିକାଦାରଙ୍କୁ ନଦୀବନ୍ଧ ସୁଦୃଢ଼ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ଠିକାଦାର ଉକ୍ତ ସ୍ଥାନ ନିର୍ମାଣ କରିଥିବା ବେଳେ ପୁନଶ୍ଚ ଶନିବାର ନଦୀବନ୍ଧ ମଝିରେ ଉକ୍ତ ସ୍ଥାନ ଫାଟିଯାଇଥିବାରୁ ଦୟା ଓ ଲୁଣାନଦୀର ମଧ୍ୟବର୍ତ୍ତୀ ଅଞ୍ଚଳ ଲୋକମାନେ ଆତଙ୍କିତ ହୋଇପଡିଛନ୍ତି । ଉକ୍ତ ରାସ୍ତାଟି କଣାସ ଜଳସେଚନ ବିଭାଗର ହୋଇଥିବାରୁ ଜଳସେଚନ ବିଭାଗର ସହକାରୀ ଯନ୍ତ୍ରୀ ଏଥିପ୍ରତି କର୍ଣ୍ଣପାତ କରୁନଥିବା ଅଭିଯୋଗ ହୋଇଛି। ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟି ଦେବାକୁ ଦାବିହେଉଛି ।

# ଲୋକଙ୍କୁ ସଚେତନ କରୁଛି ସାଇବର ରଥ




ସାଇବର ରଥ ମାଧ୍ୟମରେ ସଚେତନତାର ବାର୍ତ୍ତା ବାଣ୍ଟୁଛନ୍ତି କଳାକାର ।

ପୁରୀ, ୧୪।୧୦(ଅଜିତ୍ ମହାନ୍ତି):

ଲୋକମାନେ କିପରି ସାଇବର କ୍ରାଇମ୍‌ର ଶିକାର ନ ହେବେ ଏହାକୁ ଦୃଷ୍ଟିରେ ରଖି ରାଜ୍ୟ ସରକାରଙ୍କ ପକ୍ଷରୁ ସଚେତନତା କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ଜନସାଧାରଣଙ୍କୁ ସଚେତନ କରିବା ପାଇଁ ସଚେତନତା ସାଇବର ରଥ ଜିଲାର ବିଭିନ୍ନ ସ୍ଥାନ ପରିକ୍ରମା କରୁଛି। ଏଥିସହ ବିଭିନ୍ନ ମହାବିଦ୍ୟାଳୟ, ବିଦ୍ୟାଳୟ ଆଦି ସ୍ଥାନରେ କୁଇଜ୍ ପ୍ରତିଯୋଗିତା ମାଧ୍ୟମରେ ଛାତ୍ରୀଛାତ୍ରମାନଙ୍କୁ ସଚେତନତା କରାଯାଉଛି। ଏହି ପରିପ୍ରେକ୍ଷୀରେ ଶନିବାର ସାଇବର ରଥ ମାଧ୍ୟମରେ ବରିଷ୍ଠ ଲୋକମାନଙ୍କୁ ସଚେତନ କରିବା ପାଇଁ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଅତିରିକ୍ତ ଏସ୍‌ପି ଦେବବ୍ରତ ଚକ୍ର ସୂଚନା ଦେଇ କହିଥିଲେ, ଅନେକ ସମୟରେ ଦେଖିବାକୁ ମିଳୁଛି ବୟୋଜ୍ୟେଷ୍ଠ ଲୋକମାନେ ସାଇବର ଠକେଇର ଶିକାର ହେଉଛନ୍ତି। ଫଳରେ ସେମାନେ ସେମାନଙ୍କ କଷ୍ଟ ଅର୍ଜିତ ଟଙ୍କା ସବୁ ହରାଇ ବସୁଛନ୍ତି। ତେଣୁ କିପରି ସାଇବର ଠକେଇରୁ ନିଜକୁ ଦୂରେଇ ରଖିବେ ସେ ନେଇ ଏହି ରଥ ମାଧ୍ୟମରେ ସଚେତନ କରାଯାଉଛି। ରବିବାର ସାଇବର ସଚେତନତା ରଥ କାର୍ଯ୍ୟକ୍ରମ ଉଦ୍‌ଯାପିତ ହେବ ବୋଲି ଦେବବ୍ରତ ଚକ୍ର କହିଛନ୍ତି।

# ହାଇୱା ଚାଳକଙ୍କୁ ବଞ୍ଚାଇବାକୁ ଯାଇ ଚାଷୀ ମୃତ

ଗୋପ,୧୪।୧୦
(ଭାରତୀ ଭୂଷଣ ଉପାଧ୍ୟାୟ)

ବାଲି ବୋଝେଇ ହାଇୱାରେ ଶନିବାର ସକାଳେ ୧୧ କେଭି ବିଦ୍ୟୁତ୍ ତାର ଲାଗି ଯାଇଥିଲା। ଏହି ସମୟରେ ହାଇୱା ଚାଳକଙ୍କୁ ବଞ୍ଚାଇବାକୁ ଯାଇ ଜଣଙ୍କର ମୃତ୍ୟୁ ଘଟିଥିବା ଜଣାପଡିଛି। ମୃତକ ହେଲେ ଗୋପ ଥାନା ଅଧୀନ କୁଆଁପଡ଼ା ପଞ୍ଚାୟତର ଓରୁଆଳି ଗ୍ରାମର ବିପ୍ରବର ପ୍ରଧାନ(୪୭)। ଏନେଇ ତାଙ୍କ ପୁତୁରା ବସନ୍ତ ପ୍ରଧାନ ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ୪୧୪/୨୩ରେ ଏକ ମାମଲା ରୁଜୁକରି ତଦନ୍ତ ଚଳାଇଛି। ପ୍ରକାଶ ଯେ, ଶନିବାର ସକାଳେ ଓରୁଆଳି ଗ୍ରାମର ଶେଷ ଭାଗରେ ହାଇୱା (ଓଡି୦୨ସିଏଫ୫୧୦୧)ରୁ ବାଲି ଅନ୍‌ଲୋଡ କରାଯାଉଥିଲା। ସେହି ସ୍ଥାନ ଉପର ଭାଗରେ ୧୧ କେଭିର ବିଦ୍ୟୁତ୍ ତାର ଯାଇଥିଲା। ଚାଳକ ଜାଣି ନ ପାରି ବାଲି ଖାଲି କରିବାକୁ ଡାଲା ଟେକି ଦେବାରୁ ଡାଲା ବିଦ୍ୟୁତ୍ ତାରରେ ଲାଗିଗଲା। ଏହି ସମୟରେ ସେହି ବାଟ ଦେଇ ଯାଉଥିବା ବିପ୍ରବର ଚାଳକଙ୍କୁ ବଞ୍ଚାଇବାକୁ ଡ୍ରାଇଭରଙ୍କ ପାର୍ଶ୍ୱ ଗେଟ୍ ଖୋଲି ଦେଇଥିଲେ। ଫଳରେ ବିପ୍ରବରଙ୍କ ଡାହାଣ ହାତରେ ବିଦ୍ୟୁତ୍ ତାର ଲାଗିଯାଇଥିଲା। ଗ୍ରାମବାସୀ ତୁରନ୍ତ ବିପ୍ରବରଙ୍କୁ ଗୋପ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ହେଲେ ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ। ଘଟଣା ସ୍ଥଳରୁ ଚାଳକ ଜଣକ ଫେରାର ହୋଇଯାଇଥିଲେ। ମୃତ୍ୟୁ ସମ୍ପର୍କରେ ଗୋପ ଥାନାକୁ ଅବଗତ କରିବା ପରେ ପୋଲିସ ମୃତଦେହ ଜବତ କରି ଚାରିଛକ ଡାକ୍ତରଖାନାକୁ ପଠାଇଛି। ବିପ୍ରବର ପ୍ରଧାନ ଜଣେ ଗରିବ ଚାଷୀ ହୋଇ ଥିବାରୁ ତାଙ୍କୁ ତୁରନ୍ତ ସରକାରୀ ସହାୟତା ଯୋଗାଇ ଦେବାକୁ କୁଆଁପଡ଼ା ସରପଞ୍ଚ ବିଲମଣୀ ପ୍ରଧାନ, ପୂର୍ବତନ ସମିତି ସଭ୍ୟ କାର୍ତ୍ତିକ ବେହେରା ଦାବି କରିଛନ୍ତି।

# ନ୍ୟାୟ ପାଇଁ ମାନବାଧିକାର କମିଶନଙ୍କ ଦ୍ୱାରସ୍ଥ

## ବିଜେଡି ନେତ୍ରୀଙ୍କୁ ଆକ୍ରମଣ ଓ ହତ୍ୟା ଧମକ ଘଟଣା

ପୁରୀ/ ନିମାପଡ଼ା,(ଅଜିତ୍ ମହାନ୍ତି/ ବିଚିତ୍ରାନନ୍ଦ ସାହୁ) ୧୪।୧୦:

ପୁରୀ ଜିଲା ନିମାପଡା ନିର୍ବାଚନ ମଣ୍ଡଳୀର ବିଜେଡି ନେତ୍ରୀ ଜ୍ୟୋସ୍ନାରାଣୀ ନାୟକଙ୍କୁ ନିମାପଡ଼ା ବିଧାୟକଙ୍କ ସମର୍ଥକମାନେ ୨ ଥର ସଙ୍ଘବଦ୍ଧ ଆକ୍ରମଣ କରିବା ଏବଂ ହତ୍ୟା ଧମକ ଦେବା ଘଟଣାରେ ଦୋଷୀମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବି କରି ମାନବାଧିକାର କମିଶନଙ୍କ ଦ୍ୱାରସ୍ଥ ହୋଇଛନ୍ତି 'ନ୍ୟାୟ ପାଇଁ ଲଢେଇ ପରିବାର'ର ରାଜ୍ୟ ସଭାପତି ସୁବ୍ରତ କୁମାର ଦାଶ। ଏହି ମାମଲାରେ ଏସପି, ଡିଜି, ମୁଖ୍ୟମନ୍ତ୍ରୀ ଏବଂ ରାଜ୍ୟପାଳଙ୍କୁ ପକ୍ଷଭୁକ୍ତ କରାଯାଇଛି। ସୁବ୍ରତ ଦାସଙ୍କ ସୂଚନାନୁଯାୟୀ ଗତ ୯ ତାରିଖ ଦିନ ନିମାପଡା ନିର୍ବାଚନ ମଣ୍ଡଳୀରେ ବିଜେଡି ଜନସମ୍ପର୍କ ପଦଯାତ୍ରା ସମୟରେ ଜ୍ୟୋସ୍ନାରାଣୀ ନାୟକଙ୍କୁ ନିମାପଡା ବିଧାୟକଙ୍କ ସମର୍ଥକ ସଙ୍ଘବଦ୍ଧ ଆକ୍ରମଣ କରିଥିଲେ। ଏହି ଘଟଣାକୁ ନେଇ ଜ୍ୟୋସ୍ନାରାଣୀ ନାୟକ ଗୋପ ଥାନାରେ ଅଭିଯୋଗ କରିବା ପରେ ଗୋପ ଥାନାରେ ୪୦୮/୨୦୨୩ ମାମଲା ରୁଜୁ କରାଯାଇଥିଲା। ପୁଣି ୧୧ ତାରିଖରେ ମହିଳା ନେତ୍ରୀଜଣଙ୍କ ଗୋପରୁ ଫେରିବା ସମୟରେ ନିମାପଡା ନିର୍ବାଚନ ମଣ୍ଡଳୀର ନିଘାଳ ନିକଟରେ ତାଙ୍କୁ ଅସଭ୍ୟ ଭାଷାରେ ଗାଳିଗୁଲଜ କରିବା ସହ ସଙ୍ଘବଦ୍ଧ ଆକ୍ରମଣ କରି ହତ୍ୟା ଧମକ ଦିଆଯାଇଥିଲା। ଏ ଘଟଣାକୁ ନେଇ ମହିଳା ନେତ୍ରୀ ନିମାପଡା ଥାନାରେ ଅଭିଯୋଗ କରିବା ପରେ କେସ୍ ନମ୍ବର ୩୭୪/୨୦୨୩ରେ ମାମଲା ରୁଜୁ କରାଯାଇଛି। ତେବେ ଆକ୍ରମଣକାରଙ୍କ ବିରୋଧରେ ପୋଲିସ କୌଣସି କାର୍ଯ୍ୟାନୁଷ୍ଠାନ ନନେବାରୁ ଜ୍ୟୋସ୍ନାରାଣୀ ଏସ୍‌ପିଙ୍କ ନିକଟରେ ଅଭିଯୋଗ କରିଥିଲେ। ପୁରୀ ଏସ୍‌ପି ମଧ୍ୟ ଚୁପ୍ ରହିବାକୁ ନେଇ ଏବେ ବିଭିନ୍ନ ମହଲରେ ପ୍ରଶ୍ନ ଉଠିଛି। ବିଧାୟକଙ୍କ ଚାପରେ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଉନଥିବା ଚର୍ଚ୍ଚା ହେଉଛି।

# ଓଡ଼ିଶା 'ମିଲେଟ ମିଶନ ପ୍ରତିଯୋଗିତା' ଉଦ୍‌ଯାପିତ

ଅସ୍ତରଙ୍ଗ,୧୪।୧୦(ପ୍ରଦୀପ୍ତ ଦୀକ୍ଷିତ)




ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି ଓ ଅନ୍ୟମାନେ ।

ମଣ୍ଡଳସ୍ତରୀୟ ଶିଶୁ ମହୋତ୍ସବ 'ସୁରଭି - ୨୦୨୩' ଏବଂ ଓଡ଼ିଶା ମିଲେଟ ପ୍ରତିଯୋଗିତା କାର୍ଯ୍ୟକ୍ରମ ଶନିବାର ଉଦ୍‌ଯାପିତ ହୋଇଯାଇଛି। ପ୍ରତିଯୋଗିତା ବ୍ଲକ ମଣ୍ଡଳ ଶିକ୍ଷାଧିକାରୀ କାର୍ଯ୍ୟାଳୟ ଅଧୀନରେ ଥିବା ୧୩ଟି କ୍ଲଷ୍ଟରର ଛାତ୍ରୀଛାତ୍ରଙ୍କୁ ନେଇ ଅସ୍ତରଙ୍ଗ ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ଆୟୋଜିତ ହୋଇଥିଲା। ମୁଖ୍ୟ ଅତିଥି ଭାବେ ବ୍ଲକ ଅତିରିକ୍ତ ଶିକ୍ଷାଧିକାରିଣୀ ମମତା ମଞ୍ଜରୀ ଦେଇ, ମୁଖ୍ୟବକ୍ତା ଭାବେ ବ୍ଲକ ଅତିରିକ୍ତ ଶିକ୍ଷାଧିକାରିଣୀ ରାଜଲକ୍ଷ୍ମୀ ପାତ୍ର, ସୁଧାଂଶୁବାଳା ଶତପଥୀ ଉପସ୍ଥିତ ଥିଲେ। ମଙ୍ଗୁଳି ଚରଣ ଦାସ ଏଥିରେ ସଭାପତିତ୍ୱ କରିଥିଲେ। ବ୍ଲକର ୧୩ଟି କ୍ଲଷ୍ଟରର ସମସ୍ତ କନିଷ୍ଠ ଓ ବରିଷ୍ଠ ପ୍ରତିଯୋଗୀଙ୍କୁ ନେଇ ପ୍ରତିଯୋଗିତା ବିଭିନ୍ନ ବିଭାଗରେ ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ଅତିଥି ପ୍ରତିଯୋଗୀଙ୍କୁ ଏକ ସକାରାତ୍ମକ ମନୋଭାବ ପ୍ରତିପୋଷଣ କରିବା ଏବଂ ମିଲେଟ ବା ମାଣ୍ଡିଆରୁ ପ୍ରସ୍ତୁତ ଖାଦ୍ୟ କିପରି ସ୍ୱାସ୍ଥ୍ୟ ପାଇଁ ଉପଯୁକ୍ତ ପୋଷଣ ସେ ସମ୍ବନ୍ଧରେ ଦିଗ୍‌ଦର୍ଶନ ଦେଇଥିଲେ। ନୃତ୍ୟ ପ୍ରତିଯୋଗିତାରେ ଅସ୍ତରଙ୍ଗ ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପ୍ରଥମ ସ୍ଥାନ ଅଧିକାର କରିଥିଲା। ତାହା ସହ ବିଭିନ୍ନ ବିଭାଗର କନିଷ୍ଠ ଓ ବରିଷ୍ଠ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ସିଆର୍‌ସି ରବୀନ୍ଦ୍ର ପରିଡ଼ା, ସନ୍ତୋଷ ସ୍ୱାଇଁ, ଗଣେଶ ନାୟକ, ଭରତ ବିଶ୍ୱାଳ, ତ୍ରିଲୋଚନ ବେହେରାଙ୍କ ସହ ବିଭିନ୍ନ ବିଦ୍ୟାଳୟର ଶିକ୍ଷୟିତ୍ରୀ ଶିକ୍ଷକ ଉପସ୍ଥିତ ଥିଲେ।


ଷୋଳପୂଜା ଅବସରରେ ମା' କଟକ ଚଣ୍ଡୀଙ୍କ ତ୍ରିପୁରା ଭୈରବୀ ବେଶ।


ମା' ଗଡ଼ଚଣ୍ଡୀଙ୍କ ତାରା ବେଶ।


ମା' ଝାଞ୍ଜିରୀମଙ୍ଗଳାଙ୍କ ଦକ୍ଷିଣକାଳୀ ବେଶ।


ମା' ବାସନ୍ତୀ ଦୁର୍ଗାଙ୍କ ନୀଳ ସରସ୍ୱତୀ ବେଶ।


ପୀଠାପୁରସ୍ଥିତ ମା' ଧାକୁଲେଇଙ୍କ ଦକ୍ଷିଣକାଳୀ ବେଶ।


ବାଙ୍କୀ ମା' ଚର୍ଚ୍ଚିକାଙ୍କ ନବମ ଦିନର ବେଶ।


ବଡ଼ମ୍ବା ମା' ଭଟ୍ଟାରିକାଙ୍କ ହରଚଣ୍ଡୀ ବେଶ।

## ସଂକ୍ଷେପରେ

### ବିଦ୍ୟୁତ୍ ଖୁଣ୍ଟ ଚୋରି ଘଟଣା, ଅଭିଯୁକ୍ତ ଗିରଫ

କଟକ ସଦର,୧୪।୧୦(ସୁଶାନ୍ତ କୁମାର ଜେନା)

ରାସ୍ତା ପାର୍ଶ୍ୱରୁ ବିଦ୍ୟୁତ୍ ଖୁଣ୍ଟ ଚୋରି କରିବା ଘଟଣାରେ କନ୍ଦରପୁର ପୋଲିସ ଶନିବାର ଜଣେ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେ ହେଲେ ଗୁରୁଡ଼ିଝାଟିଆ ଥାନା ଅନ୍ତର୍ଗତ କଣ୍ଟୁଣିଆ ଗ୍ରାମର ପ୍ରଭାତ ମଙ୍ଗୁଆଲ। ଗତ ଜାନୁୟାରୀ ୯ ତାରିଖରେ ଏହି ଥାନା ଅନ୍ତର୍ଗତ ନାହାଭଙ୍ଗା ନିକଟ ରାସ୍ତାପାର୍ଶ୍ୱରେ ପଡ଼ିଥିବା ଲୁହା ବିଦ୍ୟୁତ୍ ଖୁଣ୍ଟକୁ ପ୍ରଭାତ ଓ ଅନ୍ୟ ୨ ଜଣ ଗ୍ୟାସ୍ କଟର ସାହାଯ୍ୟରେ କାଟି ଟ୍ରକରେ ବୋଝେଇ କରୁଥିଲେ। ଏହି ସମୟରେ ପୋଲିସ ଚଢ଼ାଉ କରି ୨ ଜଣଙ୍କୁ କାବୁ କରିଥିଲା। ହେଲେ ପ୍ରଭାତ ଫେରାର ହୋଇଯାଇଥିଲେ। ଏ ନେଇ ଥାନାରେ ଏକ ମାମଲା(ନଂ.୭/୨୩) ରୁଜୁ ହୋଇଥିଲା। ଶୁକ୍ରବାର ରାତିରେ ପ୍ରଭାତ ଘରେ ଥିବାବେଳେ ପୋଲିସ ଚଢାଉ କରି ତାଙ୍କୁ ଗିରଫ କରିଥିଲା।

### ବନ୍ଧ ତଳକୁ ଖସିଲା ଭ୍ୟାନ୍

ବାରଙ୍ଗ,୧୪।୧୦(ଲିଙ୍ଗରାଜ ରାଉତ)

ନନ୍ଦନକାନନ ଥାନା ଅଧୀନ ଗଣ୍ଡରପୁର ଯାତ୍ରା ପଡ଼ିଆ ନିକଟ ମଞ୍ଚେଶ୍ୱର ସାଇଫନ ମୁଖ୍ୟ ରାସ୍ତାରେ ଏକ ପିକ୍‌ଅପ ଭ୍ୟାନ୍ ଶନିବାର ଭାରସାମ୍ୟ ହରାଇ ନଦୀବନ୍ଧ ରାସ୍ତାରୁ ତଳକୁ ଖସିପଡିଛି। ସୌଭାଗ୍ୟବଶତଃ ଭ୍ୟାନ୍ ଚାଳକ ବର୍ତ୍ତି ଯାଇଛନ୍ତି। ମଞ୍ଚେଶ୍ୱର ପଟୁ କୁକୁଡ଼ା ଦାନା ବୋଝେଇ ପିକ୍‌ଅପ୍ ଭ୍ୟାନ୍‌ଟି ଗଣ୍ଡରପୁରକୁ ଆସୁଥିବାବେଳେ ଦୁର୍ଘଟଣା ଘଟିଥିଲା।

### ଆକ୍ରମଣ, ଅଭିଯୁକ୍ତ ଗିରଫ

କଟକ ସଦର,୧୪।୧୦(ସୁଶାନ୍ତ କୁମାର ଜେନା)

୪୨ ମୌଜା ଥାନା ଅନ୍ତର୍ଗତ ବରାଳ ଗ୍ରାମର ଚିନ୍ମୟ ବେହେରା ନାମକ ଯୁବକଙ୍କୁ ମରଣାନ୍ତକ ଆକ୍ରମଣ କରିବା ଅଭିଯୋଗରେ ପୋଲିସ ଶନିବାର ଜଣେ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେ ହେଲେ ଏହି ଥାନା ଅନ୍ତର୍ଗତ ଶ୍ରୀରାମ ଗ୍ରାମର ସୂର୍ଯ୍ୟକାନ୍ତ ଭୋଇ। ଗୁରୁବାର ସନ୍ଧ୍ୟାରେ ଚିନ୍ମୟ ବେଣ୍ଟକାର ଅଞ୍ଚଳକୁ ସୁପରବଜାର ବୁଲିବା ପାଇଁ ଆସିଥିବାବେଳେ କୌଣସି କାରଣକୁ ନେଇ କେତେଜଣ ଯୁବକ ସଂଘବଦ୍ଧ ଭାବେ ତାଙ୍କୁ ଆକ୍ରମଣ କରିଥିଲେ। ଏପରି କି ସୂର୍ଯ୍ୟକାନ୍ତ ଏକ ପେଚ୍‌କସ୍‌ରେ ଚିନ୍ମୟଙ୍କ ପିଠିକୁ ଭୁସି ଦେଇଥିଲେ। ଏହି ଘଟଣାରେ ପୋଲିସ ସୂର୍ଯ୍ୟକାନ୍ତଙ୍କୁ ଗିରଫ କରିଥିବାବେଳେ ଅନ୍ୟମାନେ ଫେରାର ହୋଇଯାଇଛନ୍ତି। ଏ ନେଇ ଥାନାରେ ଏକ ମାମଲା(ନଂ.୩୫୩/୨୩) ରୁଜୁ ହୋଇଛି।

# 'ଅପ୍ରମିତ ପ୍ରତିଭାର ଅଧିକାରୀ ଗୋପୀନାଥ ମହାନ୍ତି'

କଟକ,୧୪।୧୦(କାର୍ତ୍ତିକ ସାହୁ)

ସାହିତ୍ୟ ଓ ସାଂସ୍କୃତିକ ଅନୁଷ୍ଠାନ ସମନ୍ୱୟ ପକ୍ଷରୁ ଚହଟାସ୍ଥିତ ଚହଟେଶ୍ୱର ପୀଠରେ ସାରସ୍ୱତ ସ୍ରଷ୍ଟା ଗୋପୀନାଥ ମହାନ୍ତିଙ୍କ ସାଧନାଦୀପ୍ତ ଜୀବନ ଉପରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅନୁଷ୍ଠାନର ସଭାପତି ତଥା ସାହିତ୍ୟିକ ଦୁଃଖିଶ୍ୟାମ ଦାସ ଅଧ୍ୟକ୍ଷତା କରି କହିଥିଲେ, କଥାଶିଳ୍ପୀ ଗୋପୀନାଥ ମହାନ୍ତି ଥିଲେ ଅପ୍ରମିତ ପ୍ରତିଭାର ଅଧିକାରୀ। ବ୍ୟାସକବି ଫକୀର ମୋହନ ସେନାପତିଙ୍କ ପରେ ସେ ଓଡ଼ିଆ ଉପନ୍ୟାସକୁ ନବ ଦିଗନ୍ତରେ ଉଦ୍‌ଭାସିତ କରିଛନ୍ତି। ଆଦିବାସୀ, ଦଳିତ, ନିଷ୍ପେଷିତ ଓ ଆଧୁନିକ ଶିକ୍ଷିତ ଗୋଷ୍ଠୀଙ୍କ ଜୀବନଚର୍ଯ୍ୟାକୁ ଆଧାର କରି ସେ ରଚନା କରିଯାଇଥିବା ଉପନ୍ୟାସଗୁଡ଼ିକ ଓଡ଼ିଆ ସାହିତ୍ୟରେ ବିରଳ। ଶିକ୍ଷାବିତ୍ ପ୍ରଫୁଲ୍ଲ କୁମାର ସାହୁ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ


ସମନ୍ୱୟ ଅନୁଷ୍ଠାନ ପକ୍ଷରୁ ଅନୁଷ୍ଠିତ ଆଲୋଚନାଚକ୍ରରେ ଉପସ୍ଥିତ ଅତିଥିମାନେ।

କରି କହିଥିଲେ, ସମନ୍ୱୟ ସବୁବେଳେ ଲୁକ୍କାୟିତ ପ୍ରତିଭାଙ୍କୁ ଲୋକଲୋଚନକୁ ଆଣିଥାଏ। ସାରସ୍ୱତ ସ୍ରଷ୍ଟା ଗୋପୀନାଥ ମହାନ୍ତିଙ୍କ ସାଧନା ଓ ନିଷ୍ଠା ଓଡ଼ିଆ ସାହିତ୍ୟକୁ ପରିପୁଷ୍ଟ କରିଛି। ମୁଖ୍ୟ ଅତିଥି ବରିଷ୍ଠ ଆଇନଜୀବୀ ବଂଶୀଧର ଶତପଥୀ କହିଥିଲେ, ଗୋପୀନାଥଙ୍କ ପୁରୀ ରହଣି କାଳରେ ଅମୃତର ସନ୍ତାନ ପୁସ୍ତକ ପାଇଁ ସାହିତ୍ୟ ଏକାଡେମୀ ପୁରସ୍କାର ପାଇଥିଲେ। ୧୯୬୪ରେ ସେ ଜ୍ଞାନପୀଠ ପୁରସ୍କାର ଓ ୧୯୮୧ରେ ପଦ୍ମ ଭୂଷଣ ଉପାଧିରେ ବିଭୂଷିତ ହୋଇଥିଲେ। ସେ ଥିଲେ ଅମାପ ଜ୍ଞାନଶକ୍ତିର ସାରସ୍ୱତ ଯାଦୁକର। ମୁଖ୍ୟବକ୍ତା ସାହିତ୍ୟିକ ନିବାସ ଚନ୍ଦ୍ର ମିଶ୍ର କହିଥିଲେ, ଗୋପୀନାଥ ମହାନ୍ତିଙ୍କ ରଚିତ ଅମୃତର ସନ୍ତାନ, ଦାନାପାଣି, ପରଜା ଓ ମାଟି ମଟାଳ ଓଡ଼ିଆ ଉପନ୍ୟାସ ସାହିତ୍ୟରେ ଗୋଟିଏ ଲେଖାଏ ମାଇଲ ଖୁଣ୍ଟ ସଦୃଶ। ଇଂ. ଅବିନାଶ ପରିଡ଼ା, ଆଡ୍‌ଭୋକେଟ କବୀର କୁମାର ଜେନା, ନରେନ୍ଦ୍ର କୁମାର ସାହୁ, ଅଶୋକ କୁମାର ଦଳେଇ, ରୀନା ଖଟୁଆ, ସନ୍ତୋଷ କୁମାର ଦାସ ପ୍ରମୁଖ ଯୋଗଦେଇ ଗୋପୀନାଥ ମହାନ୍ତିଙ୍କ କବିତା, କ୍ଷୁଦ୍ରଗଳ୍ପ, ପ୍ରବନ୍ଧ ଆଦି ଉପରେ ଆଲୋକପାତ କରିଥିଲେ। କବି ସସ୍ମିତା ଜେନାଙ୍କ ସଂଯୋଜନାରେ ବିଚିତ୍ର ନାୟକ, ଅର୍ପିତ ଶାହା, ଅମ୍ରିତା ସାହୁ, ବନବାସିନୀ ମିଶ୍ର, ହାର୍ଦ୍ଦିକ ପ୍ରିୟଦର୍ଶିନୀ ପ୍ରମୁଖ କବିତା ପାଠ କରିଥିଲେ। ସଙ୍ଗଠନ ସମ୍ପାଦକ ଆଡଭୋକେଟ ଦେବେନ୍ଦ୍ର ନାରାୟଣ ପଟ୍ଟନାୟକ ଧନ୍ୟବାଦ ଦେଇଥିଲେ।

# ଶିକ୍ଷାବିତ୍ କୁସୁମ ଖଟୁଆଙ୍କ ପ୍ରତିମୂର୍ତ୍ତି ଅନାବରଣ


ରାଜ୍ୟସ୍ତରୀୟ କର୍ମୀ ସମ୍ମିଳନୀରେ ଅତିଥିମାନେ ପୁସ୍ତକ ଉନ୍ମୋଚନ କରୁଛନ୍ତି।

ଫୁଲନଖରା,୧୪।୧୦(ସତ୍ୟରଞ୍ଜନ ଦାସମହାପାତ୍ର)

ପାହାଳ ଥାନା ଅନ୍ତର୍ଗତ ନଖରା ଗ୍ରାମସ୍ଥିତ ବିଶ୍ୱକେଶନ ପ୍ରତିଭା ଭବନଠାରେ ଶିକ୍ଷାବିତ୍ ସ୍ୱର୍ଗତ କୁସୁମ କୁମାରୀ ଖଟୁଆଙ୍କ ପୂର୍ଣ୍ଣାଙ୍ଗ ମୂର୍ତ୍ତି ଅନାବରଣ ସମାରୋହ ଶନିବାର ଅନୁଷ୍ଠିତ ହୋଇଛି। କୁସୁମ କୁମାରୀ ଖଟୁଆ ସ୍ମୃତି ସଂସଦର ସଭାପତି କୈଳାସ ଚନ୍ଦ୍ର ସ୍ୱାଇଁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସମାରୋହରେ ମୁଖ୍ୟ ଅତିଥି ଭାବେ ବିଧାୟକ ଶଶିଭୂଷଣ ବେହେରା ଯୋଗଦେଇ ସ୍ୱର୍ଗତ କୁସୁମ କୁମାରୀ ଖଟୁଆ ଜଣେ ଆଦର୍ଶ ପ୍ରଧାନ ଶିକ୍ଷୟିତ୍ରୀ ଭାବେ ଦାୟିତ୍ୱ ନିର୍ବାହ କରିଥିଲେ ବୋଲି କହିଥିଲେ। ଏଥିରେ ଉଦ୍‌ଘାଟକ ଭାବେ କଂଗ୍ରେସ ସେବା ଦଳ ଅଧ୍ୟକ୍ଷ ଡ. ଆର୍ଯ୍ୟ କୁମାର ଜ୍ଞାନେନ୍ଦ୍ର, ମୁଖ୍ୟବକ୍ତା ଭାବେ ଏନ୍‌ଏଚ୍‌ପିସିର ଅଧ୍ୟକ୍ଷ ଇଂ. ସହଦେବ ଖଟୁଆ, ସମ୍ମାନିତ ଅତିଥି ଭାବେ ସାହିତ୍ୟିକ ପ୍ରଫେସର ଆଦିତ୍ୟ ପ୍ରତାପ ଧଳ, ସୁରେନ୍ଦ୍ର ନାଥ ବାରିକ, ବ୍ରଜ କିଶୋର ନାୟକ ଯୋଗଦେଇଥିଲେ। ଏହି ଅବସରରେ ପୂର୍ବାହ୍ନରେ ଓଡ଼ିଆ ଖବର କାଗଜ 'ପୃଷ୍ଠଭୂମି'ର ସମ୍ପାଦକ କୈଳାସ ଚନ୍ଦ୍ର ଜେନାଙ୍କ ପୌରୋହିତ୍ୟରେ ରାଜ୍ୟସ୍ତରୀୟ କବି ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ଏଥିରେ କବି ଉଦୟ କେଶରୀ ବର୍ମା, ମନୋରଞ୍ଜନ ପଣ୍ଡା, ବ୍ରହ୍ମାନନ୍ଦ ମହାନ୍ତି, ଭବାନୀ ପ୍ରସାଦ ପଣ୍ଡା, ଭିକାରି ଚରଣ ଧଳ, ସୁରେନ୍ଦ୍ର ନାଥ ଛୋଟରାୟ, ଖବରଦାତା କାନନ ବିହାରୀ ନାୟକ, ସତ୍ୟ ରଞ୍ଜନ ଦାସମହାପାତ୍ର ଅତିଥି ଭାବେ ଯୋଗଦେଇଥିଲେ। ଏହି ଅବସରରେ ପୁସ୍ତକ କୁସୁମାଞ୍ଜଳି ଉନ୍ମୋଚିତ ହୋଇଥିଲା। ଶତାଧିକ କବି କବିତା ଆବୃତ୍ତି କରିଥିଲେ। ଶିକ୍ଷାକ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ଶିକ୍ଷାବିତ୍ ଦୀନବନ୍ଧୁ ପାତ୍ରଙ୍କୁ କୁସୁମ କୁମାରୀ ଖଟୁଆ ଶିକ୍ଷା ସମ୍ମାନ ପ୍ରଦାନ କରାଯାଇଥିଲା। ଏଥିସହ ସମସ୍ତ କବିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଇଂ. ବିକାଶ ପ୍ରିୟ ଖଟୁଆ, ସନ୍ଦୀପ କୁମାର ବିଶ୍ୱାଳ, ବିଶ୍ୱରଞ୍ଜନ ରାଉତରାୟ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ପ୍ରଫେସର ଯୁଧିଷ୍ଠିର ଖଟୁଆ ଧନ୍ୟବାଦ ଦେଇଥିଲେ।

### ରାଜ୍ୟସ୍ତରୀୟ କର୍ମୀ ସମ୍ମିଳନୀ



କଟକ ସାରଳା ଭବନରେ ପଶ୍ଚିମ ଓଡ଼ିଶା ଡାକ୍ତର ସଂଘ ପକ୍ଷରୁ ଅନୁଷ୍ଠିତ ନୂଆଖାଇ ଭେଟ୍‌ଘାଟ୍ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିବୃନ୍ଦ।

# ହାଇକୋର୍ଟ ଆଇନଜୀବୀଙ୍କ ବନ୍ଧୁମିଳନ

କଟକ,୧୪।୧୦ (କାର୍ତ୍ତିକ ସାହୁ)

କଟକ ବାଖରାବାଦସ୍ଥିତ ଗାନ୍ଧୀ ଭବନଠାରେ ହାଇକୋର୍ଟ ଆଇନଜୀବୀମାନଙ୍କର ଏକ ବନ୍ଧୁମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବରିଷ୍ଠ ଆଇନଜୀବୀ ସୁରେନ୍ଦ୍ର ନାଥ କରଙ୍କ ଅଧ୍ୟକ୍ଷତାରେ ନ୍ୟାୟପାଳିକାର ସ୍ୱାଧୀନତା ଶୀର୍ଷକ ଏକ ଆଲୋଚନାଚକ୍ର ହୋଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ ହାଇକୋର୍ଟର ପୂର୍ବତନ ବିଚାରପତି ବିଶ୍ୱନାଥ ରଥ କେତେକ ମାମଲାର ଦୃଷ୍ଟାନ୍ତ ଦେଇ ନ୍ୟାୟପାଳିକା ସ୍ୱାଧୀନତାର ୭୫ ବର୍ଷ ମଧ୍ୟରେ ଆଇନଜୀବୀ ଓ ବିଚାରପତିଙ୍କ ସମନ୍ୱୟରେ ଉତ୍କର୍ଷ ପ୍ରତିପାଦିତ କରିପାରିଛି ବୋଲି କହିଥିଲେ। ଅନ୍ୟତମ ବକ୍ତା ଆଇନଜୀବୀ ସସ୍ମିତ ମହାନ୍ତି ବକ୍ତବ୍ୟ ଦେଇଥିଲେ। ଆଇନଜୀବୀ କର ନ୍ୟାୟପାଳିକା ଆଜିର ଦିନରେ ବିପନ୍ନ ପରିସ୍ଥିତି ଦେଇ ଗତି କରୁଛି ବୋଲି କହିଥିଲେ। ବରିଷ୍ଠ ଆଇନଜୀବୀ ବାସୁଦେବ ପଣ୍ଡା, ଗୁରୁ ମହାନ୍ତି, କୈଳାସ କର, ହାଇକୋର୍ଟ ବାର୍ ଆସୋସିଏଶନ ସମ୍ପାଦକ ଚିତ୍ତରଞ୍ଜନ ସ୍ୱାଇଁ, ଇଂ. ଆକାଶ ଭୂୟାଁ, ବିଭୁପ୍ରସନ୍ନ ମହାପାତ୍ର, ଅନ୍ନପୂର୍ଣ୍ଣା ସାହୁ, ରୀନା ନାୟକ, ଦେବୀପ୍ରସାଦ ଦାଶ ପ୍ରମୁଖ ଯୋଗଦେଇଥିଲେ।

# ଜାତୀୟ ପ୍ରତିଯୋଗିତାରେ ଯୋଗଦେବେ ଓଡ଼ିଶା ସ୍କାଏ ମାର୍ଶାଲ ଦଳ

କଟକ,୧୪।୧୦ (କାର୍ତ୍ତିକ ସାହୁ)

ପ୍ରତି ୨ ବର୍ଷରେ ଭାରତୀୟ ଅଲିମ୍ପିକ ସଙ୍ଗଠନ ଦ୍ୱାରା ଦେଶର ଶ୍ରେଷ୍ଠ ୮ଟି ଦଳକୁ ନେଇ ଜାତୀୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥାଏ। ଚଳିତବର୍ଷ ପ୍ରଥମଥର ପାଇଁ ସ୍କାଏ ମାର୍ଶାଲ ଆର୍ଟ ପ୍ରତିଯୋଗିତା ଆସନ୍ତା ନଭେମ୍ବର ୬ରୁ ୮ ତାରିଖ ପର୍ଯ୍ୟନ୍ତ ଗୋଆର ମାଡ଼ଗାଠାରେ ଅନୁଷ୍ଠିତ ହେବ। ଓଡ଼ିଶାର ୧୩ ମହିଳା ଓ ୨ ଜଣ ପୁରୁଷ ଖେଳାଳି ଜାତୀୟ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବା ପାଇଁ ଭାରତୀୟ ଅଲିମ୍ପିକ ସଙ୍ଗଠନ ଦ୍ୱାରା ବିବେଚିତ ହୋଇଛନ୍ତି। ସେଥିପାଇଁ ଓଡ଼ିଶା ଯୁବ କଲ୍ୟାଣ ଓ କ୍ରୀଡ଼ା ବିଭାଗ ଦ୍ୱାରା ଅଗଷ୍ଟ ୨୮ ତାରିଖଠାରୁ ଅକ୍ଟୋବର ୨୮ ତାରିଖ ଯାଏ କଟକସ୍ଥିତ ସୟଦ ସେମିନାରି ସ୍କୁଲରେ ଏକ ତାଲିମ ଶିବିର ଚାଲୁଅଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଜାବେଦା ବେଗମ୍ ରବିବାର ସକାଳେ ତାଲିମ ଶିବିର ପରିଦର୍ଶନ କରି ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ଓଡ଼ିଶା ସ୍କାଏ ଆସୋସିଏଶନ ସଭାପତି ସୁଶାନ୍ତ କୁମାର ସିହ୍ନା, ସମ୍ପାଦକ ସେକ୍ ସଲ୍ଲାଉଦ୍ଦିନ, ଯୁଗ୍ମ ସମ୍ପାଦକ ସେକ୍ ମୁସ୍ତାକ ଅଲ୍ଲୀ ଏଥିରେ ଉପସ୍ଥିତ ରହି ଓଡ଼ିଶା ସରକାରଙ୍କ ସାହାଯ୍ୟ ସମ୍ପର୍କରେ ପଚାରି ବୁଝିଥିଲେ। ଏହି ପ୍ରତିଯୋଗିତାରେ ଓଡ଼ିଶାରୁ ଶ୍ୱେତା ସ୍ୱାଗତିକା ସାହୁ, କରିସ୍ମା ପରବିନ୍, ନରୋନା ପରବିନ୍, ସୁପ୍ରଭା ସେଠୀ, ମିନତି ସାହୁ, ଆସିଫା ଖାତୁନ, ସ୍ୱାଗତିକା ପାତ୍ର, ଦିଲ ଆଫ୍ରୋଜ, କୀର୍ତ୍ତିମାଳିନୀ ଧୀର, ପରବିନ୍ ଆସିଫ, କୁଣ୍ଡା ମାଝି, ବର୍ଷାରାଣୀ ସାହୁ, ସ୍ୱୟଂଶ୍ରୀ ଷଡ଼ଙ୍ଗୀ, ଚନ୍ଦନ ଦାସ ଓ ସୌମ୍ୟରଞ୍ଜନ ନାୟକ ଯୋଗଦେବେ। ସେମାନେ ନଭେମ୍ବର ୨ରେ ଗୋଆ ଅଭିମୁଖେ ଯାତ୍ରା କରିବେ। ଓଡ଼ିଶା ଦଳର ପ୍ରଶିକ୍ଷକ ଭାବେ ସିରାଜ ଖାନ୍, ମହମ୍ମଦ ସରିଫ, ୟାସମିନ୍ ବେଗମ୍ ଓ ଫିରାସତ୍ ଖାନ ରହିଛନ୍ତି।

# ତୃତୀୟ ଜିଲାସ୍ତରୀୟ ଲୋକ ଅଦାଲତ: ୯୯୧୭ ମାମଲା ଫଇସଲା

କଟକ,୧୪।୧୦(କାର୍ତ୍ତିକ ସାହୁ)

କଟକ ଜିଲା ଆଇନ ସେବା ପ୍ରାଧିକରଣ ପକ୍ଷରୁ ଜିଲା ଓ ଦୌରାଜଜ୍ କୋର୍ଟ ପରିସରରେ ଚଳିତବର୍ଷର ତୃତୀୟ ଜିଲାସ୍ତରୀୟ ଲୋକ ଅଦାଲତ ଶନିବାର ଅନୁଷ୍ଠିତ ହୋଇଯାଇଛି। ଜିଲା ଆଇନ ସେବା ପ୍ରାଧିକରଣ ଅଧ୍ୟକ୍ଷ ତଥା ଜିଲା ଓ ଦୌରାଜଜ୍ ସୌମେନ୍ଦ୍ର କୁମାର ରାଜଗୁରୁଙ୍କ ଅଧ୍ୟକ୍ଷତାରେ ଜିଲାକୋର୍ଟର ବିଚାରପତିମାନେ ନିଜ ନିଜ କୋର୍ଟରେ ଥିବା ମାମଲାଗୁଡ଼ିକର ଫଇସଲା କରିଥିଲେ। ମୋଟ ୧୦,୫୧୦ଟି ମାମଲା ମଧ୍ୟରୁ ୯୯୧୭ଟି ଫଇସଲା କରାଯାଇଥିଲା। ଏଥିସହ


ଜିଲା ଦୌରାଜଜ୍ କୋର୍ଟ ପରିସରରେ ଅନୁଷ୍ଠିତ ତୃତୀୟ ଜିଲାସ୍ତରୀୟ ଲୋକ ଅଦାଲତ।

୨,୪୦,୦୩,୬୫୯ ଟଙ୍କା ଜରିମାନା ଓ ଅନୁକମ୍ପାମୂଳକ ରାଶି ଆଦାୟ କରିବାକୁ ସ୍ଥିର ହୋଇଥିଲା। ମୋଟରଯାନ ଦୁର୍ଘଟଣାଜନିତ ମାମଲା, ପାରିବାରିକ ସମସ୍ୟା, ଜମି ଅଧିଗ୍ରହଣ, ରାଜସ୍ୱ, ଖାଉଟି ବିବାଦ ଓ ଆଇପିଆର୍ ଜନିତ ମାମଲାଗୁଡ଼ିକର ଫଇସଲା କରାଯାଇଥିଲା। ଜିଲା ଆଇନ ସେବା ପ୍ରାଧିକରଣ ସଚିବ ସୂର୍ଯ୍ୟକାନ୍ତ ଆଚାର୍ଯ୍ୟ ଲୋକ ଅଦାଲତ ପରିଚାଳନା କରିଥିଲେ।

# ସରକାରୀ ଯୋଜନା ଲୋକଙ୍କୁ ଜଣାଇଲେ

ମଙ୍ଗୁଳି–ଜଗତପୁର,୧୪।୧୦(ମାନସ ସାମଲ)

### ବିଜେଡିର ଜନସମ୍ପର୍କ ପଦଯାତ୍ରା

ଟାଙ୍ଗୀ–ଚୌଦ୍ୱାର ବ୍ଲକ ଅଧୀନ ମଙ୍ଗରାଜପୁର ପଞ୍ଚାୟତରେ ବିଜେଡି ପକ୍ଷରୁ ଜନସମ୍ପର୍କ ପଦଯାତ୍ରା ଶନିବାର ଅନୁଷ୍ଠିତ ହୋଇଯାଇଛି। ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁଙ୍କ ପ୍ରତିନିଧି ସେକ୍ ସାହାଜାନଙ୍କ ନେତୃତ୍ୱରେ ଶତାଧିକ କର୍ମୀ ମଙ୍ଗରାଜପୁର କଲ୍ୟାଣ ମଣ୍ଡପ ନିକଟରେ ଏକତ୍ରିତ ହୋଇଥିଲେ। ଏଥିରେ ମୁଖ୍ୟ ଅତିଥି ଭାବେ ଯୁବ ସଙ୍ଗଠକ ଆଦିତ୍ୟ ପ୍ରତାପ ସ୍ୱାଇଁ ଯୋଗଦେବା ସହ ଘର ଘର ବୁଲି ରାଜ୍ୟ ସରକାରଙ୍କ ଜନହିତକର ଯୋଜନା ସମ୍ପର୍କରେ ଲୋକଙ୍କୁ ଜଣାଇଥିଲେ। ଆଠଗଡ ବ୍ଲକର ପୂର୍ବତନ ଅଧ୍ୟକ୍ଷ ରଞ୍ଜନ ଆଚାର୍ଯ୍ୟ, ସ୍ଥାନୀୟ ବିଜେଡି ସଭାପତି ଅଶୋକ ପରିଡା, କଟକ ଜିଲା ବିଜେଡି ସମ୍ପାଦକ ପ୍ରଦୀପ୍ତ ଦାସ, ଜିଲା ପରିଷଦ ସଭ୍ୟ ବିଶ୍ୱଜିତ୍ ପ୍ରଧାନ, ସରପଞ୍ଚ ଦେବେନ୍ଦ୍ର ନାଥ ପାଣ୍ଡ, ପ୍ରମୋଦିନୀ ଖଟୁଆ, ଜଗନ୍ନାଥ ଦାସ, ବିଶ୍ୱଜିତ୍ ମାଝୀ, ସ୍ନେହଲତା ପରିଡା, ମମତା ସାମନ୍ତ, ରଞ୍ଜିତ ରାଉତ, ମଧୁସ୍ମିତା ସେଠୀଙ୍କ ସମେତ ବହୁ କର୍ମୀ ଏଥିରେ ସାମିଲ ଥିଲେ।


ଜନସମ୍ପର୍କ ପଦଯାତ୍ରାରେ ସାମିଲ ହୋଇଥିବା ବିଜେଡି ନେତୃବୃନ୍ଦ ଓ କର୍ମୀମାନେ।

# ଭସାଣି ପୂର୍ବରୁ ରାସ୍ତା ମରାମତି କରାଯାଉ

ମଙ୍ଗୁଳି–ଜଗତପୁର,୧୪।୧୦ (ମାନସ ସାମଲ)

### ଚୌଦ୍ୱାର ରୂପଯାତ୍ରା ପ୍ରସ୍ତୁତି ବୈଠକ

ଚୌଦ୍ୱାର ଅଞ୍ଚଳରେ ରୂପଯାତ୍ରାକୁ ସୁରୁଖୁରୁରେ ସମ୍ପନ୍ନ କରିବା ପାଇଁ କମିଶନରେଟ୍ ପୋଲିସ ଓ ଚୌଦ୍ୱାର ଥାନା ପକ୍ଷରୁ ଚୌଦ୍ୱାର ଗାନ୍ଧୀଛକସ୍ଥିତ ଟାଉନ ହଲ୍ ପରିସରରେ ଶନିବାର ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଚୌଦ୍ୱାର ଥାନା ଅଧିକାରୀ ବିଶ୍ୱରଞ୍ଜନ ସାହୁଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବୈଠକରେ ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଡିସିପି ଅନିଲ ମିଶ୍ର, ସମ୍ମାନିତ ଅତିଥି ଭାବେ କଟକ ଜୋନ୍-୧ ଏସିପି ଅରୁଣ କୁମାର ସ୍ୱାଇଁ, ପୌରାଧ୍ୟକ୍ଷା ମାନସୀ ସ୍ୱର୍ଣ୍ଣପ୍ରଭା ସାମଲ, ଉପାଧ୍ୟକ୍ଷ ଶୁଭେନ୍ଦୁ ସାମଲ, ରୂପଯାତ୍ରା କମିଟି ସଭାପତି ସୁବୋଧ ଚନ୍ଦ୍ର ନାୟକ, ସମ୍ପାଦକ ନାରାୟଣ ସ୍ୱାଇଁ, ଜନସ୍ୱାସ୍ଥ୍ୟ ବିଭାଗ ଏସ୍‌ଡିଓ ଶମ୍ଭୁନାଥ ସେଠୀ,


ରୂପଯାତ୍ରା ପ୍ରସ୍ତୁତି ବୈଠକରେ ପୋଲିସ ଅଧିକାରୀଙ୍କ ସହ ଅନ୍ୟମାନେ।

ଅତିରିକ୍ତ ଆଇଆଇସି ସସ୍ମିତା ଖିଲାର ପ୍ରମୁଖ ଯୋଗଦେଇଥିଲେ। ଦୁର୍ଗାପୂଜା ଓ ଭସାଣିକୁ ଶାନ୍ତିଶୃଙ୍ଖଳା କରିବା, ପ୍ରତ୍ୟେକ ପୂଜା ମଣ୍ଡପରେ ସିସିଟିଭି କ୍ୟାମେରା ଲଗାଇବା, ଜୋରଜବରଦସ୍ତି ଚାନ୍ଦା ଆଦାୟ ନ କରିବା, ଡିଜେ ବ୍ୟବହାର ନ କରିବା ପାଇଁ ଏସିପି ସ୍ୱାଇଁ ପରାମର୍ଶ ଦେଇଥିଲେ। ୫୫ନଂ. ଜାତୀୟ ରାଜପଥର ବିଭିନ୍ନ ସ୍ଥାନରେ ବଡ ଖାଲ ହୋଇଛି। ଭସାଣି ପର୍ବରୁ ରାସ୍ତା ମରାମତି କରିବାକୁ ରୂପଯାତ୍ରା କମିଟି ସମ୍ପାଦକ ସ୍ୱାଇଁ ଦାବି କରିଥିଲେ। ଏହି ବୈଠକରେ ରୂପଯାତ୍ରା କମିଟି କାର୍ଯ୍ୟକାରୀ ସଭାପତି ପ୍ରଦୀପ ନାୟକ, ସୂର୍ଯ୍ୟ ନାରାୟଣ ଦାସ, ଅର୍ଜ୍ଜୁନ ପଣ୍ଡା, ସୁଶୀଲ ବେଉରା, ଦେବେନ୍ଦ୍ର ପୃଷ୍ଟିଙ୍କ ସମେତ ୪୩ଟି ମେଢ଼ ମାଲିକ ଉପସ୍ଥିତ ଥିଲେ।

**କଳିଙ୍ଗଷ୍ଟାଡିୟମରୁ ଚୋରି କରି ଜଣେ ଗିରଫ**

ଭୁବନେଶ୍ୱର,(ସୂର୍ଯ୍ୟକାନ୍ତ ବେହେରା) : କଳିଙ୍ଗଷ୍ଟାଡିୟମ ପରିସରରୁ ଲୁହା ରଡ ଚୋରି କରିବା ଅଭିଯୋଗରେ ନୟାପଲ୍ଲୀ ଥାନା ପୋଲିସ ଜଣଙ୍କୁ ଗିରଫ କରି ଶନିବାର କୋର୍ଟ ଚାଲଣ କରିଛି । ସେ ହେଲେ ଗଞ୍ଜାମର ବୁଦ୍ଧୁ ଦାସ । ତାଙ୍କଠାରୁ ୧୦ ଟି ଲୁହା ରଡ ଜବତ ହୋଇଛି । ସୂଚନାନୁସାରେ ଶୁକ୍ରବାର ସକାଳେ ଅଭିଯୁକ୍ତ ଷ୍ଟାଡିୟମର ୮ ନମ୍ବର ଗେଟରେ ପଶି ସେଠାରୁ କିଛି ଲୁହା ରଡ ଚୋରି କରି ଫେରାର ହେଉଥିବା ବେଳେ ସେଠାରେ ଥିବା ସିକ୍ୟୁରିଟି ଗାର୍ଡ ଗୋଡାଇ କାବୁ ପରେ ପୋଲିସ ଜିମା ଦେଇଥିଲେ ।

## ସଂକ୍ଷେପରେ

### ମୋବାଇଲ, ଲୁଗା ଚୋରିକରି ଅଭିଯୁକ୍ତ ଗିରଫ

**ବାରଙ୍ଗ,୧୪।୧୦(ଲିଙ୍ଗରାଜ ରାଉତ):** ଘରୁ ମୋବାଇଲ ଓ ନୂଆ ଲୁଗା ଚୋରି କରିବା ଅଭିଯୋଗରେ ବାରଙ୍ଗ ଥାନା ପୋଲିସ ଜଣଙ୍କୁ ଗିରଫ କରି ଶନିବାର କୋର୍ଟଚାଲାଣ କରିଛି। ସେ ହେଲେ ଗଦେଇକୁଦ ଅଞ୍ଚଳର ସୁରେଶ ସାହୁ। ଏନେଇ ପୋଲିସ ୨ଟି ମକଦ୍ଦମା ରୁଜୁକରି ଘଟଣାର ତଦନ୍ତ ଆରମ୍ଭ କରିଛି।

ପ୍ରକାଶ ଯେ, ତିଗିରିଆ ଥାନା ଅଧୀନ ସୋମପଦା ଗାଁର ସୁରେଶ ଗଦେଇକୁଦ ଅଞ୍ଚଳରେ ରୁହନ୍ତି। ଗତ ୧୨ ତାରିଖ ରାତିରେ ସୁରେଶ ସେହି ଅଞ୍ଚଳର ଜ୍ୟୋତ୍ସ୍ନା ଦାସ ନାମ୍ନୀ ମହିଳାଙ୍କ ଘରୁ ଫୋନ୍ ଓ ନୂଆ ଲୁଗା ଚୋରି କରିଥିଲେ। ସେହିପରି ଗତ ଜୁଲାଇ ୨୪ ରାତିରେ ସୁରେଶ ନରଣପୁରସ୍ଥିତ ବାବାଜୀ ସ୍ୱାଇଁଙ୍କ ଘରର ତାଲା ଭାଙ୍ଗି ଆଲମିରାରୁ ୭ଖଣ୍ଡ ନୂଆ ଲୁଗା ଚୋରିକରି ନେଇଥିବା ଅଭିଯୋଗ ହୋଇଥିଲା।

### ମଦ ବୋତଲରେ ଦୋକାନୀଙ୍କୁ ଆକ୍ରମଣ, ୨ ଗିରଫ

**ଭୁବନେଶ୍ୱର,୧୪।୧୦ (ସୂର୍ଯ୍ୟକାନ୍ତ ବେହେରା) :** ମଦ୍ୟପ ଯୁବକଙ୍କ ଉନ୍ମତ୍ତକାଣ୍ଡ । ଦୋକାନ ନିକଟରେ ମଦ ପିଇବାକୁ ବାରଣ କରିବାରୁ ଜଣେ ଦୋକାନୀଙ୍କୁ ଶୁକ୍ରବାର ବିଳମ୍ବିତ ରାତିରେ ଗୋଡାଇ ମଦ ବୋତଲରେ ଆକ୍ରମଣ କରିବା ଅଭିଯୋଗରେ ଖାରବେଳ ନଗର ଥାନା ପୋଲିସ ୨ ଜଣ ମଦ୍ୟପ ଯୁବକଙ୍କୁ ଶନିବାର ଗିରଫ କରି କୋର୍ଟ ଚାଲଣ କରିଛି । ସେମାନେ ହେଲେ ଉକ୍ତ ଥାନା ଅଞ୍ଚଳରେ ରହୁଥିବା ଗଞ୍ଜାମର ଏନ ଶ୍ରୀନୁ ପାତ୍ର,ପଶ୍ଚିମବଙ୍ଗର ଶୁଭଙ୍କର ପାତ୍ର। ତାଙ୍କଠାରୁ ଆକ୍ରମଣରେ ବ୍ୟବହୃତ ବିୟର ବୋତଲ ଓ ମୋବାଇଲ ଫୋନ ଜବତ ହୋଇଛି। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।

### ସହରମୁହାଁ ହାତୀ, ଲୋକେ ଭୟଭୀତ

**ଖୋର୍ଦ୍ଧା,୧୪।୧୦(ପ୍ରଭାତ ପାଣିଗ୍ରାହୀ):** ଦୀର୍ଘଦିନର ବ୍ୟବଧାନ ପରେ ପୁଣି ହାତୀ ସହରମୁହାଁ ହୋଇଛନ୍ତି। ଶୁକ୍ରବାର ବିଳମ୍ବିତ ରାତିରେ ଦୁଇଟି ଦନ୍ତା ଖୋର୍ଦ୍ଧା ମେଡିକାଲ ପଛପଟ କଲୋନୀରେ ଜଣଙ୍କ ବାରିରେ ପଶି କଦଳୀ ଗଛ ଖାଇ ଯାଇଛନ୍ତି। ଏହି ଦୃଶ୍ୟ ସିସିଟିଭିରେ କଏଦ ହୋଇଛି। ଏହି ଭିଡିଓ ମୋବାଇଲରେ ଘୂରି ବୁଲୁଛି। କଦଳୀ ଗଛ ଖାଇବା ପରେ ହାତୀ ନିକଟ ଜଙ୍ଗଲକୁ ପଳାଇଯାଇଛି। ସକାଳେ ପରିବାର ସଦସ୍ୟ କଦଳୀ ଗଛ ନ ପାଇ ସିସିଟିଭି ଯାଞ୍ଚ ବେଳେ ହାତୀ କଦଳୀ ଖାଉଥିବା ଦେଖିବାକୁ ପାଇଥିଲେ। ଏପରିକି ହାତୀର ପାଦଚିହ୍ନ ମଧ୍ୟ ଦେଖିବାକୁ ପାଇଥିଲେ। ଖବରପାଇ ବନ ବିଭାଗ ଟିମ୍ ପହଞ୍ଚି ସ୍ଥିତି ଅନୁଧ୍ୟାନ କରି ଫେରିଥିଲା। ଖୋର୍ଦ୍ଧା ବନାଞ୍ଚଳରେ ବିଭିନ୍ନ ସମୟରେ ହାତୀ ଉପଦ୍ରବ ଦେଖିବାକୁ ମିଳିଥାଏ। ଜଙ୍ଗଲରେ ହାତୀଙ୍କ ପାଇଁ ପର୍ଯ୍ୟାପ୍ତ ଖାଦ୍ୟ ମିଳୁ ନ ଥିବାରୁ ସନ୍ଧ୍ୟା ହେଲେ ଖାଦ୍ୟ ଅନ୍ୱେଷଣରେ ଗାଁ ଓ ସହରମୁହାଁ ହୋଇଥାନ୍ତି। ଲୋକଙ୍କ ବାରିରେ ପଶି ଫସଲ ଖାଇବା ସହ ଦଳଚକଟି ନଷ୍ଟ କରିଥାନ୍ତି। ଏପରିକି ଘର ଓ ପାଚେରି ଭାଙ୍ଗିଥାନ୍ତି। ଅନେକ ସମୟରେ ହାତୀ ଆକ୍ରମଣରେ ଲୋକଙ୍କ ଜୀବନ ଯାଇଥିବା ନଜିର ରହିଛି। ହାତୀ ରାଜପଥକୁ ଚାଲିଆସୁଛନ୍ତି। ପୂର୍ବରୁ ହାତୀ ମେଡିକାଲ ପାଚେରି ଭାଙ୍ଗିବା ସହ ଷ୍ଟାଫ୍ କ୍ୱାର୍ଟର ଚାରିପଟେ ବୁଲିବା, ସହର ଦେଇ ଯାତାୟାତ କରିବା ଘଟଣା ଘଟିଛି। ତେବେ ହାତୀଙ୍କ ଗତିବିଧି ଉପରେ ନଜର ରଖାଯାଉଛି ବୋଲି ବନ ବିଭାଗ ପକ୍ଷରୁ କୁହାଯାଇଛି।

# ଶିଖରଚଣ୍ଡୀ ଉନ୍ନୟନ ପ୍ରକଳ୍ପ ପାଇଁ ଭାଙ୍ଗିଲା ଅଲେଖ ମହିମା ଆଶ୍ରମ

## ୮ଶହ ଡିସିମିଲ ଜମିରୁ ହଟିଲା ଜବରଦଖଲ



**ଭୁବନେଶ୍ୱର, ୧୪।୧୦ (ବନ୍ଦନା ସେଠୀ)**

ମା' ଶିଖରଚଣ୍ଡୀଙ୍କ ପୀଠର ଉନ୍ନତୀକରଣ ସହ ଏହାର ରୂପରେଖ ବଦଳିବାକୁ ଯାଉଛି। ଏଥିପାଇଁ କାମ ଜାରି ରହିଥିବାବେଳେ ବିଭିନ୍ନ ସମୟରେ ଜବରଦଖଲ ବାଧକ ସାଜୁଛି। ତେବେ ପ୍ରକଳ୍ପ ନିର୍ମାଣ ପାଇଁ ଏହି ବେଆଇନ ଜବରଦଖଲ ହଟାଯିବା ସହ ସରକାରୀ ଜାଗାକୁ ମୁକ୍ତ କରାଯାଉଛି। ଏହି କ୍ରମରେ ପ୍ରାୟ ୮ଶହ ଡେସିମିଲ ସରକାରୀ ଜାଗାକୁ ଜବରଦଖଲମୁକ୍ତ କରାଯାଇଛି। ସମ୍ପୃକ୍ତ ସ୍ଥାନରେ ଦୀର୍ଘବର୍ଷ ହେବ ଅଲେଖ ମହିମା ଆଶ୍ରମ ସହିତ କୋଠାଘର ଓ ମନ୍ଦିର ମଧ୍ୟ ନିର୍ମାଣ ହୋଇଥିଲା। ତେବେ ଭୁବନେଶ୍ୱର ତହସିଲଦାରଙ୍କ ରିକ୍ୟୁଜିଶନ କ୍ରମେ ବିଡିଏ ପକ୍ଷରୁ ଶନିବାର ଏହାକୁ ଉଚ୍ଛେଦ କରାଯାଇଛି। ସକାଳ ୬ଟାରେ ବିଡିଏ ଏନ୍‌ଫୋର୍ସମେଣ୍ଟ ଟିମ୍ ଶିଖରଚଣ୍ଡୀ ପାହାଡରେ ପହଞ୍ଚିଥିଲା। ଏକାଧିକ ପ୍ଲାଟୁନ ପୋଲିସ ଫୋର୍ସ, ୩ଟି ସ୍କ୍ୱାଡ୍, ୩ରୁ ଊର୍ଦ୍ଧ୍ୱ ଜେସିବି ସାହାଯ୍ୟରେ ଆଶ୍ରମକୁ ପାହାଡ଼ରେ ମିଶାଇ ଦିଆଯାଇଥିଲା। ଏଥିରେ ୯ଟି ଛାତଘର, ୪ଟି ଆଜବେଷ୍ଟସ ଘର, ଗୋଟିଏ ଲୁହା ଗେଟ, ୩ଟି ଶୌଚାଳୟ ଏବଂ ଗୋଟଏ ମନ୍ଦିର ରହିଛି। ଉଚ୍ଛେଦବେଳେ ବିଡିଏ ଯୁଗ୍ମ କମିଶନର (ଏନ୍‌ଫୋର୍ସମେଣ୍ଟ) ରଞ୍ଜନ କୁମାର ଜେନା, ବିଡିଏ ଏନଫୋର୍ସମେଣ୍ଟ (ଓଏସ୍‌ଡି) ଦେବରାଜ ସେଠୀ, ଭୁବନେଶ୍ୱର ତହସିଲଦାର ମାନସ ରଞ୍ଜନ ସ୍ୱାଇଁ, ବିଡିଏ ଲିଆସନ ଅଫିସର ଶୁଭ୍ରାଂଶୁ ଶେଖର ମହାନ୍ତି ଓ ଇନ୍‌ଫୋସିଟି ଥାନା ଆଇଆଇସି ପ୍ରମୋଦ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ।

ମା' ଶିଖରଚଣ୍ଡୀ ଉନ୍ନୟନ ପ୍ରକଳ୍ପରେ ପାର୍କିଂଠାରୁ ଆରମ୍ଭକରି ପାର୍କ, ଭୋଜିଭାତ ଏବଂ ପ୍ରମୁଖ ମନ୍ଦିରର ଢାଞ୍ଚା ବଦଳିବ। ଏଥିପାଇଁ ବିଡିଏ ପକ୍ଷରୁ କାର୍ଯ୍ୟ ଆରମ୍ଭ ହୋଇଥିବାବେଳେ ପାହାଡର ଖାଲି ସ୍ଥାନରେ ବୃକ୍ଷରୋପଣ କରାଯାଉଛି। ଆସନ୍ତା ୪ରୁ ୫ ମାସ ଭିତରେ ସମସ୍ତ କାର୍ଯ୍ୟ ଶେଷ କରିବାକୁ ବିଡିଏ ଲକ୍ଷ୍ୟ ରଖିଛି। ୩୦କୋଟି ଟଙ୍କା ବ୍ୟୟରେ ରାଜସ୍ୱ ବିଭାଗର ୩୪ ଏକର ଏବଂ ଇଡ୍‌କୋର ୧୮ଏକର ମୋଟ୍ ୫୨ ଏକର ଜମିରେ ମା' ଶିଖରଚଣ୍ଡୀ ପୀଠର ଉନ୍ନୟନମୂଳକ କାର୍ଯ୍ୟ କରାଯିବ ବୋଲି ସୂଚନା ଦିଆଯାଇଛି।

# ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ଯୁଗ୍ମ ସଚିବଙ୍କ ଏମ୍ସ ଗସ୍ତ



ଏମ୍ସର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଓ ଅନ୍ୟମାନଙ୍କ ସହ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରଣାଳୟର ଯୁଗ୍ମ ସଚିବ ଆରାଧନା ପଟ୍ଟନାୟକ।

**ଭୁବନେଶ୍ୱର, ୧୪।୧୦(ଅସମାପିକା ସାହୁ)**

ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରଣାଳୟର ଯୁଗ୍ମ ସଚିବ ଆରାଧନା ପଟ୍ଟନାୟକ ଭୁବନେଶ୍ୱର ଏମ୍ସ ଗସ୍ତରେ ଆସିଥିଲେ। ଏହି ଦୁଇ ଦିନିଆ ଗସ୍ତ ଅବସରରେ ସେ ବିଭିନ୍ନ ବିଭାଗ ପରିଦର୍ଶନ କରିବା ସହିତ ରୋଗୀ ଓ ସମ୍ପର୍କୀୟଙ୍କ ସହ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରିଥିଲେ। ଚିକିତ୍ସା ସେବା ପାଇବା ନିମନ୍ତେ ହେଉଥିବା ରୋଗୀଙ୍କ ଭିଡ଼ ହିଁ ଏମ୍ସ ଭୁବନେଶ୍ୱର ପ୍ରତି ଜନସାଧାରଣଙ୍କ ଥିବା ଆସ୍ଥାକୁ ପ୍ରମାଣିତ କରୁଥିବା ସେ କହିଛନ୍ତି। କେନ୍ଦ୍ର ସ୍ୱାସ୍ଥ୍ୟ ଯୁଗ୍ମ ସଚିବଙ୍କୁ ସ୍ୱାଗତ କରିବା ସହିତ ଏମ୍ସର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଡା. ଆଶୁତୋଷ ବିଶ୍ୱାସ ଏଠାରେ ଜାରି ରହିଥିବା ବିଭିନ୍ନ ଅତ୍ୟାଧୁନିକ ପ୍ରକଳ୍ପ ଓ ଭବିଷ୍ୟତ ଯୋଜନା ଉପରେ ଆଲୋକପାତ କରିଥିଲେ। ଏହି ଅବସରରେ ଯୁଗ୍ମ ସଚିବ ଅତ୍ୟାଧୁନିକ ବର୍ଣ୍ଣ ସେଣ୍ଟର, ସିଏସ୍‌ଏସ୍‌ଡି, ଏମ୍‌ଆର୍‌ଡି, ପେଟ୍-ସିଟି, ରେଡିଏଶନ୍ ଅଙ୍କୋଲୋଜି ସହିତ ଅନ୍ୟାନ୍ୟ ବିଭିନ୍ନ ସେବା ପରିଦର୍ଶନ କରିଥିଲେ। ତାଙ୍କ ସହ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଡା. ବିଶ୍ୱାସ, ଡିନ୍ ଡା. ପି ଆର୍ ମହାପାତ୍ର, ଡା. ସତ୍ୟଜିତ୍ ମିଶ୍ର, ଡା. ସୌଭାଗ୍ୟ କୁମାର ଜେନା, ମେଡିକାଲ୍ ଅଧୀକ୍ଷକ ଡା. ଦିଲୀପ କୁମାର ପରିଡ଼ା, ଭାରପ୍ରାପ୍ତ ଡିଡିଏ ରଶ୍ମିରଞ୍ଜନ ସେଠୀ ପ୍ରମୁଖ ଉପସ୍ଥିତ ଥିଲେ। ଏଥିସହ ଯୁଗ୍ମ ସଚିବ ଏମ୍ସ ଭୁବନେଶ୍ୱରର ଛାତ୍ରୀଛାତ୍ରଙ୍କ ସହିତ ଆଲୋଚନା କରିଥିଲେ। ସେବାକୁ ନେଇ ମେଡିକାଲ୍, ପାରାମେଡିକାଲ୍, ନର୍ସିଂ ଆଦି ଛାତ୍ରୀଛାତ୍ରଙ୍କ ଦୂରଦୃଷ୍ଟି ଏବଂ ଭଲପାଇବାକୁ ନେଇ ସେ ବିଶେଷ ପ୍ରଭାବିତ ହୋଇଥିଲେ। ବାହାନଗା ରେଳ ଦୁର୍ଘଟଣାର ମୃତକଙ୍କ ଶବ ପରିଚାଳନାରେ ଏମ୍ସ ଭୁବନେଶ୍ୱରର ସଫଳ ପରିଚାଳନା ଦକ୍ଷତାକୁ ଯୁଗ୍ମ ସଚିବ ପଟ୍ଟନାୟକ ଉଚ୍ଚ ପ୍ରଶଂସା କରିଥିଲେ।

# ବିଜେବି କଲେଜ ଗଣ୍ଡଗୋଳ ଘଟଣା, ଜଣେ ଗିରଫ

**ଭୁବନେଶ୍ୱର,୧୪।୧୦ (ସୂର୍ଯ୍ୟକାନ୍ତ ବେହେରା) :** ବିଜେବି କଲେଜରେ ଶୁକ୍ରବାର ସଂଘଟିତ ହୋଇଥିବା ଗୋଷ୍ଠୀ ସଂଘର୍ଷ ଘଟଣାରେ ବଡଗଡ ଥାନା ପୋଲିସ ଜଣଙ୍କୁ ଗିରଫ କରି କୋର୍ଟ ଚାଲଣ କରିଛି। ଅଭିଯୁକ୍ତ ହେଲେ ଉକ୍ତ କଲେଜରେ ପଢୁଥିବା ଆଇଏମବିଏ ଛାତ୍ର ବିହାରର ବିଶାଲ ଯାଦବ । ଛାତ୍ର ରୋହନଙ୍କ ଅଭିଯୋଗ ଆଧାରରେ ପୋଲିସ ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି। ତେବେ ଏବେ ବି ଉଭୟ ପକ୍ଷରୁ ଅନେକ ଅଭିଯୁକ୍ତ ଫେରାର ଅଛନ୍ତି ।

ସୂଚନା ଅନୁଯାୟୀ, ଶୁକ୍ରବାର ଅପରାହ୍ନ ପ୍ରାୟ ୩ଟା ୧୫ ବେଳେ ରୋହନ ଓ ତାଙ୍କ ସହପାଠୀମାନେ ଇଣ୍ଟରନାଲ୍ ପରୀକ୍ଷା ଦେବା ପାଇଁ ଆର୍ଟସ ବ୍ଲକ୍‌ର ଲିଫ୍ଟରେ ଯାଉଥିବା ବେଳେ ଛାତ୍ର ଅଣଛାତ୍ରଙ୍କ ସହ ମିଶି କୌଣସି କାରଣକୁ ନେଇ ଝଗଡା କରିବା ସହ ପରସ୍ପର ମାର୍‌ପିଟ ହୋଇଥିଲେ। ଏଥିରେ ଉଭୟ ପକ୍ଷରୁ ୬ ଜଣ ଆହତ ହୋଇଥିଲେ । ଘଟଣା ପରେ ଉଭୟ ପକ୍ଷର ଏତଲାକୁ ଆଧର କରି ପୋଲିସ ପୃଥକ ମାମଲା (ନଂ.୫୬୮/୨୦୨୩), (ନଂ.୫୬୯ / ୨୦୨୩) ରୁଜୁକରିତଦନ୍ତଆରମ୍ଭ କରିଥିଲା ।



ଭୁବନେଶ୍ୱର ରେଡ୍‌କ୍ରସ ଭବନଠାରେ ଶନିବାର ଆୟୋଜିତ କାର୍ଯ୍ୟକ୍ରମରେ ଅତିଥିମାନେ ଧୀମାନ ମନ୍ମଥ କୁମାର ଦାସଙ୍କ ଲିଖିତ ପୁସ୍ତକ 'ମଧ୍ୟରାତ୍ରିର ସୂର୍ଯ୍ୟ, ଜୀଅନ୍ତା ନିଆଁ ଓ ଶ୍ରୀ ଭୀମ ଚରିତ ଗାଥା'କୁ ଉନ୍ମୋଚନ କରୁଛନ୍ତି।

## 'ୱାକ୍ ଫର୍ ଫ୍ରିଡମ୍' କାର୍ଯ୍ୟକ୍ରମ

### ଗରିବୀ, ନିରକ୍ଷରତା ମାନବ ଚାଲାଣର ପ୍ରମୁଖ କାରଣ

**ଭୁବନେଶ୍ୱର,୧୪।୧୦(ଅନୁରାଧା ମହାରଣା):** କ୍ରିଡ୍ ଇଣ୍ଡିଆ ଫାଉଣ୍ଡେଶନ ଓ ଆଶାଏଁ ପକ୍ଷରୁ ବିଜୁ ପଟ୍ଟନାୟକ ଇନ୍‌ଷ୍ଟିଚ୍ୟୁଟ ଅଫ୍ ଆଇଟି ଆଣ୍ଡ୍ ମ୍ୟାନେଜମେଣ୍ଟ ପରିସରରେ ମାନବ ଚାଲାଣ ନିରୋଧୀ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଅଭିନେତା ସିଦ୍ଧାନ୍ତ ମହାପାତ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ ଦାସତ୍ୱ ଓ ଚାଲାଣ ନିରୋଧ 'ୱାକ୍ ଫର୍ ଫ୍ରିଡମ୍' କ୍ୟାମ୍ପେନକୁ ସମର୍ଥନ କରିବା ସହ ଆୟୋଜିତ ନୀରବ ଶୋଭାଯାତ୍ରାକୁ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଗରିବୀ ଓ ନିରକ୍ଷରତା ମାନବ ଚାଲାଣର ଦୁଇଟି ପ୍ରମୁଖ କାରଣ ବୋଲି ସେ କହିଥିଲେ। ମୁଖ୍ୟବକ୍ତା ଭାବେ ଆଶାଏଁର ସହ ପ୍ରତିଷ୍ଠାତା ବିକ୍ରମ ନାୟକ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ସାମାଜିକ ଦାୟିତ୍ୱବୋଧ ଆଧାରରେ ମାନବ ଚାଲାଣକୁ ସମସ୍ତେ ବ୍ୟକ୍ତିଗତ ସ୍ତରରେ ବିରୋଧ କରିବାର ଆବଶ୍ୟକତା ରହିଛି ବୋଲି ଦର୍ଶାଇଥିଲେ। ଛକ ବଜାରରେ ହାତ ପତେଇ ଭିକ ମାଗୁଥିବା ପିଲା, ଦେହବେପାରରେ ଜଡ଼ିତ ଝିଅ, ପିଲା ଚୋରି, ନିଖୋଜ ହୋଇଯାଉଥିବା ଲୋକଙ୍କ ବିଷୟରେ ଆମେ ଚିନ୍ତା କରନ୍ତି ନାହିଁ। ପରିବାର ପାଇଁ ଆମେ ଯେମିତି ଦାୟିତ୍ୱ ନେଇଥାଉ, ସେମିତି ଆମେ ସାମାଜିକ ଦାୟିତ୍ୱ ଗ୍ରହଣ କରିବାର ଆବଶ୍ୟକତା ରହିଛି ବୋଲି ସେ କହିଥିଲେ। କ୍ରିଡ୍ ଇଣ୍ଡିଆର ମୁଖ୍ୟ ଉପଦେଷ୍ଟା ତଥା ପ୍ରସିଦ୍ଧ ମହିଳା ଉଦ୍ୟୋଗୀ ଜୁବିନା ଅଲ୍ଲୀ ନିଜ ଜୀବନର ଅନୁଭୂତି ଓ ଉଦ୍ୟୋଗୀ ଯାତ୍ରା ସମ୍ପର୍କରେ କହି ଛାତ୍ରୀଛାତ୍ରଙ୍କୁ ସ୍ୱାବଲମ୍ବୀ ହେବା ପାଇଁ ଉତ୍ସାହିତ କରିଥିଲେ। କ୍ରିଡ୍ ଇଣ୍ଡିଆ ଅଧ୍ୟକ୍ଷା ମୋନାଲିସା ପଣ୍ଡା କାର୍ଯ୍ୟକ୍ରମର ଆଭିମୁଖ୍ୟ ବର୍ଣ୍ଣନା କରିଥିଲେ। ଆଶାଏଁର ଅଧ୍ୟକ୍ଷ ରତ୍ନାକର ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ବିଜୁ ପଟ୍ଟନାୟକ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଆଇଟି ଆଣ୍ଡ୍ ମ୍ୟାନେଜମେଣ୍ଟର ପ୍ରିନ୍ସିପାଲ ପ୍ରଫେସର ଡ. ମିହିର ରଞ୍ଜନ ନାୟକ ଉପସ୍ଥିତ ଥିଲେ। ଶେଷରେ ଅତିଥିମାନଙ୍କୁ ଆଶାଏଁର ପିଲାଙ୍କ ହାତତିଆରି ଉପହାର ପ୍ରଦାନ କରାଯାଇଥିଲା।

# ମୂଳାପଡ଼ିଆ ପାଲଟିଛି ଅସାମାଜିକଙ୍କ ଆଡ୍ଡାସ୍ଥଳ

**ପୁରୁଣା ଭୁବନେଶ୍ୱର, ୧୪।୧୦(ସୁବାସ ଚନ୍ଦ୍ର ପ୍ରଧାନ)**

ଏକାମ୍ର କ୍ଷେତ୍ର ପୁରୁଣା ଭୁବନେଶ୍ୱରର ସର୍ବପୁରାତନ ଟାଉନ୍ କ୍ଲବ ପଡ଼ିଆ ତଥା ମୂଳାପଡ଼ିଆ ଏବେ ଅସାମାଜିକଙ୍କ ଆଡ୍ଡାସ୍ଥଳ ପାଲଟିଛି। ସନ୍ଧ୍ୟାହେଲେ ଏଠାରେ ଅସାମାଜିକ ଯୁବକମାନେ ଆଡ୍ଡା ଜମାଇବା ସହ ଲାଇଟ୍ ବନ୍ଦକରି ନିଶାଦ୍ରବ୍ୟ ସେବନ କରୁଛନ୍ତି। ପୂର୍ବରୁ ଏହି ଖେଳପଡ଼ିଆର ରକ୍ଷଣାବେକ୍ଷଣ ଏବଂ ଉନ୍ନତୀକରଣ ପାଇଁ ଗୁରୁତ୍ୱ ଦିଆଯାଇଥିଲେ ମଧ୍ୟ ସେଭଳି କିଛି ଆଖିଦୃଶିଆ ଉନ୍ନତି ହୋଇନାହିଁ। ଏହି ଖେଳପଡ଼ିଆକୁ ପ୍ରତିଦିନ ଶତାଧିକ ଲୋକ ମର୍ନିଂ ୱାକ୍ ପାଇଁ ଆସିଥା'ନ୍ତି। ମାତ୍ର ବିଭିନ୍ନ ସ୍ଥାନରେ ଭଙ୍ଗା ବୋତଲ, ପଲିଥିନ୍, ଗୁଟ୍‌ଖା ଜରି ପଡ଼ିଥିବା ଦେଖି ସାଧାରଣ ଲୋକ ବିମୁଖ ହେଉଛନ୍ତି। ଏହି ଅଞ୍ଚଳରେ ଲିଙ୍ଗରାଜ ଥାନା ପକ୍ଷରୁ କଡ଼ାକଡ଼ି ପାଟ୍ରୋଲିଂ କରାଯିବାକୁ ଦାବି ହେଉଛି। ଏନେଇ କର୍ପୋରେଟର ଚନ୍ଦ୍ରଶେଖର ମଲିଆ କହିଛନ୍ତି, ବିଏମ୍‌ସି ସହ ଯୋଗାଯୋଗ କରାଯାଇ ତୁରନ୍ତ ଆଲୋକୀକରଣ କରାଯିବ, ଯାହାଦ୍ୱାରା ଅସାମାଜିକଙ୍କ ପ୍ରାଦୁର୍ଭାବ ଏଠାରେ କମିବ। ସେହିପରି ଲିଙ୍ଗରାଜ ଥାନା ଆଇଆଇସି ପୂର୍ଣ୍ଣଚନ୍ଦ୍ର ପ୍ରଧାନ କହିଛନ୍ତି, ବିଭିନ୍ନ ସ୍ଥାନରେ ପାଟ୍ରୋଲିଂ କଡ଼ାକଡ଼ି କରାଯାଇଛି। ଏଥିସହ ଅସାମାଜିକଙ୍କ ଉପରେ ନଜର ରଖାଯାଇଛି ବୋଲି ସେ ପ୍ରକାଶ କରିଛନ୍ତି।

# ୱାର୍ଡ ନଂ. ୩୭ରେ ଜନସମ୍ପର୍କ ପଦଯାତ୍ରା



**ଭୁବନେଶ୍ୱର, ୧୪।୧୦ (ବନ୍ଦନା ସେଠୀ)**

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶରେ ବିଜୁ ଜନତା ଦଳ ପ୍ରତ୍ୟେକ ନିର୍ବାଚନ ମଣ୍ଡଳୀରେ ଜନସମ୍ପର୍କ ପଦଯାତ୍ରା ଜାରି ରହିଛି। ଏହିକ୍ରମରେ ଶନିବାର ୱାର୍ଡ ନଂ. ୩୭ରେ ଶତାଧିକ ଲୋକଙ୍କ ଗହଣରେ ପଦଯାତ୍ରା ଅନୁଷ୍ଠିତ ହୋଇ ଯାଇଛି। ସ୍ଥାନୀୟ କର୍ପୋରେଟର ବନ୍ଦିତା ପାଲ୍‌ଙ୍କ ନେତୃତ୍ୱରେ କଳିଙ୍ଗ ଷ୍ଟାଡିୟମ୍ ଟ୍ରାଫିକ୍ ଛକ ଠାରୁ ପଦଯାତ୍ରା ଆରମ୍ଭ ହୋଇ ମଙ୍ଗଳା ମନ୍ଦିର ଛକ, ବେହେରାସାହି ଛକ, ଭୋଇସାହି ଛକ ଦେଇ କସ୍ତୁରବା ଖେଳ ପଡ଼ିଆ ହୋଇ କର୍ପୋରେଟରଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଶେଷ ହୋଇଥିଲା। ଅଞ୍ଚଳର ଅଧିବାସୀ ଅକୁଣ୍ଠ ସମର୍ଥନ ଦେଇ ମୁଖ୍ୟମନ୍ତ୍ରୀଙ୍କ ସ୍ୱଚ୍ଛ ଲୋକାଭିମୁଖୀ ଶାସନକୁ ସ୍ୱାକ୍ଷର ଦେଇଥିଲେ। କିଛି ସମୟ ପାଇଁ ଅଞ୍ଚଳର ଗଳିକନ୍ଦି ଲୋକାରଣ୍ୟ ହୋଇ ଯାଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ ବିଧାୟକ ଅନନ୍ତ ନାରାୟଣ ଜେନା, ରାଜ୍ୟସଭା ସଦସ୍ୟା ସୁଲତା ଦେଓ, ମେୟର ସୁଲୋଚନା ଦାସ, ପର୍ଯ୍ୟବେକ୍ଷକ ଶ୍ରୀମୟୀ ମିଶ୍ର, କର୍ପୋରେଟର ଆସିୟା ବେଗମ୍, କବିତା ସ୍ୱାଇଁ, ପଦ୍ମଜା ପ୍ରିୟଦର୍ଶୀ ଜେନାଙ୍କ ସମେତ ବହୁ ପୂର୍ବତନ କର୍ପୋରେଟର, ଏସ୍‌ଏଚ୍‌ଜି ମହିଳା, ବୟୋଜ୍ୟେଷ୍ଠ ନାଗରିକ, ଯୁବ ଓ ଛାତ୍ର ସଂଗଠନ ଯୋଗଦେଇ ଜନସମ୍ପର୍କ ପଦଯାତ୍ରାକୁ ସଫଳ କରିଥିଲେ।

# କୋଠଘର ପକ୍ଷରୁ ଶାରଦୀୟ କବିତା ଆସର



**ଭୁବନେଶ୍ୱର,୧୪।୧୦(ଶର୍ମିଷ୍ଠା ପାଣିଗ୍ରାହୀ)**

କୋଠଘର ସାହିତ୍ୟ ପକ୍ଷରୁ ଶନିବାର ଇନ୍ଦିରା ଗାନ୍ଧୀ ପାର୍କ ପରିସରରେ ଶାରଦୀୟ କବିତା ଆସର ଓ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଯାଇଛି। ଅକ୍ଟୋବର ମାସ କେବଳ ଶାରଦୀୟ ପୂଜା ପିତୃପକ୍ଷ ମହାଳୟା ଶ୍ରାଦ୍ଧର ମାସ ନୁହେଁ। ଏଇ ମାସଟି ମଧ୍ୟ ଉତ୍କଳମଣି ଗୋପବନ୍ଧୁ ଓ ପଣ୍ଡିତ ଗୋଦାବରୀଶଙ୍କୁ ସ୍ମରଣ କରିବାର ମାସ। ଏଥି ନିମନ୍ତେ କୋଠଘର ସମ୍ପାଦିକା ଅମ୍ବିକା ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଆଲୋଚନା ଚକ୍ର ଢଗ ଢମାଳି, ଗପ ଓ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଥିଲା। ସଭାପତି ପ୍ରଦୀପ୍ତ କୁମାର ସାହୁ, ଯୁଗ୍ମ ସମ୍ପାଦକ ଭାଷା ବିଜ୍ଞାନୀ ଡ. ଦେବାଶିଷ ମହାପାତ୍ର ଉପସ୍ଥିତ ରହି ଉକ୍ତ ମାସର ଗୁରୁତ୍ୱ ଉପରେ ଉପାଦେୟ ଅଭିଭାଷଣ ପ୍ରଦାନ କରିଥିଲେ । କବି ମମତା ବାରିକ, ସ୍ୱାତିବାଳା ମହାପାତ୍ର, ଜୟଶ୍ରୀ ପଟ୍ଟନାୟକ, ଡ. ସଂଯୁକ୍ତା ପରିଡା, ମଞ୍ଜୁଲତା ସିଂ, ଶାନ୍ତିଲତା ଦେବୀ, ରାଜଶ୍ରୀ ନନ୍ଦ, ଭାରତୀ ପରିଡା, ରଶ୍ମି ସାମଲ, ଆଶାଲତା ଦୀକ୍ଷିତ, ବିଷ୍ଣୁପ୍ରିୟା ଜେନା, ଇତିଶ୍ରୀ ପତି, ସୁଷମା ଦାସ ପ୍ରମୁଖ କବିତା ପାଠ କରିଥିଲେ । ଉପସଭାପତି ଆଶୁତୋଷ ମେହେର ଧନ୍ୟବାଦ ଦେଇଥିଲେ ।



ନବଗୁଞ୍ଜର ସଂସ୍କୃତି ମଞ୍ଚ ଭୁବନେଶ୍ୱର ପକ୍ଷରୁ ବୁଦ୍ଧ ମନ୍ଦିରରେ ଶନିବାର ଆୟୋଜିତ ନବଗୁଞ୍ଜର ସମ୍ମାନ ସମାରୋହରେ ଉପସ୍ଥିତ ଅତିଥିମାନେ।

# ୧୧୬ ଛାତ୍ରୀଛାତ୍ରଙ୍କୁ ପ୍ରେରଣା ସମ୍ମାନ

**ଭୁବନେଶ୍ୱର,୧୪।୧୦(ଶର୍ମିଷ୍ଠା ପାଣିଗ୍ରାହୀ)**

ମ୍ୟାଟ୍ରିକ ପରୀକ୍ଷାରେ ଦିବ୍ୟାଙ୍ଗ ପିଲାଙ୍କର ସଫଳତାକୁ ପାଳନ କରିବା ପାଇଁ ଶୁକ୍ରବାର ସ୍ୱାଭିମାନ ପକ୍ଷରୁ ନବମ ପ୍ରେରଣା ସମ୍ମାନ ସମାରୋହ ସୂଚନା ଭବନଠାରେ ଅନୁଷ୍ଠିତ ହୋଇଯାଇଛି। ୨୦୧୪ ମସିହାରେ ଆରମ୍ଭ ହୋଇଥିବା ଏହି ପ୍ରେରଣା ସମ୍ମାନ ଓଡିଶାର ସମସ୍ତ ଜିଲାର ଦଶମ ଏବଂ ଦ୍ୱାଦଶ ପରୀକ୍ଷାରେ ସଫଳତା ପାଇଥିବା ଦିବ୍ୟାଙ୍ଗ ଛାତ୍ରୀଛାତ୍ରମାନଙ୍କୁ ପ୍ରଦାନ କରାଯାଇଥାଏ। ଚଳିତ ବର୍ଷ ୧୧୬ ଦିବ୍ୟାଙ୍ଗ ଛାତ୍ରୀଛାତ୍ରଙ୍କୁ ସମ୍ମାନିତ କରାଯାଇଛି। ଯେଉଁମାନେ ୮୦ ପ୍ରତିଶତରୁ ଅଧିକ ନମ୍ବର ରଖିଛନ୍ତି ସେମାନେ ମାସିକ ୧୦୦ ଟଙ୍କା ଛାତ୍ରବୃତ୍ତି ପାଇବେ। ଏହାବ୍ୟତୀତ ଯେଉଁମାନେ ୯୦ ପ୍ରତିଶତରୁ ଅଧିକ ନମ୍ବର ରଖିଛନ୍ତି ସେମାନଙ୍କୁ ସ୍ୱର୍ଣ୍ଣପଦକ ଏବଂ ଯେଉଁମାନେ ୮୦ ପ୍ରତିଶତରୁ ଅଧିକ ନମ୍ବର ରଖିଛନ୍ତି ସେମାନଙ୍କୁ ରୌପ୍ୟପଦକ ସହିତ ସମସ୍ତଙ୍କୁ ପୁସ୍ତକ ପ୍ରଦାନ କରାଯାଇଥିଲା। ଏହି ଅବସରରେ ଭିନ୍ନକ୍ଷମ ବିଭାଗର କମିଶନର ବ୍ରତୋତି ହରିଚନ୍ଦନ, ମେୟର ସୁଲୋଚନା ଦାସ, ଅନୁଷ୍ଠାନର ମୁଖ୍ୟ ଡ. ଶ୍ରୁତି ମହାପାତ୍ର, ଅନ୍ତର୍ନିର୍ବେଶୀ ଶିକ୍ଷାର ଯୁଗ୍ମ ସଚିବ ବିଷ୍ଣୁଚରଣ ସୂତାର ଏବଂ କମୋଡର ଅଜୟ ପଟ୍ଟନାୟକ ଛାତ୍ରୀଛାତ୍ରଙ୍କୁ ସମ୍ମାନିତ କରିବା ସହିତ ଉଚ୍ଚ ଆକାଂକ୍ଷା ରଖିବା, ବଡ଼ ସ୍ୱପ୍ନ ଦେଖିବା ଏବଂ କଠିନ ପରିଶ୍ରମ କରି କିପରି ଜୀବନରେ ସଫଳତା ପାଇବା ସେହି ବିଷୟରେ ପ୍ରେରଣା ଦେଇଥିଲେ।



ସ୍ୱର୍ଣ୍ଣ ପଦକ ପାଇଥିବା ଦିବ୍ୟାଙ୍ଗ ଛାତ୍ରୀଛାତ୍ରଙ୍କ ସହ ଭିନ୍ନକ୍ଷମ ଓ ସଶକ୍ତୀକରଣ ବିଭାଗର କମିଶନର ବ୍ରତୋତି ହରିଚନ୍ଦନ, ମେୟର ସୁଲୋଚନା ଦାସ ଓ ଅନ୍ୟମାନେ।

# ବ୍ୟାପକ ବୃକ୍ଷରୋପଣ, ସଂରକ୍ଷଣ ଶ୍ରେଷ୍ଠ ବିକଳ୍ପ

## ଓଇଏସ୍ ପକ୍ଷରୁ ପରିବେଶ ସୁରକ୍ଷା କାର୍ଯ୍ୟକ୍ରମ

**ଭୁବନେଶ୍ୱର,୧୪।୧୦(ଅନୁରାଧା ମହାରଣା)**

ଓଡିଶା ପରିବେଶ ସମିତି(ଓଇଏସ୍) ପକ୍ଷରୁ କିସ୍ ବିଶ୍ୱବିଦ୍ୟାଳୟ ପରିସରରେ ଏକ ପରିବେଶ ସୁରକ୍ଷା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କିସ୍ ଅଧ୍ୟକ୍ଷା ଡ. ସ୍ନିଗ୍ଧାରାଣୀ ପଣ୍ଡାଙ୍କ ପୌରୋହିତ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ କୁଳପତି ପ୍ରଫେସର ଦୀପକ କୁମାର ବେହେରା ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ପ୍ରକୃତି ସୁରକ୍ଷାରେ ଭାରତୀୟ ସଂସ୍କୃତି ପରମ୍ପରା କେତେ ସମୃଦ୍ଧ ଓ ମହାନ ସେସମ୍ପର୍କରେ କହିଥିଲେ। ମୁଖ୍ୟବକ୍ତା ଭାବେ ପରିବେଶ ସମିତିର ସମ୍ପାଦକ ଡ. ଜୟକୃଷ୍ଣ ପାଣିଗ୍ରାହୀ କହିଲେ, ଅସହନୀୟ ମାର୍ଗରେ ସଂଘଟିତ ହେଉଥିବା ବିକାଶ ପ୍ରକ୍ରିୟା ପୃଥିବୀର ପରିବେଶକୁ ନକାରାତ୍ମକ ଦିଗରେ ପ୍ରଭାବିତ କରି ବିଭିନ୍ନ ସମସ୍ୟାର ସୂତ୍ରପାତ କରୁଛି । ଏହି ପରିପ୍ରେକ୍ଷୀରେ ବୃକ୍ଷରାଜି ତଥା ଜଙ୍ଗଲ ପରିସଂସ୍ଥା ଜୀବଜଗତର ପ୍ରକୃତ ବନ୍ଧୁ ଭାବରେ ପ୍ରଦୂଷଣ, ବିଶ୍ୱ ତାପମାତ୍ରା ବୃଦ୍ଧି, ଜଳବାୟୁ ପରିବର୍ତ୍ତନ ଏବଂ ଜୈବବିବିଧତାର ଅବକ୍ଷୟ ପରି ଗମ୍ଭୀର ସମସ୍ୟା ସବୁର ସମାଧାନରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରୁଛନ୍ତି। ସାମ୍ପ୍ରତିକ ସମୟରେ ବ୍ୟାପକ ବୃକ୍ଷରୋପଣ ଓ ଜଙ୍ଗଲ ସମ୍ପଦର ସଂରକ୍ଷଣ କରିବା ଶ୍ରେଷ୍ଠ ବିକଳ୍ପ ବୋଲି ସେ ମତପ୍ରକାଶ କରିଥିଲେ। ଇଣ୍ଡିଆନ ବ୍ୟାଙ୍କ ଭୁବନେଶ୍ୱରର ଏଫ୍‌ଡିଏମ ଅଫିସର ଡିଜିଏମ୍ ଶଙ୍କର ରାଜୁ ଭି ଛାତ୍ରୀଛାତ୍ରଙ୍କୁ ପରିବେଶ ସୁରକ୍ଷା ଓ ବୃକ୍ଷରୋପଣ କାର୍ଯ୍ୟରେ ସକ୍ରିୟ ଅଂଶଗ୍ରହଣ ନିମନ୍ତେ ଆହ୍ୱାନ ଜଣାଇଥିଲେ। ଏହି ଅବସରରେ ସମିତିର ଯୁଗ୍ମ ସମ୍ପାଦକ ଇଂ. ମନୋରଞ୍ଜନ ମିଶ୍ର ଛାତ୍ରୀଛାତ୍ରଙ୍କ ମଧ୍ୟରେ ପରିବେଶଭିତ୍ତିକ ଏକ କୁଇଜ ପ୍ରତିଯୋଗିତା ପରିଚାଳନା କରିଥିଲେ। ବିକାଶ ମହାନ୍ତି, ଶଶି ଭୂଷଣ ଦାଶ, ରାମଚନ୍ଦ୍ର ତ୍ରିପାଠୀ, ସ୍ୱପ୍ନା ବେହେରା, ଡ. ବିମଳ ପାଣ୍ଡେ, ଡ. ଦେବାହୁତି ପଟ୍ଟନାୟକ, ଡ. ନିବେଦିତା ମହାନ୍ତି, ଡ. ଝୁନୁବାଳା ଖୁଣ୍ଟିଆ, ସଂଗୀତା ପରିଡ଼ା ପ୍ରମୁଖ ଯୋଗଦେଇଥିଲେ। ଅଧ୍ୟାପିକା ମିତାଲି ସାହୁ କାର୍ଯ୍ୟକ୍ରମ ସଂଯୋଜନା ଓ ଅଧ୍ୟାପିକା ବେଦମତୀ ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ। ବିଶ୍ୱବିଦ୍ୟାଳୟର ଔଷଧୀୟ ଉଦ୍ଭିଦ ଉଦ୍ୟାନରେ ବିଭିନ୍ନ ବିରଳ ଜାତିର ଚାରାଗଛ ରୋପଣ କରାଯାଇଥିଲା ।

**ସଂକ୍ଷେପରେ**

## ବାଲି ବୋଝେଇ ହାଇୱାକୁ ଆର୍‌ଆଇଙ୍କ ଜିମା ଦେଲେ ଗ୍ରାମବାସୀ

### ଆମ୍ବୁଲାନ୍ସକୁ ସାଇଡ୍ ନ ଦେବାରୁ ଲୋକେ ଅସନ୍ତୁଷ୍ଟ ଥିଲେ

ରଘୁନାଥପୁର,୧୪।୧୦(ରାଜେନ୍ଦ୍ର ନାରାୟଣ ସିଂହ)

କିଶନନଗର ତହସିଲ ଅନ୍ତର୍ଗତ ପ୍ରହରାଜପୁର ପଞ୍ଚାୟତ ତିନିକୋଣିଆ ଛକରେ ଏକ ବାଲିବୋଝେଇ ହାଇୱାକୁ ଗ୍ରାମବାସୀ ଅଟକାଇ ଆରଆଇ(ରାଜସ୍ୱ ନିରୀକ୍ଷକ)ଙ୍କ ଜିମା ଦେଇଛନ୍ତି। ଆରଆଇ ମିହିରରଞ୍ଜନ ଦାସ ଉକ୍ତ ହାଇୱାକୁ କିଶନନଗର ଥାନାକୁ ନେଇଯାଇଛନ୍ତି। ଶୁକ୍ରବାର ରାତିରେ ଏକ ମୃତଦେହକୁ ନେଇ ଆସୁଥିବା ଆମ୍ବୁଲାନ୍ସକୁ ଆଗରେ ଯାଉଥିବା ଏକ ହାଇୱା ପ୍ରାୟ ୨ କିମି ପର୍ଯ୍ୟନ୍ତ ସାଇଡ ଦେଇ ନ ଥିଲା। ଏଥିରେ ସ୍ଥାନୀୟ ଲୋକେ କ୍ଷୁବ୍ଧ ହୋଇଯାଇଥିଲେ। ଏହି ଅସନ୍ତୋଷର ପରିଣାମ ଶନିବାର ଦେଖିବାକୁ ମିଳିଥିଲା। ଗ୍ରାମବାସୀ ଅନ୍ୟ ଏକ ହାଇୱାକୁ ଅଟକାଇ ଆରଆଇଙ୍କୁ ଖବର ଦେଇଥିଲେ। ଉକ୍ତ ହାଇୱାଟି ବିନା ୱାଇ ଫର୍ମ ଚାଲାଣରେ ପାରାଦୀପ ଅଭିମୁଖେ ଯାଉଥିବା ଆରଆଇ ମିହିରରଞ୍ଜନ ଦାସ ତନଖି ସମୟରେ ଜାଣିପାରିଥିଲେ। ଏହାପରେ ଉକ୍ତ ଗାଡ଼ିକୁ ଥାନାକୁ ନେଇଯାଇଛନ୍ତି। ସୂଚନାଯୋଗ୍ୟ, ଦୈନନ୍ଦିନ ସ୍ଥାନୀୟ କାଳିକାପୁର ବାଲିଘାଟରୁ ଶତାଧିକ ବାଲିବୋଝେଇ ହାଇୱା ଉକ୍ତ ଗ୍ରାମ୍ୟ ରାସ୍ତାରେ ଚଳାଚଳ ହେଉଛି। ଫଳରେ ଛାତ୍ରୀଛାତ୍ର, ରୋଗୀଙ୍କଠାରୁ ଆରମ୍ଭକରି ସାଧାରଣଜନତା ନାହିଁ ନ ଥିବା ଅସୁବିଧାରେ ସମ୍ମୁଖୀନ ହେଉଛନ୍ତି। ଏହାଛଡ଼ା ଅନେକ ବାଲି ବୋଝେଇ ହାଇୱା ବିନା କାଗଜପତ୍ରରେ ଏହି ରାସ୍ତା ଦେଇ ଚଳାଚଳ କରୁଥିବା ଅଭିଯୋଗ ହୋଇଛି। ଜିଲାପାଳ ଏଥିପ୍ରତି ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହୋଇଛି।

## ମୋବାଇଲ, ଲୁଗା ଚୋରିକରି ଅଭିଯୁକ୍ତ ଗିରଫ

ବାରଙ୍ଗ,୧୪।୧୦(ଲିଙ୍ଗରାଜ ରାଉତ)

ଘରୁ ମୋବାଇଲ ଓ ନୂଆ ଲୁଗା ଚୋରି କରିବା ଅଭିଯୋଗରେ ବାରଙ୍ଗ ଥାନା ପୋଲିସ ଜଣଙ୍କୁ ଗିରଫ କରି ଶନିବାର କୋର୍ଟଚାଲାଣ କରିଛି। ସେ ହେଲେ ଗଦେଇକୁଦ ଅଞ୍ଚଳର ସୁରେଶ ସାହୁ। ଏନେଇ ପୋଲିସ ୨ଟି ମକଦ୍ଦମା ରୁଜୁକରି ଘଟଣାର ତଦନ୍ତ ଆରମ୍ଭ କରିଛି। ପ୍ରକାଶ ଯେ, ତିଗିରିଆ ଥାନା ଅଧୀନ ସୋମପଦା ଗାଁର ସୁରେଶ ଗଦେଇକୁଦ ଅଞ୍ଚଳରେ ରୁହନ୍ତି। ଗତ ୧୨ ତାରିଖ ରାତିରେ ସୁରେଶ ସେହି ଅଞ୍ଚଳର ଜ୍ୟୋତ୍ସ୍ନା ଦାସ ନାମ୍ନୀ ମହିଳାଙ୍କ ଘରୁ ଫୋନ୍ ଓ ନୂଆ ଲୁଗା ଚୋରି କରିଥିଲେ। ସେହିପରି ଗତ ଜୁଲାଇ ୨୪ ରାତିରେ ସୁରେଶ ନରଣପୁରସ୍ଥିତ ବାବାଜୀ ସ୍ୱାଇଁଙ୍କ ଘରର ତାଲା ଭାଙ୍ଗି ଆଲମିରାରୁ ୭ଖଣ୍ଡ ନୂଆ ଲୁଗା ଚୋରିକରି ନେଇଥିବା ଅଭିଯୋଗ ହୋଇଥିଲା।

# କେନାଲରେ ଆସୁନି ପାଣି: ଚିନ୍ତାରେ ଚାଷୀ

- ଧାନ କ୍ଷେତ ଶୁଖି ହଳଦିଆ ହେଲାଣି
- ଅଳିଆ, ଆବର୍ଜନା ଯୋଗୁ ପାଣି ଆସିବାରେ ବାଧା ଉପୁଜିଛି

ନିଶ୍ଚିନ୍ତକୋଇଲି,୧୪।୧୦
(ଅଶୋକ କୁମାର ମହାପାତ୍ର)


କେନାଲ ଶଯ୍ୟାରେ ଅନାବନା ଘାସ ଓ ଗଛ ଉଠିଛି।

ନିଶ୍ଚିନ୍ତକୋଇଲି ବ୍ଲକରେ ଏବେ ବର୍ଷା ହେଉ ନ ଥିବାବେଳେ ନରେନ୍ଦ୍ରପୁର ଜଳସେଚନ ବିଭାଗ (ନଗସପୁର) ସହକାରୀ ନିର୍ବାହୀ ଯନ୍ତ୍ରୀଙ୍କ ଅଧୀନ ଜଗନ୍ନାଥପୁର ମାଇନର କେନାଲରେ ୧୫ ଦିନରୁ ଉର୍ଦ୍ଧ୍ୱ ହେବ ପାଣି ଆସୁନାହିଁ। ଫଳରେ ଧାନ କ୍ଷେତ ଶୁଖିଲା ପଡି ଗଛ ହଳଦିଆ ପଡ଼ିଯାଇଛି। ଏପରି ଅବସ୍ଥା ହେଲେ ଚଳିତ ବର୍ଷ ଧାନ ଫସଲ ପ୍ରଭାବିତ ହେବାର ଆଶଙ୍କା ରହିଛି।

ନରେନ୍ଦ୍ରପୁର ଜଳସେଚନ ବିଭାଗ ଅଧୀନରେ ପୁଦାଳ କେନାଲ ରହିଛି। ଏହି କେନାଲ ଓ ତାର ଶାଖା କେନାଲର ରକ୍ଷଣାବେକ୍ଷଣ ଦାୟିତ୍ୱ ନରେନ୍ଦ୍ରପୁର ଜଳ ସମ୍ପଦ ବିଭାଗ ଉପରେ ରହିଛି। ପୁଦାଳ କେନାଲର ନଇଗୁଆଁ ଦାଉଦପୁରଠାରୁ ଜଗନ୍ନାଥପୁର ମାଇନର କେନାଲ ବାହାରିଛି। ଏହି କେନାଲ ଉପରେ ଜଳସେଚନ ନିମନ୍ତେ ସ୍ଥାନୀୟ ନଇଗୁଆଁ-ଦାଉଦପୁର,ଜଗନ୍ନାଥପୁର, ବୋଧଙ୍ଗ, ଦିଆନପୁର ପ୍ରଭୃତି ରାଜସ୍ୱ ଗ୍ରାମର ଶହ ଶହ ଏକର ଚାଷଜମି ଜଳସେଚନ ନିମନ୍ତେ ନିର୍ଭର କରିଥାଏ। ଚଳିତ ବର୍ଷ ଏହି କେନାଲ ନାମକୁ ମାତ୍ର ସଫେଇ କରାଯାଇଛି। ଫଳରେ କେନାଲର ଶେଷମୁଣ୍ଡକୁ ପାଣି ଆସିପାରୁନାହିଁ ବୋଲି ଚାଷୀଙ୍କ ମହଲରେ ଅଭିଯୋଗ ହୋଇଛି। ଗତ କିଛି ଦିନ ହେବ ସ୍ଥାନୀୟ ଅଞ୍ଚଳରେ ଅସହ୍ୟ ରୌଦ୍ରତାପ ଅନୁଭୂତ ହେଉଛି। ଏଥିଯୋଗୁ ଧାନ ବିଲ ଫାଟି ଆଁ କରିବାକୁ ଆରମ୍ଭ କଲାଣି। ଏଭଳି ସ୍ଥିତିରେ କେନାଲ ଶଯ୍ୟା ଦୀର୍ଘ ଦିନ ହେବ ଶୁଖିଲା ପଡ଼ିଛି। ଏହି ଶଯ୍ୟାରେ ଅନାବନା ଗଛ,ଘାସ ଓ ଅଳିଆ ଆବର୍ଜନାରେ ଭରପୂର ହୋଇରହିଛି। ଫଳରେ କେନାଲ ମାଧ୍ୟମରେ ବିଲକୁ ପାଣି ଯାଇପାରୁନାହିଁ। ଚଳିତ ବର୍ଷ ଚାଷୀମାନେ ବିଭିନ୍ନ ଜାତୀୟ କରଣ ବ୍ୟାଙ୍କ ,ସେବା ସମବାୟ ସମିତିରୁ ଋଣ ଆଣି ଧାନଚାଷ କରିଛନ୍ତି। ମାତ୍ର ଫସଲ ଧରିବାବେଳକୁ କେନାଲରେ ପାଣି ଆସୁ ନ ଥିବାରୁ ସେମାନଙ୍କ ମୁଣ୍ଡରେ ଚଡ଼କ ପଡ଼ିଛି। ଏନେଇ ସ୍ଥାନୀୟ ଚାଷୀମାନେ ବାରମ୍ବାର ନରେନ୍ଦ୍ରପୁର ଜଳସମ୍ପଦ ବିଭାଗ କର୍ଯ୍ୟାଳୟକୁ ଅଭିଯୋଗ ଦେବାକୁ ଯାଇଥିଲେ ମଧ୍ୟ କୌଣସି ବିଭାଗୀୟ ଅଧିକାରୀଙ୍କୁ ନ ପାଇ ନିରାଶରେ ଫେରିବାକୁ ବାଧ ହେଉଛନ୍ତି। ବିଭାଗ ତରଫରୁ ତୁରନ୍ତ କେନାଲରେ ତ୍ୱରିତ ଜଳ ସେଚନ ବ୍ୟବସ୍ଥା କରିବା ପାଇଁ ଚାଷୀ ମହଲରେ ଦାବି ହୋଇଛି। ନଚେତ ଆଗାମୀ ଦିନରେ ଚାଷୀମାନେ ବାଧହୋଇ ଆନ୍ଦୋଳନାତ୍ମକ ପନ୍ଥା ଅବଲମ୍ବନ କରିବାକୁ ପଛାଇବେ ନାହିଁ ଚେତାବନୀ ଦେଇଛନ୍ତି। ନିଶ୍ଚିନ୍ତକୋଇଲି ବ୍ଲକ ଆତ୍ମା କମିଟି ସଭାପତି ହିମାଂଶୁ ଶେଖର ମହାନ୍ତିଙ୍କ କହିବାନୁସାରେ ଫସଲ ଧରିଥିବା ସମୟରେ ଧାନ ଚାଷରେ ପାଣି ନିତାନ୍ତ ଆବଶ୍ୟକ। ଏଥିପ୍ରତି ଜଳସେଚନ ବିଭାଗ ଦୃଷ୍ଟି ଦେବା ଦରକାର। ଏ ସମ୍ପର୍କରେ କୃଷକ ନେତା ଷ୍ଟାଲିନ ରାଉତ କୁହନ୍ତି, ସରକାର ଜଳକର ଆଦାୟ କରୁଛନ୍ତି କିନ୍ତୁ କ୍ଷେତକୁ ପାଣି ଗଲା କି ନାହିଁ ସେ ସମ୍ପର୍କରେ ଦୃଷ୍ଟି ଦେଉନାହାନ୍ତି। ଫଳରେ କ୍ଷେତ ଶୁଖିଲା ପଡ଼ିଛି। ଏ ସମ୍ପର୍କରେ ନରେନ୍ଦ୍ରପୁର ଜଳ ସମ୍ପଦ ବିଭାଗ ସହକାରୀ ନିର୍ବାହୀ ଯନ୍ତ୍ରୀ ଅକ୍ଷୟ କୁମାର ମଲିକଙ୍କୁ ପଚାରିବାରୁ ଖୁବ୍‌ଶୀଘ୍ର ଏହି କେନାଲରେ ପାଣି ଛାଡ଼ିବା ଲାଗି ବ୍ୟବସ୍ଥା କରାଯିବ ବୋଲି କହିଛନ୍ତି।

## ଅନାହତ ଗୁମ୍ଫା, ମା ଚର୍ଚ୍ଚିକାଙ୍କ ମନ୍ଦିର ପରିଦର୍ଶନକଲେ ଛାତ୍ରୀଛାତ୍ର



ଅନାହତ ଗୁମ୍ଫା ପରିଦର୍ଶନରେ ଆସିଥିବା ଛାତ୍ରୀଛାତ୍ରମାନେ।

ବାଙ୍କୀ,୧୪।୧୦(ଜ୍ଞାନେନ୍ଦ୍ର ମୋହନ ମିଶ୍ର)

ଭାରତ ପର୍ଯଟନ ବିଭାଗର ଟୁରିଷ୍ଟ ଅଫିସର ଜଗନ୍ନାଥ ବେହେରାଙ୍କ ସଂଯୋଜନାରେ ୩୦ରୁ ଉର୍ଦ୍ଧ୍ୱ ଛାତ୍ରୀଛାତ୍ର ଶନିବାର ବାଙ୍କୀର ପ୍ରମୁଖ ପର୍ଯ୍ୟଟନସ୍ଥଳୀ ପରିଦର୍ଶନ କରିଛନ୍ତି। ଏହି ଅବସରରେ ସେମାନେ ଦେବୀଦ୍ୱାର, ପ୍ରାକ୍ ଐତିହାସିକ ଅନାହତ ଗୁମ୍ଫା ଓ ବାଙ୍କୀର ଅଧିଷ୍ଠାତ୍ରୀ ଦେବୀ ମା'ଚର୍ଚ୍ଚିକାଙ୍କ ମନ୍ଦିର ପରିଦର୍ଶନ କରିଥିଲେ। ଜାତୀୟସ୍ତରର ଟୁରିଷ୍ଟ ଗାଇଡ୍ ଲଳିତ ମୋହନ ପଣ୍ଡା ଛାତୀଛାତ୍ରଙ୍କୁ ଦେବୀଦ୍ୱାର, କଇଁଛ କୁଦ ଓ ଅନାହତ ଗୁମ୍ଫାର ଇତିହାସ ସମ୍ପର୍କରେ ବୁଝାଇଥିଲେ। ବାଙ୍କୀର ଅଧିଷ୍ଠାତ୍ରୀ ଦେବୀ ମା'ଚର୍ଚ୍ଚିକାଙ୍କ ମନ୍ଦିର ଇତିହାସ ସମ୍ପର୍କରେ ରାଜ୍ୟସ୍ତରୀୟ ଟୁରିଷ୍ଟ ଗାଇଡ୍ ଅମିତ୍ ସାହୁ ସୂଚନା ଦେଇଥିଲେ। ଭାରତ ସରକାରଙ୍କ ସ୍ୱଚ୍ଛଭାରତ କାର୍ଯ୍ୟକ୍ରମ ଅଧୀନରେ ପର୍ଯ୍ୟଟନସ୍ଥଳୀଗୁଡ଼ିକର ସଫେଇ କାର୍ଯ୍ୟ କିପରି ହୋଇପାରିବ ଓ ଏସବୁ ସ୍ଥାନର କିପରି ପ୍ରଚାରପ୍ରସାର ହୋଇପାରିବ ସେ ସମ୍ପର୍କରେ ମଧ୍ୟ ଆଲୋଚନା ହୋଇଥିଲା। ଏହି କାର୍ଯ୍ୟକ୍ରମରେ ଟୁରିଷ୍ଟ ଗାଇଡ୍ କ୍ଲବର ସଦସ୍ୟ ଧନେଶ୍ୱର ସାହୁ, ରଶ୍ମିରଞ୍ଜନ, ସଂଜୟ ମହାପାତ୍ର, ଚର୍ଚ୍ଚିକା ମନ୍ଦିରର ମୁଖ୍ୟ ଟ୍ରଷ୍ଟି କାଳନ୍ଦୀ ମହାପାତ୍ର, ସେବାୟତ ଅଶୋକ ରଣା ପ୍ରମୁଖ ଉପସ୍ଥିତ ଥିଲେ ।


କଟକ ଚାନ୍ଦିନୀଚୌକ ପୂଜା ମଣ୍ଡପରେ ମା' ଦୁର୍ଗାଙ୍କ ମୃଣ୍ମୟୀ ମୂର୍ତ୍ତିରେ ଜଣେ ଶିଳ୍ପୀ ଖଡି ପ୍ରଲେପ ଦେଉଛନ୍ତି।

## ବି.କେ.ବିଦ୍ୟାପୀଠରେ ବିଶ୍ୱ ଅଣ୍ଡା ଦିବସ ପାଳିତ

ବାଙ୍କୀ,୧୪।୧୦(ଜ୍ଞାନେନ୍ଦ୍ର ମୋହନ ମିଶ୍ର)

ବାଙ୍କୀ ପ୍ରାଣୀ ଚିକିତ୍ସା ବିଭାଗ ତରଫରୁ ବରେନ୍ଦ୍ରକୃଷ୍ଣ ବିଦ୍ୟାପୀଠରେ ବିଶ୍ୱ ଅଣ୍ଡା ଦିବସ ପାଳିତ ହୋଇଯାଇଛି। ଉପଖଣ୍ଡ ପ୍ରାଣୀଚିକିତ୍ସା ଅଧିକାରୀ ଡାକ୍ତର ଶିଶିର କୁମାର ସାହୁ ଏଥିରେ ସଭାପତିତ୍ୱ କରିଥିଲେ। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ବାଙ୍କୀ କେନ୍ଦ୍ର ବ୍ୟାଙ୍କ ସଭାପତି ସୁବାସ ଚନ୍ଦ୍ର ପାଢ଼ୀ, ସମ୍ମାନିତ ଅତିଥି ଭାବେ ନଗରପାଳ ମାଣିକ ସାହୁ, ଜିଲା ପରିଷଦ ସଭ୍ୟ ଆଶିଷ କୁମାର ସାହୁ, ନଗରପାଳଙ୍କ ପ୍ରତିନିଧି ସନାତନ ବେହେରା ପ୍ରମୁଖ ଯୋଗଦେଇଥିଲେ। ବାଙ୍କୀ ଡମପଡ଼ା ବ୍ଲକ ପ୍ରାଣୀ ଚିକିତ୍ସକ ଚିନ୍ମୟ ଭୂୟାଁ ସ୍ୱାଗତ ଭାଷଣ ସହ ଅତିଥି ପରିଚୟ ପ୍ରଦାନ କରିଥିଲେ। ପ୍ରାଣୀ ଚିକିତ୍ସକ ଅର୍ପିତା ପାଢ଼ୀ, ଅମିତ୍ ସାହୁ, ପ୍ରତୀକ ପ୍ରିୟଦର୍ଶିନୀ, ବରେନ୍ଦ୍ରକୃଷ୍ଣ ବିଦ୍ୟାପୀଠ ପ୍ରଧାନ ଶିକ୍ଷକ ଫକୀରମୋହନ ମିଶ୍ର ପ୍ରମୁଖ ବକ୍ତବ୍ୟ ରଖିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ ଶିକ୍ଷକ ଗୋବିନ୍ଦ ଚନ୍ଦ୍ର ତ୍ରିପାଠୀ, ପ୍ରାଣୀ ଚିକିତ୍ସାଳୟର କର୍ମଚାରୀ , ବରେନ୍ଦ୍ରକୃଷ୍ଣ ବିଦ୍ୟାପୀଠର ଶିକ୍ଷୟିତ୍ରୀ, ଶିକ୍ଷକ ଓ ଅନ୍ୟ କର୍ମଚାରୀମାନେ ଉପସ୍ଥିତ ଥିଲେ। ଶେଷରେ ବାଙ୍କୀ ବ୍ଲକ ପ୍ରାଣୀ ଚିକିତ୍ସକ ଶ୍ରୀନିବାସ ଆଚାର୍ଯ୍ୟ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ପ୍ରାଣୀ ବିଭାଗ ତରଫରୁ ବିଦ୍ୟାଳୟର ସମସ୍ତ ଛାତ୍ରୀଛାତ୍ରଙ୍କୁ ୨ଟି ଲେଖାଏଁ ସିଝା ଅଣ୍ଡା ବଣ୍ଟନ କରାଯାଇଥିଲା।

## ଏଲ୍‌ଆଇସି ଚେୟାରମ୍ୟାନଙ୍କୁ ସୌଜନ୍ୟମୂଳକ ସାକ୍ଷାତ



କଟକ,୧୪।୧୦ (କାର୍ତ୍ତିକ ସାହୁ)

ଓଡ଼ିଶାର ଗର୍ବ ହେଉଛନ୍ତି ଓଡ଼ିଆ ପୁଅ ସିଦ୍ଧାର୍ଥ ମହାନ୍ତି। ସେ ଭାରତୀୟ ଜୀବନ ବୀମା ନିଗମ (ଏଲ୍‌ଆଇସି)ର ଚେୟାରମ୍ୟାନ ଭାବେ କାର୍ଯ୍ୟରତ। ତାଙ୍କର ଏକ ଅଫିସିଆଲ ଗସ୍ତ ସମୟରେ କଟକ ଡିଭିଜନ ବୀମା କର୍ମଚାରୀ ସଂଘ ତଥା ଭୁବନେଶ୍ୱର ଡିଭିଜନ ଜୀବନ ବୀମା କର୍ମଚାରୀ ସଂଘର ନେତୃବୃନ୍ଦ ମିଳିତ ଭାବେ ଭୁବନେଶ୍ୱରର ଏକ ତାରକା ହୋଟେଲରେ ଶନିବାର ତାଙ୍କୁ ସୌଜନ୍ୟମୂଳକ ସାକ୍ଷାତ କରିଛନ୍ତି। କଟକ ଡିଭିଜନ ପକ୍ଷରୁ ସଭାପତି ଡ. ସନ୍ତୋଷ କୁମାର ମହାପାତ୍ର, ସାଧାରଣ ସମ୍ପାଦକ ଅଭୟ କୁମାର ଦାସ, ଉପସଭାପତି ଗୋଲକ ବିହାରୀ ମହାରାଜ, ସାଙ୍ଗଠନିକ ସମ୍ପାଦକ ପ୍ରଶାନ୍ତ କୁମାର ନାୟକ ଏବଂ ଭୁବନେଶ୍ୱର ଡିଭିଜନ ତରଫରୁ ସଭାପତି ରୂପ ନାରାୟଣ ସାହୁ, ସାଧାରଣ ସମ୍ପାଦକ ଭାରତ ଭୂଷଣ ନାୟକ, ସାଙ୍ଗଠନିକ ସମ୍ପାଦକ ରମାକାନ୍ତ ଦାଶ ତାଙ୍କୁ ସାକ୍ଷାତ କରିଥିଲେ। କର୍ମଚାରୀ, ପେନ୍‌ସନ୍‌ଭୋଗୀଙ୍କ ବିଭିନ୍ନ ସମସ୍ୟା ଓ ଏଲ୍‌ଆଇସିକୁ ଆହୁରି ଶକ୍ତିଶାଳୀ କରାଯିବା ସମ୍ପର୍କରେ ଚେୟାରମ୍ୟାନଙ୍କ ସହିତ କର୍ମକର୍ତ୍ତାମାନେ ଆଲୋଚନା କରି ସ୍ମାରକପତ୍ର ଦେଇଥିଲେ। ଆଜିର ପ୍ରତିଯୋଗିତାମୂଳକ ପରିସ୍ଥିତିରେ ବୀମା ବ୍ୟବସାୟ ବୃଦ୍ଧି ପାଇବା ଓ ବୀମାଧାରୀଙ୍କୁ ସର୍ବୋତ୍କୃଷ୍ଟ ସେବା ଯୋଗାଇ ଦିଆଯିବା ଉପରେ ଚେୟାରମ୍ୟାନ ମହାନ୍ତି ଗୁରୁତ୍ୱାରୋପ କରିଥିଲେ।

## ପୂର୍ବାଞ୍ଚଳ ଭବିଷ୍ୟନିଧି ଭଲିବଲ୍ ଓ ବାସ୍କେଟବଲ୍ ଟୁର୍ନାମେଣ୍ଟ ଉଦ୍‌ଘାଟିତ

ଭୁବନେଶ୍ୱର, ୧୪।୧୦ (ବନ୍ଦନା ସେଠୀ)

କିଟ୍ ବିଶ୍ୱବିଦ୍ୟାଳୟର ବିଜୁ ପଟ୍ଟନାୟକ ଇନ୍‌ଡୋର ଷ୍ଟାଡିୟମ୍‌ରେ ଶନିବାର ପୂର୍ବାଞ୍ଚଳ ଭବିଷ୍ୟନିଧି ଭଲିବଲ୍ ଓ ବାସ୍କେଟବଲ୍ ଟୁର୍ନାମେଣ୍ଟ ଉଦ୍‌ଘାଟିତ ହୋଇ ଯାଇଛି। ପ୍ରତିଯୋଗିତାରେ ପୂର୍ବାଞ୍ଚଳରୁ ଓଡ଼ିଶା, ପଶ୍ଚିମବଙ୍ଗ, ଝାଡ଼ଖଣ୍ଡ ଓ ଉତ୍ତର-ପୂର୍ବାଞ୍ଚଳରୁ ପ୍ରାୟ ୮୦ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରିଛନ୍ତି। ଓଡ଼ିଶା ପ୍ରଭାରୀ ତଥା ଅତିରିକ୍ତ କେନ୍ଦ୍ରୀୟ କମିଶନର ଉମା ମଣ୍ଡଳ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିଲେ। ଆଞ୍ଚଳିକ କମିଶନର-୧ ପି.ବି. ବର୍ମା ସମ୍ମାନିତ ଅତିଥି ଭାବେ ଯୋଗଦେଇ ବ୍ୟକ୍ତିଗତ ତଥା ବୃତ୍ତିଗତ ଜୀବନରେ ଖେଳର ଉପାଦେୟତା ସମ୍ପର୍କରେ ଆଲୋକପାତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଆଞ୍ଚଳିକ କମିଶନର-୨ ଗୌରବ ମହାନ୍ତି ଓ ସହାୟକ କମିଶନର ମୌସୁମୀଲତା ପାଢୀ ଯୋଗଦେଇଥିଲେ। ୨ଦିନ ଧରି ଚାଲିବାକୁ ଥିବା ପ୍ରତିଯୋଗୀତାର ପ୍ରଥମ ଦିନରେ ଓଡ଼ିଶା ଭଲିବଲରେ ପଶ୍ଚିମବଙ୍ଗକୁ ୨-୦ରେ ହରାଇଥିବାବେଳେ ବାସ୍କେଟବଲ୍‌ରେ ଝାଡ଼ ଖଣ୍ଡକୁ ୩୩-୪ରେ ହରାଇ ଦୁଇ ବିଭାଗରେ ଫାଇନାଲ୍‌ରେ ପ୍ରବେଶ କରିଛି। ରବିବାର ଓଡ଼ିଶା ଭଲିବଲ ଫାଇନାଲରେ ଝାଡ଼ଖଣ୍ଡକୁ ଏବଂ ବାସ୍କେଟବଲ୍ ଫାଇନାଲରେ ଉତ୍ତରପୂର୍ବାଞ୍ଚଳକୁ ଭେଟିବ। ଆଞ୍ଚଳିକ କ୍ରୀଡା ପ୍ରୋତ୍ସାହକ ପରିଷଦ ପକ୍ଷରୁ ଆୟୋଜିତ ଏହି ପ୍ରତିଯୋଗିତାକୁ କେ.କେ. ମହାନ୍ତି, କେ.ସି. ସାହୁ, ସୁବାସ ଚନ୍ଦ୍ର ଭଟ, ସିଆର ସ୍ୱାଇଁ ପ୍ରମୁଖ ବରିଷ୍ଠ ପ୍ରବର୍ତ୍ତନ ଅଧିକାରୀ ପରିଚାଳନା କରିଥିଲେ। ଉଦ୍‌ଘାଟନୀ ଉତ୍ସବକୁ ଲେଖା ଅଧିକାରୀ ଅଲେଖ ଚନ୍ଦ୍ର ସାହୁ ସଂଯୋଜନା କରିଥିବାବେଳେ କ୍ଲବର ସମ୍ପାଦକ ନିରଞ୍ଜନ ପତି ସହାୟତା କରିଥିଲେ।

## ଯୁଗାନ୍ତର ପବ୍ଲିକ ସ୍କୁଲ ବାଳକ, ଡିପିଏସ୍ ବାଳିକା ଚାମ୍ପିୟନ

କଟକ,୧୪।୧୦(ସୁପ୍ରିୟା ପ୍ରିୟଦର୍ଶିନୀ):

**ସିବିଏସ୍‌ଇ କ୍ଲଷ୍ଟର-୨ ବାସ୍କେଟବଲ**

ତିନିଦିନ ଧରି ଚାଲିଥିବା ବିଏସଇ କ୍ଲଷ୍ଟର୍-୨ ବାସ୍କେଟବଲ ପ୍ରତିଯୋଗିତା ଶନିବାର ଉଦ୍‌ଯାପିତ ହୋଇଯାଇଛି। ବାଳକ ବିଭାଗ ସେମିଫାଇନାଲରେ ଯୁଗାନ୍ତର ପବ୍ଲିକ ସ୍କୁଲ, ରାଜନନ୍ଦଗାଁଓ ୬୩-୨୫ ପଏଣ୍ଟ ରେ କିଟ୍ସ ଇଣ୍ଟରନ୍ୟାଶନାଲ ସ୍କୁଲକୁ ପରାସ୍ତ କରି ଫାଇନାଲରେ ପ୍ରବେଶ କରିଥିଲା। ସେହିପରି ମଦର୍ସ ପବ୍ଲିକ ସ୍କୁଲ, ୨୭-୧୪ ପଏଣ୍ଟରେ ଭୁବନେଶ୍ୱର ଓଡ଼ିଏମ୍ ସ୍କୁଲକୁ ପରାସ୍ତ କରି ଫାଇନାଲକୁ ଉନ୍ନୀତ ହୋଇଥିଲା। ଫାଇନାଲରେ ଭୁବନେଶ୍ୱର ମଦର୍ସ ପବ୍ଲିକ ସ୍କୁଲକୁ ୫୫-୨୧ ପଏଣ୍ଟରେ ରେ ପରାସ୍ତ କରି ଯୁଗାନ୍ତର ପବ୍ଲିକ ସ୍କୁଲ ବାଳକ ବିଭାଗରେ ଚାମ୍ପିୟନ ହୋଇଥିଲା। ସେହିପରି ବାଳିକା ବିଭାଗର ସେମିଫାଇନାଲ ଡିପିଏସ୍,ରାଜନନ୍ଦଗାଁ ବନାମ ମହାଦେବୀ ବିର୍ଲା ଏକାଡେମୀ, କଲିକତା ଏବଂ ସାଇ ଇଣ୍ଟରନ୍ୟାଶନାଲ ସ୍କୁଲ, ଭୁବନେଶ୍ୱର ବନାମ ଯୁଗାନ୍ତର ପବ୍ଲିକ ସ୍କୁଲ, ରାଜନନ୍ଦଗାଁଓ ମଧ୍ୟରେ ଅନୁଷ୍ଠିତ ହୋଇଥିଲା।

ଯୁଗାନ୍ତର ପବ୍ଲିକ ସ୍କୁଲ ୧୦-୨ ପଏଣ୍ଟ ବ୍ୟବଧାନରେ ମହାଦେବୀ ବିର୍ଲା ୱାର୍ଲ୍ଡ ଏକାଡେମୀକୁ ଏବଂ ସାଇ ଇଣ୍ଟରନ୍ୟାଶନାଲ ପବ୍ଲିକ ସ୍କୁଲକୁ ଯୁଗାନ୍ତର ପବ୍ଲିକ ସ୍କୁଲ ହରାଇ ଫାଇନାଲରେ ପ୍ରବେଶ କରିଥିଲା। ବାଳିକା ବିଭାଗ ଫାଇନାଲରେ ଡିପିଏସ୍ ୨୩-୧୭ ପଏଣ୍ଟ ବ୍ୟବଧାନରେ ଯୁଗାନ୍ତର ପବ୍ଲିକ ସ୍କୁଲକୁ ହରାଇ ବିଜୟ ମୁକୁଟ ପିନ୍ଧିଥିଲା। ଏହି ତିନିଦିନିଆ ବାସ୍କେଟବଲ କ୍ଲଷ୍ଟର-୨ ପ୍ରତିଯୋଗିତାରେ ପଶ୍ଚିମବଙ୍ଗ, ଛତିଶଗଡ଼, ଓଡ଼ିଶାର ବିଭିନ୍ନ ପ୍ରାନ୍ତରୁ ୧୦୦ଟି ସ୍କୁଲର ୧୫୦୦ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ଉଦଯାପାନୀ ଉତ୍ସବରେ ଅତିଥି ଭାବେ ଜିଲାପାଳ ଭବାନୀ ଶଙ୍କର ଚଇନି ଓ ମେୟର ସୁବାସ ସିଂ ଉପସ୍ଥିତ ଥିଲେ। ବାରବାଟୀ ସେଣ୍ଟ ଜାଭିୟର୍ସ ହାଇସ୍କୁଲର ଅଧକ୍ଷଙ୍କ ପ୍ରିୟଦର୍ଶୀ ନାୟକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଜାତୀୟ ଟାଏକୋଣ୍ଡୋ ଖେଳାଳି ଲାଲା ନିର୍ବିକାର ରାୟ, ସେଣ୍ଟ ଜାଭିୟର୍ସ ଗ୍ରୁପ୍ ଅଫ୍ ସ୍କୁଲର ନିର୍ଦ୍ଦେଶକ ଡ଼. ପ୍ରଭୁଚରଣ ମହାନ୍ତି, କର୍ପୋରେଟ ମୁଖ୍ୟ ସମ୍ୟକ୍ ମହାନ୍ତି , ପରିଚାଳନା ସଦସ୍ୟ ଦିବ୍ୟଶ୍ରୀ ପ୍ରମୁଖ ଉପସ୍ଥିତ ଥିଲେ ।


ଅତିଥିଙ୍କ ଗହଣରେ ଚାମ୍ପିୟନ ଦଳର ଖେଳାଳି।

## ପ୍ରେରଣାର ଉତ୍ସ ପାଲଟିଛନ୍ତି ଶ୍ୟାମସୁନ୍ଦର

**ସଫଳ ମାଛଚାଷୀ**

- ବାର୍ଷିକ ଲକ୍ଷାଧିକ ଟଙ୍କା ରୋଜଗାର କରୁଛନ୍ତି
- ସ୍ତ୍ରୀଙ୍କ ଗହଣା ବିକି ଚାଷ କାର୍ଯ୍ୟ ଆରମ୍ଭ କରିଥିଲେ

ନିଶ୍ଚିନ୍ତକୋଇଲି ,୧୪।୧୦
(ଅଶୋକ କୁମାର ମହାପାତ୍ର)


ଶ୍ୟାମସୁନ୍ଦର ନାୟକ ସହଯୋଗୀଙ୍କ ସହ ପୋଖରୀରୁ ମାଛ ଧରୁଛନ୍ତି।

ଆଜିର ସମାଜରେ ଉଚ୍ଚ ଶିକ୍ଷିତ ଯୁବତୀଯୁବକମାନେ ଚାକିରି ପଛରେ ଗୋଡ଼ାଇଛନ୍ତି। ଚାକିରି ନପାଇ ବେକାର ହୋଇ ଘରେ ହାତବାନ୍ଧି ବସୁଛନ୍ତି। ଏପରିସ୍ଥଳେ ନିଶ୍ଚିନ୍ତକୋଇଲି ବ୍ଲକରେ ଜଣେ ମାଛ ଚାଷୀ ବେକାର ଯୁବତୀ, ଯୁବକ ପାଇଁ ପ୍ରେରଣାର ଉତ୍ସ ପାଲଟିଛନ୍ତି। ସେ ଏବେ ବାର୍ଷିକ ଲକ୍ଷାଧିକ ଟଙ୍କା ରୋଜଗାର କରୁଛନ୍ତି। ସେ ହେଲେ ଏହି ବ୍ଲକ ଅନ୍ତର୍ଗତ କଟିକଟା ମିରା ସାହିର ଶ୍ୟାମସୁନ୍ଦର ନାୟକ(୪୫) । ସେ ଜଣେ ସ୍ୱଳ୍ପ ଶିକ୍ଷିତ ବ୍ୟକ୍ତି । ପୂର୍ବରୁ ତାଙ୍କ ଆର୍ଥିକ ଅବସ୍ଥା ସେତେ ସ୍ୱଚ୍ଛଳ ନ ଥିଲା। ସ୍ତ୍ରୀ, ଗୋଟିଏ ପୁଅ,ଝିଅକୁ ନେଇ ତାଙ୍କ ତେଲ ଲୁଣର ସଂସାର। ସ୍ଥାନୀୟ ଅସୁରେଶ୍ୱର ପଞ୍ଚାୟତ ଅନ୍ତର୍ଗତ ଦୀକ୍ଷିତପଡାର ଉପେନ୍ଦ୍ର ସିଂଙ୍କ ପ୍ରେରଣାରେ ପ୍ରାୟ ୧୦ ବର୍ଷତଳେ ସେ ମାଛ ଚାଷ ଆରମ୍ଭ କରିଥିଲେ। ଏଥିପାଇଁ ସେ ସ୍ତ୍ରୀଙ୍କ ଗହଣାକୁ ବିକ୍ରି କରି ୧ ଲକ୍ଷ ଟଙ୍କା ପୁଞ୍ଜି ବିନିଯୋଗ କରିଥିଲେ। ମାଛ ଚାଷ କରିବା ପାଇଁ ତାଙ୍କର କୌଣସି ନିଜସ୍ୱ ପୋଖରୀ ନ ଥିବାରୁ ସେ ସ୍ଥାନୀୟ ବନମାଳିପୁର, ସୁକରପଡା, ନଟରା, ଜିମ୍ମିପୁର, ମାତକତପୁର ଆଦି ଗ୍ରାମରେ ସରକାରୀ ଓ ବେସରକାରୀ ପୋଖରୀକୁ ନିଲାମସୂତ୍ରରେ ନେଇ ଉନ୍ନତ ବୈଜ୍ଞାନିକ ପ୍ରଣାଳୀରେ ମାଛ ଓ ଯାଆଁଳ ଚାଷ କରିଥିଲେ। ଏଥିରେ ହେଉଥିବା ଆୟରେ ଶ୍ୟାମସୁନ୍ଦର ଦୈନନ୍ଦିନ ୧୫ଟି ପରିବାରକୁ ଅନ୍ନ ଯୋଗାଉଥିଲାବେଳେ ନିଜ ପରିବାରକୁ ସରସ ସୁନ୍ଦର କରିବା ସହ ଆର୍ଥିକ ମେରୁଦଣ୍ଡକୁ ସୁଦୃଢ଼ କରିପାରିଛନ୍ତି। ଏପରିକି ତାଙ୍କ ଉଚ୍ଚ ଶିକ୍ଷିତ ପୁଅ ମଧ୍ୟ ଏଦିଗରେ ପୂର୍ଣ୍ଣ ସହଯୋଗର ହାତ ବଢ଼ାଉଥିବା ଶ୍ୟାମସୁନ୍ଦର କହିଛନ୍ତି। ଶ୍ୟାମସୁନ୍ଦର ନିଶ୍ଚିନ୍ତକୋଇଲି ବ୍ଲକ ଅଞ୍ଚଳର ବିଭିନ୍ନ ସ୍ଥାନରେ ମାଛ ଓ ଯାଆଁଳ ଚାଷକରି ଭଲ ରୋଜଗାର କରୁଥିବା କହିଛନ୍ତି। ସରକାରଙ୍କ ତରଫରୁ ଏଦିଗରେ ତାଙ୍କୁ ସରକାରୀ ପ୍ରୋତ୍ସାହନ ଯୋଗାଇ ଦିଆଗଲେ ସେ ଅଧିକରୁ ଅଧିକ ମାଛ ଚାଷ କରିପାରନ୍ତେ ବୋଲି ମତବ୍ୟକ୍ତ କରିଛନ୍ତି।

## ସଂକ୍ଷେପରେ

### ନାବାଳିକାଙ୍କୁ ଅପହରଣ, ବଳାତ୍କାର ଘଟଣା: ଯୁବକ ଗିରଫ

ନିମାପଡ଼ା,୧୪।୧୦(ବିଚିତ୍ରାନନ୍ଦ ସାହୁ)

ନିମାପଡ଼ା ଥାନା ଅଞ୍ଚଳର ଜଣେ ୧୫ ବର୍ଷୀୟା ନାବାଳିକା(ଦଶମ ଶ୍ରେଣୀ ଛାତ୍ରୀ)ଙ୍କୁ ଅପରହଣ ଓ ପରେ ବାରମ୍ବାର ବଳାତ୍କାର କରିବା ଅଭିଯୋଗରେ ପୋଲିସ ଜଣେ ଯୁବକଙ୍କୁ ଗିରଫ କରି ଶୁକ୍ରବାର କୋର୍ଟଚାଲାଣ କରିଛି। ଅଭିଯୁକ୍ତ ହେଲେ ଏହି ଥାନା ଅଞ୍ଚଳର ପ୍ରକାଶ ଭୋଇ(୨୫)। ଜାମିନ ନାମଞ୍ଜୁର ପରେ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଏହି ଘଟଣାରେ ସମ୍ପୃକ୍ତ ଥିବା ଅଭିଯୁକ୍ତଙ୍କ ବାପା ଫେରାର ଥିବା ପୋଲିସ ପକ୍ଷରୁ ସୂଚନା ମିଳିଛି। ସୂଚନା ମୁତାବକ, ଗତ ଜୁଲାଇ ୧୮ରେ ଛାତ୍ରୀ ଜଣଙ୍କ ନିଜ ମା'ଙ୍କ ସହ ଗ୍ରାମ ନିକଟ ଜଗନ୍ନାଥ ମନ୍ଦିରକୁ ପୂଜାର୍ଚ୍ଚନା ପାଇଁ ଯାଉଥିଲେ। ଏହି ସମୟରେ ଅଭିଯୁକ୍ତ ପ୍ରକାଶ ଓ ତାଙ୍କ ବାପା ବାଇକ୍‌ରେ ଆସି ହଠାତ୍ ସେମାନଙ୍କୁ ଅଟକାଇବା ସହ ମାଡ଼ ମାରିଥିଲେ। ଏହାପରେ ଛାତ୍ରୀ ଜଣଙ୍କୁ ଜୋରଜବରଦସ୍ତ ବାଇକ୍‌ରେ କେଉଁଆଡ଼େ ନେଇଯାଇଥିଲେ। ଏନେଇ ଛାତ୍ରୀଙ୍କ ବାପାଙ୍କ ଅଭିଯୋଗକ୍ରମେ ପୋଲିସ ତଦନ୍ତ ଚଳାଇଥିଲା। ଗତ ୧୧ ତାରିଖରେ ବେଙ୍ଗାଲୁରୁର ବାନରଘାଟ ଥାନା ଅଞ୍ଚଳରୁ ସମ୍ପୃକ୍ତ ଛାତ୍ରୀଙ୍କୁ ନିମାପଡ଼ା ପୋଲିସ ଉଦ୍ଧାର କରିବା ସହ ପ୍ରକାଶଙ୍କୁ ଗିରଫ କରିଥିଲା। ଏ ସମ୍ପର୍କରେ ପୋଲିସ ଏକ ମାମଲା (ନଂ.୨୪୭/୨୩) ରୁଜୁକରି ଘଟଣାର ଅଧିକ ତଦନ୍ତ ଚଳାଇଛି।

### ସ୍କୁଟି ଧକ୍କାରେ ବୃଦ୍ଧ ଗୁରୁତର

ଅସ୍ତରଙ୍ଗ,୧୪।୧୦(ମମତା ଜେନା)

ସ୍କୁଟି ଧକ୍କାରେ ଜଣେ ବୃଦ୍ଧ ଗୁରୁତର ହୋଇଥିବା ଶନିବାର ତାଙ୍କ ପରିବାର ପକ୍ଷରୁ ଅଭିଯୋଗ ହୋଇଛି। ଅସ୍ତରଙ୍ଗ ବ୍ଲକ ସହନ ଗ୍ରାମର ଛବି ବେହେରା ନାମକ ବୃଦ୍ଧ ଅପରାହ୍ନରେ ଅସ୍ତରଙ୍ଗ ହାଟରୁ ହାଟ ସଉଦା ନେଇ ଫେରୁଥିଲେ। ସେହି ସମୟରେ ହୀରାଦେଇ ରାସ୍ତାରେ ବିପରୀତ ଦିଗରୁ ଆସୁଥିବା ଏକ ସ୍କୁଟି (ଓଡି୧୩ ପି୫୩୦୮) ଦ୍ରୁତଗତିରେ ଆସି ବୃଦ୍ଧଙ୍କୁ ଧକ୍କା ଦେଇଥିଲା। ଘଟଣା ସ୍ଥଳରେ ବୃଦ୍ଧ ଜଣକ ଗୁରୁତର ଆହତ ହେବା ସହ ତାଙ୍କର ରକ୍ତବାନ୍ତି ହୋଇଥିଲା। ସ୍କୁଟି ଚାଳକ ସେଠାରୁ ଖସିଯିବାକୁ ଉଦ୍ୟମ କରୁଥିବାବେଳେ ସ୍ଥାନୀୟ ଲୋକେ ତାଙ୍କୁ କାବୁ କରିଥିଲେ। ସ୍ଥାନୀୟ ଲୋକେ ବୃଦ୍ଧଙ୍କୁ ଚିକିତ୍ସା ପାଇଁ ଡାକ୍ତରଖାନା ନେବାକୁ ସ୍କୁଟି ଚାଳକଙ୍କୁ ବାଧ କରିଥିଲେ। ଫଳରେ ସେ ଏକ କାରରେ ତାଙ୍କୁ ଅସ୍ତରଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ବୃଦ୍ଧଙ୍କ ଅବସ୍ଥା ବିଗିଡ଼ିବାରୁ ତାଙ୍କୁ ଚାରିଛକ ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଆମ୍ବୁଲାନ୍ସ ନ ମିଳିବାରୁଚାଳକ ଜଣକ ବୃଦ୍ଧଙ୍କୁ କାରରେ ଚାରିଛକ ଆଣିଥିଲେ। କିନ୍ତୁ ସ୍କୁଟି ଚାଳକଙ୍କ ନାମ ଓ ଠିକଣା ବର୍ତ୍ତମାନ ସୁଦ୍ଧା ଜଣାପଡ଼ି ନ ଥିବାରୁ ବୃଦ୍ଧଙ୍କ ବୋହୂ ଆରତୀ ବେହେରା ଅସ୍ତରଙ୍ଗ ଥାନାରେ ଏକ ଲିଖିତ ଅଭିଯୋଗ କରିଛନ୍ତି ।

### ମହିଳାଙ୍କୁ ଗାଳିଗୁଲଜ, ସ୍ୱାମୀଙ୍କୁ ହତ୍ୟା ଧମକ

ବଳଙ୍ଗା,୧୪।୧୦(କେଦାରେଶ୍ୱର ନନ୍ଦ)

ବଳଙ୍ଗା ଥାନା ଅଧୀନ ଜଣେ ମହିଳାଙ୍କୁ ଆବାସ ଯୋଜନାରେ ଘର, ବାର୍ଦ୍ଧକ୍ୟ ଭତ୍ତା ଓ ରାଶନ କାର୍ଡ କରାଇଦେବା ବଦଳରେ ଅନୈତିକ ସମ୍ପର୍କ ରଖିବାକୁ ଉଦ୍ୟମ କରୁଥିବା ନେଇ ମହିଳା ଜଣକ ଥାନାରେ ଅଭିଯୋଗ କରିଛନ୍ତି। ବଳଙ୍ଗା ପୋଲିସ ଏନେଇ ୨୦୬/୨୩ରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଜାରି ରଖିଛି। ପ୍ରକାଶ ଯେ ଏହି ଥାନା ଅଧୀନ ନୂଆହାଟ ଗ୍ରାମର ସନାତନ ଯେନା ଜଣେ ମହିଳାଙ୍କ ଘରକୁ ଆସି ଆବାସ ଯୋଜନାରେ ଘର, ଶ୍ୱଶୁରଙ୍କ ବାର୍ଦ୍ଧକ୍ୟ ଭତ୍ତା ଓ ପରିବାରର ରାଶନ କାର୍ଡ କରି ଦେବାକୁ କହିଥିଲେ। ଏପରିକି ଯଦି ସେ ଅନୈତିକ ସମ୍ପର୍କ ରଖିବେ ତାହେଲେ ୧୦ ଦିନ ଭିତରେ ସମସ୍ତ କାମ କରିଦେବେ ବୋଲି କହିବାରୁ ମହିଳା ଜଣକ ସନାତନଙ୍କୁ ପ୍ରତିବାଦ କରି ଘରୁ ବାହାର କରି ଦେଇଥିଲେ। ପରେ ଶୁକ୍ରବାର ସନ୍ଧ୍ୟାରେ ସନାତନ ସମ୍ପୃକ୍ତ ମହିଳାଙ୍କୁ ଫୋନ ଯୋଗେ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ସହ ମହିଳାଙ୍କ ସ୍ୱାମୀଙ୍କୁ ଜୀବନରେ ମାରି ଜୋରଜବରଦସ୍ତ ବିବାହ କରିବେ ବୋଲି ଧମକ ଦେଇଥିବା ମହିଳା ତାଙ୍କ ଅଭିଯୋଗରେ ଦର୍ଶାଇଛନ୍ତି।

# ଶିଖରଚଣ୍ଡୀ ଉନ୍ନୟନ ପ୍ରକଳ୍ପ ପାଇଁ ଭାଙ୍ଗିଲା ଅଲେଖ ମହିମା ଆଶ୍ରମ

## ୮ଶହ ଡିସିମିଲ ଜମିରୁ ହଟିଲା ଜବରଦଖଲ

ଭୁବନେଶ୍ୱର, ୧୪।୧୦ (ବନ୍ଦନା ସେଠୀ)




ମା' ଶିଖରଚଣ୍ଡୀଙ୍କ ପୀଠର ଉନ୍ନତିକରଣ ସହ ଏହାର ରୂପରେଖ ବଦଳିବାକୁ ଯାଉଛି। ଏଥିପାଇଁ କାମ ଜାରି ରହିଥିବାବେଳେ ବିଭିନ୍ନ ସମୟରେ ଜବରଦଖଲ ବାଧକ ସାଜୁଛି। ତେବେ ପ୍ରକଳ୍ପ ନିର୍ମାଣ ପାଇଁ ଏହି ବେଆଇନ ଜବରଦଖଲ ହଟାଯିବା ସହ ସରକାରୀଜାଗାକୁ ମୁକ୍ତ କରାଯାଉଛି। ଏହି କ୍ରମରେ ପ୍ରାୟ ୮ଶହ ଡେସିମିଲ ସରକାରୀ ଜାଗାକୁ ଜବରଦଖଲମୁକ୍ତ କରାଯାଇଛି। ସମ୍ପୃକ୍ତ ସ୍ଥାନରେ ଦୀର୍ଘବର୍ଷ ହେବ ଅଲେଖ ମହିମା ଆଶ୍ରମ ସହିତ କୋଠାଘର ଓ ମନ୍ଦିର ମଧ୍ୟ ନିର୍ମାଣ ହୋଇଥିଲା। ତେବେ ଭୁବନେଶ୍ୱର ତହସିଲଦାରଙ୍କ ରିକ୍ୟୁଜିଶନ କ୍ରମେ ବିଡିଏ ପକ୍ଷରୁ ଶନିବାର ଏହାକୁ ଉଚ୍ଛେଦ କରାଯାଇଛି। ସକାଳ ୬ଟାରେ ବିଡିଏ ଏନ୍‌ଫୋର୍ସମେଣ୍ଟ ଟିମ ଶିଖରଚଣ୍ଡୀ ପାହାଡରେ ପହଞ୍ଚିଥିଲା। ଏକାଧିକ ପ୍ଲାଟୁନ ପୋଲିସ ଫୋର୍ସ, ୩ଟି ସ୍କ୍ୱାଡ୍, ୩ରୁ ଊର୍ଦ୍ଧ୍ୱ ଜେସିବି ସାହାଯ୍ୟରେ ଆଶ୍ରମକୁ ପାହାଡ଼ରେ ମିଶାଇ ଦିଆଯାଇଥିଲା। ଏଥିରେ ୯ଟି ଛାତଘର, ୪ଟି ଆଜବେଷ୍ଟସ ଘର, ଗୋଟିଏ ଲୁହା ଗେଟ, ୩ଟି ଶୌଚାଳୟ ଏବଂ ଗୋଟଏ ମନ୍ଦିର ରହିଛି। ଉଚ୍ଛେଦବେଳେ ବିଡିଏ ଯୁଗ୍ମ କମିଶନର (ଏନ୍‌ଫୋର୍ସମେଣ୍ଟ) ରଞ୍ଜନ କୁମାର ଜେନା, ବିଡିଏ ଏନଫୋର୍ସମେଣ୍ଟ (ଓଏସ୍‌ଡି) ଦେବରାଜ ସେଠୀ, ଭୁବନେଶ୍ୱର ତହସିଲଦାର ମାନସ ରଞ୍ଜନ ସ୍ୱାଇଁ, ବିଡିଏ ଲିଆସନ ଅଫିସର ଶୁଭ୍ରାଂଶୁ ଶେଖର ମହାନ୍ତି ଓ ଇନ୍‌ଫୋସିଟି ଥାନା ଆଇଆଇସି ପ୍ରମୋଦ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ। ମା' ଶିଖରଚଣ୍ଡୀ ଉନ୍ନୟନ ପ୍ରକଳ୍ପରେ ପାର୍କିଂଠାରୁ ଆରମ୍ଭ କରି ପାର୍କ, ଭୋଜିଭାତ ଏବଂ ପ୍ରମୁଖ ମନ୍ଦିରର ଢାଞ୍ଚା ବଦଳିବ। ଏଥିପାଇଁ ବିଡିଏ ପକ୍ଷରୁ କାର୍ଯ୍ୟ ଆରମ୍ଭ ହୋଇଥିବାବେଳେ ପାହାଡର ଖାଲି ସ୍ଥାନରେ ବୃକ୍ଷରୋପଣ କରାଯାଉଛି। ଆସନ୍ତା ୪ରୁ ୫ ମାସ ଭିତରେ ସମସ୍ତ କାର୍ଯ୍ୟ ଶେଷ କରିବାକୁ ବିଡିଏ ଲକ୍ଷ୍ୟ ରଖିଛି। ୩୦କୋଟି ଟଙ୍କା ବ୍ୟୟରେ ରାଜସ୍ୱ ବିଭାଗର ୩୪ ଏକର ଏବଂ ଇଡ୍‌କୋର ୧୮ଏକର ମୋଟ୍ ୫୨ ଏକର ଜମିରେ ମା' ଶିଖରଚଣ୍ଡୀ ପୀଠର ଉନ୍ନୟନମୂଳକ କାର୍ଯ୍ୟ କରାଯିବ ବୋଲି ସୂଚନା ଦିଆଯାଇଛି।

# ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ଯୁଗ୍ମ ସଚିବଙ୍କ ଏମ୍ସ ଗସ୍ତ



ଯୁଗ୍ମ ସଚିବ ଆରାଧନା ପଟ୍ଟନାୟକ ରୋଗୀଙ୍କ ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝୁଛନ୍ତି।

ଭୁବନେଶ୍ୱର, ୧୪।୧୦(ଅସମାପିକା ସାହୁ)

ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରଣାଳୟର ଯୁଗ୍ମ ସଚିବ ଆରାଧନା ପଟ୍ଟନାୟକ ଭୁବନେଶ୍ୱର ଏମ୍ସ ଗସ୍ତରେ ଆସିଥିଲେ। ଏହି ଦୁଇ ଦିନିଆ ଗସ୍ତ ଅବସରରେ ସେ ବିଭିନ୍ନ ବିଭାଗ ପରିଦର୍ଶନ କରିବା ସହିତ ରୋଗୀ ଓ ସମ୍ପର୍କୀୟଙ୍କ ସହ ବିଭିନ୍ନ ପ୍ରସଙ୍ଗରେ ବାର୍ତ୍ତାଳାପ କରିଥିଲେ। ଚିକିତ୍ସା ସେବା ପାଇବା ନିମନ୍ତେ ହେଉଥିବା ରୋଗୀଙ୍କ ଭିଡ଼ ହିଁ ଏମ୍ସ ଭୁବନେଶ୍ୱର ପ୍ରତି ଜନସାଧାରଣଙ୍କ ଥିବା ଆସ୍ଥାକୁ ପ୍ରମାଣିତ କରୁଥିବା ସେ କହିଛନ୍ତି। କେନ୍ଦ୍ର ସ୍ୱାସ୍ଥ୍ୟ ଯୁଗ୍ମ ସଚିବଙ୍କୁ ସ୍ୱାଗତ କରିବା ସହିତ ଏମ୍ସର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଡା. ଆଶୁତୋଷ ବିଶ୍ୱାସ ଏଠାରେ ଜାରି ରହିଥିବା ବିଭିନ୍ନ ଅତ୍ୟାଧୁନିକ ପ୍ରକଳ୍ପ ଓ ଭବିଷ୍ୟତ ଯୋଜନା ଉପରେ ଆଲୋକପାତ କରିଥିଲେ। ଏହି ଅବସରରେ ଯୁଗ୍ମ ସଚିବ ଅତ୍ୟାଧୁନିକ ବର୍ଣ୍ଣ ସେଣ୍ଟର, ସିଏସ୍‌ଏସ୍‌ଡି, ଏମ୍‌ଆର୍‌ଡି, ପେଟ୍-ସିଟି, ରେଡିଏଶନ୍ ଅଙ୍କୋଲୋଜି ସହିତ ଅନ୍ୟାନ୍ୟ ବିଭିନ୍ନ ସେବା ପରିଦର୍ଶନ କରିଥିଲେ। ତାଙ୍କ ସହ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଡା. ବିଶ୍ୱାସ, ଡିନ୍ ଡା. ପି ଆର୍ ମହାପାତ୍ର, ଡା. ସତ୍ୟଜିତ୍ ମିଶ୍ର, ଡା. ସୌଭାଗ୍ୟ କୁମାର ଜେନା, ମେଡିକାଲ୍ ଅଧୀକ୍ଷକ ଡା. ଦିଲୀପ କୁମାର ପରିଡ଼ା, ଭାରପ୍ରାପ୍ତ ଡିଡିଏ ରଶ୍ମି ରଞ୍ଜନ ସେଠୀ ପ୍ରମୁଖ ଉପସ୍ଥିତ ଥିଲେ। ଏଥିସହ ଯୁଗ୍ମ ସଚିବ ଏମ୍ସ ଭୁବନେଶ୍ୱରର ଛାତ୍ରୀଛାତ୍ରଙ୍କ ସହିତ ଆଲୋଚନା କରିଥିଲେ। ସେବାକୁ ନେଇ ମେଡିକାଲ୍, ପାରାମେଡିକାଲ୍, ନର୍ସଂ ଆଦି ଛାତ୍ରୀଛାତ୍ରଙ୍କ ଦୂରଦୃଷ୍ଟି ଏବଂ ଭଲପାଇବାକୁ ନେଇ ସେ ବିଶେଷ ପ୍ରଭାବିତ ହୋଇଥିଲେ। ବାହାନଗା ରେଳ ଦୁର୍ଘଟଣାର ମୃତକଙ୍କ ଶବ ପରିଚାଳନାରେ ଏମ୍ସ ଭୁବନେଶ୍ୱରର ସଫଳ ପରିଚାଳନା ଦକ୍ଷତାକୁ ଯୁଗ୍ମ ସଚିବ ପଟ୍ଟନାୟକ ଉଚ୍ଚ ପ୍ରଶଂସା କରିଥିଲେ।

# ବ୍ୟାପକ ବୃକ୍ଷରୋପଣ, ସଂରକ୍ଷଣ ଶ୍ରେଷ୍ଠ ବିକଳ୍ପ

ଭୁବନେଶ୍ୱର,୧୪।୧୦(ଅନୁରାଧା ମହାରଣା)

ଓଡିଶା ପରିବେଶ ସମିତି(ଓଇଏସ୍) ପକ୍ଷରୁ କିସ୍ ବିଶ୍ୱବିଦ୍ୟାଳୟ ପରିସରରେ ଏକ ପରିବେଶ ସୁରକ୍ଷା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କିସ୍ ଅଧକ୍ଷା ଡ. ସ୍ନିଗ୍ଧାରାଣୀ ପଣ୍ଡାଙ୍କ ପୌରହିତ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ କୁଳପତି ପ୍ରଫେସର ଦୀପକ କୁମାର ବେହେରା ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ପ୍ରକୃତି ସୁରକ୍ଷାରେ ଭାରତୀୟ ସଂସ୍କୃତି ପରମ୍ପରା କେତେ ସମୃଦ୍ଧ ଓ ମହାନ ସେସମ୍ପର୍କରେ କହିଥିଲେ। ମୁଖ୍ୟବକ୍ତା ଭାବେ ପରିବେଶ ସମିତିର ସମ୍ପାଦକ ଡ. ଜୟକୃଷ୍ଣ ପାଣିଗ୍ରାହୀ କହିଲେ, ଅସହନୀୟ ମାର୍ଗରେ ସଂଘଟିତ ହେଉଥିବା ବିକାଶ ପ୍ରକ୍ରିୟା ପୃଥିବୀର ପରିବେଶକୁ ନକାରାତ୍ମକ ଦିଗରେ ପ୍ରଭାବିତ କରି ବିଭିନ୍ନ ସମସ୍ୟାର ସୂତ୍ରପାତ କରୁଛି । ଏହି ପରିପ୍ରେକ୍ଷୀରେ ବୃକ୍ଷରାଜି ତଥା ଜଙ୍ଗଲ ପରିସଂସ୍ଥା ଜୀବଜଗତର ପ୍ରକୃତ ବନ୍ଧୁ ଭାବରେ ପ୍ରଦୂଷଣ, ବିଶ୍ୱ ତାପମାତ୍ରା ବୃଦ୍ଧି, ଜଳବାୟୁ ପରିବର୍ତ୍ତନ ଏବଂ ଜୈବବିବିଧତାର ଅବକ୍ଷୟ ପରି ଗମ୍ଭୀର ସମସ୍ୟା ସବୁର ସମାଧାନରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରୁଛନ୍ତି। ସାମ୍ପ୍ରତିକ ସମୟରେ ବ୍ୟାପକ ବୃକ୍ଷରୋପଣ ଓ ଜଙ୍ଗଲ ସମ୍ପଦର ସଂରକ୍ଷଣ କରିବା ଶ୍ରେଷ୍ଠ ବିକଳ୍ପ ବୋଲି ସେ ମତପ୍ରକାଶ କରିଥିଲେ। ଇଣ୍ଡିଆନ ବ୍ୟାଙ୍କ ଭୁବନେଶ୍ୱରର ଏଫ୍‌ଡିଏମ ଅଫିସର ଡିଜିଏମ୍ ଶଙ୍କର ରାଜୁ ଭି ଛାତ୍ରୀଛାତ୍ରଙ୍କୁ ପରିବେଶ ସୁରକ୍ଷା ଓ ବୃକ୍ଷରୋପଣ କାର୍ଯ୍ୟରେ ସକ୍ରିୟ ଅଂଶଗ୍ରହଣ ନିମନ୍ତେ ଆହ୍ୱାନ ଜଣାଇଥିଲେ । ଏହି ଅବସରରେ ସମିତିର ଯୁଗ୍ମ ସମ୍ପାଦକ ଇଂ. ମନୋରଞ୍ଜନ ମିଶ୍ର ଛାତ୍ରୀଛାତ୍ରଙ୍କ ମଧ୍ୟରେ ପରିବେଶଭିତ୍ତିକ ଏକ କୁଇଜ ପ୍ରତିଯୋଗିତା ପରିଚାଳନା କରିଥିଲେ। ବିକାଶ ମହାନ୍ତି, ଶଶୀ ଭୂଷଣ ଦାଶ, ରାମଚନ୍ଦ୍ର ତ୍ରିପାଠୀ, ସ୍ୱପ୍ନା ବେହେରା, ଡ. ବିମଳ ପାଣ୍ଡେ, ଡ. ଦେବାହୁତି ପଟ୍ଟନାୟକ, ଡ. ନିବେଦିତା ମହାନ୍ତି, ଡ. ଝୁନୁବାଳା ଖୁଣ୍ଟିଆ, ସଂଗୀତା ପରିଡ଼ା ପ୍ରମୁଖ ଯୋଗଦେଇଥିଲେ। ଅଧ୍ୟାପିକା ମିତାଲି ସାହୁ କାର୍ଯ୍ୟକ୍ରମ ସଂଯୋଜନା ଓ ଅଧ୍ୟାପିକା ବେଦମତୀ ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ। ବିଶ୍ୱବିଦ୍ୟାଳୟର ଔଷଧୀୟ ଉଦ୍ଭିଦ ଉଦ୍ୟାନରେ ବିଭିନ୍ନ ବିରଳ ଜାତିର ଚାରାଗଛ ରୋପଣ କରାଯାଇଥିଲା ।

### ଗୀତାଞ୍ଜଳି ସଭାନେତ୍ରୀ, ସ୍ନେହମୟୀ ସମ୍ପାଦିକା ମନୋନୀତ

ବେଗୁନିଆ,୧୪।୧୦(ହରପ୍ରସନ୍ନ ପଣ୍ଡା)

ବେଗୁନିଆ ସଦର ମହକୁମା ସ୍ଥିତ ମା' ବରମୂଳେଇଙ୍କ ପୀଠ ପରିସରରେ ଶନିବାର ଉଜ୍ଜଳା ଦିଦି ସଙ୍ଗଠନ ପକ୍ଷରୁ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଓଡ଼ିଶା ରାଜ୍ୟ ସଙ୍ଗଠନ ଆନୁକୂଲ୍ୟରେ ଆୟୋଜିତ ବୈଠକରେ ଜିଲା ସଭାନେତ୍ରୀ ବିଷ୍ଣୁପ୍ରିୟା ସାହୁ ଓ ସମ୍ପାଦିକା ରଶ୍ମିତା ବେହେରା ପ୍ରମୁଖ ଅତିଥିଭାବେ ଯୋଗଦେଇଥିଲେ। ଭାରତୀୟ ମଜଦୁର ସଂଘର ଜିଲା ସମ୍ପାଦକ ଅକ୍ଷୟ ରାଉତରାୟ ଏବଂ ବେଗୁନିଆ ବ୍ଲକ ସମ୍ପାଦକ ଶିବ କୁମାର ମୁନି ଉପସ୍ଥିତ ଥିଲେ। ସଙ୍ଗଠନରେ ଲାଗିରହିଥିବା ସମସ୍ୟା ଏବଂ ଉନ୍ନୟନମୂଳକ ପ୍ରସ୍ତାବ ସମ୍ପର୍କରେ ଆଲୋଚନା କରାଯାଇଥିଲା। ପରେ ନୂତନ କମିଟି ଗଠନ କରାଯାଇ କର୍ମକର୍ତ୍ତା ଚୟନ କରାଯାଇଥିଲା। ସଭାନେତ୍ରୀ ଭାବେ ଗୀତାଞ୍ଜଳି ପୁହାଣ ଏବଂ ସମ୍ପାଦିକା ଭାବେ ସ୍ନେହମୟୀ ମହାପାତ୍ରଙ୍କୁ ମନୋନୀତ କରାଯାଇଛି। ସେହିପରି କୋଷାଧ୍ୟକ୍ଷା ଭାବେ ରଶ୍ମିତା ବାରିକ, ଉପସଭାନେତ୍ରୀ ସୁଲୋଚନା ପ୍ରଧାନ, ସହ ସମ୍ପାଦିକା ସାବିତ୍ରୀ ପୃଷ୍ଟିଙ୍କୁ ସର୍ବସମ୍ମତିକ୍ରମେ ଚୟନ କରାଯାଇଛି। ପରେ ଏକତା ବଜାୟ ରଖିବାକୁ ସମସ୍ତେ ସଙ୍କଳ୍ପ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ନିଖିଳ ଓଡିଶା ବିଦ୍ୟୁତ୍ ମଜଦୁର ମହାସଂଘର ରାଜ୍ୟ ସଦସ୍ୟ ଚିନ୍ମୟ ପଣ୍ଡା ଏବଂ କୋଠାବାଡ଼ି ନିର୍ମାଣ ଶ୍ରମିକ ସଙ୍ଗଠକମାନେ ବୈଠକରେ ଉପସ୍ଥିତ ଥିଲେ।



ବେଗୁନିଆ : ମା' ବରମୂଳେଇଙ୍କ ପୀଠ ପରିସରରେ ଶନିବାର ଆୟୋଜିତ ବୈଠକରେ ଉପସ୍ଥିତ ସଙ୍ଗଠକମାନେ।

# ପୂର୍ବଶତ୍ରୁତାରୁ ଯୁବକଙ୍କୁ ମରଣାନ୍ତକ ଆକ୍ରମଣ

ପିପିଲି,୧୪।୧୦(ପ୍ରଭାତ ମହାପାତ୍ର)



ପୂର୍ବଶତ୍ରୁତା ଓ ଜମିବାଡିକୁ କେନ୍ଦ୍ର କରି ଯୁବକଙ୍କୁ ଘରୁ ଟାଣି ଆଣି ତଳେ ପକାଇ ମରଣାନ୍ତକ ଆକ୍ରମଣ ହୋଇଛି। ଏଥିରେ ଯୁବକଙ୍କ ମୁଣ୍ଡ ଫାଟିଯାଇଥିବାବେଳେ ତାଙ୍କୁ ପ୍ରଥମେ ପିପିଲି ମେଡିକାଲ ପରେ ଭୁବନେଶ୍ୱର ସ୍ଥାନାନ୍ତର କରାଯାଇଛି। ଯୁବକ ଜଣକ ହେଲେ ପିପିଲି ଦାଣ୍ଡମୁକୁନ୍ଦପୁର ଅଞ୍ଚଳର ମନୋରଞ୍ଜନ ପଣ୍ଡା(୪୮)। ଏନେଇ ମନୋରଞ୍ଜନଙ୍କ ସ୍ତ୍ରୀ ଲକ୍ଷ୍ମୀପ୍ରିୟା ପଣ୍ଡା ଓ ସାନ ଭାଇ ସନ୍ତୋଷ ପଣ୍ଡା ପିପିଲି ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ପୋଲିସ ୪ ଜଣଙ୍କୁ ଥାନାରେ ଅଟକ ରଖି ପଚରାଉଚରା କରୁଛି। ଏନେଇ ପିପିଲି ଥାନା ଅଧିକାରୀ ଦୀପକ ଖଣ୍ଡାୟତରାୟଙ୍କୁ ପଚାରିବାରେ, ସେ ବାହାରେ ଥିବାରୁ ତଦନ୍ତକାରୀ ପୋଲିସ ଅଧିକାରୀ ଏଏସ୍‌ଆଇ ଶାନ୍ତନୁ ନାୟକଙ୍କଠାରୁ ପଚାରି ବୁଝିବାକୁ ପରାମର୍ଶ ଦେଇଥିଲେ। ହେଲେ ନାୟକଙ୍କୁ ଘଟଣା ସମ୍ପର୍କରେ ଠିକ୍ ତଥ୍ୟ ନ ଦେଇ ଫୋନ କାଟି ଦେଇଥିଲେ। ଅଭିଯୋଗ ଅନୁଯାୟୀ, ଗ୍ରାମର ମନୋରଞ୍ଜନଙ୍କ ପରିବାର ସହ ସେହି ଗ୍ରାମର ଚୌଧୁରୀ ଲକ୍ଷ୍ମୀଧର ସାହୁ ପରିବାରର ଦୀର୍ଘଦିନ ହେବ ଜମିବାଡ଼ିକୁ ନେଇ କଳହ ଉପୁଜି ମାମଲା କୋର୍ଟରେ ବିଚାରାଧୀନ ଥିଲା। ମାମଲା କୋର୍ଟରେ ଥାଇ ମଧ୍ୟ ବିଭିନ୍ନ ସମୟରେ ଉଭୟ ପରିବାର ମଧ୍ୟରେ କଳହ ପାଟିତୁଣ୍ଡ ଲାଗି ରହି ଥାନାକୁ ଯାଇଥିଲେ। ଶନିବାର ପୂର୍ବାହ୍ନ ୧୧ଟା ସମୟରେ ଚୌଧୁରୀ, ତାଙ୍କ ବଡ଼ଭାଇ ଏବଂ କିଛି ଲୋକ ମନୋରଞ୍ଜନଙ୍କୁ ଘର ଭିତରୁ ଭିଡି ଆଣି ତଳେ ପକାଇ ଶାବଳରେ ମରଣାନ୍ତକ ଆକ୍ରମଣ କରିଥିଲେ।

# ପୂର୍ବାଞ୍ଚଳ ଭବିଷ୍ୟନିଧି ଭଲିବଲ, ବାସ୍କେଟବଲ୍ ଟୁର୍ନାମେଣ୍ଟ ଉଦ୍‌ଘାଟିତ

ଭୁବନେଶ୍ୱର, ୧୪।୧୦ (ବନ୍ଦନା ସେଠୀ)

କିଟ୍ ବିଶ୍ୱବିଦ୍ୟାଳୟର ବିଜୁ ପଟ୍ଟନାୟକ ଇନ୍‌ଡୋର ଷ୍ଟାଡିୟମ୍‌ରେ ଶନିବାର ପୂର୍ବାଞ୍ଚଳ ଭବିଷ୍ୟନିଧି ଭଲିବଲ୍ ଓ ବାସ୍କେଟବଲ୍ ଟୁର୍ନାମେଣ୍ଟ ଉଦ୍‌ଘାଟିତ ହୋଇଯାଇଛି। ପ୍ରତିଯୋଗୀତାରେ ପୂର୍ବାଞ୍ଚଳରୁ ଓଡ଼ିଶା, ପଶ୍ଚିମବଙ୍ଗ, ଝାଡ଼ଖଣ୍ଡ ଓ ଉତ୍ତର-ପୂର୍ବାଞ୍ଚଳରୁ ପ୍ରାୟ ୮୦ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରିଛନ୍ତି। ଓଡ଼ିଶା ପ୍ରଭାରୀ ତଥା ଅତିରିକ୍ତ କେନ୍ଦ୍ରୀୟ କମିଶନର ଉମା ମଣ୍ଡଳ ମୁଖ୍ୟ ଅତିଥଭାବେ ଯୋଗଦେଇ ପ୍ରତିଯୋଗୀତାକୁ ଉଦ୍‌ଘାଟନ କରିଥିଲେ। ଆଞ୍ଚଳିକ କମିଶନର-୧ ପି.ବି. ବର୍ମା ସମ୍ମାନୀତ ଅତିଥି ଭାବେ ଯୋଗଦେଇ ବ୍ୟକ୍ତିଗତ ତଥା ବୃତ୍ତିଗତ ଜୀବନରେ ଖେଳର ଉପାଦେୟତା ସମ୍ପର୍କରେ ଆଲୋକପାତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଆଞ୍ଚଳିକ କମିଶନର-୨ ଗୌରବ ମହାନ୍ତି ଓ ସହାୟକ କମିଶନର ମୌସୁମୀଲତା ପାଢୀ ଯୋଗଦେଇଥିଲେ। ୨ଦିନ ଧରି ଚାଲିବାକୁ ଥିବା ପ୍ରତିଯୋଗୀତାର ପ୍ରଥମ ଦିନରେ ଓଡ଼ିଶା ଭଲିବଲରେ ପଶ୍ଚିମବଙ୍ଗକୁ ୨-୦ରେ ହରାଇଥିବାବେଳେ ବାସ୍କେଟବଲ୍‌ରେ ଝାଡ଼ଖଣ୍ଡକୁ ୩୩-୪ରେ ହରାଇ ଦୁଇ ବିଭାଗରେ ଫାଇନାଲ୍‌ରେ ପ୍ରବେଶ କରିଛି। ରବିବାର ଓଡ଼ିଶା ଭଲିବଲ ଫାଇନାଲରେ ଝାରଖଣ୍ଡକୁ ଏବଂ ବାସ୍କେଟବଲ୍ ଫାଇନାଲରେ ଉତ୍ତରପୂର୍ବାଞ୍ଚଳକୁ ଭେଟିବ। ଏହି ପ୍ରତିଯୋଗୀତାକୁ କେ.କେ. ମହାନ୍ତି, କେ.ସି. ସାହୁ, ସୁବାସ ଚନ୍ଦ୍ର ଭଟ, ସିଆର ସ୍ୱାଇଁ ପ୍ରମୁଖ ପରିଚାଳନା କରିଥିଲେ।

### କାଳୀବାଡ଼ିରେ ମହାଳୟା ପୂଜା

ଜଟଣୀ,୧୪।୧୦(ରବୀନ୍ଦ୍ର ନାଥ ମହାକୁଡ଼)

ମହାଳୟା ଅବସରରେ ଜଟଣୀର ବିଭିନ୍ନ ପୀଠରେ ରୀତିନୀତିରେ ମହାଳୟା ପୂଜା ଅନୁଷ୍ଠିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ଟ୍ରାଫିକ କଲୋନୀସ୍ଥିତ କାଳୀବାଡ଼ିରେ ମା'ଦକ୍ଷିଣକାଳୀଙ୍କ ମନ୍ଦିରରେ ମହାଳୟା ସନ୍ଧ୍ୟାରେ ବିଶେଷ ପୂଜା ଅନୁଷ୍ଠିତ ହୋଇଯାଇଛି। ସନ୍ଧ୍ୟା ଆଳତ ସମୟରେ ବହୁ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। ହରିବୋଲ, ହୁଳହୁଳି, ଘଣ୍ଟଘଣ୍ଟା, ଶଙ୍ଖ ଧ୍ୱନିରେ ପ୍ରକମ୍ପିତ ହୋଇଉଠିଥିଲା ମନ୍ଦିର ପରିସର। ସମସ୍ତ କାର୍ଯ୍ୟକୁ କାଳୀବାଡି ମନ୍ଦିର କମିଟିର ସଦସ୍ୟ ପରିଚାଳନା କରିବା ସହିତ ସ୍ଥାନୀୟ ଲୋକେ ସହଯୋଗ କରିଥିଲେ।

# ଫାଟିଲା ଦୟା ନଦୀବନ୍ଧ

କଣାସ, ୧୪।୧୦(ବିଭୂତି ଭୂଷଣ ତ୍ରିପାଠୀ)

କଣାସ ବ୍ଲକରେ ପ୍ରବାହିତ ହେଉଥିବା ଦୟା ନଦୀବନ୍ଧ ବାମପାର୍ଶ୍ୱ ବସନ୍ତପୁର ନିକଟରେ ଫାଟି ଆଁ କରିଥିବାରୁ କଣାସ ଅଞ୍ଚଳବାସୀ ଆତଙ୍କିତ ଅବସ୍ଥାରେ ରହିଛନ୍ତି। ପ୍ରକାଶଥାଉକି ୪ ମାସ ତଳେ ଉକ୍ତ ସ୍ଥାନ ନଦୀ ଭିତରକୁ ଫାଟି ଧସିଯାଇଥିବା ବେଳେ ବିଭାଗୀୟ ଅଧିକାରୀମାନେ ଉକ୍ତ ସ୍ଥାନ ପରିଦର୍ଶନ କରି ଠିକାଦାରଙ୍କୁ ନଦୀବନ୍ଧ ସୁଦୃଢ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ଠିକାଦାର ଉକ୍ତ ସ୍ଥାନ ନିର୍ମାଣ କରିଥିବା ବେଳେ ପୁନଶ୍ଚ ଶନିବାର ନଦୀବନ୍ଧ ମଝିରେ ଉକ୍ତ ସ୍ଥାନ ଫାଟିଯାଇଥିବାରୁ ଦୟା ଓ ଲୁଣାନଦୀର ମଧ୍ୟବର୍ତ୍ତୀ ଅଞ୍ଚଳ ଲୋକମାନେ ଆତଙ୍କିତ ହୋଇପଡିଛନ୍ତି । ଉକ୍ତ ରାସ୍ତାଟି କଣାସ ଜଳସେଚନ ବିଭାଗର ହୋଇଥିବାରୁ ଜଳସେଚନ ବିଭାଗର ସହକାରୀ ଯନ୍ତ୍ରୀ ଏଥିପ୍ରତି କର୍ଣ୍ଣପାତ କରୁନଥିବା ଅଭିଯୋଗ ହୋଇଛି। ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟି ଦେବାକୁ ଦାବିହେଉଛି ।

# ଗରିବୀ, ନିରକ୍ଷରତା ମାନବ ଚାଲାଣର ପ୍ରମୁଖ କାରଣ

ଭୁବନେଶ୍ୱର,୧୪।୧୦(ଅନୁରାଧା ମହାରଣା)

କ୍ରିଡ୍ ଇଣ୍ଡିଆ ଫାଉଣ୍ଡେଶନ ଓ ଆଶାଏଁ ପକ୍ଷରୁ ବିଜୁ ପଟ୍ଟନାୟକ ଇନ୍‌ଷ୍ଟିଚ୍ୟୁଟ ଅଫ୍ ଆଇଟି ଆଣ୍ଡ୍ ମ୍ୟାନେଜମେଣ୍ଟ ପରିସରରେ ମାନବ ଚାଲାଣ ନିରୋଧୀ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଅଭିନେତା ସିଦ୍ଧାନ୍ତ ମହାପାତ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ ଦାସତ୍ୱ ଓ ଚାଲାଣ ନିରୋଧ 'ୱାକ୍ ଫର୍ ଫ୍ରିଡମ୍' କ୍ୟାମ୍ପେନକୁ ସମର୍ଥନ କରିବା ସହ ଆୟୋଜିତ ନୀରବ ଶୋଭାଯାତ୍ରାକୁ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଗରିବୀ ଓ ନିରକ୍ଷରତା ମାନବ ଚାଲାଣର ଦୁଇଟି ପ୍ରମୁଖ କାରଣ ବୋଲି ସେ କହିଥିଲେ। ମୁଖ୍ୟବକ୍ତା ଭାବେ ଆଶାଏଁର ସହ ପ୍ରତିଷ୍ଠାତା ବିକ୍ରମ ନାୟକ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ସାମାଜିକ ଦାୟିତ୍ୱବୋଧ ଆଧାରରେ ମାନବ ଚାଲାଣକୁ ସମସ୍ତେ ବ୍ୟକ୍ତିଗତ ସ୍ତରରେ ବିରୋଧ କରିବାର ଆବଶ୍ୟକତା ରହିଛି ବୋଲି ଦର୍ଶାଇଥିଲେ। ଛକ ବଜାରରେ ହାତ ପତେଇ ଭିକ ମାଗୁଥିବା ପିଲା, ଦେହବେପାରରେ ଜଡ଼ିତ ଝିଅ, ପିଲା ଚୋରି, ନିଖୋଜ ହୋଇଯାଉଥିବା ଲୋକଙ୍କ ବିଷୟରେ ଆମେ ଚିନ୍ତା କରନ୍ତି ନାହିଁ। ପରିବାର ପାଇଁ ଆମେ ଯେମିତି ଦାୟିତ୍ୱ ନେଇଥାଉ, ସେମିତି ଆମେ ସାମାଜିକ ଦାୟିତ୍ୱ ଗ୍ରହଣ କରିବାର ଆବଶ୍ୟକତା ରହିଛି ବୋଲି ସେ କହିଥିଲେ। କ୍ରିଡ୍ ଇଣ୍ଡିଆର ମୁଖ୍ୟ ଉପଦେଷ୍ଟା ତଥା ପ୍ରସିଦ୍ଧ ମହିଳା ଉଦ୍ୟୋଗୀ ଜୁବିନା ଅଲ୍ଲୀ ନିଜ ଜୀବନର ଅନୁଭୂତି ଓ ଉଦ୍ୟୋଗୀ ଯାତ୍ରା ସମ୍ପର୍କରେ କହି ଛାତ୍ରୀଛାତ୍ରଙ୍କୁ ସ୍ୱାବଲମ୍ବୀ ହେବା ପାଇଁ ଉତ୍ସାହିତ କରିଥିଲେ। କ୍ରିଡ୍ ଇଣ୍ଡିଆ ଅଧକ୍ଷା ମୋନାଲିସା ପଣ୍ଡା କାର୍ଯ୍ୟକ୍ରମର ଆଭିମୁଖ୍ୟ ବର୍ଣ୍ଣନା କରିଥିଲେ। ଆଶାଏଁର ଅଧକ୍ଷ ରତ୍ନାକର ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ବିଜୁ ପଟ୍ଟନାୟକ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଆଇଟି ଆଣ୍ଡ୍ ମ୍ୟାନେଜମେଣ୍ଟର ପ୍ରିନ୍ସିପାଲ ପ୍ରଫେସର ଡ. ମିହିର ରଞ୍ଜନ ନାୟକ ଉପସ୍ଥିତ ଥିଲେ। ଶେଷରେ ଅତିଥିମାନଙ୍କୁଆଶାଏଁର ପିଲାଙ୍କ ହାତତିଆରି ଉପହାର ପ୍ରଦାନ କରାଯାଇଥିଲା।

# ନାରାୟଣୀ ମନ୍ଦିରକୁ ବିଜେକଲେ ଦୁର୍ଗାମାଧବ

ପୁରୀ, ୧୪।୧୦(ଅଜିତ୍ ମହାନ୍ତି)

ଶନିବାରଠାରୁ ଶ୍ରୀକ୍ଷେତ୍ରରେ ଆରମ୍ଭ ହୋଇଛି ଗୁପ୍ତ ଗୁଣ୍ଡିଚା। ଗୁପ୍ତ ଗୁଣ୍ଡିଚା ଅବସରରେ ଶ୍ରୀମନ୍ଦିର ମା' ବିମଳାଙ୍କ ପୀଠରୁ ଦୁର୍ଗାମାଧବ ରଥାକୃତି ବିମାନରେ ବିଜେହୋଇ ଦୋଳମଣ୍ଡପସାହିସ୍ଥିତ ନାରାୟଣୀ ମନ୍ଦିରକୁ ବିଜେ କରିଥାନ୍ତି। ଏହାକୁ ଗୁପ୍ତ ଗୁଣ୍ଡିଚା ନୀତି ବୋଲି କୁହାଯାଇଥାଏ। ଏହି ନୀତିକୁ ଦେଖିବା ପାଇଁ ପ୍ରବଳ ଭିଡ଼ ପରିଲକ୍ଷିତ ହୋଇଥିଲା। ପରମ୍ପରା ଅନୁଯାୟୀ ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ସକାଳ ଧୂପ ଶେଷ ହେବା ପରେ ମହାପ୍ରଭୁଙ୍କ ନିକଟରୁ ଆଜ୍ଞାମାଳ ପାଇ ଦୁର୍ଗାମାଧବ ବିମାନକୁ ବିଜେ କରିଥିଲେ। ପରେ ଘଣ୍ଟ, ଛତା, କାହାଳି ସହ ବିମାନବଡୁ ସେବକମାନେ ବିମାନକୃତ ବିମାନରେ ନାରାୟଣୀ ମନ୍ଦିରକୁ ବିଜେ କରିଥିଲେ। ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ରାତ୍ର ଚନ୍ଦନ ଲାଗି ସମ୍ପନ୍ନ ହେବା ପରେ ପାଲିଙ୍କିରେ ଦୁର୍ଗା ମାଧବ ଶ୍ରୀମନ୍ଦିରକୁ ବାହୁଡା ବିଜେ କରିଥିଲେ। ଲୋକକଥା ଅନୁଯାୟୀ ପବିତ୍ର ରଥଯାତ୍ରା ସମୟରେ ମହାପ୍ରଭୁ ଶ୍ରୀଜଗନ୍ନାଥ, ବଡ଼ଭାଇ ଶ୍ରୀବଳଭଦ୍ର



## ଶ୍ରୀକ୍ଷେତ୍ରରେ ଗୁପ୍ତ ଗୁଣ୍ଡିଚା

ଓ ଭଉଣୀ ସୁଭଦ୍ରାଙ୍କୁ ନେଇ ରଥାରୂଢ଼ ହୋଇ ଗୁଣ୍ଡିଚା ଯାତ୍ରା କରିଥାନ୍ତି। ଏହି ସମୟରେ ତାଙ୍କ ସହ ମାତା ମହାଲକ୍ଷ୍ମୀଙ୍କୁ ସାଙ୍ଗରେ ନେଇନଥାନ୍ତି । ତେବେ ଏନେଇ ପବିତ୍ର ହେରାପଞ୍ଚମୀ ଅବସରରେ ରାଗ ଜର୍ଜରିତ ମା' ମହାଲକ୍ଷ୍ମୀ ମହାପ୍ରଭୁଙ୍କ ରଥ ଭାଙ୍ଗିବାସହ ମହାପ୍ରଭୁଙ୍କ ଉପରେ ଅଭିମାନ କରିଥାନ୍ତି। ତେବେ ନୀଳାଦ୍ରିବିଜେ ଅବସରରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଶ୍ରୀମନ୍ଦିର ପ୍ରବେଶ ସମୟରେ ମାତା ମହାଲକ୍ଷ୍ମୀ ରୋଷ କରିଥାନ୍ତି । ସେହି ସମୟରେ ରୋଷରେ ଥିବା ମାତା ଲକ୍ଷ୍ମୀଙ୍କୁ ଶାରଦୀୟ ପୂଜା ଅବସରରେ ଗୁଣ୍ଡିଚା ଯାତ୍ରାରେ ନେବାକୁ ପ୍ରତିଶ୍ରୁତି ଦେଇଥାନ୍ତି ମହାପ୍ରଭୁ। ସେହି ପ୍ରତିଶ୍ରୁତିକୁ ରକ୍ଷାକରି ପରମ୍ପରା ଅନୁସାରେ ଶ୍ରୀକ୍ଷେତ୍ରରେ ଗୁପ୍ତ ଗୁଣ୍ଡିଚା ପାଳନ କରାଯାଇଛି।

# ଶିଖରଚଣ୍ଡୀ ଉନ୍ନୟନ ପ୍ରକଳ୍ପ ପାଇଁ ଭାଙ୍ଗିଲା ଅଲେଖ ମହିମା ଆଶ୍ରମ

**ଭୁବନେଶ୍ୱର, ୧୪।୧୦ (ବନ୍ଦନା ସେଠୀ)**

ମା' ଶିଖରଚଣ୍ଡୀଙ୍କ ପୀଠର ଉନ୍ନତିକରଣ ସହ ଏହାର ରୂପରେଖ ବଦଳିବାକୁ ଯାଉଛି। ଏଥିପାଇଁ କାମ ଜାରି ରହିଥିବାବେଳେ ବିଭିନ୍ନ ସମୟରେ ଜବରଦଖଲ ବାଧକ ସାଜୁଛି। ତେବେ ପ୍ରକଳ୍ପ ନିର୍ମାଣ ପାଇଁ ଏହି ବେଆଇନ ଜବରଦଖଲ ହଟାଯିବା ସହ ସରକାରୀଜାଗାକୁ ମୁକ୍ତ କରାଯାଉଛି। ଏହି କ୍ରମରେ ପ୍ରାୟ ୮ଶହ ଡେସିମିଲ ସରକାରୀ ଜାଗାକୁ ଜବରଦଖଲମୁକ୍ତ କରାଯାଇଛି। ସମ୍ପୃକ୍ତ ସ୍ଥାନରେ ଦୀର୍ଘବର୍ଷ ହେବ ଅଲେଖ ମହିମା ଆଶ୍ରମ ସହିତ କୋଠାଘର ଓ ମନ୍ଦିର ମଧ୍ୟ ନିର୍ମାଣ ହୋଇଥିଲା। ତେବେ ଭୁବନେଶ୍ୱର ତହସିଲଦାରଙ୍କ ରିକ୍ୟୁଜିଶନ କ୍ରମେ ବିଡିଏ ପକ୍ଷରୁ ଶନିବାର ଏହାକୁ ଉଚ୍ଛେଦ କରାଯାଇଛି। ସକାଳ ୬ଟାରେ ବିଡିଏ ଏନ୍‌ଫୋର୍ସମେଣ୍ଟ ଟିମ ଶିଖରଚଣ୍ଡୀ ପାହାଡରେ ପହଞ୍ଚିଥିଲା। ଏକାଧିକ ପ୍ଲାଟୁନ ପୋଲିସ ଫୋର୍ସ, ୩ଟି ସ୍କ୍ୱାଡ୍, ୩ରୁ ଊର୍ଦ୍ଧ୍ୱ ଜେସିବି ସାହାଯ୍ୟରେ ଆଶ୍ରମକୁ ପାହାଡ଼ରେ ମିଶାଇ ଦିଆଯାଇଥିଲା। ଏଥିରେ ୯ଟି ଛାତଘର, ୪ଟି ଆଜବେଷ୍ଟସ ଘର, ଗୋଟିଏ ଲୁହା ଗେଟ, ୩ଟି ଶୌଚାଳୟ ଏବଂ ଗୋଟଏ ମନ୍ଦିର ରହିଛି। ଉଚ୍ଛେଦବେଳେ ବିଡିଏ ଯୁଗ୍ମ କମିଶନର (ଏନ୍‌ଫୋର୍ସମେଣ୍ଟ) ରଞ୍ଜନ କୁମାର ଜେନା, ବିଡିଏ ଏନଫୋର୍ସମେଣ୍ଟ (ଓଏସ୍‌ଡି) ଦେବରାଜ ସେଠୀ, ଭୁବନେଶ୍ୱର ତହସିଲଦାର ମାନସ ରଞ୍ଜନ ସ୍ୱାଇଁ, ବିଡିଏ ଲିଆସନ ଅଫିସର ଶୁଭ୍ରାଂଶୁ ଶେଖର ମହାନ୍ତି ଓ ଇନ୍‌ଫୋସିଟି ଥାନା ଆଇଆଇସି ପ୍ରମୋଦ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ।

## ୮ଶହ ଡିସିମିଲ ଜମିରୁ ହଟିଲା ଜବରଦଖଲ

ମା' ଶିଖରଚଣ୍ଡୀ ଉନ୍ନୟନ ପ୍ରକଳ୍ପରେ ପାର୍କିଂଠାରୁ ଆରମ୍ଭ କରି ପାର୍କ, ଭୋଜିଭାତ ଏବଂ ପ୍ରମୁଖ ମନ୍ଦିରର ଢାଞ୍ଚା ବଦଳିବ। ଏଥିପାଇଁ ବିଡିଏ ପକ୍ଷରୁ କାର୍ଯ୍ୟ ଆରମ୍ଭ ହୋଇଥିବାବେଳେ ପାହାଡର ଖାଲି ସ୍ଥାନରେ ବୃକ୍ଷରୋପଣ କରାଯାଉଛି। ଆସନ୍ତା ୪ରୁ ୫ ମାସ ଭିତରେ ସମସ୍ତ କାର୍ଯ୍ୟ ଶେଷ କରିବାକୁ ବିଡିଏ ଲକ୍ଷ୍ୟ ରଖିଛି। ୩୦କୋଟି ଟଙ୍କା ବ୍ୟୟରେ ରାଜସ୍ୱ ବିଭାଗର ୩୪ ଏକର ଏବଂ ଇଡ୍‌କୋର ୧୮ଏକର ମୋଟ୍ ୫୨ ଏକର ଜମିରେ ମା' ଶିଖରଚଣ୍ଡୀ ପୀଠର ଉନ୍ନୟନମୂଳକ କାର୍ଯ୍ୟ କରାଯିବ ବୋଲି ସୂଚନା ଦିଆଯାଇଛି।


ବିଡିଏ ପକ୍ଷରୁ ଅଲେଖ ମହିମା ଆଶ୍ରମ ଉଚ୍ଛେଦ କରାଯାଉଛି ।


ପୁରୀ ବାଙ୍କୀ ମୁହାଣ ମା'ରାମଚଣ୍ଡୀଙ୍କ ଚନ୍ଦନଲାଗି ବେଶ ।

## ସଂକ୍ଷେପରେ

### ନାବାଳିକାଙ୍କୁ ଅପହରଣ, ବଳାତ୍କାର ଘଟଣା: ଯୁବକ ଗିରଫ

**ନିମାପଡ଼ା,୧୪।୧୦(ବିଚିତ୍ରାନନ୍ଦ ସାହୁ):**

ନିମାପଡ଼ା ଥାନା ଅଞ୍ଚଳର ଜଣେ ୧୫ ବର୍ଷୀୟା ନାବାଳିକା(ଦଶମ ଶ୍ରେଣୀ ଛାତ୍ରୀ)ଙ୍କୁ ଅପରହଣ ଓ ପରେ ବାରମ୍ୱାର ବଳାତ୍କାର କରିବା ଅଭିଯୋଗରେ ପୋଲିସ ଜଣେ ଯୁବକଙ୍କୁ ଗିରଫ କରି ଶୁକ୍ରବାର କୋର୍ଟଚାଲାଣ କରିଛି। ଅଭିଯୁକ୍ତ ହେଲେ ଏହି ଥାନା ଅଞ୍ଚଳର ପ୍ରକାଶ ଭୋଇ(୨୫)। ଜାମିନ ନାମଞ୍ଜୁର ପରେ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଏହି ଘଟଣାରେ ସମ୍ପୃକ୍ତ ଥିବା ଅଭିଯୁକ୍ତଙ୍କ ବାପା ଫେରାର ଥିବା ପୋଲିସ ପକ୍ଷରୁ ସୂଚନା ମିଳିଛି। ସୂଚନା ମୁତାବକ, ଗତ ଜୁଲାଇ ୧୮ରେ ଛାତ୍ରୀ ଜଣଙ୍କ ନିଜ ମା'ଙ୍କ ସହ ଗ୍ରାମ ନିକଟ ଜଗନ୍ନାଥ ମନ୍ଦିରକୁ ପୂଜାର୍ଚ୍ଚନା ପାଇଁ ଯାଉଥିଲେ। ଏହି ସମୟରେ ଅଭିଯୁକ୍ତ ପ୍ରକାଶ ଓ ତାଙ୍କ ବାପା ବାଇକ୍‌ରେ ଆସି ହଠାତ୍ ସେମାନଙ୍କୁ ଅଟକାଇବା ସହ ମାଡ଼ ମାରିଥିଲେ। ଏହାପରେ ଛାତ୍ରୀ ଜଣଙ୍କୁ ଜୋରଜବରଦସ୍ତ ବାଇକ୍‌ରେ କେଉଁଆଡ଼େ ନେଇଯାଇଥିଲେ। ଏନେଇ ଛାତ୍ରୀଙ୍କ ବାପାଙ୍କ ଅଭିଯୋଗକ୍ରମେ ପୋଲିସ ତଦନ୍ତ ଚଳାଇଥିଲା। ଗତ ୧୧ ତାରିଖରେ ବେଙ୍ଗାଲୁରୁର ବାନରଘାଟ ଥାନା ଅଞ୍ଚଳରୁ ସମ୍ପୃକ୍ତ ଛାତ୍ରୀଙ୍କୁ ନିମାପଡ଼ା ପୋଲିସ ଉଦ୍ଧାର କରିବା ସହ ପ୍ରକାଶଙ୍କୁ ଗିରଫ କରିଥିଲା। ଏ ସମ୍ପର୍କରେ ପୋଲିସ ଏକ ମାମଲା (ନଂ.୨୪୭/୨୩) ରୁଜୁକରି ଘଟଣାର ଅଧିକ ତଦନ୍ତ ଚଳାଇଛି।

### ମହିଳାଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ, ସ୍ୱାମୀଙ୍କୁ ହତ୍ୟା ଧମକ

**ବଳଙ୍ଗା,୧୪।୧୦(କେଦାରେଶ୍ୱର ନନ୍ଦ)**

ବଳଙ୍ଗା ଥାନା ଅଧୀନ ଜଣେ ମହିଳାଙ୍କୁ ଆବାସ ଯୋଜନାରେ ଘର, ବାର୍ଦ୍ଧକ୍ୟ ଭତ୍ତା ଓ ରାଶନ କାର୍ଡ କରାଇଦେବା ବଦଳରେ ଅନୈତିକ ସମ୍ପର୍କ ରଖିବାକୁ ଉଦ୍ୟମ କରୁଥିବା ନେଇ ମହିଳା ଜଣକ ଥାନାରେ ଅଭିଯୋଗ କରିଛନ୍ତି। ବଳଙ୍ଗା ପୋଲିସ ଏନେଇ ୨୦୬/୨୩ରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଜାରି ରଖିଛି। ପ୍ରକାଶ ଯେ ଏହି ଥାନା ଅଧୀନ ନୂଆହାଟ ଗ୍ରାମର ସନାତନ ଯେନା ଜଣେ ମହିଳାଙ୍କ ଘରକୁ ଆସି ଆବାସ ଯୋଜନାରେ ଘର, ଶ୍ୱଶୁରଙ୍କ ବାର୍ଦ୍ଧକ୍ୟ ଭତ୍ତା ଓ ପରିବାରର ରାଶନ କାର୍ଡ କରି ଦେବାକୁ କହିଥିଲେ। ଏପରିକି ଯଦି ସେ ଅନୈତିକ ସମ୍ପର୍କ ରଖିବେ ତାହେଲେ ୧୦ ଦିନ ଭିତରେ ସମସ୍ତ କାମ କରିଦେବେ ବୋଲି କହିବାରୁ ମହିଳା ଜଣକ ସନାତନଙ୍କୁ ପ୍ରତିବାଦ କରି ଘରୁ ବାହାର କରି ଦେଇଥିଲେ। ପରେ ଶୁକ୍ରବାର ସନ୍ଧ୍ୟାରେ ସନାତନ ସମ୍ପୃକ୍ତ ମହିଳାଙ୍କୁ ଫୋନ ଯୋଗେ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ସହ ମହିଳାଙ୍କ ସ୍ୱାମୀଙ୍କୁ ଜୀବନରେ ମାରି ଜୋରଜବରଦସ୍ତ ବିବାହ କରିବେ ବୋଲି ଧମକ ଦେଇଥିବା ମହିଳା ତାଙ୍କ ଅଭିଯୋଗରେ ଦର୍ଶାଇଛନ୍ତି।

### ଦିଆସିଲି ବୋଝେଇ କଣ୍ଟେନରରେ ନିଆଁ



**ଟାଙ୍ଗୀ, ୧୪।୧୦ (ରଘୁନାଥ ସାହୁ)**

୧୬ ନମ୍ବର ଜାତୀୟ ରାଜପଥର ଖୋର୍ଦ୍ଧା ଜିଲା ନାରୁଣୀ ଥାନା ଅଧୀନ କଉଡ଼ିଖଣି ଛକ ନିକଟ ଓଭରବ୍ରିଜ୍ ଠାରେ ଶନିବାର ଭୋରୁ ଏକ ସିଆସିଲି ବୋଝେଇ କଣ୍ଟେନରରେ ହଠାତ୍ ନିଆଁ ଲାଗିଯାଇଥିଲା। ତେବେ ଗାଡ଼ିର ସମ୍ମୁଖ ଭାଗ ଜଳିନଷ୍ଟ ହୋଇଯାଇଛି। ଏଥିରେ ଚାଳକ ଓ ହେଲ୍‌ପର ସୁରକ୍ଷିତ ଥିବା ଜଣାପଡ଼ିଛି। ସୂଚନା ମୁତାବକ, ଏହି ଦିଆସିଲି ବୋଝେଇ କଣ୍ଟେନର(ଆର୍‌ଜେ ୧୪ ଜିଆଇ ୮୧୦୩ ) ତାମିଲନାଡୁ ଶିବକାଶୀରୁ ଝାରଖଣ୍ଡ ଅଭିମୁଖେ ଯାଉଥିଲା। ନାରୁଣୀ ଓଭରବ୍ରିଜ୍ ନିକଟରେ ଗାଡ଼ିରୁ ହଠାତ୍ ଧୂଆଁ ବାହାରିବା ଦେଖି ଡ୍ରାଇଭର ସଙ୍ଗେସଙ୍ଗେ ଗାଡ଼ି ଅଟକାଇ ରାସ୍ତାପାର୍ଶ୍ୱରେ ରଖିଥିଲେ। ତେବେ ଗାଡ଼ିର ସମ୍ମୁଖ ଭାଗ ଜଳିଯାଇଥିଲା। ଖବରପାଇ ନାରୁଣୀ ଥାନା ପୋଲିସ ଓ ଗଙ୍ଗାଧରପୁର ଅଗ୍ନିଶମ କର୍ମଚାରୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ତେବେ ଗାଡ଼ିରେ ଥିବା ଦିଆସିଲି ପ୍ୟାକେଟ ସୁରକ୍ଷିତ ଥିବା ଜଣାପଡ଼ିଛି।

# ମହାଳୟାରେ ଶ୍ରାଦ୍ଧ ଦେଲେ ଶ୍ରଦ୍ଧାଳୁ

**ପୁରୀ ୧୪।୧୦(ଅଜିତ୍ ମହାନ୍ତି):**

ମହାଳୟା ଅବସରରେ ଶନିବାର ପୁରୀ ଶ୍ରୀମନ୍ଦିର ନିକଟରେ ପିତୃପୁରୁଷଙ୍କୁ ପିଣ୍ଡଦାନ କରିବାକୁ ଶ୍ରଦ୍ଧାଳୁଙ୍କ ଭିଡ଼ ପରିଲକ୍ଷିତ ହୋଇଥିଲା। ପିତୃପକ୍ଷଙ୍କ ଆତ୍ମାର ସଦ୍‌ଗତି କାମନା କରି ପୁରୀରେ ଶ୍ରଦ୍ଧାଳୁମାନେ ଶ୍ରାଦ୍ଧ ଦେଇଛନ୍ତି। ଆଜିର ଦିନରେ ପିଣ୍ଡଦାନ କଲେ ପିତୃପୁରୁଷ ମୋକ୍ଷପ୍ରାପ୍ତି ହେବାର ବିଶ୍ୱାସ ରହିଛି। ବିଶ୍ୱାସ ରହିଛି ପିତୃପୁରୁଷଙ୍କୁ ପିଣ୍ଡଦାନ ଓ ତର୍ପଣ କଲେ ପିତୃପୁରୁଷ ଶାନ୍ତି ଲାଭ କରିବା ସହ ଆଶୀର୍ବାଦ ପ୍ରଦାନ କରନ୍ତି। ମହାଳୟା ଅବସରରେ ଶ୍ରଦ୍ଧାଳୁଙ୍କ ଭିଡ଼କୁ ଦେଖି ପ୍ରଶାସନ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଥିଲା। ଶ୍ରୀମନ୍ଦିର ଉତ୍ତର ଦ୍ୱାର ପାର୍ଶ୍ୱ ପାଖରେ ଶ୍ରଦ୍ଧାଳମାନେ ପିତୃପୁରୁଷଙ୍କୁ ଶ୍ରାଦ୍ଧ ପ୍ରଦାନ କରିଥିଲେ। ସେହିପରି ପୁରୀର ବିଭିନ୍ନ ତୀର୍ଥ ପୁଷ୍କରିଣୀରେ ତିଳତର୍ପଣ କରାଯାଇଥିଲା।



ପବିତ୍ର ମହାଳୟା ଉପଲକ୍ଷେ ଶ୍ରୀମନ୍ଦିର ସମ୍ମୁଖରେ ପିତୃପୁରୁଷଙ୍କ ପିଣ୍ଡଦାନ କରୁଛନ୍ତି ଶ୍ରଦ୍ଧାଳୁ ।

# ପୂର୍ବାଞ୍ଚଳ ଭବିଷ୍ୟନିଧି ଭଲିବଲ, ବାସ୍କେଟବଲ୍ ଟୁର୍ନାମେଣ୍ଟ ଉଦ୍‌ଘାଟିତ

**ଭୁବନେଶ୍ୱର, ୧୪।୧୦ (ବନ୍ଦନା ସେଠୀ)**

କିଟ୍ ବିଶ୍ୱବିଦ୍ୟାଳୟର ବିଜୁ ପଟ୍ଟନାୟକ ଇନ୍‌ଡୋର ଷ୍ଟାଡିୟମ୍‌ରେ ଶନିବାର ପୂର୍ବାଞ୍ଚଳ ଭବିଷ୍ୟନିଧି ଭଲିବଲ୍ ଓ ବାସ୍କେଟବଲ୍ ଟୁର୍ନାମେଣ୍ଟ ଉଦ୍‌ଘାଟିତ ହୋଇଯାଇଛି। ପ୍ରତିଯୋଗୀତାରେ ପୂର୍ବାଞ୍ଚଳରୁ ଓଡ଼ିଶା, ପଶ୍ଚିମବଙ୍ଗ, ଝାଡ଼ଖଣ୍ଡ ଓ ଉତ୍ତର-ପୂର୍ବାଞ୍ଚଳରୁ ପ୍ରାୟ ୮୦ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରିଛନ୍ତି। ଓଡ଼ିଶା ପ୍ରଭାରୀ ତଥା ଅତିରିକ୍ତ କେନ୍ଦ୍ରୀୟ କମିଶନର ଉମା ମଣ୍ଡଳ ମୁଖ୍ୟ ଅତିଥଭାବେ ଯୋଗଦେଇ ପ୍ରତିଯୋଗୀତାକୁ ଉଦ୍‌ଘାଟନ କରିଥିଲେ। ଆଞ୍ଚଳିକ କମିଶନର-୧ ପି.ବି. ବର୍ମା ସମ୍ମାନୀତ ଅତିଥି ଭାବେ ଯୋଗଦେଇ ବ୍ୟକ୍ତିଗତ ତଥା ବୃତ୍ତିଗତ ଜୀବନରେ ଖେଳର ଉପାଦେୟତା ସମ୍ପର୍କରେ ଆଲୋକପାତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଆଞ୍ଚଳିକ କମିଶନର-୨ ଗୌରବ ମହାନ୍ତି ଓ ସହାୟକ କମିଶନର ମୌସୁମୀଲତା ପାଢୀ ଯୋଗଦେଇଥିଲେ। ୨ଦିନ ଧରି ଚାଲିବାକୁ ଥିବା ପ୍ରତିଯୋଗୀତାର ପ୍ରଥମ ଦିନରେ ଓଡ଼ିଶା ଭଲିବଲରେ ପଶ୍ଚିମବଙ୍ଗକୁ ୨-୦ରେ ହରାଇଥିବାବେଳେ ବାସ୍କେଟବଲ୍‌ରେ ଝାଡ଼ଖଣ୍ଡକୁ ୩୩-୪ରେ ହରାଇ ଦୁଇ ବିଭାଗରେ ଫାଇନାଲ୍‌ରେ ପ୍ରବେଶ କରିଛି।

# ଗୋଖାଦ୍ୟର ବ୍ୟାପକ ଅପମିଶ୍ରଣ

## ହେଉନି ଯାଞ୍ଚ, ଦୁଗ୍ଧଚାଷୀ ହନ୍ତସନ୍ତ

**ଅସ୍ତରଙ୍ଗ, ୧୪।୧୦(ପ୍ରଦୀପ୍ତ କୁମାର ଦୀକ୍ଷିତ ):**

ପୁରୀ ଜିଲା ଅସ୍ତରଙ୍ଗ ବ୍ଲକର ବିଭିନ୍ନ ଗ୍ରାମରେ ଗୋଖାଦ୍ୟ ଦୋକାନ ଖୋଲାଯାଉଥିବା ବେଳେ ଗୋଖାଦ୍ୟରେ ବ୍ୟାପକ ଅପମିଶ୍ରଣ ଏବେ ଦୁଗ୍ଧଚାଷୀଙ୍କ ଚିନ୍ତାର କାରଣ ପାଲଟିଛି। ଗୋପାଳକ ତଥା ଦୁଗ୍ଧଚାଷୀଙ୍କ ଉନ୍ନତି ପାଇଁ ରାଜ୍ୟ ସରକାର ବିଭିନ୍ନ ଯୋଜନା ପ୍ରଣୟନ କରିବା ସହ ରାଜକୋଷରୁ ବ୍ୟାପକ ଅର୍ଥ ବିନିଯୋଗ କରୁଛନ୍ତି। କିଛି ଅସାଧୁ ବ୍ୟବସାୟୀଙ୍କ ଘୃଣ୍ୟ ମନୋବୃତ୍ତି ପାଇଁ ଗୋସମ୍ପଦ ଦିନକୁ ଦିନ ଲୋପ ହେବାକୁ ବସିଲାଣି। ଅସ୍ତରଙ୍ଗ ବ୍ଲକର ୧୫ଟି ପଞ୍ଚାୟତରେ ପାଖାପାଖି ୨୦ ହଜାରରୁ ଊର୍ଦ୍ଧ୍ୱ ଗୋପାଳନ କରୁଥିବା ବ୍ୟକ୍ତି ଥିବା ବେଳେ ସେମାନଙ୍କ ମଧ୍ୟରୁ ଅନେକଙ୍କ ଘରବାଡ଼ି ବ୍ୟତୀତ କୌଣସି ଜମିବାଡ଼ି ନ ଥିବା ସତ୍ତ୍ୱେ ଏହି ବ୍ୟକ୍ତିମାନେ ଦୁଗ୍ଧଚାଷକୁ ସେମାନଙ୍କ ଜୀବିକା ନିର୍ବାହର ମୁଖ୍ୟପନ୍ଥା ଭାବେ ଗ୍ରହଣ କରିଛନ୍ତି। ଗୋଖାଦ୍ୟର ଅତ୍ୟଧିକ ମୂଲ୍ୟବୃଦ୍ଧି ଯୋଗୁ ଗୋପାଳନ ଉପରୁ ଦୁଗ୍ଧଚାଷୀମାନେ ଆଶା ଓ ଭରସା ତୁଟାଇବାକୁ ବସିଲେଣି। ବଜାରରେ ଚୋକଡ଼ ବସ୍ତା ୫୦ କିଗ୍ରାକୁ ୧୨୦୦ ଟଙ୍କା ରହିଥିବା ବେଳେ ତୁନି ୪୦ କିଗ୍ରାକୁ ୧୨୩୦ ଟଙ୍କା ରହିଛି। କେତେକ ବ୍ୟବସାୟୀ ଏହି ଚୋକଡ଼ରେ କୁଣ୍ଡା ଏବଂ ଖଡ଼ିପଥର ଗୁଣ୍ଡ ମିଶାଇ ଅପମିଶ୍ରଣ କରୁଥିବା ଅଭିଯୋଗ ଉଠିଛି। ତେବେ ସେ ଯାହାହେଉନା କାହିଁକି ଚୋକଡ଼ ଭଳି ଏକ ମୁଖ୍ୟ ଗୋଖାଦ୍ୟକୁ ଅପମିଶ୍ରିତ କରି ବଜାରରେ ବିକ୍ରି କରୁଥିବା ଅସାଧୁ ବ୍ୟବସାୟୀଙ୍କ କାର୍ଯ୍ୟକଳାପ ଉପରେ ଅଙ୍କୁଶ ଲଗାଇବାକୁ ସାଧାରଣରେ ଦାବି ହେଉଛି।

# ବୋତଲରେ ଆକ୍ରମଣ: ଜଣେ ଗିରଫ

**ବାରଙ୍ଗ,୧୪।୧୦(ଲିଙ୍ଗରାଜ ରାଉତ)**

ଗାଡ଼ିକିଣାକୁ ନେଇ ୨ ଜଣଙ୍କ ମଧ୍ୟରେ କଥା କଟାକଟି ହୋଇ ମଦ ବୋତଲରେ ଆକ୍ରମଣ ଘଟଣା ନେଇ ପୋଲିସ ଜଣଙ୍କୁ ଗିରଫ କରି ଶନିବାର କୋର୍ଟଚାଲାଣ କରିଛି। ସେ ହେଲେ ଆଇଆର୍‌ସି ଭିଲେଜ ହାତିଆଶୁଣୀ ବସ୍ତିର ଶୁକୁଟା ଗୁରୁ। ଏନେଇ ବାରଙ୍ଗ ଥାନା ପୋଲିସ ନଂ. ୩୮୨/୨୩ରେ ଏକ ମାମଲା ରୁଜୁକରି ଘଟଣାର ତଦନ୍ତ ଚଳାଇଛି। ପ୍ରକାଶ ଯେ, ଦାଢ଼ାପାଟଣା ଗ୍ରାମର ବିଭୂତି ଭୂଷଣ ଓଝା ଗତ ୧୨ ତାରିଖ ରାତିରେ ଦାଢ଼ାପାଟଣା ଲେଭଲକ୍ରସିଂ ପାଖରେ ଛିଡ଼ା ହୋଇଥିଲେ। ସେଠାରେ ତାଙ୍କୁ ଶୁକୁଟା ଆସି ଦେଖା ହୋଇଥିଲେ। ଉଭୟଙ୍କ କଥା ମଧ୍ୟରେ ଶୁକୁଟା ଏକ ପୁରୁଣା ବାଇକ୍ ଖୋଜୁଥିବା କହିଥିଲେ। ସେଥିପାଇଁ ତାଙ୍କ ପାଖରେ ୨୦ ହଜାର ଟଙ୍କା ରହିଛି। ଆଉ ୫ ହଜାର ଟଙ୍କା ହେଲେ ସେ ବାଇକ୍ କିଣିବେ ବୋଲି ବିଭୂତିଙ୍କୁ କହିଥିଲେ। ବିଭୂତି ଶୁକୁଟାଙ୍କୁ ଚୋର ଦର୍ଶାଇ ତାଙ୍କ ଟଙ୍କା ନେଇ ପଳେଇବେ ବୋଲି କହିଥିଲେ। ଏଥିରେ ଶୁକୁଟା ରାଗିଯାଇ ବିଭୂତି ଚୋରିକରି ଏତେ ଟଙ୍କା ପାଇଛୁ ବୋଲି କହିଥିଲେ। ଏହି କଥାରେ ଉଭୟଙ୍କ ମଧ୍ୟରେ କଥା କଟାକଟି ହୋଇଥିଲା। ଏହି ସମୟରେ ଶୁକୁଟା ପାଖରେ ପଡ଼ିଥିବା ଏକ ମଦ ବୋତଲକୁ ଭାଙ୍ଗି ବିଭୂତିଙ୍କ ମୁଣ୍ଡ ଓ ବେକକୁ ଆକ୍ରମଣ କରିଥିଲେ। ପରେ ସ୍ଥାନୀୟ ଲୋକେ ବିଭୂତିଙ୍କୁ ଉଦ୍ଧାର କରି ଚିକିତ୍ସା ପାଇଁ ଡାକ୍ତରଖାନା ନେଇଥିଲେ।

# ଇଭି ଶୋ' ରୁମ୍ ଉଦ୍‌ଘାଟିତ


ଶୋ' ରୁମ୍ ଉଦ୍‌ଘାଟନ କରୁଛନ୍ତି ଭାଜପା ରାଷ୍ଟ୍ରୀୟ ପ୍ରବକ୍ତା ସମ୍ବିତ ପାତ୍ର ଓ ପୁରୀ ସଦର ବିଧାୟକ ଜୟନ୍ତ କୁମାର ଷଡଙ୍ଗୀ ।

**ପୁରୀ, ୧୪।୧୦(ଅଜିତ୍ ମହାନ୍ତି):**

ଚାଳିନଳାସ୍ଥିତ ବାଟମଙ୍ଗଳା ପେଟ୍ରୋଲ ପମ୍ପ୍ ନିକଟରେ ସରୋଜିନୀ ମୋଟର୍ସ ନାମରେ ଏକ ଇଭି ଶୋ' ରୁମ୍ ଶନିବାର ଉଦ୍‌ଘାଟିତ ହୋଇଯାଇଛି। ଉଦ୍‌ଘାଟନୀ ଉତ୍ସବରେ ଭାଜପା ରାଷ୍ଟ୍ରୀୟ ମୁଖପାତ୍ର ସମ୍ବିତ୍ ପାତ୍ର, ପୁରୀ ବିଧାୟକ ଜୟନ୍ତ କୁମାର ଷଡଙ୍ଗୀ, ବରିଷ୍ଠ ସେବାୟତ ତଥା ଭାଜପା ନେତା ମଧୁସୂଦନ ସିଂହାରୀ, ରବି ନାରାୟଣ ଦାଶ ଏବଂ ଶିଳ୍ପପତି ଗିରୀଶ୍ ଚନ୍ଦ୍ର ନାୟକ ପ୍ରମୁଖ ଯୋଗ ଦେଇଥିଲେ। ବର୍ତ୍ତମାନ ସରକାର ଇଭି ଗାଡିକୁ ଅଧିକ ଗୁରୁତ୍ୱ ଦେଉଛନ୍ତି ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ସରୋଜିନୀ ମୋଟର୍ସ ଲୋକମାନଙ୍କ ଆସ୍ଥା ବଜାୟ ରଖିବା ସହ ସମସ୍ତଙ୍କ ନିକଟରେ ଆଦୃତ ହୋଇପାରିବ ବୋଲି ଅତିଥିମାନେ କହିଥିଲେ। ସମସ୍ତ କାର୍ଯ୍ୟକ୍ରମକୁ ଶୋ' ରୁମ୍‌ର ଚେୟାରମ୍ୟାନ ସରୋଜିନୀ ଡୋରା ପରିଚାଳନା କରିଥିଲେ।

# ପୂର୍ବ ଶତ୍ରୁତାରୁ ଯୁବକଙ୍କୁ ମରଣାନ୍ତକ ଆକ୍ରମଣ

**ପିପିଲି,୧୪।୧୦(ପ୍ରଭାତ ମହାପାତ୍ର)**

ପୂର୍ବ ଶତ୍ରୁତା ଓ ଜମିବାଡିକୁ କେନ୍ଦ୍ର କରି ଯୁବକଙ୍କୁ ଘରୁ ଟାଣି ଆଣି ତଳେ ପକାଇ ମରଣାନ୍ତକ ଆକ୍ରମଣ ହୋଇଛି। ଏଥିରେ ଯୁବକଙ୍କ ମୁଣ୍ଡ ଫାଟିଯାଇଥିବାବେଳେ ତାଙ୍କୁ ପ୍ରଥମେ ପିପିଲି ମେଡିକାଲ ପରେ ଭୁବନେଶ୍ୱର ସ୍ଥାନାନ୍ତର କରାଯାଇଛି। ଯୁବକ ଜଣକ ହେଲେ ପିପିଲି ଦାଣ୍ଡମକୁନ୍ଦପୁର ଅଞ୍ଚଳର ମନୋରଞ୍ଜନ ପଣ୍ଡା(୪୮)। ଏନେଇ ମନୋରଞ୍ଜନଙ୍କ ସ୍ତ୍ରୀ ଲକ୍ଷ୍ମୀପ୍ରିୟା ପଣ୍ଡା ଓ ସାନ ଭାଇ ସନ୍ତୋଷ ପଣ୍ଡା ପିପିଲି ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ପୋଲିସ ୪ ଜଣଙ୍କୁ ଥାନାରେ ଅଟକ ରଖି ପଚରାଉଚରା କରୁଛି। ଏନେଇ ପିପିଲି ଥାନା ଅଧିକାରୀ ଦୀପକ ଖଣ୍ଡାୟତରାୟଙ୍କୁ ପଚାରିବାରେ, ସେ ବାହାରେ ଥିବାରୁ ତଦନ୍ତକାରୀ ପୋଲିସ ଅଧିକାରୀ ଏଏସ୍‌ଆଇ ଶାନ୍ତନୁ ନାୟକଙ୍କଠାରୁ ପଚାରି ବୁଝିବାକୁ ପରାମର୍ଶ ଦେଇଥିଲେ। ହେଲେ ନାୟକଙ୍କୁ ଘଟଣା ସମ୍ପର୍କରେ ଠିକ୍ ତଥ୍ୟ ନ ଦେଇ ଫୋନ କାଟି ଦେଇଥିଲେ। ଅଭିଯୋଗ ଅନୁଯାୟୀ, ଗ୍ରାମର ମନୋରଞ୍ଜନଙ୍କ ପରିବାର ସହ ସେହି ଗ୍ରାମର ଚୌଧୁରୀ ଲକ୍ଷ୍ମୀଧର ସାହୁ ପରିବାରର ଦୀର୍ଘଦିନ ହେବ ଜମିବାଡ଼ିକୁ ନେଇ କଳହ ଉପୁଜି ମାମଲା କୋର୍ଟରେ ବିଚାରାଧୀନ ଥିଲା। ମାମଲା କୋର୍ଟରେ ଥାଇ ମଧ୍ୟ ବିଭିନ୍ନ ସମୟରେ ଉଭୟ ପରିବାର ମଧ୍ୟରେ କଳହ ପାଟିତୁଣ୍ଡ ଲାଗି ରହି ଥାନାକୁ ଯାଇଥିଲେ। ଶନିବାର ପୂର୍ବାହ୍ନ ୧୧ଟା ସମୟରେ ଚୌଧୁରୀ, ତାଙ୍କ ବଡ଼ଭାଇ ଏବଂ କିଛି ଲୋକ ମନୋରଞ୍ଜନଙ୍କୁ ଘର ଭିତରୁ ଭିଡି ଆଣି ତଳେ ପକାଇ ଶାବଳରେ ମରଣାନ୍ତକ ଆକ୍ରମଣ କରିଥିଲେ।



# ଅଧିକାରୀଙ୍କ ଯାନ୍ତ୍ରିକ ଧାଡ଼ିବୁଣା କ୍ଷେତ ପରିଦର୍ଶନ

## ଖୁସି ହେଲେ କୃଷି ବିଭାଗର ଅତିରିକ୍ତ ସଚିବ

**ପୁରୀ, ୧୪।୧୦(ଅଜିତ୍ ମହାନ୍ତି):**

ପୁରୀ ସଦର ବ୍ଲକର ଗଡମୃଗଶିରା ଗ୍ରାମ ପଞ୍ଚାୟତର ସୁନ୍ଦର ଗ୍ରାମରେ ଚାଲୁଥିବା ଯାନ୍ତ୍ରିକ ଉପାୟରେ ଧାଡ଼ି ବୁଣା କ୍ଷେତ ପରିଦର୍ଶନ କରିଛନ୍ତି ଓଡ଼ିଶା ସରକାରଙ୍କ କୃଷି ଓ ଖାଦ୍ୟ ସୁରକ୍ଷା ବିଭାଗର ଅତିରିକ୍ତ ସଚିବ ତଥା ଜିଲା ନୋଡାଲ ଅଫିସର ଅଞ୍ଜନା ପଣ୍ଡା। ଏହି ବ୍ଲକର ୫ଟି ପଞ୍ଚାୟତର ୧୦୦ ହେକ୍ଟର ଜମିରେ ପରୀକ୍ଷାମୂଳକ ଭାବେ ଯାନ୍ତ୍ରିକ ଉପାୟରେ ଧାଡ଼ିବୁଣା ଧାନ ଚାଷ କରିଛନ୍ତି ସ୍ଥାନୀୟ ଚାଷୀ। ଜିଲାର ନିମାପଡ଼ା ବ୍ଲକର ୧୩ଟି ପଞ୍ଚାୟତର ୧୫୦ ହେକ୍ଟର ଜମିରେ ମଧ୍ୟ ଏହି ଧାଡିବୁଣା ଧାନଚାଷ ହୋଇଛି। ଓଡ଼ିଶା ସରକାରଙ୍କ କୃଷି ବିଭାଗର ସହାୟତା, ପୁରୀ ଜିଲା ମୁଖ୍ୟ କୃଷି ଅଧିକାରୀଙ୍କ କାର୍ଯ୍ୟାଳୟର ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ କ୍ଷେତ୍ର ସ୍ତରରେ ଡେଭଲପମେଣ୍ଟ ରିସୋର୍ସ ସେଣ୍ଟର ନାମକ ସ୍ୱେଚ୍ଛାସେବୀ ସଂସ୍ଥା ସମ୍ପାଦନା କରୁଛନ୍ତି। ଅତିରିକ୍ତ ସଚିବଙ୍କ ସହିତ ଜିଲା କୃଷି ଅଧିକାରୀ ବରୁଣ କୁମାର ବେହେରା, ଉଦ୍ୟାନ ବିଭାଗ ଉପ କୃଷି ନିର୍ଦ୍ଦେଶକ ମଞ୍ଜୁଳା ତ୍ରିପାଠୀ, ମୃତ୍ତିକା ସଂରକ୍ଷଣ ସହକାରୀ ନିର୍ଦ୍ଦେଶକ ସ୍ୱୟଂପ୍ରଭା ଦାସ, ସ୍କିମ୍ ଅଫିସର ନରେଶ ଚନ୍ଦ୍ର ସାହୁ, ସଦର ବ୍ଲକ ସହକାରୀ କୃଷି ଅଧିକାରୀ ରାଜଲକ୍ଷ୍ମୀ ସାହୁ, ସଦର ବ୍ଲକ ସହକାରୀ ଉଦ୍ୟାନ ଅଧିକାରୀ ସମ୍ବିତ ଆଚାର୍ଯ୍ୟ, ସଦର ବିଟିଏମ ମହେନ୍ଦ୍ର କୁମାର ତ୍ରିପାଠୀ, କୃଷକ ସାଥୀ ବେଣୁଧର ବେହେରା, ପ୍ରକାଶ ଚନ୍ଦ୍ର ପରିଡା ଏବଂ ସାମାଜିକ କର୍ମୀ ଅମୂଲ୍ୟ କୁମାର ବେହେରା ଯୋଗ ଦେଇଥିଲେ। ଡେଭଲପମେଣ୍ଟ ରିସୋର୍ସ ସେଣ୍ଟରର ସମ୍ପାଦକ ତଥା ସାମାଜିକ କର୍ମୀ ଯୁଧିଷ୍ଠିର ପ୍ରଧାନ ଯାନ୍ତ୍ରିକ ଉପାୟରେ ଧାଡ଼ି ବୁଣା ଧାନ କ୍ଷେତ ସ୍ଥଳରେ ଉପସ୍ଥିତ ରହି ସଚିବଙ୍କ ସମେତ ସମସ୍ତ ଅଧିକାରୀମାନଙ୍କୁ କ୍ଷେତ୍ର ପରିଦର୍ଶନ କରାଇଥିଲେ। ସୁନ୍ଦର ଗ୍ରାମର ଚାଷୀମାନେ ଉପସ୍ଥିତ ରହି ସଚିବଙ୍କ ସହିତ ଭାବ ବିନିମୟ କରିଥିଲେ ଓ ଅଧିକାରୀମାନେ ଏଭଳି କ୍ଷେତ ଦେଖି ଖୁସି ହୋଇଛନ୍ତି । ଅତିରିକ୍ତ ସଚିବ ଅଞ୍ଜନା ପଣ୍ଡା ପୁରୀ ସଦର ବ୍ଲକର ବାଲିଗୁଆଳି ଫାର୍ମ ହାଉସ, ସମଗରାଠାରେ ଅବସ୍ଥିତ ପରିବା ପ୍ୟାକ ହାଉସ୍, ଅରେଇପଡାରେ ପାନ କ୍ଲଷ୍ଟର ଓ ଗଡମୃଗଶିରା ଶୀତଳ ଆଳୁ ଭଣ୍ଡାର ସ୍ଥଳ ପରିଦର୍ଶନ କରିଥିଲେ। ସନ୍ଧ୍ୟାରେ ସର୍କିଟ ହାଉସରେ ଜିଲା ମୁଖ୍ୟ କୃଷି ଅଧିକାରୀ ଓ ବ୍ଲକ୍ ଅଧିକାରୀମାନଙ୍କୁ ନେଇ ସମୀକ୍ଷା ବୈଠକ କରାଯାଇଥିଲା।



ଧାଡ଼ିବୁଣା କ୍ଷେତ ପରିଦର୍ଶନ କରୁଛନ୍ତି ଉଦ୍ୟାନ ବିଭାଗ ଉପକୃଷି ନିର୍ଦ୍ଦେଶକ, ମୃତ୍ତିକା ସଂରକ୍ଷଣ ସହକାରୀ ନିର୍ଦ୍ଦେଶକ ଓ ଅନ୍ୟମାନେ ।

# ରେଭେନ୍ସାରେ ୧୦୮ଫୁଟର ସ୍ମାରକୀ ପତାକା ପୋଲ୍ ଉନ୍ମୋଚିତ

## ଜାନୁୟାରୀ ୨୩କୁ ଜାତୀୟ ପତାକା ଦିବସ କରାଯାଉ- ନବୀନ

କଟକ ,୧୪।୧୦ (ସୁପ୍ରିୟା ପ୍ରିୟଦର୍ଶିନୀ )




ଫ୍ଲାଗ୍ ଫାଉଣ୍ଡେଶନ ଅଫ୍ ଇଣ୍ଡିଆ (ଏଫ୍ଏଫ୍ଓଆଇ) ପକ୍ଷରୁ ଶନିବାର ରେଭେନ୍ସା ୟୁନିଭର୍ସିଟି ପରିସରରେ ଏକ ୧୦୮ଫୁଟ ସୁଉଚ୍ଚ ସ୍ମାରକୀ ପତାକା ପୋଲ୍ ଉନ୍ମୋଚିତ ହୋଇଯାଇଛି। ଏଫ୍ଏଫ୍ଓଆଇ ସଭାପତି ତଥା ଜିନ୍ଦଲ ଷ୍ଟିଲ୍ ଆଣ୍ଡ ପାୱାରର ଅଧ୍ୟକ୍ଷ ନବୀନ ଜିନ୍ଦଲ, କଟକ ମହାନଗର ନିଗମ (ସିଏମ୍ସି)ର ମେୟର ସୁବାସ ଚନ୍ଦ୍ର ସିଂ, କଟକ ଚୌଦ୍ୱାର ବିଧାୟକ ସୋଭିକ ବିଶ୍ୱାଳ, ସିଏମ୍ସି କମିଶନର ନିଖିଲ ପବନ କଲ୍ୟାଣ, ରେଭେନ୍ସା ବିଶ୍ୱବିଦ୍ୟାଳୟର ଉପ କୁଳପତି ଡ. ସଞ୍ଜୟ କୁମାର ନାୟକ ଏବଂ କୁଳ ସଚିବ କାହ୍ନୁଚରଣ ମଲ୍ଲିକ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଏହାର ଉନ୍ମୋଚନ ସହ ୧୦୮ ଫୁଟ ମନୁମେଣ୍ଟାଲ ଫ୍ଲାଗ୍ ପୋଲ୍‌ରେ ୩୬/୨୪ଫୁଟ ତିରଙ୍ଗା ପତାକାକୁ ଉତ୍ତୋଳନ କରିଥିଲେ।

ଏହି ଅବସରରେ ଜିନ୍ଦଲ କହିଥିଲେ, ଏହି ପ୍ରସିଦ୍ଧ ଶିକ୍ଷାନୁଷ୍ଠାନ ପରିସରରେ ୧୦୮ଫୁଟର ସ୍ମାରକୀ ଜାତୀୟ ପତାକା ପୋଲର ସ୍ଥାପନ କେବଳ ଏକ ପ୍ରତୀକ ନ ହୋଇ ଶିକ୍ଷକ ଓ ଛାତ୍ରମାନଙ୍କ ମଧ୍ୟରେ ଜାତୀୟତାର ଭାବନା ସୃଷ୍ଟି କରିବାରେ ମୁଖ୍ୟ ଭୂମିକା ଗ୍ରହଣ କରିବ। ସେହିଭଳି ଜାନୁୟାରୀ ୨୩ରେ ଆମେ ଜାତୀୟ ପତାକାକୁ ସମ୍ମାନର ସହ ପ୍ରଦର୍ଶନ କରିବାର ଅଧିକାର ପାଇଥିବାରୁ ଏହି ଦିନକୁ ଆମେ ଜାତୀୟ ପତାକା ଦିବସ ଭାବେ ପାଳନ କରିବା ଉଚିତ ବୋଲି ନବୀନ କହିଛନ୍ତି। ଅଧିକାଂଶ ଦେଶରେ ଜାତୀୟ ପତାକା ଏବଂ ଏହାର ମୂଲ୍ୟବୋଧ ପାଳନ କରିବାକୁ ଜାତୀୟ ପତାକା ଦିବସ ରହିଛି। ଭାରତରେ ମଧ୍ୟ ଜାତୀୟ ପତାକା ଦିବସ ପାଳନ କରିବା ଉଚିତ ଏବଂ ଜାନୁୟାରୀ ୨୩ ହେଉଛି ଏହା ପାଇଁ ଏକ ଉପଯୁକ୍ତ ଦିନ। ଜାତୀୟ ପତାକାକୁ ଗର୍ବ, ସମ୍ମାନ ଓ ଗୌରବର ସହ ଉଡ଼ାଇବା ଏବଂ ପ୍ରଦର୍ଶନ କରିବାର ଅଧିକାର ପ୍ରତ୍ୟେକ ଭାରତୀୟଙ୍କୁ ପ୍ରଦାନ କରିବାକୁ ଜିନ୍ଦଲ ଏକ ଦଶନ୍ଧି ଧରି ଆଇନଗତ ସଂଗ୍ରାମ କରିଥିଲେ। ୨୦୦୪ ଜାନୁୟାରୀ ୨୩ରେ ଭାରତର ସର୍ବୋଚ୍ଚ ନ୍ୟାୟାଳୟ କହିଥିଲେ, ସମସ୍ତ ଭାରତୀୟଙ୍କୁ ସମ୍ମାନର ସହିତ ମୁକ୍ତ ଭାବେ ଭାରତୀୟ ପତାକା ପ୍ରଦର୍ଶନ କରିବାର ମୌଳିକ ଅଧିକାର ରହିଛି। ଉକ୍ତ କାର୍ଯ୍ୟକ୍ରମରେ ଜିନ୍ଦଲ ଷ୍ଟିଲ୍ ଆଣ୍ଡ ପାୱାରର ପ୍ରେସିଡେଣ୍ଟ ଆଣ୍ଡ ଗ୍ରୁପ୍ ହେଡ୍ (ସିଏସ୍ଆର୍ ଆଣ୍ଡ ଏଜୁକେଶନ) ପ୍ରଶାନ୍ତ କୁମାର ହୋତାଙ୍କ ସମେତ ଫ୍ଲାଗ୍ ଫାଉଣ୍ଡେଶନ ଅଫ୍ ଇଣ୍ଡିଆର ମହାସଚିବ ମେଜର ଜେନେରାଲ (ଅବସରପ୍ରାପ୍ତ) ଅସୀମ କୋହଲି, ରେଭେନ୍ସା ବିଶ୍ୱବିଦ୍ୟାଳୟର ରାଜନୀତି ବିଜ୍ଞାନ ପ୍ରଫେସର ଡ. ଅସୀମା ସାହୁ, ରେଭେନ୍ସା ବିଶ୍ୱବିଦ୍ୟାଳୟ ଶିକ୍ଷକ ସଂଘର ସଭାପତି ଡ. ଧର୍ମବ୍ରତ ମହାପାତ୍ର ଏବଂ ରେଭେନ୍ସା ବିଶ୍ୱବିଦ୍ୟାଳୟ ବହୁ ବରିଷ୍ଠ ଅଧିକାରୀ ଓ ଅନ୍ୟମାନେ ଉପସ୍ଥିତ ଥିଲେ।

# କାନାରା ବ୍ୟାଙ୍କ ପକ୍ଷରୁ ଫିଟ୍ ଇଣ୍ଡିଆ ଅଭିଯାନ

ଭୁବନେଶ୍ୱର,୧୪।୧୦



କାନାରା ବ୍ୟାଙ୍କର ଭୁବନେଶ୍ୱର କ୍ଷେତ୍ରୀୟ କାର୍ଯ୍ୟାଳୟ ପକ୍ଷରୁ ଶନିବାର ଫିଟ୍ ଇଣ୍ଡିଆ ଅଭିଯାନ ଆୟୋଜିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ବ୍ୟାଙ୍କର ମହାପ୍ରବନ୍ଧକ ଜଗଦୀଶ ଚନ୍ଦର ସମ୍ମାନିତ ଅତିଥି ଭାବେ ଯୋଗଦେଇ ଉକ୍ତ ଅଭିଯାନକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ଫିଟ୍‌ନେସ୍ ସମ୍ବନ୍ଧୀୟ ସଚେତନତା ସମସ୍ତଙ୍କ ପାଖରେ ପହଞ୍ଚାଇବା ପାଇଁ ବ୍ୟାଙ୍କ ପକ୍ଷରୁ ଖଣ୍ଡଗିରିଠାରୁ କଳିଙ୍ଗ ଷ୍ଟୁଡିଓ ପର୍ଯ୍ୟନ୍ତ ଏକ ଗଣରାଲିର ଆୟୋଜନ କରାଯାଇଥିଲା ଏବଂ ଏଥିରେ ବ୍ୟାଙ୍କର ସହାୟକ ମହାପ୍ରବନ୍ଧକ ମହାମାୟା ପ୍ରସାଦ ରାୟଙ୍କ ସମେତ ଅଭିନେତା ନୀଲ ପଣ୍ଡା ଏବଂ ନିର୍ଦ୍ଦେଶକ ମହେଶ ହାଜରା ପ୍ରମୁଖ ଯୋଗଦେଇଥିଲେ। ଉକ୍ତ ରାଲିରେ ୧୦୦ରୁ ଉର୍ଦ୍ଧ୍ୱ ବ୍ୟାଙ୍କ କର୍ମଚାରୀ ଓ ଅନ୍ୟମାନେ ଅଂଶ ଗ୍ରହଣ କରିଥିଲେ।

# ୟୁବିଆଇର ମୁଦ୍ରା ବିନିମୟ ମେଳା

ଭୁବନେଶ୍ୱର,୧୪।୧୦

ୟୁନିୟନ ବ୍ୟାଙ୍କ ଅଫ୍ ଇଣ୍ଡିଆ (ୟୁବିଆଇ)ର ଭୁବନେଶ୍ୱର ଅଞ୍ଚଳ ପକ୍ଷରୁ ଏକ ନୋଟ୍ ଏବଂ ମୁଦ୍ରା ବିନିମୟ ମେଳା ରୁଚିକା ମାର୍କେଟ୍‌ସ୍ଥିତ ବରମୁଣ୍ଡା ହାଉସିଂ ବୋର୍ଡ କଲୋନି ଦୁର୍ଗାମଣ୍ଡପଠାରେ ଆୟୋଜିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ରିଜର୍ଭ ବ୍ୟାଙ୍କ ଅଫ୍ ଇଣ୍ଡିଆ(ଆର୍‌ବିଆଇ)ର କ୍ଷେତ୍ରୀୟ ନିର୍ଦ୍ଦେଶକ ସାରଦା ପ୍ରସନ୍ନ ମହାନ୍ତି ସମ୍ମାନିତ ଅତିଥି ଭାବେ ଯୋଗଦେଇ ମେଳାର ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଆର୍‌ବିଆଇର ମହାପ୍ରବନ୍ଧକ ଦେବୀ ପ୍ରସାଦ ପଣ୍ଡାଙ୍କ ସମେତ ଆର୍‌ବିଆଇ ଓ ୟୁବିଆଇର ବରିଷ୍ଠ ଅଧକାରୀମାନେ ଉପସ୍ଥିତ ଥିଲେ। ବିଶେଷକରି କ୍ଲିନ୍ ନୋଟ୍ ନୀତିରେ ଦେଶକୁ ସହଯୋଗ କରିବାକୁ ୟୁବିଆଇର ଏଭଳି ଉଦ୍ୟମକୁ ସାରଦା ପ୍ରଶଂସା କରିଥିଲେ।

ଏହି ଅବସରରେ ଭୁବନେଶ୍ୱର ଅଞ୍ଚଳର କ୍ଷେତ୍ର ମହାପ୍ରବନ୍ଧକ ତଥା ଆଞ୍ଚଳିକ ମୁଖ୍ୟ ସର୍ବେଶ ରଞ୍ଜନ, ଉପ-ଆଞ୍ଚଳିକ ମୁଖ୍ୟ ତଥା ଉପ-ମହାପ୍ରବନ୍ଧକ ଆର୍.ଦେବରାଜ, ଉପ-ଆଞ୍ଚଳିକ ମୁଖ୍ୟ ତଥା ଉପ-ମହାପ୍ରବନ୍ଧକ ମୁଖ୍ୟ ରଞ୍ଜିତ କୁମାର ସିଂ, ଭୁବନେଶ୍ୱର କ୍ଷେତ୍ରର କ୍ଷେତ୍ରୀୟ ମୁଖ୍ୟ ତଥା ଉପ-ମହାପ୍ରବନ୍ଧକ ନିରଞ୍ଜନ ବାରିକ, ଭୁବନେଶ୍ୱର କ୍ଷେତ୍ରୀୟ କାର୍ଯ୍ୟାଳୟର ସହାୟକ ମହାପ୍ରବନ୍ଧକ ତଥା ଉପ-କ୍ଷେତ୍ରୀୟ ମୁଖ୍ୟ ଅଶୋକ କୁମାର ମିଶ୍ର, ସହାୟକ ମହାପ୍ରବନ୍ଧକ ସନ୍ଦୀପ ଦାସ ମହାପାତ୍ର, ସହାୟକ ମହାପ୍ରବନ୍ଧକ ପାଣ୍ଡବ ସାହୁଙ୍କ ସମେତ ନୟାପଲ୍ଲୀ ଶାଖାର ମୁଖ୍ୟ ପ୍ରବନ୍ଧକ ପ୍ରଭାକର ସେଠୀ, ବରମୁଣ୍ଡା ଶାଖାର ମୁଖ୍ୟ ପ୍ରବନ୍ଧକ ଦୀନେଶ ଭୁଜବଳ, କରେନ୍ସି ଚେଷ୍ଟ ଇନ୍‌ଚାର୍ଜ ଅଭିମନ୍ୟୁ ନାଏକ ଏବଂ ବରମୁଣ୍ଡା ଶାଖା ଓ କରେନ୍ସି ଚେଷ୍ଟର କର୍ମଚାରୀମାନେ ଉପସ୍ଥିତ ରହି ମେଳାକୁ ସଫଳ କରାଇଥିଲେ।

# ଓପୋର ନୂତନ ଉତ୍ପାଦ ଉନ୍ମୋଚିତ

ଭୁବନେଶ୍ୱର, ୧୪।୧୦

ଓପୋ ଇଣ୍ଡିଆର ନୂତନ ଉତ୍ପାଦ 'ଫୋଲ୍ଡେବୁଲ ସ୍ମାର୍ଟଫୋନ୍ ଫାଇଣ୍ଡ ଏନ୍୩ ଫ୍ଲିପ୍'ର ସର୍ବଭାରତୀୟ ଉନ୍ମୋଚନ ନିକଟରେ ହୋଇଯାଇଛି। ଓପୋ ଇଣ୍ଡିଆର ଚିଫ୍ ମାର୍କେଟିଂ ଅଫିସର ଦମୟନ୍ତ ସିଂହ ଖାନୋରିଆ କହିଛନ୍ତି, ଫାଇଣ୍ଡ ଏନ୍୨ ଫ୍ଲିପ୍‌ର ସଫଳତା ପରେ ଆମେ ଆମର ନୂଆ ଫ୍ଲିପ୍ ଫାଇଣ୍ଡ ଏନ୍୩ ଫ୍ଲିପ୍‌ର ଶୁଭାରମ୍ଭ କରି ବେଶ୍ ଉତ୍ସାହିତ ଅଛୁ। ଏଭଳି ଏକ ଅତୁଳନୀୟ ଫିଚର ଓ ଆକର୍ଷଣୀୟ ଲୁକ୍ ସହ ଓପୋ ଫାଇଣ୍ଡ ଏନ୍୩ ଫ୍ଲିପ୍‌କୁ ମେଡ୍ ଟୁ ବି ଆଇ କୋନିକ୍ କରାଯାଇଛି। ଗ୍ରାହକମାନେ ମେନ୍‌ଲାଇନ ରିଟେଲ୍ ଆଉଟ୍‌ଲେଟ୍ ଓ ଓପୋ ଷ୍ଟୋର୍‌ରୁ ଆଇସିଆଇସିଆଇ ବ୍ୟାଙ୍କ, ଏସ୍‌ବିଆଇ କାର୍ଡ, ବଜାଜ ଫିନ୍‌ସର୍ଭ, ଟିଭିଏସ୍ କ୍ରେଡିଟ୍, କୋଟାକ ବ୍ୟାଙ୍କ, ଆଇଡିଏଫ୍‌ସି ଫାଷ୍ଟ ବ୍ୟାଙ୍କ, ଏଚ୍‌ଡିବି ଫାଇନାନ୍ସିଆଲ ସର୍ଭିସେସ୍ ଓ ୱାନ୍ କାର୍ଡରୁ ୧୨,୦୦୦ଟଙ୍କା ପର୍ଯ୍ୟନ୍ତ କ୍ୟାଶ୍‌ବ୍ୟାକ୍ ଓ ୨୪ମାସ ପର୍ଯ୍ୟନ୍ତ ନୋ କଷ୍ଟ ଇଏମ୍ଆଇ ସୁବିଧା ଉପଭୋଗ କରିପାରିବେ।

# ହ୍ୟାଣ୍ଡଲୁମ୍ ଆଣ୍ଡ ହାଣ୍ଡିକ୍ରାଫ୍ଟ ମେଳା ଉଦ୍‌ଘାଟିତ

## ପ୍ରଥମ ଥର ପାଇଁ ବୟନିକା ସାମିଲ

ଭୁବନେଶ୍ୱର,୧୪।୧୦ (ଅଭୟ ଦାଶ)



ପ୍ରତିବର୍ଷ ଭଳି ଚଳିତବର୍ଷ ମଧ୍ୟ କାମଧେନୁ ଖଦି ଉଲ୍ ପାନିପଥ ପକ୍ଷରୁ ହ୍ୟାଣ୍ଡଲୁମ୍ ଆଣ୍ଡ ହାଣ୍ଡିକ୍ରାଫ୍ଟ ଏକ୍ସପୋ (ମେଳା)ର ଆୟୋଜନ ଭୁବନେଶ୍ୱରର ପ୍ରଦର୍ଶନୀ ପଡ଼ିଆଠାରେ କରାଯାଇଛି। ଶନିବାର ଉକ୍ତ ମେଳାର ସ୍ୱତନ୍ତ୍ର ଉଦ୍‌ଘାଟନୀ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ କାମଧେନୁ ଖଦି ଉଲ୍ ପାନିପଥର ସମ୍ପାଦକ ରାଜେନ୍ଦ୍ର ଚୌଧୁରୀ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଏହାର ଉଦ୍‌ଘାଟନ କରିଥିଲେ। ଏହି ମେଳା ୨୦୨୩ ନଭେମ୍ବର ୧୧ ପର୍ଯ୍ୟନ୍ତ ଜାରି ରହିବ। ଏପରିକି ପ୍ରତିଦିନ ସକାଳ ୧୧ ଘଟିକାରୁ ସନ୍ଧ୍ୟା ୯ ଘଟିକା ପର୍ଯ୍ୟନ୍ତ ମେଳା ସର୍ବସାଧାରଣଙ୍କ ପାଇଁ ଖୋଲା ରହିବ ବୋଲି ଆୟୋଜକଙ୍କ ପକ୍ଷରୁ ସୂଚନା ଦିଆଯାଇଛି। ଅପରପକ୍ଷରେ ପ୍ରଥମ ଥର ପାଇଁ ଓଡ଼ିଶା ସରକାରଙ୍କ ଅଗ୍ରଣୀ ସଂସ୍ଥା ବୟନିକା ମେଳାରେ ସାମିଲ ହୋଇଛି। ସେହିଭଳି ଉକ୍ତ ମେଳାରେ ପ୍ରାୟ ୭୦ଟି ଷ୍ଟଲ୍ ପଡିଥିବାବେଳେ ଓଡ଼ିଶା ସମେତ ପଞ୍ଜାବ, ହରିୟାଣା,ଉତ୍ତରାଖଣ୍ଡ, ଉତ୍ତର ପ୍ରଦେଶ, ରାଜସ୍ଥାନ, ମଧ୍ୟପ୍ରଦେଶ, ଗୁଜରାଟ,ବିହାର, ପଶ୍ଚିମବଙ୍ଗ, ଆନ୍ଧ୍ରପ୍ରଦେଶ, କର୍ନାଟକ, ତେଲଙ୍ଗାନା, ଆସାମ, ପୁଡୁଚେରୀ, ତାମିଲନାଡୁ ଏବଂ ଜମ୍ମୁ-କଶ୍ମୀର ଭଳି ରାଜ୍ୟର ବୁଣାକାର ସଂଘ, ନିଗମ ଓ ବ୍ୟବସାୟୀମାନଙ୍କର ଭଳିକି ଭଳି ପୋଷାକ ଉଭୟ ବିକ୍ରି ଓ ପ୍ରଦର୍ଶନୀ ପାଇଁ ଉପଲବ୍ଧ। ସେହିପରି ଆକର୍ଷଣୀୟ ପୋଷାକ ସାଙ୍ଗକୁ ଘରକରଣା ସାମଗ୍ରୀ ଆଦି ଉପରେ ୨୦%ର ସ୍ୱତନ୍ତ୍ର ରିହାତି ଗ୍ରାହକମାନଙ୍କୁ ଯୋଗାଇ ଦିଆଯାଉଛି। ଏପରିକି ଏଠାରେ ସମସ୍ତ ଡେବିଟ୍ ଓ କ୍ରେଡିଟ୍ କାର୍ଡର ବ୍ୟବହାର କାରବାର ସମୟରେ ଗ୍ରହଣ କରାଯାଉଛି ।




# କେୟାର ହସ୍ପିଟାଲ ପକ୍ଷରୁ ବିଶ୍ୱ ମେରୁଦଣ୍ଡ ଦିବସ




ଭୁବନେଶ୍ୱର, ୧୪।୧୦

ପ୍ରତି ବର୍ଷ ଭଳି ଚଳିତ ବର୍ଷ ମଧ୍ୟ କେୟାର ହସ୍ପିଟାଲ ଭୁବନେଶ୍ୱର ପକ୍ଷରୁ ବିଶ୍ୱ ମେରୁଦେଣ୍ଡ ଦିବସ ଶନିବାର ହସ୍ପିଟାଲ ପରିସରରେ ପାଳିତ ହୋଇଯାଇଛି। ଚଳିତ ବର୍ଷର ସ୍ଲୋଗାନ୍ 'ମୁଭ ଇୟୋର ସ୍ପାଇନ୍' ରହିଛି। ବିଶେଷକରି ଲୋକମାନଙ୍କୁ ବିଭିନ୍ନ ପ୍ରକାର ମେରୁଦଣ୍ଡ ରୋଗ ସମ୍ପର୍କରେ ସଚେତନତା କରାଇବା ପାଇଁ ପ୍ରତି ବର୍ଷ ଅକ୍ଟୋବର ୧୬କୁ ମେରୁଦଣ୍ଡ ଦିବସ ଭାବେ ପାଳନ କରାଯାଇଥାଏ। ଅପରପକ୍ଷରେ କେୟାର ମଲ୍ଟି-ସ୍ପେସିଆଲିଟି ହସ୍ପିଟାଲ ଭୁବନେଶ୍ୱର ପକ୍ଷରୁ ଭିନ୍ନ ରୂପରେ ମେରୁଦଣ୍ଡ ଦିବସ ପାଳନ କରାଯାଇଥିଲା। ଏହି ପରିପ୍ରେକ୍ଷୀରେ ୧୦୦ରୁ ଅଧିକ ସାଧାରଣ ବ୍ୟକ୍ତି, କେୟାର ହସ୍ପିଟାଲର ଡାକ୍ତର ଓ ନର୍ସମାନେ ବିଶ୍ୱ ମେରୁଦଣ୍ଡ ଦିବସକୁ ଯୋଗ ମାଧ୍ୟମରେ ପାଳନ କରାଯାଇଥିଲା। ମେରୁଦଣ୍ଡ ରୋଗର କାରଣ, ଲକ୍ଷଣ ଓ ଚିକିତ୍ସା ସମ୍ପର୍କରେ ଜନ ସଚେତନତା ସୃଷ୍ଟି କରିବା ପାଇଁ କେୟାର ହସ୍ପିଟାଲ ପକ୍ଷରୁ ଏଭଳି ଏକ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ସେହିଭଳି ଭୁବନେଶ୍ୱରଠାରେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ବରିଷ୍ଠ ସ୍ନାୟୁଶଲ୍ୟ ଡା. ଆମ୍ରଞ୍ଜନ ଦାଶ, ଡା. ସୁଶାନ୍ତ ଦାସ, ଡା.ଦୀପକ ପରିଡ଼ା, ସ୍ନାୟୁରୋଗ ବିଶେଷଜ୍ଞ ଡା. ଶୁଭ୍ରାଂଶୁ ଶେଖର ଜେନା, ଡା. ମିତାଲି କର ପ୍ରମୁଖ ଯୋଗଦେଇ ଆମେ କିଭଳି ନିଜର ମେରୁଦଣ୍ଡର ଯତ୍ନ ନେବା ସେ ସମ୍ପର୍କରେ ବିସ୍ତୃତ ଭାବେ ସାଧାରଣ ଲୋକଙ୍କୁ ସଚେତନ କରାଇଥିଲେ। ଏ ସମ୍ପର୍କରେ କେୟାର ହସ୍ପିଟାଲ ଭୁବନେଶ୍ୱର ଶାଖାର ଏଚ୍‌ସିଓଓ କ୍ରିଶଲେୟ ଆନନ୍ଦ କହିଥିଲେ, ଆମ ହସ୍ପିଟାଲରେ କରାଯାଉଥିବା ଅତ୍ୟାଧୁନିକ ସର୍ଜରି ରୋଗୀଙ୍କ ପାଇଁ ବେଶ୍ ଲାଭଦାୟକ ହୋଇଥିବାବେଳେ ରୋଗୀଙ୍କୁ ସୁଲଭ ମୂଲ୍ୟରେ ଗୁଣାତ୍ମକ ଚିକିତ୍ସା ଆଦି ସମ୍ପର୍କରେ ସୂଚନା ଦେଇଥିବା ବେଳେ ଏଭିପି ଡ. ଲୋକନାଥ ଦାଶ, ବିଜୁ ସ୍ୱାସ୍ଥ୍ୟ କାର୍ଡ ଜରିଆରେ ମିଳୁଥିବା ଉପକାରିତା ସମ୍ପର୍କରେ ବିସ୍ତୃତ ଆଲୋକପାତ କରିଥିଲେ।




# ସୁଲଭ ମୂଲ୍ୟରେ ସେଲିବ୍ରେଶନ ପ୍ୟାକେଟ



ଭୁବନେଶ୍ୱର, ୧୪।୧୦

ଚଳିତ ବର୍ଷର ପାର୍ବଣ ଉପଲକ୍ଷେ ହୋଟେଲ ଏମ୍ପାୟାର୍ସସ୍ଥିତ ଡେଲି କାଫେ ଠାରେ ଏକ ସ୍ୱତନ୍ତ୍ର ଦୀପାବଳି ଉପହାର କାଉଣ୍ଟର ଶନିବାର ଆନୁଷ୍ଠାନିକ ଭାବେ ଉଦ୍‌ଘାଟିତ ହୋଇଯାଇଛି। ଏହି ଅବସରରେ ଓଲିଉଡ୍ ଅଭିନେତ୍ରୀ ନୈନା ଦାଶ ଏବଂ ଅଭିନେତା ପ୍ରୀତିରାଜ ଶତପଥୀ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଏହାର ଉଦ୍‌ଘାଟନ କରିଥିଲେ। ବିଶେଷକରି ଦୀପାବଳି ଅବସରରେ ଦୋକାନ ବଜାରରେ ଅନେକ ଭିଡ଼ ଜମିଥାଏ। ଏ ପରିସ୍ଥିତିରେ ବଜାରକୁ ଯାଇ ଉପହାର କିଣିବା ବହୁ କଷ୍ଟକର ହୋଇଥାଏ। ଏହାକୁ ନଜରରେ ରଖି ଏମ୍ପାୟାର୍ସ ସ୍ଥିତ ଡେଲି କାଫେଠାରେ ଏକ ସ୍ୱତନ୍ତ୍ର କାଉଣ୍ଟର ଖୋଲାଯାଇଛି। ଯେଉଁଠାରେ ଗ୍ରାହକମାନେ ମିଠା ଓ ଡ୍ରାଇ ଫ୍ରୁଟ୍‌ର ଅସରନ୍ତି ସମ୍ଭାର ଓ ଫେଷ୍ଟିଭ ସେଲିବ୍ରେଶନ ପ୍ୟାକେଟ ଆଦି ପାଇପାରିବେ। ଯେଉଁଥିରେ ମିଳିବ ୫୦ରୁ ଅଧିକ କିସମର ଦିୱାଲି ହାପି ହାମ୍ପର ପ୍ୟାକେଟ , ଯାହାର ପ୍ରାରମ୍ଭିକ ମୂଲ୍ୟ ୫୦୦ ଟଙ୍କାରୁ ୫୦୦୦ ଟଙ୍କା ପର୍ଯ୍ୟନ୍ତ ରହିଛି।

ଅପରପକ୍ଷରେ ସୁସଜ୍ଜିତ ରାପିଙ୍ଗ୍ ବକ୍ସ, ଟ୍ରେ ଏବଂ ଜୁଡି ସହିତ ପ୍ୟାକେଟ ଉପଲବ୍ଧ ହେଉଥିବାବେଳେ ଅଧିକ ଅର୍ଡର କିମ୍ବା କର୍ପୋରେଟ୍ ଅର୍ଡର ପାଇଁ ଅଗ୍ରିମ ବୁକିଂରେ ୧୦%ର ଏକ ସ୍ୱତନ୍ତ୍ର ରିହାତି ଦିଆଯାଉଛି ବୋଲି ହୋଟେଲ ଏମ୍ପାୟାର୍ସର ଉପସଭାପତି ସଞ୍ଜୟ ମିଶ୍ର କହିଛନ୍ତି।






**ସେନା ହେଲିକପ୍ଟରର ଜରୁରୀ ଅବତରଣ**

ଭାରତୀୟ ସେନାର ଏକ ଚେତକ ହେଲିକପ୍ଟରରେ ଯାନ୍ତ୍ରିକ ତ୍ରୁଟି ଦେଖାଦେବାରୁ ଶନିବାର ସକାଳେ ଏହା ଉତ୍ତରପ୍ରଦେଶର ପ୍ରୟାଗରାଜଠାରେ ଜରୁରୀ ଅବତରଣ କରିଥିଲା। ସେନା ଇଞ୍ଜିନିୟରିଂ ଟିମ୍ ଘଟଣାସ୍ଥଳରେ ପହଞ୍ଚି ବୈଷୟିକ ଅନୁଧାନ କରିଥିଲେ। ହେଲିକପ୍ଟରଟି ଏକ ଦୈନନ୍ଦିନ ପ୍ରଶିକ୍ଷଣ ମିଶନରେ ଯାଇଥିବାବେଳେ ଯାନ୍ତ୍ରିକ ତ୍ରୁଟି ଦେଖାଦେଇଥିଲା। ଆବଶ୍ୟକ ବୈଷୟିକ ସହାୟତା ପରେ ଏହା ବାୟୁସେନା ଘାଟିକୁ ଫେରିଯାଇଛି।

## ସଂକ୍ଷେପରେ

### କ୍ରିଷ୍ଟୋଫର ନ୍ୟୁଜିଲାଣ୍ଡ ପ୍ରଧାନମନ୍ତ୍ରୀ ନିର୍ବାଚିତ

ଅକ୍‌ଲାଣ୍ଡ,୧୪।୧୦: ପୂର୍ବତନ ବ୍ୟବସାୟୀ କ୍ରିଷ୍ଟୋଫର ଲକ୍ସନ୍ ଶନିବାର ନିର୍ବାଚନରେ ବିଜୟୀ ହୋଇ ନ୍ୟୁଜିଲାଣ୍ଡର ପରବର୍ତ୍ତୀ ପ୍ରଧାନମନ୍ତ୍ରୀ ହେବାକୁ ଯାଉଛନ୍ତି। ଜେସିଣ୍ଡା ଆର୍ଡେନ୍‌ଙ୍କ ୬ ବର୍ଷର ସରକାରକୁ ବଦଳାଇବା ପାଇଁ ଜନସାଧାରଣ ଭୋଟ ଦେଇଥିଲେ।



ଭୋଟ ଗଣତି ଜାରି ରହିଥିବାବେଳେ କ୍ରିଷ୍ଟୋଫର ବିଜୟୀ ହେବା ଏକପ୍ରକାର ନିଶ୍ଚିତ ବୋଲି ଜଣାପଡ଼ିବା ପରେ ତାଙ୍କ ଦଳ ପକ୍ଷରୁ ବିଜୟୋତ୍ସବ ଆରମ୍ଭ ହୋଇଯାଇଛି। ଅକ୍‌ଲାଣ୍ଡଠାରେ ଏକ ଉତ୍ସବରେ ସେ ତାଙ୍କ ସ୍ତ୍ରୀ ଆମଣ୍ଡା ଏବଂ ପିଲାମାନଙ୍କ ସହ ସାମିଲ ହୋଇଥିଲେ। ନିର୍ବାଚିତ କରାଇଥିବାରୁ ସେ ଦେଶବାସୀଙ୍କୁ ଧନ୍ୟବାଦ ଜଣାଇଛନ୍ତି। ଗତ ଜାନୁୟାରୀରେ ପ୍ରଧାନମନ୍ତ୍ରୀ ପଦରୁ ଆର୍ଡେନ୍ ଇସ୍ତଫା ଦେବା ପରେ କ୍ରିସ୍ ହିପ୍‌କିନ୍ସ ୯ ମାସ ହେଲା କ୍ଷମତାରେ ରହିଥିଲେ।

**ପାସ୍‌ପୋର୍ଟ ଦୁର୍ନୀତି: ୨୪ ଜଣଙ୍କ ନାଁରେ ମାମଲା**

### ପଶ୍ଚିମବଙ୍ଗର ୫୦ ସ୍ଥାନରେ ସିବିଆଇ ଚଢ଼ାଉ

କୋଲକାତା,୧୪।୧୦ (ପି.ଟି.)

ଜାଲ୍ କାଗଜପତ୍ରରେ ପାସ୍‌ପୋର୍ଟ ଇସ୍ୟୁ କରିବା ଅଭିଯୋଗରେ ସମ୍ପୃକ୍ତ ସରକାରୀ ଅଧିକାରୀଙ୍କ ସମେତ ୨୪ ଜଣଙ୍କ ବିରୋଧରେ ସିବିଆଇ ମାମଲା ରୁଜୁ କରିଛି। କେନ୍ଦ୍ରୀୟ ତଦନ୍ତକାରୀ ସଂସ୍ଥାର ଏକ ଟିମ୍ ପଶ୍ଚିମବଙ୍ଗ ଓ ଗ୍ୟାଙ୍ଗଟକ୍‌ର ୫୦ଟି ସ୍ଥାନରେ ଚଢ଼ାଉ କରିଥିଲା। ଗ୍ୟାଙ୍ଗଟକ୍‌ରେ ପୋଷ୍ଟିଂ ହୋଇଥିବା କର୍ମଚାରୀ ଓ ଜଣେ ମଧ୍ୟସ୍ଥଙ୍କୁ ସିବିଆଇ ଅଟକ ରଖି ପଚରାଉଚରା ଚଳାଇଛି। କୋଲକାତାସ୍ଥିତ ପାସ୍‌ପୋର୍ଟ କାର୍ଯ୍ୟାଳୟ ସମେତ ସଲ୍ଟ ଲେକ୍ ଏବଂ ହାଓଡ଼ାର କେତେକ ସ୍ଥାନରେ ସିବିଆଇ ଚଢ଼ାଉ ଜାରି ରଖିଛି। ଶନିବାର ଭୋର ସମୟରେ ସିବିଆଇ ଟିମ୍ ହାଓଡ଼ା ଜିଲାର ଉଲୁବେରିଆରେ ଜଣେ ପାସ୍‌ପୋର୍ଟ କର୍ମଚାରୀଙ୍କ ଘରେ ଶନିବାର ଭୋର ସମୟରେ ଅଚାନକ ଚଢ଼ାଉ କରିଥିଲା। ତଦନ୍ତ ଅଧିକାରୀମାନେ ସମ୍ପୃକ୍ତ ବ୍ୟକ୍ତିଙ୍କୁ ୬ ଘଣ୍ଟା ଜେରା କରିବା ପରେ ସାଙ୍ଗରେ ନେଇଯାଇଛନ୍ତି।

### ମୁଖ୍ୟ ବିଚାରପତିଙ୍କ ଶପଥକୁ ଚ୍ୟାଲେଞ୍ଜ କରିଥିବା ବ୍ୟକ୍ତିଙ୍କୁ ୫ ଲକ୍ଷ ଜରିମାନା

ନୂଆଦିଲ୍ଲୀ,୧୪।୧୦(ପି.ଟି.)

ବମ୍ବେ ହାଇକୋର୍ଟର ମୁଖ୍ୟ ବିଚାରପତିଙ୍କ ଶପଥ ଗ୍ରହଣକୁ ତ୍ରୁଟିପୂର୍ଣ୍ଣ ଦର୍ଶାଇ ସୁପ୍ରିମକୋର୍ଟରେ ଜନସ୍ୱାର୍ଥ ମାମଲା ଦାଏର କରିଥିବା ଜଣେ ବ୍ୟକ୍ତିଙ୍କୁ ୫ ଲକ୍ଷ ଟଙ୍କା ଗଣିବାକୁ ପଡ଼ିବ। ନିଜର ପ୍ରଚାର ପାଇଁ ଏଭଳି ଫାଲ୍‌ତୁ ଉଦ୍ୟମକୁ ପ୍ରଧାନ ବିଚାରପତି ଡି.ୱାଇ. ଚନ୍ଦ୍ରଚୂଡ଼ଙ୍କ ଖଣ୍ଡପୀଠ ନିନ୍ଦା କରିବା ସହ ସମ୍ପୃକ୍ତ ବ୍ୟକ୍ତି ୫ ଲକ୍ଷ ଟଙ୍କା ଜରିମାନା ଦାଖଲ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। କେନ୍ଦ୍ର ସରକାରଙ୍କ ଅନୁମୋଦନ ପରେ ହାଇକୋର୍ଟ ମୁଖ୍ୟ ବିଚାରପତିଙ୍କୁ ରାଜ୍ୟପାଳ ଶପଥ ପାଠ କରାଇଥିଲେ। ଏହା ଉପରେ ପ୍ରତିବାଦ କରାଯାଇପାରିବ ନାହିଁ ବୋଲି ଖଣ୍ଡପୀଠ କହିଛନ୍ତି। ଆବେଦନକାରୀଙ୍କ ଏଭଳି ପିଟିଶନ ଅଦାଲତଙ୍କ ସମୟ ବରବାଦ କରିବା ସହ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରୁ କୋର୍ଟଙ୍କ ନଜର ହଟାଇବା ପାଇଁ ଉଦ୍ଦିଷ୍ଟ ବୋଲି ଜଷ୍ଟିସ୍ ଜେ.ବି. ପର୍ଡିୱାଲା ଏବଂ ମନୋଜ ମିଶ୍ରାଙ୍କୁ ନେଇ ଗଠିତ ଖଣ୍ଡପୀଠ କହିଛନ୍ତି।

# ୨ ହମାସ୍ କମାଣ୍ଡର ନିହତ



ଗାଜା ଷ୍ଟ୍ରିପ୍‌ର ଦକ୍ଷିଣ ଭାଗରେ ଇସ୍ରାଏଲ ବୋମା ମାଡ଼ରେ ଧ୍ୱଂସ ହୋଇଯାଇଥିବା ବିଲ୍ଡିଂର ଭଗ୍ନାବଶେଷ ଉପରେ ଲୋକେ ଚାଲୁଛନ୍ତି।

■ମୃତ୍ୟୁସଂଖ୍ୟା ୩,୫୦୦ ଟପିଲା
■୪ ଲକ୍ଷ ପାଲେଷ୍ଟିନୀୟ ଘର ଛାଡ଼ିଲେଣି

ଜେରୁଜେଲମ୍/ଗାଜା ସିଟି,୧୪।୧୦

ସପ୍ତାହେ ପୂର୍ବରୁ ସୀମା ଅତିକ୍ରମ କରି ଇସ୍ରାଏଲ୍‌ରେ ଆକ୍ରମଣ କରିଥିବା ୨ ହମାସ୍ କମାଣ୍ଡର ନିହତ ହୋଇଥିବା ଶନିବାର ଇସ୍ରାଏଲ୍ ସେନା ପକ୍ଷରୁ କୁହାଯାଇଛି। ସେମାନେ ହେଲେ ମେରାଦ ଅବୁ ମେରାଦ ଏବଂ ଅଲି କାଦି। ମେରାଦ ହମାସ୍‌ର ରକେଟ୍ ଆକ୍ରମଣର ମୁଖ୍ୟ ଥିବାବେଳେ କମାଣ୍ଡୋ ଫୋର୍ସର କମାଣ୍ଡର ଥିଲେ କାଦି। ଇସ୍ରାଏଲ୍ ଉପରେ ଆକ୍ରମଣର ନେତୃତ୍ୱ ନେଉଥିବା ନୁଖ୍‌ବା ୟୁନିଟ୍ କମାଣ୍ଡର କାଦି ଗତ ୭ ତାରିଖରେ ଇସ୍ରାଏଲୀ ସେନାର ଡ୍ରୋନ୍ ଆକ୍ରମଣରେ ନିହତ ହୋଇଛନ୍ତି। ଶୁକ୍ରବାର ଆଇଡିଏଫ୍ ସ୍ଥଳଭାଗରେ ଆକ୍ରମଣ ଆରମ୍ଭ କରିବା ପୂର୍ବରୁ ଉତ୍ତର ଗାଜା ଷ୍ଟ୍ରିପ୍‌ରୁ ୧୦ ଲକ୍ଷ ଲୋକମାନଙ୍କୁ ଦକ୍ଷିଣ ଭାଗକୁ ପଳାଇଯିବା ପାଇଁ ନିର୍ଦ୍ଦେଶ ଦେଇଥିଲା। ବର୍ତ୍ତମାନ ସୁଦ୍ଧା ୪ ଲକ୍ଷରୁ ଊର୍ଦ୍ଧ୍ୱ ପାଲେଷ୍ଟିନୀୟ ଘରଦ୍ୱାର ଛାଡ଼ି ପଳାଇଗଲେଣି। ଗତ ୨୪ ଘଣ୍ଟା ମଧ୍ୟରେ ଇସ୍ରାଏଲୀ ସେନା ଗାଜା ଉତ୍ତର ଭାଗର ଅନେକ ଅଞ୍ଚଳରେ ଚଢ଼ାଉ ଜାରି ରଖିଛି। ଉକ୍ତ ଅଞ୍ଚଳରୁ ଆତଙ୍କବାଦୀ ଓ ଅସ୍ତ୍ରଶସ୍ତ୍ର ଖୋଜା ଚାଲିଛି। ଏଥିସହିତ ଦକ୍ଷିଣ ଇସ୍ରାଏଲରୁ ଅପହୃତ ହୋଇଥିବା ଲୋକମାନଙ୍କୁ ମଧ୍ୟ ଇସ୍ରାଏଲୀ ସେନା ଖୋଜୁଛି। ଗତ ସପ୍ତାହର ଆକ୍ରମଣ ବେଳେ ହମାସ୍ ଆତଙ୍କବାଦୀମାନେ ୧୫୦ରୁ ଊର୍ଦ୍ଧ୍ୱ ଇସ୍ରାଏଲୀ ଓ ବିଦେଶୀ ନାଗରିକଙ୍କୁ ଅପହରଣ କରିନେଇଥିଲେ।

ଯୁଦ୍ଧକୁ ଗୋଟିଏ ସପ୍ତାହ ବିତିଥିବାବେଳେ ମୃତ୍ୟୁସଂଖ୍ୟା ୩,୫୦୦ ଅତିକ୍ରମ କରିଛି। ଇସ୍ରାଏଲୀ ସେନାର କ୍ରମାଗତ ଏୟାରଷ୍ଟ୍ରାଇକ୍‌ରେ ଗାଜା ଷ୍ଟ୍ରିପ୍‌ର ୭୨୪ ଶିଶୁଙ୍କ ସମେତ ୨,୨୧୫ ଜଣ ପ୍ରାଣ ହରାଇଲେଣି। ସେହିପରି ହମାସ୍ ବିଦ୍ରୋହୀଙ୍କ ଆକ୍ରମଣରେ ୧,୩୦୦ରୁ ଅଧିକ ଇସ୍ରାଏଲୀ ନିହତ ହୋଇଥିବା ଜଣାପଡ଼ିଛି। ଉକ୍ତ ଅଞ୍ଚଳରେ ହିଂସା ବଢ଼ିବା ସହ ଉତ୍ତେଜନା ମଧ୍ୟପ୍ରାଚ୍ୟର ଅନ୍ୟାନ୍ୟ ଦେଶକୁ ବ୍ୟାପିବାରେ ଲାଗିଛି। ବିଭିନ୍ନ ସହରରେ ପାଲେଷ୍ଟିନୀୟଙ୍କ ସମର୍ଥନରେ ଓ ଇସ୍ରାଏଲ୍‌ର ଏୟାର ଷ୍ଟ୍ରାଇକ୍‌କୁ ନିନ୍ଦା କରି ବିକ୍ଷୋଭ ପ୍ରଦର୍ଶନ କରାଯାଉଛି। ବେରୁଟ୍, ଇରାକ, ଇରାନ, ଜୋର୍ଡାନ ଏବଂ ବାହାରିନ୍‌ରେ ପାଲେଷ୍ଟାଇନ୍ ସମର୍ଥନରେ ହଜାର ହଜାର ଲୋକ ବିକ୍ଷୋଭରେ ସାମିଲ ହୋଇଛନ୍ତି। ଇସ୍ରାଏଲ୍ ବୋମା ଓ ରକେଟ ମାଡ଼ ଜାରି ରଖିଥିବାବେଳେ ଆହତମାନଙ୍କ ଚିକିତ୍ସା ଲାଗି ଗାଜା ହସ୍ପିଟାଲଗୁଡ଼ିକରେ ସମସ୍ୟା ଦେଖାଦେଇଛି। ସେଠାର ସ୍ୱାସ୍ଥ୍ୟସେବା ବ୍ୟବସ୍ଥା ଏକପ୍ରକାର ଅଚଳ ହୋଇପଡ଼ିଛି।

### ଯୁଦ୍ଧରେ ସାମିଲହେବ ହେଜ୍‌ବୋଲ୍ଲା

ବେରୁଟ୍,୧୪।୧୦

ଇସ୍ରାଏଲ ବିରୋଧୀ ଯୁଦ୍ଧରେ ପାଲେଷ୍ଟିନୀୟ ସହଯୋଗୀ ହମାସ୍ ସହ ଯୋଗଦେବାକୁ ଲେବାନନ୍‌ର ଇରାନ ସମର୍ଥିତ ହେଜବୋଲ୍ଲା ମୁଭ୍‌ମେଣ୍ଟ ପୂର୍ଣ୍ଣ ପ୍ରସ୍ତୁତ ବୋଲି କହିଛି। ୭ ଦିନ ହେଲା ଇସ୍ରାଏଲ୍ ସେନା ଓ ହମାସ୍ ମଧ୍ୟରେ ଘମାଘୋଟ ଲଢ଼େଇ ଜାରି ରହିଥିବାବେଳେ ହେଜ୍‌ବୋଲ୍ଲା ଉପମୁଖ୍ୟ ନଇମ୍ କାସିମ ଏହା କହିଛନ୍ତି। ଯୋଜନା ଅନୁଯାୟୀ ଆମେ ହମାସ୍‌କୁ ସମସ୍ତ ସହଯୋଗ ଯୋଗାଇଦେବୁ। ଆମେ ପୂର୍ଣ୍ଣ ପ୍ରସ୍ତୁତ ଓ ସମୟ ଆସିଲେ ଆମେ କାର୍ଯ୍ୟାନୁଷ୍ଠାନ ନେବୁ ବୋଲି କାସିମ୍ କହିଛନ୍ତି। ସୂଚନାଯୋଗ୍ୟ, ଇସ୍ରାଏଲୀ ସେନା ଗାଜା ଷ୍ଟ୍ରିପ୍ ଉପରେ ଆକ୍ରମଣ କରିବା ସହ ହେଜବୋଲ୍ଲା ଏବଂ ଲେବାନନ୍‌ରେ ଥିବା ପାଲେଷ୍ଟିନୀୟ ସହଯୋଗୀ ଗୋଷ୍ଠୀ ଉପରେ ମଧ୍ୟ ଆକ୍ରମଣ କରିଛି। ଶୁକ୍ରବାର ଦକ୍ଷିଣ ଲେବାନନ୍ ଉପରେ ଇସ୍ରାଏଲ୍‌ର ଶେଲ୍ ମାଡ଼ରେ ରଏଟରର ଜଣେ ଖବରଦାତା ନିହତ ହେବା ସହ ଏଏଫ୍‌ପି, ରଏଟର ଏବଂ ଅଲ୍ ଜଜିରାର ୬ ଜଣ ଆହତ ହୋଇଛନ୍ତି।

### ଇସ୍ରାଏଲ୍‌ରୁ ଫେରିଲେଣି ୪୪୭ ଭାରତୀୟ

ଜେରୁଜେଲମ୍,୧୪।୧୦

ଯୁଦ୍ଧ ଲାଗିରହିଥିବା ଇସ୍ରାଏଲ୍‌ରୁ ଦୁଇଦିନରେ ୪୪୭ ଭାରତୀୟ ନୂଆଦିଲ୍ଲୀ ଫେରିଲେଣି। ଶନିବାର ଆଉ ଦୁଇଟି ସ୍ୱତନ୍ତ୍ର ବିମାନରେ ଅଧିକ ଭାରତୀୟ ଫେରିବେ ବୋଲି ତେଲ୍ ଆଭିଭ୍‌ସ୍ଥିତ ଭାରତୀୟ ଦୂତାବାସ ପକ୍ଷରୁ ସୂଚନା ଦିଆଯାଇଛି। ଇସ୍ରାଏଲ୍‌ରୁ ଭାରତୀୟମାନଙ୍କୁ ସୁରକ୍ଷିତ ଭାବେ ଫେରାଇ ଆଣିବା ଲାଗି କେନ୍ଦ୍ର ସରକାର ଗତ ୧୨ ତାରିଖରୁ 'ଅପରେଶନ ଅଜୟ' ଆରମ୍ଭ କରିଥିବାବେଳେ ଉକ୍ତ ସ୍ୱତନ୍ତ୍ର ବିମାନ ଏହାର ଅଂଶବିଶେଷ। ଉକ୍ତ ବିମାନ ଦୁଇଟିରେ ଯଥାକ୍ରମେ ୨୩୦ ଓ ୩୩୦ ଭାରତୀୟ ଫେରିବେ। ଶୁକ୍ରବାର ସକାଳେ ପ୍ରଥମ ପର୍ଯ୍ୟାୟରେ ୨୧୨ ଜଣ ଫେରିଥିବାବେଳେ ଶନିବାର ସକାଳେ ଆଉ ୨୩୫ ଜଣ ଦିଲ୍ଲୀରେ ପହଞ୍ଚିଛନ୍ତି।

### ଜରୁରୀ ବୈଠକ ଡାକିଲେ ଓଆଇସି

ଇସ୍ରାଏଲ୍-ଗାଜା ଯୁଦ୍ଧକୁ ନେଇ ଆଲୋଚନା କରିବା ଲାଗି ଇସ୍‌ଲାମୀୟ ରାଷ୍ଟ୍ରଗୋଷ୍ଠୀ ପକ୍ଷରୁ ସାଉଦି ଆରବରେ ଏକ ଜରୁରୀ ତଥା ଅସାଧାରଣ ବୈଠକ ଡକାଯାଇଛି। ସାମରିକ ଉତ୍ତେଜନା ହ୍ରାସ କରିବା ସହ ପ୍ରତିରକ୍ଷାରୁ ବଞ୍ଚିତ ଗାଜାର ସାଧାରଣ ଜନତାଙ୍କ ପ୍ରତି ଦେଖାଦେଇଥିବା ବିପଦ ଟାଳିବା ପାଇଁ ଅର୍ଗାନାଇଜେଶନ ଅଫ୍ ଇସ୍‌ଲାମିକ୍ କୋଅପରେଶନ (ଓଆଇସି) ପକ୍ଷରୁ ଏହି ବୈଠକର ଆହ୍ୱାନ କରାଯାଇଛି। ଜେଦାରେ ବୁଧବାର ଏହି ବୈଠକ ଅନୁଷ୍ଠିତ ହେବ। ସଦସ୍ୟ ରାଷ୍ଟ୍ରଗୁଡ଼ିକ ଯୋଗଦେବା ଲାଗି ଇସ୍‌ଲାମୀୟ ସମିଟ୍‌ର ଅଧ୍ୟକ୍ଷ ଥିବା ସାଉଦି ଆରବ ଆମନ୍ତ୍ରଣ କରିଛି। ଜାତିସଂଘ ପରେ ଓଆଇସି ହେଉଛି ଦ୍ୱିତୀୟ ବୃହତ ସଂଗଠନ ଯେଉଁଥିରେ ୪ ମହାଦେଶରୁ ୫୭ ରାଷ୍ଟ୍ର ସଦସ୍ୟ ରହିଛନ୍ତି। ଏହାକୁ ମୁସଲମାନ ଜଗତର ସାମୂହିକ ସ୍ୱର ବୋଲି କୁହାଯାଇଥାଏ।

### ସ୍ୱାଧୀନ ପାଲେଷ୍ଟାଇନ୍ ପାଇଁ ନ୍ୟୁୟର୍କରେ ବିକ୍ଷୋଭ




ପାଲେଷ୍ଟାଇନ୍‌କୁ ମୁକ୍ତ କର ଦାବିରେ ଆମେରିକାର ନ୍ୟୁୟର୍କରେ ଶୁକ୍ରବାର ଜୋର୍‌ଦାର ବିକ୍ଷୋଭ ହୋଇଛି। ଗାଜା ଷ୍ଟ୍ରିପ୍‌ରେ ଇସ୍ରାଏଲୀ ବୋମାମାଡ଼କୁ ବିରୋଧକରି ହଜାର ହଜାର ବିକ୍ଷୋଭକାରୀ ରାସ୍ତାକୁ ଓହ୍ଲାଇଥିଲେ। ଇସ୍ରାଏଲ୍ ଦଖଲରୁ ମୁକ୍ତ କରି ପାଲେଷ୍ଟିନୀୟ ଅଞ୍ଚଳକୁ ସ୍ୱାଧୀନ କରିବା ପାଇଁ ବିକ୍ଷୋଭକାରୀମାନେ ଆହ୍ୱାନ ଦେଇଛନ୍ତି। ଏହି ବିକ୍ଷୋଭରେ ବିଭିନ୍ନ ଧର୍ମ ଓ ଦେଶର ଲୋକେ ସାମିଲ ହୋଇଥିଲେ। ଇସ୍ରାଏଲ୍ ଗଣହତ୍ୟା ଚଳାଇଛି। ଏହି ମଧ୍ୟପ୍ରାଚ୍ୟ ସହଯୋଗୀଠାରୁ ଆମେରିକା ସମର୍ଥନ ପ୍ରତ୍ୟାହାର କରୁ ବୋଲି ସେମାନେ ଦାବି କରିଛନ୍ତି।

## ଭାରତ-ଶ୍ରୀଲଙ୍କା ଫେରି ସେବା ଆରମ୍ଭ




ନୂଆଦିଲ୍ଲୀ,୧୪।୧୦

ଦୀର୍ଘ ୪୧ ବର୍ଷର ବ୍ୟବଧାନ ପରେ ଭାରତ ଏବଂ ଶ୍ରୀଲଙ୍କା ମଧ୍ୟରେ ଫେରି ସେବା ଶନିବାର ଆରମ୍ଭ ହୋଇଛି। ଦୁଇ ଦେଶ କୂଟନୈତିକ ଏବଂ ଅର୍ଥନୈତିକ ସମ୍ପର୍କରେ ଏକ ନୂଆ ଅଧ୍ୟାୟ ଆରମ୍ଭ କରିବାକୁ ଯାଉଛନ୍ତି ବୋଲି ଫେରି ସେବା ଶୁଭାରମ୍ଭ କରିବା ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କହିଛନ୍ତି। ତାମିଲନାଡୁର ନାଗପଟ୍ଟିନମ୍ ଏବଂ ଜାଫନାର କଙ୍କେସନ୍ତୁରାଇ ମଧ୍ୟରେ ଏହି ଫେରି ସେବା ଆରମ୍ଭ ହୋଇଛି, ଯାହା ସମସ୍ତ ଐତିହାସିକ ଏବଂ ସାଂସ୍କୃତିକ ସମ୍ପର୍କକୁ ଉଜ୍ଜୀବିତ କରିଛି ବୋଲି ଏହି ଅବସରରେ ଏକ ଭିଡିଓ ବାର୍ତ୍ତାରେ ପ୍ରଧାନମନ୍ତ୍ରୀ କହିଛନ୍ତି। ଫେରି ସେବା କେବଳ ଦୁଇଟି ସହରକୁ ନିକଟତର କରାଇବ ନାହିଁ, ଏହା ଦୁଇ ଦେଶକୁ, ଏହାର ଜନସାଧାରଣଙ୍କୁ ଏବଂ ଆମର ହୃଦୟକୁ ନିକଟତର କରାଇବ ବୋଲି ମୋଦି କହିଛନ୍ତି। ଦୀର୍ଘବର୍ଷ ପରେ ଫେରି ସେବା ଆରମ୍ଭ ହୋଇଥିବାରୁ ଶ୍ରୀଲଙ୍କା ରାଷ୍ଟ୍ରପତି ରାନିଲ ବିକ୍ରମ ସିଂଘେ ଏହାକୁ ସ୍ୱାଗତ କରିବା ସହ ଏହା ଦୁଇ ଦେଶ ମଧ୍ୟରେ ଯୋଗାଯୋଗ, ବାଣିଜ୍ୟ ଓ ସାଂସ୍କୃତିକ ସମ୍ପର୍କ ବଢ଼ାଇବାରେ ସହାୟକ ହେବ ବୋଲି କହିଛନ୍ତି।

### ୟୁଟ୍ୟୁବର୍‌ଙ୍କୁ ଲିଗାଲ ନୋଟିସ ପଠାଇଲେ ସୋନମ

ନୂଆଦିଲ୍ଲୀ,୧୪।୧୦

ଅଭିନେତ୍ରୀ ସୋନମ କପୁରଙ୍କ ଏକ ଭିଡିଓ ଉପରେ ସେ ଦେଇଥିବା ମନ୍ତବ୍ୟକୁ ପରିହାସ କରି ଜଣେ ୟୁଟ୍ୟୁବର ପୋଷ୍ଟ କରିଥିଲେ। ସୋନମ ତାଙ୍କ ନିକଟକୁ ଲିଗାଲ ନୋଟିସ ପଠାଇଛନ୍ତି। କଣ୍ଟେଣ୍ଟ କ୍ରିଏଟର ରାଗିନୀ ଦ୍ୱାରା ପୋଷ୍ଟ ହୋଇଥିବା ଭିଡିଓ ଅଭିନେତ୍ରୀଙ୍କ ସମେତ ତାଙ୍କ ସ୍ୱାମୀ ଆନନ୍ଦ ଆହୁଜା ଓ ସେମାନଙ୍କ ଫେଶନ ବ୍ରାଣ୍ଡର ଖ୍ୟାତି ଉପରେ ପ୍ରତିକୂଳ ପ୍ରଭାବ ପକାଇଛି। ଉକ୍ତ ପୋଷ୍ଟକୁ ଡିଲିଟ୍ କରିବା ସହ ୟୁଟ୍ୟୁବର ତାଙ୍କ ପ୍ଲାଟଫର୍ମକୁ ଏଭଳି କାର୍ଯ୍ୟରେ ବ୍ୟବହାର ନ କରିବାକୁ ନୋଟିସରେ ସତର୍କ କରିଦିଆଯାଇଛି।



ସୋନମ କପୁର

### ମାଓବାଦୀଙ୍କୁ ଅସ୍ତ୍ର ଯୋଗାଣ ୨୪ ପୋଲିସଙ୍କୁ ଜେଲ

ରାମପୁର,୧୪।୧୦

୨୦୧୦ରେ ମାଓବାଦୀ ଓ ଆତଙ୍କବାଦୀମାନଙ୍କୁ ଅସ୍ତ୍ର ଓ ଗୁଳିଗୋଳା ଯୋଗାଇଥିବା ସିଆର୍‌ପିଏଫ୍‌ର ୨ ଯବାନଙ୍କ ସମେତ ୨୪ ପୋଲିସ କର୍ମଚାରୀଙ୍କୁ ସ୍ଥାନୀୟ ଅଦାଲତ ୧୦ ବର୍ଷ ଲେଖାଏ ଜେଲ ଦଣ୍ଡାଦେଶ ଶୁଣାଇଛନ୍ତି। ସ୍ୱତନ୍ତ୍ର ବିଚାରପତି ବିଜୟ କୁମାର ଗୁରୁବାର ସେମାନଙ୍କୁ ଦୋଷୀସାବ୍ୟସ୍ତ କରିଥିଲେ। ଜେଲଦଣ୍ଡ ସହ ସେମାନଙ୍କ ଉପରେ ୧୦ ହଜାର ଟଙ୍କା ଲେଖାଏ ଜରିମାନା ଧାର୍ଯ୍ୟ ହୋଇଛି। ବିଚାର ଚାଲିଥିବାବେଳେ ମୁଖ୍ୟ ଅଭିଯୁକ୍ତ ତଥା ପ୍ରୟାଗରାଜର ଅବସରପ୍ରାପ୍ତ ପୋଲିସ ସବ୍‌ଇନ୍ସପେକ୍ଟର ଯଶୋଦାନନ୍ଦଙ୍କର ମୃତ୍ୟୁ ଘଟିଥିଲା। ଦୋଷୀଙ୍କ ମଧ୍ୟରେ ସିଆର୍‌ପିଏଫ୍‌ର ହାବିଲଦାର ବିନୋଦ ପାଶ୍ୱାନ ଏବଂ ଭିନେଶ କୁମାର ରହିଛନ୍ତି। ଦୋଷୀଙ୍କ ମଧ୍ୟରେ ୩ ଜଣ ସାଧାରଣ ନାଗରିକ ମଧ୍ୟ ରହିଛନ୍ତି।

### ଅଗଷ୍ଟ ୨୩ 'ଜାତୀୟ ମହାକାଶ ଦିବସ' ଘୋଷିତ

ନୂଆଦିଲ୍ଲୀ,୧୪।୧୦

ଭାରତ ସରକାର ଅଗଷ୍ଟ ୨୩କୁ 'ଜାତୀୟ ମହାକାଶ ଦିବସ' ଭାବେ ଶନିବାର ଘୋଷଣା କରିଛନ୍ତି। ଏହି ଦିନ ଚନ୍ଦ୍ରୟାନ-୩ର ଲ୍ୟାଣ୍ଡର ବିକ୍ରମ ଚନ୍ଦ୍ରର ଦକ୍ଷିଣ ପାର୍ଶ୍ୱରେ ସଫଳତାର ସହ ସଫ୍ଟ ଲ୍ୟାଣ୍ଡିଂ କରିଥିବାରୁ ଏହାକୁ ସ୍ମରଣୀୟ କରିବା ପାଇଁ କେନ୍ଦ୍ର ସରକାର ଉପରୋକ୍ତ ନିଷ୍ପତ୍ତି ନେଇଛନ୍ତି। ଭାରତୀୟ ମହାକାଶ ଗବେଷଣା ସଂସ୍ଥା (ଇସ୍ରୋ)ର ଚନ୍ଦ୍ରୟାନ-୩ର ସଫଳତା ଯୋଗୁ ଭାରତ ପ୍ରଥମ ଦେଶ ଭାବେ ଚନ୍ଦ୍ରର ଦକ୍ଷିଣ ମେରୁରେ ପହଞ୍ଚି ଇତିହାସ ସୃଷ୍ଟି କରିଥିଲା।

ଇସ୍ରୋର ଚନ୍ଦ୍ରୟାନ-୨ର ଲ୍ୟାଣ୍ଡର ସଫ୍ଟ ଲ୍ୟାଣ୍ଡିଂ କରିବାରେ ବିଫଳ ହୋଇଥିଲା। ଅଗଷ୍ଟ ୨୩ରେ ଚନ୍ଦ୍ରୟାନ-୩ ଲ୍ୟାଣ୍ଡର ବିକ୍ରମ ଚନ୍ଦ୍ରପୃଷ୍ଠରେ ଅବତରଣ କରିବା ପରେ ଏହି ପ୍ରାକୃତିକ ଉପଗ୍ରହରେ ପହଞ୍ଚିଥିବା ହାତ ଗଣତି ଦେଶ ମଧ୍ୟରେ ଭାରତ ସାମିଲ ହୋଇଥିଲା ଏବଂ ଦକ୍ଷିଣ ମେରୁରେ ଅବତରଣରେ ପ୍ରଥମ ଦେଶ ହେବାର ଗୌରବ ଅର୍ଜନ କରିଥିଲା। ସେଠାରେ ରୋଭର ପ୍ରଜ୍ଞାନ ଏବଂ ଲ୍ୟାଣ୍ଡର ବିକ୍ରମ ସଫଳତାର ସହ ୧୪ ଦିନ କାର୍ଯ୍ୟ କରିବା ସହ ଇସ୍ରୋକୁ ବହୁ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ଓ ଫଟୋ ପଠାଇଥିଲେ। ଏହି ଐତିହାସିକ ମିଶନର ଫଳାଫଳ ଆଗାମୀ ଦିନରେ ମାନବ ସମାଜ ପାଇଁ ଲାଭଦାୟକ ହେବ ବୋଲି କୁହାଯାଉଛି। ମହାକାଶ ମିଶନରେ ଭାରତର ଏହି ସଫଳତା ଏକ ଗୁରୁତ୍ୱପୂର୍ଣ୍ଣ ମାଇଲ୍ ଖୁଣ୍ଟ ଏବଂ ଏହା ଯୁବ ପିଢ଼ିଙ୍କୁ ଅନୁପ୍ରାଣିତ କରିବା ସହ ମହାକାଶ କ୍ଷେତ୍ରରେ ଗବେଷଣାକୁ ଆଗେଇନେବାରେ ସହାୟକ ହେବ ବୋଲି ସରକାରଙ୍କ ପକ୍ଷରୁ ଜାରି ବିଜ୍ଞପ୍ତିରେ କୁହାଯାଇଛି।

### ବୋମା ଆତଙ୍କ: ଫ୍ରାନ୍ସର ଲୁଭ୍ରେ ମ୍ୟୁଜିୟମ, ଭର୍ସାଇଲ୍ସ ପ୍ୟାଲେସ୍ ଖାଲି ହେଲା

ପ୍ୟାରିସ୍,୧୪।୧୦



ବୋମା ରହିଥିବାର ଖବର ମିଳିବା ପରେ ଶନିବାର ପ୍ୟାରିସ୍‌ର ଲୁଭ୍ରେ ସଂଗ୍ରହାଳୟ ଏବଂ ଭର୍ସାଇଲ୍ସ ପ୍ୟାଲେସ୍‌ରୁ ସମସ୍ତ ଦର୍ଶକ ଏବଂ କର୍ମଚାରୀଙ୍କୁ ଖାଲି କରିଦିଆଯାଇଛି। ଦିନକ ପୂର୍ବରୁ ଏକ ସ୍କୁଲ୍‌ରେ ସନ୍ଦିଗ୍ଧ ଉଗ୍ରପନ୍ଥୀ ଆକ୍ରମଣ କରିବା ପରେ ଫ୍ରାନ୍ସ ହାଇ ସିକ୍ୟୁରିଟି ଆଲର୍ଟରେ ରହିଛି। ବୋମା ଥିବା ନେଇ ଏକ ଚିଠି ମିଳିବା ପରେ ପୋଲିସ ଅଧିକାରୀମାନେ ମ୍ୟୁଜିୟମ୍‌ର ତଲାସି ନେଇଥିଲେ। ସେହିପରି ଭର୍ସାଇଲ୍ସଠାରେ ଥିବା ପୂର୍ବତନ ରାଜପ୍ରାସାଦରେ ବୋମା ଥିବା ଖବର ମିଳିବାରୁ ପୋଲିସ ସେଠାରେ ପହଞ୍ଚି ଯାଞ୍ଚ କରିଥିଲା। ଉଭୟ କୀର୍ତ୍ତିରାଜିକୁ ପୋଲିସ ଚାରିପଟୁ ଘେରିରହିଛି।

## ଗିନିଜ୍ ବୁକ୍‌ରେ ଭାରତର ୬୦ ରେକର୍ଡ

ନୂଆଦିଲ୍ଲୀ,୧୪।୧୦(ପି.ଟି.)

ଗିନିଜ୍ ବୁକ୍ ଅଫ୍ ୱାର୍ଲ୍ଡ ରେକର୍ଡସ୍‌ର ସଦ୍ୟତମ ସଂସ୍କରଣରେ ବିଶ୍ୱର ୨,୬୩୮ଟି ସଫଳତା ସ୍ଥାନ ପାଇଥିବାବେଳେ ସେଥିରୁ ଭାରତର ୬୦ରୁ ଊର୍ଦ୍ଧ୍ୱ ରେକର୍ଡ ରହିଛି। ଉକ୍ତ ରେକର୍ଡ ମଧ୍ୟରେ ମେଘାଳୟର ଚେରାପୁଞ୍ଜି ବୃଷ୍ଟିପାତ ଅନ୍ୟତମ। ୧୯୯୫ ଜୁନ୍ ୧୫-୧୬ରେ ଚେରାପୁଞ୍ଜିରେ ୪୮ ଘଣ୍ଟା ମଧ୍ୟରେ ରେକର୍ଡ ୮ ଫୁଟ୍ ୨ ଇଞ୍ଚ୍ ବର୍ଷା ହୋଇଥିଲା। ଏହା ବ୍ୟତୀତ ଭାରତୀୟ ଚିତ୍ରଶିଳ୍ପୀ କାନାୟୀ କୁନହିରାମନଙ୍କ ପ୍ରସ୍ତୁତ ବିଶ୍ୱର ସର୍ବବୃହତ ଜଳକନ୍ୟାକା ମୂର୍ତ୍ତି ୧୯୩୭ରୁ ଗିନିଜ୍ ବୁକ୍‌ରେ ରହିଆସିଛି। କେରଳ ଥିରୁଭାନନ୍ତପୁରମ୍‌ର ଶଙ୍ଖୁମୁଘମ୍ ବେଳାଭୂମିରେ ଥିବା ଏହି ମୂର୍ତ୍ତିର ଲମ୍ବ ୮୭ ଫୁଟ୍ ଓ ଉଚ୍ଚତା ୨୫ ଫୁଟ୍। ଏହା ବ୍ୟତୀତ କାର୍‌ରେ ପୃଥିବୀ ପରିକ୍ରମା କରିଥିବା ପ୍ରଥମ ତଥା ଦ୍ରୁତତମ ଦମ୍ପତି ଭାବେ ସାଲୁ ଚୌଧୁରୀ ଓ ନୀନା ଚୌଧୁରୀଙ୍କ ନାଁ ଗିନିଜ ବୁକ୍‌ରେ ରହିଛି। ସେମାନେ ହିନ୍ଦୁସ୍ତାନ କଣ୍ଟେସା କ୍ଲାସିକ୍‌ରେ ୬ଟି ମହାଦେଶ ଦେଇ ୪୦,୦୭୫ କିଲୋମିଟର ଡ୍ରାଇଭିଂ କରିଥିଲେ। ଏହି ଯାତ୍ରା ୧୯୮୯ ସେପ୍ଟେମ୍ବର ୯ରୁ ନୂଆଦିଲ୍ଲୀରୁ ଆରମ୍ଭ ହୋଇ ନଭେମ୍ବର ୧୭ରେ ନୂଆଦିଲ୍ଲୀରେ ଶେଷ ହୋଇଥିଲା। ଏଥିପାଇଁ ୬୯ ଦିନ ୧୯ ଘଣ୍ଟା ୫ ମିନିଟ୍ ଲାଗିଥିଲା। ଗିନିଜ୍ ରେକର୍ଡ ବୁକ୍‌ରେ ସ୍ଥାନ ପାଇଥିବା ଅନ୍ୟ ଭାରତୀୟଙ୍କ ମଧ୍ୟରେ ଅଛନ୍ତି ପଦ୍ମଶ୍ରୀ ପାଇଥିବା ତ୍ରିପୁରାର ଲୋକ ବାଦ୍ୟକାର ଥାଙ୍ଗା ଡାର୍ଲଙ୍ଗ। ସେ ୯୯ ବର୍ଷ ବୟସରେ ପାରମ୍ପରିକ ରୋସେମ୍ ବାଦ୍ୟ ବଜାଇଥିଲେ। ସେହିପରି ସବୁଠୁ ଗେଡ଼ା ମହିଳା ଭାବେ ନାଗପୁରର ଜ୍ୟୋତି ଆମ୍‌ଗେ (ଉଚ୍ଚତା ୬୨.୮ ସେମି) ଗିନିଜ୍ ବୁକ୍‌ରେ ସ୍ଥାନ ପାଇଥିଲେ। ସବୁଠୁ ଅଧିକ ସର୍ଚ୍ଚ କରାଯାଉଥିବା ବିଶ୍ୱ ଐତିହ୍ୟ ମଧ୍ୟରେ ଆଗ୍ରାର ତାଜମହଲ, ବିଶ୍ୱର ଦୀର୍ଘ, ଉଚ୍ଚତମ ଓ ଦାମୀ ବ୍ୟକ୍ତିଗତ ଅଟ୍ଟାଳିକା ଭାବେ ମୁକେଶ ଅମ୍ବାନୀଙ୍କ ଆଣ୍ଟିଲିଆ ରହିଛି।

## ପ୍ରଥମ ଅଗ୍ନିବୀରଙ୍କ ମୃତ୍ୟୁ ପରେ ସମ୍ମାନ ଦେଲାନି ସେନା

ମନସା(ପଞ୍ଜାବ),୧୪।୧୦

ଭାରତର ପ୍ରଥମ ଅଗ୍ନିବୀର ଭାବେ ପ୍ରାଣ ହରାଇଥିବା ପଞ୍ଜାବ ମନ୍‌ସା ଅଞ୍ଚଳର ଅମ୍ରିତ୍‌ପାଲ ସିଂଙ୍କ ଶେଷକୃତ୍ୟରେ ଭାରତୀୟ ସେନା ସାମିଲ ନ ହେବା ଏବଂ ଗାର୍ଡ ଅଫ୍ ଅନର ପ୍ରଦାନ କରା ନ ଯିବା ଦୁଃଖଦାୟକ। ଏପରି କି ତାଙ୍କ ମରଶରୀରକୁ ମଧ୍ୟ ସେନା ଗାଡ଼ିରେ ଜନ୍ମସ୍ଥାନକୁ ଅଣାଗଲା ନାହିଁ। ଏକ ଘରୋଇ ଆମ୍ବୁଲାନ୍ସ ଭଡ଼ାକରି ମୃତଦେହ ଗାଁକୁ ଅଣାଯାଇଥିବାବେଳେ ସାଙ୍ଗରେ ଜଣେ ଜେସିଓ ଏବଂ ଅନ୍ୟ ର୍‍ୟାଙ୍କର ୩ ଜଣ ଯବାନ ଆସିଥିଲେ।



ଅମ୍ରିତ୍‌ପାଲ ସିଂ

ସ୍ଥାନୀୟ ଲୋକଙ୍କ ଅନୁରୋଧକ୍ରମେ ପୋଲିସ ପକ୍ଷରୁ ଗାର୍ଡ ଅଫ୍ ଅନର ଦିଆଯାଇଥିଲା। ଜଣେ ଦିବଙ୍ଗତ ସୈନ୍ୟଙ୍କ ପ୍ରତି ସରକାରଙ୍କ ଏଭଳି ବ୍ୟବହାରକୁ ସମାଲୋଚନା କରାଯାଇଛି। ୧୯ ବର୍ଷୀୟ ଅମ୍ରିତପାଲ୍ ଗତ ମାସରେ ଜମ୍ମୁ-କଶ୍ମୀରର ପୁଞ୍ଚ୍‌ରେ ଡ୍ୟୁଟି ଆରମ୍ଭ କରିଥିବାବେଳେ ଅକ୍ଟୋବର ୧୧ରେ ରାଜୌରୀ ସେକ୍ଟରରେ କର୍ତ୍ତବ୍ୟରତ ଥିବାବେଳେ ନିଜ ବନ୍ଧୁକରୁ ଗୁଳି ଫୁଟିବାରୁ ତାଙ୍କ ମୃତ୍ୟୁ ଘଟିଥିବା କୁହାଯାଉଛି। ତାଙ୍କ ଶେଷକୃତ୍ୟ ଶୁକ୍ରବାର ଜନ୍ମସ୍ଥାନ ମନସାରେ ସମ୍ପନ୍ନ ହୋଇଛି। ପୁଅ ମୃତ୍ୟୁର ତଦନ୍ତ ଲାଗି ତାଙ୍କ ବାପା ଗୁରଦୀପ୍ ସିଂ ଦାବି କରିଛନ୍ତି। ମୃତ୍ୟୁର କାରଣ ଜାଣିବା ଲାଗି କୋର୍ଟ ଅଫ୍ ଇନ୍‌କ୍ୱାରିର ଆବଶ୍ୟକତା ରହିଛି। ଅନ୍ୟପକ୍ଷେ ଅଗ୍ନିବୀର ଅମ୍ରିତ ପାଲ୍ ନିଜେ ନିଜକୁ ମାରିଥିବାରୁ ତାଙ୍କୁ ଗାର୍ଡ ଅଫ୍ ଅନର ଦିଆଯାଇ ନାହିଁ ବୋଲି କର୍ ପକ୍ଷରୁ କୁହାଯାଇଛି। ଏହି ଘଟଣା ଅନେକ ସନ୍ଦେହ ସୃଷ୍ଟି କରିଛି। ଜଣେ ନବ ନିଯୁକ୍ତ ସୈନ୍ୟ ନିଜକୁ ନିଜେ କାହିଁକି ମାରିବେ ବୋଲି ପ୍ରଶ୍ନ ଉଠିଛି।

# ସୀମାନ୍ତ ଗ୍ରାମରେ ବିଶୃଙ୍ଖଳା କରୁଛି ଆନ୍ଧ୍ର

**ପଟ୍ଟାଙ୍ଗି,୧୪।୧୦(ଶରତ ଧଳ)**

ଓଡ଼ିଶାର ସୀମାନ୍ତ ଗ୍ରାମଗୁଡିକ ଉପରୁ ପଡ଼ୋଶୀ ଆନ୍ଧ୍ର ପ୍ରଦେଶର ନଜର ହଟୁନି। ଗତ ୮ରେ ଓଡ଼ିଶା ସୀମାନ୍ତରେ ଜଳପ୍ରକଳ୍ପ ନିର୍ମାଣ ଲାଗି ଆନ୍ଧ୍ର ପକ୍ଷରୁ ସର୍ଭେ କରାଯାଇଥିଲା। ଏହା ଜାଣିବା ପରେ ୯ରେ ଓଡ଼ିଶା ପକ୍ଷରୁ ପଟ୍ଟାଙ୍ଗି ବ୍ଲକ ପ୍ରଶାସନ ସମ୍ପୃକ୍ତ ସ୍ଥାନରେ ଚଢାଉକରି ଆନ୍ଧ୍ରର ସର୍ଭେରେ ବ୍ୟବହୃତ ସାମଗ୍ରୀ ଜବତ କରିବା ସହ ୩ଜଣ କର୍ମଚାରୀଙ୍କୁ ଅଟକ ରଖିଥିଲା। ସେମାନଙ୍କଠାରୁ ଲିଖିତ ଭାବେ ରଖିବା ପରେ ପୋଲିସ ସେମାନଙ୍କୁ ଛାଡିଥିଲା। ଏହା ସତ୍ତ୍ୱେ ଆନ୍ଧ୍ରର ଚେତା ପଶିନାହିଁ। ଘଟଣାର ୪ ଦିନ ପରେ ଆନ୍ଧ୍ର ପୁଣି ଓଡ଼ିଶା ସୀମାନ୍ତ ପଟ୍ଟାଙ୍ଗି ବ୍ଲକର ଏକ ଗ୍ରାମରେ ଅନୁପ୍ରବେଶ କରି ସ୍ୱାସ୍ଥ୍ୟସେବା ଶିବିର କରିଛି। ବାରମ୍ବାର ସୀମାନ୍ତ ଗ୍ରାମରେ ପଶି ଆନ୍ଧ୍ର ବିଶୃଙ୍ଖଳା ସୃଷ୍ଟି କରୁଛି। ଏନେଇ ସାଧାରଣରେ


ଆନ୍ଧ୍ରର ସାଲୁର ବ୍ଲକ ସ୍ୱାସ୍ଥ୍ୟବିଭାଗ ପକ୍ଷରୁ ଗାଲିଗାବଡାର ଗ୍ରାମରେ ଚାଲିଥିବା ସ୍ୱାସ୍ଥ୍ୟସେବା ଶିବିର।

ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଖବରରୁ ଜଣାପଡିଛି, ପଟ୍ଟାଙ୍ଗି ବ୍ଲକର ୧୫ କି.ମି. ଦୂରରେ ଥିବା ନୂଆଗାଁ ପଞ୍ଚାୟତର ଗାଲିଗାବଡାର ଗ୍ରାମରେ ଆନ୍ଧ୍ରର ମାନ୍ୟମ୍ ଜିଲା ପାର୍ବତୀପୁରମ୍ ଅନ୍ତର୍ଗତ ସାଲୁର ବ୍ଲକ ପ୍ରଶାସନ ଶୁକ୍ରବାର ଏକ ସ୍ୱାସ୍ଥ୍ୟ ପରୀକ୍ଷା ଶିବିର କରିଛି। ଗାଲିଗାବଡାରରେ ପହଞ୍ଚି ଏହି ସ୍ୱାସ୍ଥ୍ୟ ଟିମ୍ ଲୋକଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ସହ ଔଷଧ ବଣ୍ଟନ କରିଛି। ଏହି ଅବସରରେ ଲୋକଙ୍କୁ ମଧ୍ୟ ଭତ୍ତା ଓ ରାଶନ ସାମଗ୍ରୀ ବଣ୍ଟନ କରିଛନ୍ତି ଆନ୍ଧ୍ର କର୍ମଚାରୀ। ଏହି ଖବର ବ୍ଲକ ଅଧ୍ୟକ୍ଷା କଳ୍ପନା ପାଙ୍ଗୀ ପାଇଥିଲେ ମଧ୍ୟ ପଟ୍ଟାଙ୍ଗି ବ୍ଲକ ପ୍ରଶାସନ ନିକଟରେ ଖବର ନ ଥିଲଶ। ଫଳରେ ଏହି ସୁଯୋଗ ନେଇ ସୀମାନ୍ତରେ ନିଜ କାର୍ଯ୍ୟକ୍ରମ କରିବାକୁ ଆନ୍ଧ୍ରକୁ ବେଶ୍ ସୁହାଇଥିଲା। ବ୍ଲକ ଅଧ୍ୟକ୍ଷା ପାଙ୍ଗୀ ଘଟଣାସ୍ଥଳରେ ପହଞ୍ଚି ଅନୁପ୍ରବେଶକାରୀ ଆନ୍ଧ୍ର ସ୍ୱାସ୍ଥ୍ୟ ବିଭାଗ କର୍ମଚାରୀଙ୍କୁ ଓଡ଼ିଶାର ସୀମାନ୍ତ ଗ୍ରାମଗୁଡିକରେ କାହିଁକି ଅନୁପ୍ରବେଶ କରି ବିଶୃଙ୍ଖଳା ସୃଷ୍ଟି କରୁଛ ବୋଲି ପ୍ରଶ୍ନ କରିଥିଲେ। ସ୍ୱାସ୍ଥ୍ୟ ପରୀକ୍ଷା କାର୍ଯ୍ୟକ୍ରମ ବନ୍ଦ କରି ତୁରନ୍ତ ଉକ୍ତ ଗ୍ରାମ ଛାଡ଼ି ଚାଲିଯିବାକୁ ନିର୍ଦ୍ଦେଶ ଦେଇଥିଲେ। ଫଳରେ ଆନ୍ଧ୍ର ସ୍ୱାସ୍ଥ୍ୟ ଟିମ୍ ଘଟଣାସ୍ଥଳରୁ

**ଅନୁପ୍ରବେଶରେ ଲାଗୁନି ରୋକ୍**

ଚାଲିଯାଇଥିଲେ। ଏହି ସୂଚନା ପାଇ ଅପରାହ୍ନରେ ବିଡିଓ ସୁକାନ୍ତ ପଟ୍ଟନାୟକ ଗାଲିଗାବଡାର ଗ୍ରାମକୁ ଗସ୍ତ କରିଥିଲେ। ଶନିବାର ମଧ୍ୟ ସେ ଏହି ଗ୍ରାମକୁ ଯାଇ ଲୋକମାନଙ୍କ ସହ ଆଲୋଚନା କରିଥିଲେ। ବାହାର ରାଜ୍ୟର କର୍ମଚାରୀଙ୍କ ସ୍ୱାସ୍ଥ୍ୟସେବାର ସୁଯୋଗ ନ ନେବାକୁ ପରାମର୍ଶ ଦେଇଥିଲେ। ସରକାରଙ୍କ ପକ୍ଷରୁ ଏଠାରେ ଥିବା ସ୍ୱାସ୍ଥ୍ୟକେନ୍ଦ୍ରରୁ ଯେକୌଣସି ରୋଗ ପାଇଁ ଚିକିତ୍ସା କରି ଔଷଧ ନେବାକୁ ସେ କହିଥିଲେ। ସୂଚନାଯୋଗ୍ୟ, ଆନ୍ଧ୍ର କେବଳ କୋଟିଆ ପଞ୍ଚାୟତ ନୁହେଁ, କୋଟିଆ ସମେତ ଅନ୍ୟ ସୀମାନ୍ତ ପଞ୍ଚାୟତର ଗ୍ରାମଗୁଡିକରେ ଅନୁପ୍ରବେଶ କରି ନିଜର ସ୍ଥିତି ଜାହିର କରିବାକୁ ଉଦ୍ୟମ କରୁଛି।

## ୧୬ରୁ ବିଶ୍ୱ ଦକ୍ଷତା କେନ୍ଦ୍ରରେ ସ୍ପଟ୍ ନାମଲେଖା

**ଭୁବନେଶ୍ୱର, ୧୪।୧୦ (ଅସମାପିକା ସାହୁ)**

ବିଶ୍ୱ ଦକ୍ଷତା କେନ୍ଦ୍ରରେ ବିଭିନ୍ନ ଅତ୍ୟାଧୁନିକ ବିଷୟରେ ସ୍ପଟ୍ ନାମଲେଖା କରାଯିବ। ଏହି ପ୍ରକ୍ରିୟା ଆସନ୍ତା ୧୬ରୁ ୩୧ ତାରିଖ ପର୍ଯ୍ୟନ୍ତ ସକାଳ ୧୦ଟାରୁ ଅପରାହ୍ନ ୫ଟା ଯାଏ ଚାଲିବ। ଓଡ଼ିଶାର ଯୋଗ୍ୟ ତଥା ଆଗ୍ରହୀ ପ୍ରାର୍ଥୀମାନେ ଆବଶ୍ୟକ ପ୍ରମାଣପତ୍ର ଦାଖଲ କରି ନାମ ଲେଖାଇବାକୁ ବିଶ୍ୱ ଦକ୍ଷତା କେନ୍ଦ୍ର ପକ୍ଷରୁ ସୂଚନା ଦିଆଯାଇଛି। ଏହି ସ୍ପଟ୍ ନାମଲେଖା ସ୍କୁଲ ଅଫ୍ ଇଞ୍ଜିନିୟରିଂ ଏବଂ ସ୍କୁଲ ଅଫ୍ ସର୍ଭିସେସ୍ ପାଠ୍ୟକ୍ରମ ଅଧୀନରେ ଥିବା ମୋଟ ୭ଟି ବିଷୟରେ କରାଯିବ। ସ୍କୁଲ୍ ଅଫ୍ ଇଞ୍ଜିନିୟରିଂ ବିଭାଗ ଅଧୀନରେ ମେକାନିକାଲ ଆଣ୍ଡ୍ ଇଲେକ୍ଟ୍ରିକାଲ ସର୍ଭିସେସ୍, ଏୟାର କଣ୍ଡିସନିଂ ଆଣ୍ଡ୍ ରେଫ୍ରିଜରେଶନ୍, ଭର୍ଟିକାଲ ଟ୍ରାନ୍ସପୋର୍ଟେଶନ୍, ମେକାଟ୍ରୋନିକ୍ସ ଏବଂ ଇଲେକ୍ଟ୍ରିକାଲ ଟେକ୍ନୋଲୋଜି ଭଳି ୫ଟି ଅତ୍ୟାଧୁନିକ ବିଷୟ ରହିଛି। ପ୍ରାର୍ଥୀମାନେ ନିଜ ଆଧାରକାର୍ଡ ଏବଂ ପାସପୋର୍ଟ ଫଟୋ ସହିତ ମାଟ୍ରିକ, ଆଇଟିଆଇ କିମ୍ବା ଡିପ୍ଲୋମା ଏବଂ ସିଏଲ୍‌ସି ସାର୍ଟିଫିକେଟ ସାଙ୍ଗରେ ଆଣିବାକୁ କେନ୍ଦ୍ର ପକ୍ଷରୁ କୁହାଯାଇଛି। ଅନୁସୂଚିତ ଜାତି, ଜନଜାତି ଏବଂ ପଛୁଆ ବର୍ଗର ଛାତ୍ରୀଛାତ୍ରଙ୍କୁ ଜାତିଗତ ପ୍ରମାଣପତ୍ର ଆଣିବାକୁ ପରାମର୍ଶ ଦିଆଯାଇଛି। ସ୍ପଟ୍ ନାମଲେଖା ସମ୍ପର୍କରେ ପ୍ରାର୍ଥୀମାନେ ବିଶ୍ୱ ଦକ୍ଷତା କେନ୍ଦ୍ରର ୱେବ୍‌ସାଇଟରୁ www.worldskillcenter.org ରୁ ଅଧିକ ସୂଚନା ପାଇପାରିବେ। ତା'ଛଡ଼ା ୧୮୦୦ ୨୬୬ ୬୦୦୨/୦୬୭୪ ୨୫୮୦୦୭୯ ନମ୍ବରରେ କଲ୍ କରିପାରିବେ। ସୂଚନାଯୋଗ୍ୟ, ବିଶ୍ୱ ଦକ୍ଷତା କେନ୍ଦ୍ରରେ ବିଭିନ୍ନ ଅତ୍ୟାଧୁନିକ ବିଷୟରେ ତାଲିମ ନେଉଥିବା ଛାତ୍ରୀଛାତ୍ରଙ୍କ ରହିବା ଲାଗି ହଷ୍ଟେଲ, ଖାଇବା, ୟୁନିଫର୍ମ ଏବଂ ଯିବା ଆସିବା ଲାଗି ବସ୍ ସୁବିଧା ଆଦି ରାଜ୍ୟ ସରକାରଙ୍କ ପକ୍ଷରୁ ମାଗଣାରେ ଦିଆଯାଉଛି। ତା'ଛଡ଼ା ଚଳିତ ଶିକ୍ଷାବର୍ଷରେ ଅନୁସୂଚିତ ଜାତି, ଜନଜାତି, ପଛୁଆ ଏବଂ ସଂଖ୍ୟାଲଘୁ ବର୍ଗର ଛାତ୍ରୀଛାତ୍ରଙ୍କ ପାଇଁ କୋର୍ସ ଫି' ସମ୍ପୂର୍ଣ୍ଣ ମାଗଣା ରହିଛି।

## ଚଳନ୍ତା ଟ୍ରେନ୍‌ରୁ ଖସି ପଡ଼ିଲେ ଯୁବକ

### ଘଣ୍ଟାଏ ଅଟକିଲା ପୁରୀ-ଅନୁଗୋଳ ମେମୁ ଟ୍ରେନ୍

**ଖୁଣ୍ଟୁଣୀ,୧୪।୧୦ (ସଚ୍ଚିଦାନନ୍ଦ ପଣ୍ଡା)**

ଖୁଣ୍ଟୁଣୀ ଥାନା ଅଧୀନ ଘଣ୍ଟିଖାଲ ରେଳ ଷ୍ଟେଶନର ଲେଭଲ କ୍ରସିଂ ନିକଟରେ ପୁରୀ-ଅନୁଗୋଳ ମେମୁ ପାସେଞ୍ଜର ଟ୍ରେନ୍‌ରୁ ଖସି ଜଣେ ଯୁବକ ଆହତ ହୋଇଛନ୍ତି। ସେ ହେଲେ ଢେଙ୍କାନାଳ ଜିଲା ପର୍ଜଙ୍ଗ ଥାନା ଅନ୍ତର୍ଗତ ସାଆନ୍ଦା ଗ୍ରାମର ସାଗର ନାୟକ(୨୩)। ଏହି ଘଟଣାକୁ ନେଇ ରାଧାକିଶୋରପୁର ଷ୍ଟେଶନରେ ଯାତ୍ରୀମାନେ ଉକ୍ତ ଟ୍ରେନ୍‌କୁ ୧ ଘଣ୍ଟାରୁ ଉର୍ଦ୍ଧ୍ୱ ସମୟ ଧରି ଅଟକାଇଥିଲେ। ଟ୍ରେନ୍‌ରୁ ଖସିପଡିଥିବା ଯୁବକଙ୍କ ପତ୍ତା ନ ମିଳିବା ପର୍ଯ୍ୟନ୍ତ ଟ୍ରେନ ଛଡ଼ାଯିବ ନାହିଁ ବୋଲି ଯାତ୍ରୀମାନେ ଜିଦ୍ ଧରିଥିଲେ। ସମ୍ପୃକ୍ତ ଯୁବକ ସୁରକ୍ଷିତ ଥିବା ଘଣ୍ଟିଖାଲ ରେଲୱେ ପୋଲିସ ପକ୍ଷରୁ ସୂଚନା ଦିଆଯିବାରୁ ଯାତ୍ରୀମାନେ ଟ୍ରେନ୍‌କୁ ଛାଡିଥିଲେ। ଫଳରେ ଟ୍ରେନ୍ ଗନ୍ତବ୍ୟସ୍ଥଳ ଅଭିମୁଖେ ଯାତ୍ରା କରିଥିଲା। ଟ୍ରେନ୍‌ପୁରୀରୁ ଅନୁଗୋଳ ଅଭିମୁଖେ ଯାଉଥିଲା। ରାତି ପ୍ରାୟ ସାଢେ ୭ଟାରେ ଘଣ୍ଟିଖାଲ ଷ୍ଟେଶନ ଛାଡିଥିଲା। ଷ୍ଟେଶନଠାରୁ କିଛି ଦୂର ଅର୍ଥାତ୍ ଉତ୍ତର ପାର୍ଶ୍ୱ ଲେଭଲ କ୍ରସିଂ ନିକଟରେ ଅସାବଧାନତା ଯୋଗୁ ସାଗର ଚଳନ୍ତା ଟ୍ରେନ୍‌ରୁ ଖସିପଡ଼ିଥିଲେ।

## ଅମର ପଟ୍ଟନାୟକ ପାଇବେ କଳିଙ୍ଗ ସୌରଭ ସମ୍ମାନ

**ଭୁବନେଶ୍ୱର,୧୪।୧୦(ଶର୍ମିଷ୍ଠା ପାଣିଗ୍ରାହୀ)**

ଅନୁଷ୍ଠାନ କ୍ରୀଡ଼ା ଓ ସଂସ୍କୃତ କେନ୍ଦ୍ର ଓଡ଼ିଶା ପୁରୀ ତରଫରୁ ରବିବାର ପୁରୀ ପୌର ସଦନ ପରିସରରେ ଅଷ୍ଟାଦଶ କଳିଙ୍ଗ ଶ୍ରୀକ୍ଷେତ୍ର ସମ୍ମାନ ମହୋତ୍ସବ ଅନୁଷ୍ଠିତ ହେବ। ଏହି ଅବସରରେ ରାଜ୍ୟ ସଭା ସଦସ୍ୟ ଡ. ଅମର ପଟ୍ଟନାୟକ ୨୦୨୨ ମସିହା ପାଇଁ କଳିଙ୍ଗ ସୌରଭ ସମ୍ମାନରେ ସମ୍ମାନିତ ହେବେ। ସାହିତ୍ୟ ପତ୍ରିକା ସୁଲେଖା ସମ୍ପାଦକ ସଦାଶିବ ମିଶ୍ରଙ୍କୁ ଶ୍ରୀକ୍ଷେତ୍ର ସୌରଭ ସମ୍ମାନ ଦିଆଯିବ। ଜାଭେଲିନ ତାରକା କିଶୋର ଜେନା କଳିଙ୍ଗ କ୍ରୀଡ଼ା ରତ୍ନ ଓ ଏସୀୟ ସୁନ୍ଦର ସ୍ୱାସ୍ଥ୍ୟ ପ୍ରତିଯୋଗିତାରେ ସ୍ୱର୍ଣ୍ଣପଦକ ବିଜେତା ସତ୍ୟଜିତ୍ ପ୍ରତିହାରୀ ଶ୍ରୀକ୍ଷେତ୍ର କ୍ରୀଡ଼ା ରତ୍ନ ସମ୍ମାନ ପାଇବେ । ଉତ୍ସବକୁ ସଫଳ କରିବା ପାଇଁ ଅନୁଷ୍ଠାନର ସଭାପତି ଦାମୋଦର ପ୍ରଧାନୀ ଅନୁରୋଧ କରିଛନ୍ତି ।

## ଏନ୍‌ଏଚ୍‌ରେ ଜଳିଗଲା ବୋଲେରୋ



**କୋରାପୁଟ,୧୪।୧୦ (ଅମିତାଭ ବେହେରା )**

କୋରାପୁଟ-ସୁନାବେଡ଼ା ୨୬ ନଂ. ଜାତୀୟ ରାଜପଥର ନୂଆ କଲୋନି ନିକଟରେ ଶନିବାର ସନ୍ଧ୍ୟାରେ ଏକ ବୋଲେରୋ (ଓଡି ୦୭-ସି ୧୫୧୦) ହଠାତ୍ ନିଆଁ ଜଳିଯାଇଛି। ବୋଲେରୋଟି କୋରାପୁଟରୁ ସୁନାବେଡ଼ା ଅଭିମୁଖେ ଯାଉଥିଲା। କୌଣସି କାରଣବଶତଃ ଏଥିରେ ନିଆଁ ଲାଗି ଯାଇଥିଲା। ସ୍ଥାନୀୟ ବ୍ୟକ୍ତି ସଙ୍ଗେ ସଙ୍ଗେ ଅଗ୍ନିଶମ ବିଭାଗକୁ ଖବର ଦେଇଥିଲେ। ଅଗ୍ନିଶମ ବିଭାଗ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ସ୍ଥାନୀୟ ଲୋକଙ୍କ କହିବା ଅନୁସାରେ ଧୂଆଁ ବାହାରିବା ଦେଖି ଗାଡ଼ିରେ ଥିବା ୪ ଜଣ ବ୍ୟକ୍ତି ବାହାରକୁ ବାହାରି ଆସିଥିଲେ । ସେମାନେ ବାହାରକୁ ଚାଲି ଆସିବା ପରେ ବୋଲେରୋଟି ଜଳିଯାଇଥିଲା। ଏହି ସମୟରେ ଜାତୀୟ ରାଜପଥର ଉଭୟ ପାର୍ଶ୍ୱରେ ଗାଡ଼ିମୋଟର ଅଟକି ରହିଥିଲା।

**ପ୍ରଥମ ପୃଷ୍ଠାରୁ...**

## ପାକିସ୍ତାନକୁ ହରାଇ ...

ପଡ଼ିଥିଲା। ଡେଙ୍ଗୁ ଯୋଗୁ ପ୍ରଥମ ୨ଟି ମ୍ୟାଚରେ ଖେଳିପାରି ନ ଥିବା ଶୁବମନ ଗିଲ୍ ଏଠାରେ ଇଶାନ କିଶନଙ୍କ ସ୍ଥାନରେ ସୁଯୋଗ ପାଇ ମାତ୍ର ୧୬ ରନ କରିବାକୁ ସକ୍ଷମ ହୋଇଥିଲେ। ଅଧିନାୟକ ରୋହିତ ଶର୍ମାଙ୍କ ସହ ବିରାଟ କୋହଲି ଇନିଂସକୁ ଆଗେଇ ନେଇଥିଲେ। ମାତ୍ର ଦଳୀୟ ସ୍କୋର ୭୯ ଥିବାବେଳେ ହାସନ ଅଲୀଙ୍କ ଏକ ଅଫ୍‌ଷ୍ଟମ୍ପ ବାହାରର ଶର୍ଟ ଅଫ୍ ଲେନ୍ଥ ବଲ୍‌କୁ କୋହଲି କ୍ରସ୍ ବ୍ୟାଟ୍‌ରେ ଖେଳିବାକୁ ଚେଷ୍ଟା କରିଥିଲେ। ମାତ୍ର ଏହା ମିସ୍-ହିଟ୍ ହୋଇଥିଲା ଏବଂ ମିଡ୍‌ଅନ୍‌ରେ ତାଙ୍କ କ୍ୟାଚ ନେଇଥିଲେ ମହମ୍ମଦ ନୱାଜ। ଦର୍ଶକରେ ଭର୍ତ୍ତି ଷ୍ଟାଡିୟମ କିଛିକ୍ଷଣ ପାଇଁ ସମ୍ପୂର୍ଣ୍ଣ ନୀରବି ଯାଇଥିଲା। କୋହଲି ୧୬ ରନ କରି ଆଉଟ ହେବାରୁ ପାକିସ୍ତାନ ଶିବିରରେ ଉତ୍ସାହ ପରିଲକ୍ଷିତ ହୋଇଥିଲା। ମାତ୍ର ରୋହିତ ଓ ଶ୍ରେୟସ ଆୟର ଚାପର ବଶବର୍ତ୍ତୀ ନ ହୋଇ ଦଳକୁ ବିଜୟ ପଥରେ ଆଗେଇ ନେଇଥିଲେ। ହିଟ୍‌ମ୍ୟାନ ରୋହିତ ବିସ୍ଫୋରକ ବ୍ୟାଟିଂକରି ଶତକର ନିକଟତର ହୋଇଥିଲେ ହେଁ ଦଳ ପକ୍ଷରୁ ସର୍ବାଧିକ ୮୬ ରନକରି ଆଉଟ ହୋଇଥିଲେ। ସେ ୬୩ଟି ବଲ୍ ଖେଳି ନିଜ ଇନିଂସ ମଧ୍ୟରେ ୬ଟି ଲେଖାଏ ଚୌକା ଓ ଛକା ମାରିଥିଲେ। ଶ୍ରେୟସ ଆୟର ୫୩ (୬୨ ବଲ, ୩ ଚୌକା, ୨ ଛକା) ଓ ଲୋକେଶ ରାହୁଲ ୧୯ ରନରେ ଅପରାଜିତ ରହି ୩୦.୩ ଓଭରରେ ଭାରତକୁ ବିଜୟୀ କରିଥିଲେ। ପାକିସ୍ତାନ ପକ୍ଷରୁ ଶାହିନ ଶାହା ଆଫ୍ରିଦି ୨ଟି ଏବଂ ହସନ ଅଲୀ ଗୋଟିଏ ଉଇକେଟ ନେଇଥିଲେ।

ଟସ୍ ଜିତି ଫିଲ୍ଡିଂ ନିଷ୍ପତ୍ତି ନେଇଥିଲା ଭାରତ। ଅଧିନାୟକଙ୍କ ନିଷ୍ପତ୍ତିକୁ ଉଚିତ ସାବ୍ୟସ୍ତ କରି ଭାରତୀୟ ବୋଲରମାନେ ଆରମ୍ଭରୁ ଭଲ ବୋଲିଂ କରିଥିଲେ। ଦଳୀୟ ସ୍କୋର ୪୧ ହୋଇଥିବାବେଳେ ୮ମ ଓଭର ଅନ୍ତିମ ବଲ୍‌ରେ ଅବଦୁଲା ଶଫିକ୍‌ଙ୍କୁ ଏଲବିଡବ୍ଲ୍ୟୁ କରି ପାକିସ୍ତାନକୁ ପ୍ରଥମ ଝଟ୍‌କା ଦେଇଥିଲେ ମହମ୍ମଦ ସିରାଜ। ଏହାର ୪ ଓଭର ପରେ ହାର୍ଦ୍ଦିକ ପାଣ୍ଡ୍ୟା ଉଇକେଟ କିପର ଲୋକେଶ ରାହୁଲଙ୍କ ହାତରେ କ୍ୟାଚ କରାଇ ଇମାମ-ଉଲ-ହକ୍‌ଙ୍କୁ ପ୍ୟାଭିଲିୟନ ଫେରାଇବାରୁ ୧୨.୩ ଓଭର ବେଳକୁ ପାକିସ୍ତାନ ସ୍କୋର ୭୩/୨ ହୋଇଯାଇଥିଲା। ଶଫିକ ୨୦ ଓ ଇମାମ ୩୬ ରନ କରିଥିଲେ। ଅଧିନାୟକ ବାବର ଆଜମ ଓ ଇନ୍‌ଫର୍ମ ମହମ୍ମଦ ରିଜୱାନ ଇନିଂସକୁ ଯେପରି ଆଗେଇ ନେଇଥିଲେ ପାକିସ୍ତାନ ୩୦୦ ପାଖାପାଖି ସ୍କୋରରେ ପହଞ୍ଚିବ ବୋଲି ଆକଳନ କରାଯାଉଥିଲା। ମାତ୍ର ତୃତୀୟ ଉଇକେଟରେ ୧୦୩ ବଲ୍‌ରୁ ୮୨ ରନର ଭାଗୀଦାରି ପରେ ଭାରତକୁ ପ୍ରତୀକ୍ଷିତ ବ୍ରେକ୍ ଥ୍ରୁ ଦେଇଥିଲେ ମହମ୍ମଦ ସିରାଜ। ସିରାଜଙ୍କର ଏକ ଗୁଡ୍‌ଲେନ୍ଥ ବଲ୍‌କୁ ଥାର୍ଡମ୍ୟାନ ଅଞ୍ଚଳକୁ ଖେଳିବା ପ୍ରୟାସରେ ବାବର କ୍ଲିନ୍ ବୋଲ୍ଡ ହୋଇଯାଇଥିଲେ। ବାବର ଆଉଟ ହେବାସହ ପୂରା ଷ୍ଟାଡିୟମକୁ ଦର୍ଶକମାନେ କୋଳାହଳରେ ପ୍ରକମ୍ପିତ କରିଥିଲେ। ତେବେ ଆଉଟ ହେବା ପୂର୍ବରୁ ଚଳିତ ବିଶ୍ୱକପରେ ପ୍ରଥମଥରପାଇଁ ଅର୍ଦ୍ଧଶତକ ପୂରଣ କରିଥିଲେ ବାବର। ସେ ୫୮ ବଲ୍‌ରୁ ୭ ଚୌକା ସହାୟତାରେ ୫୦ ରନ କରିଥିଲେ। ପୂର୍ବରୁ ସେ ୨ଟି ଇନିଂସରେ ଯଥାକ୍ରମେ ୫ ଓ ୧୦ ରନ କରିଥିଲେ। ବାବର ଆଜମ ଆଉଟ ହେବାସହ ପାକିସ୍ତାନ ଇନିଂସ ଦିଗହରାହୋଇ ଯାଇଥିଲା। ମଧ୍ୟଭାଗରେ ସୌଦ ଶକିଲ (୬), ଇଫତିକାର ଅହମଦ (୪), ଶଦାବ ଖାଁ (୨) ଓ ମହମ୍ମଦ ନୱାଜ (୪) ଦୁଇଅଙ୍କ ସ୍ପର୍ଶ କରିବାରେ ବିଫଳ ହୋଇଥିଲେ। କୁଲଦୀପ ଯାଦବ ଗୋଟିଏ ଓଭରରେ ଶକିଲ ଓ ଇଫତିକାରଙ୍କ ଉଇକେଟ ନେବା ଏବଂ ରିଜୱାନ ୪୯ (୬୯ ବଲ, ୭ ଚୌକା) ରନକରି ପ୍ୟାଭିଲିୟନ ଫେରିବାରୁ ପାକିସ୍ତାନ ସମ୍ମାନଜନକ ସ୍କୋରରେ ପହଞ୍ଚିବା ପାଇଁ ସଂଘର୍ଷ କରିଥିଲା। ମ୍ୟାଚରେ ଭାରତୀୟ ବୋଲରମାନେ ଚମତ୍କାର ବୋଲିଂ କରିଥିଲେ। ଫଳରେ ପାକିସ୍ତାନ ଇନିଂସ ପୂରା ୫୦ ଓଭର ତିଷ୍ଠିପାରି ନ ଥିଲା। ୪୨.୫ ଓଭରରେ ୧୯୧ ରନରେ ଏହି ଦଳ ସୀମିତ ରହି ଯାଇଥିଲା। ୧୯୯୯ ପରେ ଭାରତ ବିପକ୍ଷରେ ବିଶ୍ୱକପରେ ପାକିସ୍ତାନର ଏହା ସର୍ବନିମ୍ନ ସ୍କୋର। ଭାରତର ୫ ବୋଲର ଯଶପ୍ରୀତ୍ ବୁମ୍‌ରା, ମହମ୍ମଦ ସିରାଜ, ହାର୍ଦ୍ଦିକ ପାଣ୍ଡ୍ୟା, କୁଲଦୀପ ଯାଦବ ଓ ରବୀନ୍ଦ୍ର ଜାଡେଜା ୨ଟି ଲେଖାଏ ଉଇକେଟ ବାଣ୍ଟି ନେଇଥିଲେ।

କଟକ ମୁକାମ ୫ମ ଅତିରିକ୍ତ ସିଭିଲ୍ ଜଜ୍, ସିନିୟର ଡିଭିଜନଙ୍କ ଅଦାଲତ
ଟାଇଟେଲ ସୁଟ ନଂ ୨୧୧ /୯୫
ଡାନିଏଲ ଦାସ (ମୃତ) ଓଗେର ...........ବାଦୀ
-ବନାମ -
ସତ୍ୟଜିତ ଦାସ (ମୃତ) ଅନ୍ୟମାନେ ..... ପ୍ରତିବାଦୀ

**ନୋଟିସ**

ଦେୱାନୀ କାର୍ଯ୍ୟବିଧି ଆଇନର ଅର୍ଡର ୫ ରୁଲ ୨୦ ମତେ, ପ୍ରତିବାଦୀ ନଂ ୧ (ଘ) ଅମିନା ଅଖତର ଓରଫ ଫରାନଜିନ ବାନୁ, ବୟସ ୬୮ ବର୍ଷ, ସ୍ୱାମୀ : ସତ୍ୟଜିତ୍ ଦାସ ସେଖ୍, ରେହମାନ, ସା : ବେଲହମପୁର, ପୋ/ଥାନା/ଜିଲ୍ଲା : ଯାଜପୁର।
ଉପରୋକ୍ତ ବାଦୀ ଓଗେର ଆପଣଙ୍କ ବିରୁଦ୍ଧରେ ତଫସିଲ ବୃତ୍ତିରେ ଭାଗବଣ୍ଟା ଓ ଚିରସ୍ଥାୟୀ ନିଷେଧାଜ୍ଞା ନିମନ୍ତେ ଉପରୋକ୍ତ ମକଦ୍ଦମା ଆଗତ କରିଛନ୍ତି । ଏତଦ୍ୱାରା ଆପଣଙ୍କୁ ଜଣାଇ ଦିଆଯାଉଛି ଯେ ଧାର୍ଯ୍ୟ ତା ୦୬.୧୧.୨୦୨୩ ରିଖ ଦିତବା ୧୦ ଘ. ୩୦ ମିନିଟ ସମୟରେ ହାଜର ହୋଇ ଜବାବ ଦାଖଲ କରିବେ ନଚେତ ମକଦ୍ଦମା ଆପଣଙ୍କ ଅନୁପସ୍ଥିତିରେ ଆଇନ ମୁତାବକ ବିଚାର କରାଯିବ।
ସାକ୍ଷର : ୫ମ ଅତିରିକ୍ତ ସିଭିଲ ଜଜ, ସିନିୟର ଡିଭିଜନଙ୍କ ଅଦାଲତ, କଟକ
ତଫସିଲ ବୃତ୍ତି
ମୌଜା : କଟକ ସହର ୟୁନିଟ ନଂ ୮, ଦକ୍ଷିଣ ତୁଳସୀପୁର, ଥାନା : ବିଡ଼ାନାସୀ, ନଂ୭, ତହସିଲ : କଟକ ସଦର, ତହସିଲ ନଂ ୨୦୯, ଜିଲ୍ଲା : କଟକ, ସଂଶୋଧିତ ଖାତା ନଂ ୪୨୬/୪, ଖାତା ନଂ୫, ପ୍ଲଟ ନଂ ୨୫୪, ରକବା ଏ୦.୦୮୧ ଡି.ସଂଲଗ୍ନ ଉପସ୍ଥିତ କୋଠା, ହୋଲଡିଂ ନଂ ୯୨୯, ୱାର୍ଡ ନଂ ୭, କଟକ ମ୍ୟୁନିସିପାଲଟି।

**ଫୁର୍‌ସତ୍**

## ୯୦ ବର୍ଷ ପରେ ଲାଇବ୍ରେରିକୁ ଫେରିଲା ବହି

**ଲଣ୍ଡନ**

ଅନେକ ଲୋକ ଲାଇବ୍ରେରି ଯିବାକୁ ପସନ୍ଦ କରନ୍ତି ଏବଂ ସେଠାକୁ କିଛି ବହି ମଧ୍ୟ ଆଣିଥା'ନ୍ତି। ହେଲେ କିଛି ଲୋକ ବହି ଫେରାଇବାକୁ ଭୁଲିଯାଆନ୍ତି। କିଛିଦିନ ପୂର୍ବେ ବ୍ରିଟେନ୍‌ରେ ଜଣେ ବ୍ୟକ୍ତି ତାଙ୍କ ଜେଜେବାପା ନେଇଥିବା ବହିକୁ ୯୦ ବର୍ଷ ପରେ ଲାଇବ୍ରେରିକୁ ଫେରାଇଛନ୍ତି। ଏଥିପାଇଁ ତାଙ୍କୁ ଜରିମାନା ମଧ୍ୟ ଦେବାକୁ ପଡ଼ିଛି। ରିପୋର୍ଟ ମୁତାବକ, ୧୯୩୩ରେ ଲାର୍ଚମୋଣ୍ଟ ପବ୍ଲିକ ଲାଇବ୍ରେରିରୁ ଜଣେ ବ୍ୟକ୍ତି ଯୋଶେଫ କନରାଡଙ୍କ ୧୯୨୫ ମସିହାର ବହି 'ୟୁଥ୍ ଆଣ୍ଡ ଟୁ ଅଦର ଷ୍ଟୋରିଜ୍'କୁ ନେଇଥିଲେ, ଯାହାକୁ ତାଙ୍କ ନାତି ଜୋନି ମାର୍ଗନ ନିକଟରେ ଫେରାଇଛନ୍ତି। ଲାଇବ୍ରେରିଆନ୍ କାରୋଲିନ୍ କନିଂହାମ କହିଛନ୍ତି, ଯେତେବେଳେ ବ୍ୟକ୍ତି ଜଣକ ଏହି ବହି ନେଇଥିଲେ, ସେ ଏଇ ପାଖରେ ରହୁଥିଲେ। ହେଲେ ଏବେ ତାଙ୍କ ପାଇଁ ଖୁସିର ବିଷୟ ଏହା କି ଏତେ ପୁରୁଣା ବହି ସେମାନେ ଫେରିପାଇଛନ୍ତି। ହେଲେ ଆଶ୍ଚର୍ଯ୍ୟର କଥା, ଲାଇବ୍ରେରିଆନ ମାର୍ଗନଙ୍କଠାରୁ ମାତ୍ର ୫ ଡଲାର ଅର୍ଥାତ୍ ଭାରତୀୟ ମୁଦ୍ରାରେ



୪୧୭ ଟଙ୍କା ଜରିମାନା ନେଲେ। ଲାଇବ୍ରେରିଆନ କାରୋଲିନ୍‌ଙ୍କ କହିବା କଥା, କିଛିଦିନ ଆଗରୁ ମାର୍ଗନ ତାଙ୍କ ସହ ଯୋଗାଯୋଗ କରିଥିଲେ। ମାର୍ଗନ ଯେତେବେଳେ କହିଲେ ଲାଇବ୍ରେରିକୁ ଏତେ ପୁରୁଣା ବହି ଆସୁଛି ତାହା କାରୋଲିନ୍‌ଙ୍କୁ ବିଶ୍ୱାସ ହୋଇ ନ ଥିଲା। ଜିମ୍ମି ଏଲିସ୍ ନାମକ ଜଣେ ବ୍ୟକ୍ତି ଏହି ବହି ନେଇଥିଲେ। ସେତେବେଳେ ସେ ଲାଇବ୍ରେରି ପାଖରେ ନିଜ ସ୍ତ୍ରୀ ଏବଂ ୨ ପିଲାଙ୍କ ସହ ରହୁଥିଲେ। ହେଲେ ୧୯୭୮ରେ ଏଲିସ୍‌ଙ୍କ ମୃତ୍ୟୁ ଘଟିଥିଲା। ସେବେଠାରୁ ବହିଟି ରହିଯାଇଥିଲା। ମାର୍ଗନ କହିଛନ୍ତି, ଦିନେ ସେ ଘର ସଫା କରିବାବେଳେ ଏହି ବହିଟିକୁ ପାଇଥିଲେ।

## ଖେଳ ଦେଖିବାକୁ ଶୁଟିଂ ଛାଡ଼ି ଷ୍ଟୁଡିଓରେ ସଲ୍‌ମାନ

**ମୁମ୍ବାଇ:** ଗୁଜରାଟର ଅହମଦାବାଦସ୍ଥିତ ନରେନ୍ଦ୍ର ମୋଦି ଷ୍ଟାଡିୟମ୍‌ରେ ଶନିବାର ଆୟୋଜିତ ଆଇସିସି କ୍ରିକେଟ୍ ବିଶ୍ୱକପ୍- ୨୦୨୩ରେ ଭାରତ ପାକିସ୍ତାନକୁ ହରାଇଛି। ଏହି ଅବସରରେ ଅନେକ ଲୋକଙ୍କ ସହିତ କଳାକାର ଟିମ୍ ମଧ୍ୟ ଇଣ୍ଡିଆକୁ ସମର୍ଥନ ଜଣାଇଥିଲେ। ତେବେ ଖେଳ ଦେଖିବାକୁ ବଲିଉଡ୍ ଅଭିନେତା ସଲ୍‌ମାନ ଖାନ୍ 'ବିଗ୍‌ବସ୍'ର ଶୁଟିଂ ଛାଡ଼ି 'ଷ୍ଟାର ସ୍ପୋର୍ଟସ' ଷ୍ଟୁଡିଓରେ ଆସି ପହଞ୍ଚିଥିଲେ। ସେଠାରେ ସେ ପୂର୍ବତନ କ୍ରିକେଟର ମହମ୍ମଦ କେଫ୍ ଓ ହରଭଜନ ସିଂଙ୍କୁ ଭେଟିଛନ୍ତି। ତେବେ ସଲ୍‌ମାନଙ୍କୁ ଷ୍ଟୁଡିଓରେ 'ଟାଇଗର-୩' ଗେଟ୍‌ଅପ୍‌ରେ ଦେଖିବାକୁ ମିଳିଛି। ସଲ୍‌ମାନ ୧୯୮୮ରୁ ତାଙ୍କ ଫିଲ୍ମ କ୍ୟାରିୟର ଆରମ୍ଭ କରିଥିଲେ। ଏହାପରେ ସେ ତାଙ୍କ ଅଭିନୟର ଯାଦୁରେ ଅନେକଙ୍କ ଭଲପାଇବା ସାଉଁଟିଛନ୍ତି। ସେ ଅନେକ ଫିଲ୍ମରେ କାମ କରିସାରିଛନ୍ତି। ନିକଟରେ ତାଙ୍କୁ 'କିସି କା ଭାଇ କିସି କି ଜାନ୍'ରେ ଦେଖିବାକୁ ମିଳିଥିଲା। ଏବେ ସେ ଟାଇଗର-୩ର ଶୁଟିଂରେ ବ୍ୟସ୍ତ ଅଛନ୍ତି।



**ODISHA STATE AGRICULTURAL MARKETING BOARD**
Plot No.1800(P), Baramunda, Post- Khandagiri, Near Indian Oil Petrol Pump, Bhubaneswar
Ph.No. 0674-2351311, Fax: 0674-2351316, Email: osamboard99@yahoo.com, Website: osamboard.org
Ref.No.: 01/Estt-II-16/2022 Dated: 10.10.2023

**Advertisement for engagement of Secretary-RMC on Contractual basis**

No.H-38:- Applications are invited for the post of Secretary- Regulated Market Committee (RMC) (who will serve as Chief Executive for the given Market Committee) to work under supervision of OSAM Board.

| | |
|---|---|
| Name of the position | Secretary- Regulated Market Committee (RMC) |
| Number of vacancy | 18 Nos. |
| Minimum Eligibility Criteria | MBA or Equivalent in Agribusiness Management / Rural Management |
| Desired Experience | Minimum 3 years of relevant experience. For details refer to TOR available at the OSAMB's website. |
| Nature of work | Contractual, Initial service contract for 3 years, extended upto another 2 years depending upon the performance and requirements. |
| Emoluments | Consolidated remuneration of Rs.75,000/- (Rupees Seventy Five Thousand only) per month. Additionally, HRA and TA: as per the entitlement of Group B State Government Officers. |
| Selection process | Online test (subject mattter + general awareness) and personal interview. |

Application Process: Download the application format from the website: osamb.odisha.gov.in. Fill out the application with all the details and send the same along with all other required documents to: **OSAMB Recruitment Office, Room No.69, Xavier Institution of Mangement, Chandrasekharpur, Bhubanewar- 751013 through Speed Post / Registered Post only latest by 7th November, 2023. Applications received after the last date shall not be entertained.**

Sd./- General Manager (OSAMB)
OIPR-01444/11/0009/2324

**OFFICE OF THE SITE-IN-CHARGE**
**MANDIRA SMALL HYDRO ELECTRIC PROJECT (10 MW)**
**GEDCOL-SAIL POWER CORPORATION LIMITED (GSPCL)**
Site Office: Qtr. No. A/44, Sector-16, Rourkela - 769003, Dist.: Sundergarh, Email: gspcl.rourkela@gmail.com
No. GSPCL/RKL/Hired Vehicle/2023/163 Dated: 09.10.2023

**TENDER CALL NOTICE No. 01/2023-24**

No. CAD-2439: Sealed tenders are invited in two parts i.e. (i) Techno-Commercial Bid, (ii) Price Bid for providing 01 No. Commercial Petrol/Diesel AC Light Vehicle (Bolero/TUV300/Sumo Gold/Ertiga) on monthly hired basis at GSPCL Site Office, Rourkela from registered travel agencies/individual vehicle owners having PAN & GSTIN.

| Description of type of Service and Vehicle | Cost of Tender Paper in Rs. | EMD in Rs. | Date of Sale of Tender Documents |
|---|---|---|---|
| Providing 01 No. Commercial Petrol/Diesel AC Light Vehicle (Bolero/TUV300/ Sumo Gold/Ertiga) on monthly hired basis at GSPCL Site Office, Rourkela | 4000 + 720 (GST) = 4720/- | 5000/- Per Vehicle | From 17.10.2023 to 31.10.2023 (01.00 P.M.) |

For details of the tender document, terms and conditions, please refer our website **www.gedcol.com** from **17.10.2023**.
**N.B.: All the subsequent addendum/corrigendum/extension regarding this tender shall be hosted in our website: www.gedcol.com only.**
OIPR-04012/11/0020/2324 DGM (Elect.), GSPCL, Rourkela

## ୧୩୩ କୋଟିରେ ନିର୍ମିତ ମହଲ ୮୩ କୋଟିରେ ବିକ୍ରିହେବ

**ଟ୍ରେନଟନ୍**

ନ୍ୟୁଜର୍ସିର ବାସିନ୍ଦା ଡ୍ୟାନ୍ ତାଙ୍କ ପ୍ରେମିକା ଶେରୀ ଫ୍ଲୁନ୍‌ଶଙ୍କୁ ଏପରି ଏକ ଉପହାର ଦେଇଛନ୍ତି, ସେଥିପାଇଁ ଏବେ ସେ ଚର୍ଚ୍ଚାରେ ଅଛନ୍ତି। ଦୁହେଁ ଡେଟିଂ କରିବାବେଳେ ଶେରୀଙ୍କ ପାଇଁ ଡ୍ୟାନ୍ ଏକ ସୁନାର ମହଲ କରିବେ। ତା' ପରେ ବିବାହ କରିବେ ବୋଲି କଥା ଦେଇଥିଲେ। ସେ ନିଜ କଥା ରଖି ବିବାହ ପୂର୍ବରୁ ଶେରୀଙ୍କ ପାଇଁ ଏକ ସୁନ୍ଦର ମହଲ ତିଆରି କଲେ। ଏଥିଲାଗି ସେ କୋଟି କୋଟି ଟଙ୍କା ମଧ୍ୟ ଖର୍ଚ୍ଚ କଲେ। ହେଲେ ଏବେ ସେ ସେହି ଘରକୁ ବିକ୍ରି କରିବାକୁ ଚାହୁଁଛନ୍ତି। ରିପୋର୍ଟ ମୁତାବକ, ଶେରୀ ଏବଂ ଡ୍ୟାନ୍ ୨୦୦୫ରେ ପ୍ରଥମ ଦେଖାରେ ଭଲ ପାଇ ବସିଥିଲେ। ସେତେବେଳେ ଡ୍ୟାନ୍ ଏହି ଉପହାର କଥା କହିଥିଲେ। ସେଥିପାଇଁ ସେ ୨୦୦୭ରେ ୨ ମିଲିୟନ ଡଲାର ଅର୍ଥାତ୍ ୧ କୋଟି ୬୬ ଲକ୍ଷରୁ ଊର୍ଦ୍ଧ୍ୱ ମୂଲ୍ୟର ଏକ ଜାଗା କିଣି ସେଠାରେ ଏକ ସୁନ୍ଦର ମହଲ ନିର୍ମାଣ କରିଥିଲେ। ସେତେବେଳେ ଏହି ମହଲ ନିର୍ମାଣରେ ୧୩୩ କୋଟି ଟଙ୍କା ଖର୍ଚ୍ଚ ହୋଇଥିଲା। କିନ୍ତୁ ଏବେ ସେ ମହଲକୁ ୫୦ କୋଟି କମ୍ ମୂଲ୍ୟରେ ବିକ୍ରି କରିବାକୁ ଚାହୁଁଛନ୍ତି। ସେହି ସୁନାର ମହଲ ନିର୍ମାଣରେ ୨୨ କ୍ୟାରେଟ ସୁନା ପରସ୍ତର ୪୭ ହଜାର ଶିଟ୍ ବ୍ୟବହୃତ ହୋଇଥିଲା। ଉକ୍ତ ମହଲରେ ୮ ବେଡ୍‌ରୁମ୍, ୧୩ ଫାୟାର ପ୍ଲେସ୍, ଗୋଟିଏ ହୋମ୍ ଥିଏଟର, ୨ଟି ବାର୍ ରହିଛି। ମହଲ ଦ୍ୱାର ଖୋଲିବାମାତ୍ରେ ସିଣ୍ଡ୍ରେଲା ଶିଡ଼ି ଦେଖିବାକୁ ମିଳିବ, ଯାହା ଧଳା ମାର୍ବଲରେ ନିର୍ମିତ। ଏହା ଉପରେ ସୁନାର ପରସ୍ତ ମଧ୍ୟ ରହିଛି। ଶେରୀ ଏହି ମହଲକୁ ସ୍ୱର୍ଗ ବୋଲି କହିଛନ୍ତି। ହେଲେ ଏହି ମହଲ ବିକ୍ରି ପଛର କାରଣ ଜଣାପଡ଼ିନି।



## ସଂସ୍କୃତ ଭାଷା ପ୍ରଚଳିତ ଆମେରିକୀୟ ସହର

**ୱାଶିଂଟନ**

ଏମିତି ଏକ ସହର ଅଛି, ଯେଉଁଠାରେ ଲୋକେ ପରସ୍ପର ମଧ୍ୟରେ ସଂସ୍କୃତରେ କଥାବାର୍ତ୍ତା ହୁଅନ୍ତି। ଏହି ସହର ଆମେରିକାର ଆଇଓ୍ୱା ରାଜ୍ୟରେ ରହିଛି। ଏହି ରାଜ୍ୟ ପ୍ରାଚୀନ ହିନ୍ଦୁପ୍ରଥାକୁ ଅନୁସରଣ କରିଥାଏ। ଏହି ସହର ମହର୍ଷି ବୈଦିକ ସିଟି ନାମରେ ପରିଚିତ। ସହରର ସମସ୍ତ ଅଟ୍ଟାଳିକାର ମୁହଁ ପୂର୍ବଦିଗକୁ ରହିଛି। ଏଠାରେ ଅଣଜୈବିକ ଖାଦ୍ୟ ଉପରେ ମଧ୍ୟ ନିଷେଧାଦେଶ ରହିଛି। ଉକ୍ତ ସହରକୁ ଆମେରିକାର 'ସବୁଠାରୁ ଅଜବ' ସହର କୁହାଯାଏ। ରିପୋର୍ଟ ଅନୁଯାୟୀ, ଆମେରିକାର ଟେଲିଭିଜନ ପ୍ରଯୋଜକ ଓପ୍‌ରା ୱିନ୍‌ଫ୍ରେ ଥରେ ଏହି ସହରକୁ ସବୁଠୁ ବିଚିତ୍ର ସହର ବୋଲି କହିଥିଲେ। ଟ୍ରାନ୍ସେଣ୍ଡେଣ୍ଟାଲ ମେଡିଟେଶନ(ଯୋଗ ବା ଧ୍ୟାନ)ର ପ୍ରତିଷ୍ଠାତା ସ୍ୱର୍ଗତ ମହର୍ଷି ମହେଶ ଯୋଗୀ ଏହାକୁ ୨୦୦୧ରେ ପ୍ରତିଷ୍ଠା କରିଥିଲେ, ଯାହାକୁ ଆମେରିକାର 'ଅଜବ ସହର' ଭାବେ ପରିଚିତ କରାଯାଇଥିଲା। ସହରରେ ଅଧିକାଂଶ



ଲୋକ ସଂସ୍କୃତ ଭାଷାରେ କଥା ହୁଅନ୍ତି। ଏଠାରେ ଲୋକଙ୍କୁ ମହେଶ ଯୋଗୀଙ୍କ ଟ୍ରାନ୍ସେଣ୍ଡେଣ୍ଟାଲ ମେଡିଟେଶନ ଉପରେ ଶିକ୍ଷା ଦିଆଯାଇଥାଏ, ଯାହା ବିଶ୍ୱକୁ ଶାନ୍ତି ଆଣିପାରେ ବୋଲି ବିଶ୍ୱାସ କରାଯାଏ। ୧୯୮୧ରେ ନିର୍ମିତ ଗୋଲ୍ଡେନ ଡୋମ୍ସ ମହର୍ଷି ଇଣ୍ଟରନ୍ୟାଶନାଲ ୟୁନିଭର୍ସିଟି କ୍ୟାମ୍ପସ୍‌ରେ ଦୁଇଟି ଅଟ୍ଟାଳିକା ରହିଛି। ଏଥିରୁ ଗୋଟିଏରେ ପୁରୁଷମାନେ ଧ୍ୟାନ କରୁଥିବାବେଳେ ଅନ୍ୟଟିରେ ଯୋଗ କରନ୍ତି ସମସ୍ତ ମହିଳା। ୨୦୨୦ ଜନଗଣନା ଅନୁଯାୟୀ, ସାଢ଼େ ୩ ବର୍ଗ ମାଇଲ ଗ୍ରାମାଞ୍ଚଳର ଏହି ଛୋଟ ସହରରେ ବର୍ତ୍ତମାନ ୨୭୭ ଘର ରହିଛି। ମହର୍ଷି ବୈଦିକ ସ୍ଥାପତ୍ୟର ନୀତି ଅନୁସାରେ ସମଗ୍ର ସହରକୁ ଡିଜାଇନ୍ କରାଯାଇଛି।

Govt. of India | भारत सरकार
Ministry of Skill Development and Entrepreneurship | कौशल विकास और उद्यमशीलता मंत्रालय
Directorate General of Training | प्रशिक्षण महानिदेशालय
**National Skill Training Institute, Bhubaneswar** | **राष्ट्रीय कौशल प्रशिक्षण संस्थान, भुवनेश्वर**
NSIC Building, 5th Floor, IDCO Plot No.06, Mancheswar I. E, Bhubaneswar, Odisha – 751010 | एन.एस.आई.सी. बिल्डिंग, 5 वीं मंजिल, आई.डी.सी.ओ. प्लॉट नंबर-06, मांचेस्वर इंडस्ट्रियल एस्टेट, भुवनेश्वर, ओडिशा - 751010
Email: nsti-bhubaneshwar@dgt.gov.in | Telephone: 0674-2974498/38

**ADVERTISEMENT FOR ENGAGEMENT OF GUEST FACULTY FOR CRAFT INSTRUCTOR TRAINING SCHEME**

Applications are invited from interested candidates for engaging one Guest Factulty for CITS Electronics Mechanic trade of this institute. The applications with copy of all relevant documents should reach at the institute either by speed post / e-mail or by hand till 26.10.2023 (Friday) by 5.00 P.M.
The details of post, qualification and experience are as follows.

| Name of the post | Vacancy | Qualification & Experience |
|---|---|---|
| Guest Faculty, Electronics, Mechanic | 1 | B.Voc/Degree in appropriate branch of Electronics Engineering from AICTE / UGC recognized University with one year experience in relevant field.<br>OR<br>03 years Diploma in appropriate branch of Electronics Engineering from AICTE/ recognized Board / Institution or relevant Advanced Diploma (Vocatinal) from DGT with two years experience in relevant field.<br>OR<br>NTC/ NAC passed in the Electronics Mechanic with three years experience in relevant field.<br>Essential Qualification: Natinal Craft Instructor Certificate (NCIC) in Electronics Mechanic trade, in any of the variants under DGT |

Note: 1. Engagement of the guest faculty will be purely on temporary basis.
2. Remuneration will be paid after engagement on hourly basis @ Rs.250/- per hour as per Govt. norms, subject to maximum of Rs.30,000/- per month.
3. No TA / DA will be paid for appearing the interview.
4. The authority reserves the right to select or reject the advertisement.
5. Any corrigendum shall be put up in the institute website.
(Application form can be downloaded from institute's website: www.nstibhubaneswar.dgt.gov.in)
(Email ID: nsti-bhubaneshwar@dgt.gov.in)

Sd./- Principal /Hoo

## ଜନ୍ମଦିନର ଶୁଭେଚ୍ଛା

ନାମ: ....................................
ବୟସ:....................................
ଜନ୍ମ ତାରିଖ: ..............................



ରେୟାଂଶ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# ଦୁର୍ନୀତି ଯୋଗୁ ବିକାଶ ବାଧାପ୍ରାପ୍ତ: ଧର୍ମେନ୍ଦ୍ର

## ଭାଜପାର ସଂକଳ୍ପ ସମାବେଶ

ଆଠଗଡ,୧୪।୧୦(ସତ୍ୟ ପ୍ରସାଦ ରଥ)

କଟକ ଜିଲା ଆଠଗଡ଼ସ୍ଥିତ ମହୋତ୍ସବ ପଡ଼ିଆଠାରେ ଶନିବାର ଜିଲା ଭାଜପା ପକ୍ଷରୁ ସଂକଳ୍ପ ସମାବେଶ ଅନୁଷ୍ଠିତ ହୋଇଯାଇଛି। ନୂତନଭାବେ ଦଳରେ ଯୋଗଦେଇଥିବା ଯୁବନେତା ଅଭୟ କୁମାର ବାରିକ ଏହାର ନେତୃତ୍ୱ ନେଇଥିଲେ। ଏଥିରେ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଯୋଗଦେଇ ଦୁର୍ନୀତି ଯୋଗୁ ରାଜ୍ୟ ଓ ସ୍ଥାନୀୟ ଅଞ୍ଚଳରେ ବିକାଶ ବାଧାପ୍ରାପ୍ତ ହୋଇଛି। କେନ୍ଦ୍ର ସରକାରଙ୍କ ପକ୍ଷରୁ ପ୍ରଧାନ ମନ୍ତ୍ରୀ ଆବାସ ଯୋଜନାରେ ଗୃହ ଓ ପାନୀୟ ଜଳ ଯୋଗାଣ ବ୍ୟବସ୍ଥା କରାଯାଇଥିଲେ ମଧ୍ୟ ରାଜ୍ୟ ସରକାର ଠିକ୍ ଭାବେ କାର୍ଯ୍ୟକାରୀ କରୁ ନ ଥିବାରୁ ଟଙ୍କା ଫେରିଯାଉଛି ବୋଲି ଧର୍ମେନ୍ଦ୍ର କହିଥିଲେ।

ଏହାଛଡ଼ା ରାଜ୍ୟରେ ବଂଶବାଦକୁ ପ୍ରୋତ୍ସାହନ ଦିଆଯାଉଛି ବୋଲି ସେ ପ୍ରକାଶ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ କାର୍ଯ୍ୟକ୍ରମରେ ଭାଜପା କଟକ ଜିଲା ସଭାପତି ତଥା ପୂର୍ବତନ ବିଧାୟକ ପ୍ରକାଶ ବେହେରା, ବ୍ରହ୍ମଗିରି ବିଧାୟକ ଲଳିତେନ୍ଦୁ ବିଦ୍ୟାଧର ମହାପାତ୍ର, ବାରଙ୍ଗ ଜିଲାପରିଷଦ ସଭ୍ୟ ତୁଷାରକାନ୍ତ ଚକ୍ରବର୍ତ୍ତୀ, ବଡ଼ମ୍ବା ବିଧାୟକ ପ୍ରାର୍ଥୀ ବିଜୟ କୁମାର ଦଳବେହେରା, ମାହାଙ୍ଗା ବିଧାୟକ ପ୍ରାର୍ଥୀ ସାରଦା ପ୍ରଧାନ, ରାଜ୍ୟ ମହିଳା ମୋର୍ଚ୍ଚା ସମ୍ପାଦିକା ରଶ୍ମିରେଖା ଦାସ, ରାଜ୍ୟ ମହିଳା ମୋର୍ଚ୍ଚା ସଭାପତି ଶ୍ରୁତି ପଟ୍ଟନାୟକ, ବାଙ୍କୀ ବିଧାୟକ ପ୍ରାର୍ଥୀ ଶୁଭ୍ରାଂଶୁ ମୋହନ ପାଢ଼ୀ ଏବଂ ପିପିଲି ବିଧାୟକ ପ୍ରାର୍ଥୀ ଆଶ୍ରିତ ପଟ୍ଟନାୟକ ପ୍ରମୁଖ ଯୋଗଦେଇଥିଲେ। ପୂର୍ବାହ୍ନରେ ଆଠଗଡ ସହର ରଥଗଡା ଛକରୁ ଏକ ସୁସଜ୍ଜିତ ଗାଡ଼ିରେ ମନ୍ତ୍ରୀଙ୍କୁ ଶୋଭାଯାତ୍ରାରେ ସଭାସ୍ଥଳକୁ ନିଆଯାଇଥିଲା। ସଭାରେ ଜିଲା ସଭାପତି ପ୍ରକାଶ, ଯୁବନେତା ଅଭୟ ଓ କେନ୍ଦ୍ର ମନ୍ତ୍ରୀଙ୍କ ବ୍ୟତୀତ ଆଉ କାହାକୁ ମଞ୍ଚରେ କହିବାକୁ ଡକାଯାଇ ନ ଥିଲା। ଅପରପକ୍ଷେ କାର୍ଯ୍ୟକ୍ରମରେ ଆଠଗଡ଼ ବିଧାୟକ ପ୍ରାର୍ଥୀ ବ୍ରଜେନ୍ଦ୍ର ରାଏ, ଜିଲା ସାଧାରଣ ସମ୍ପାଦକ ରାମ ନାରାୟଣ ମହାନ୍ତି, ଜିଲା ସମ୍ପାଦକ ତଥା ପୂର୍ବତନ ବିଧାୟକ ପ୍ରାର୍ଥୀ ବିକ୍ରମ ଦାସ, ଆଠଗଡ ଏନ୍ଏସି ଅଧ୍ୟକ୍ଷା ପ୍ରାର୍ଥନା ଇଲା ପଣ୍ଡାଙ୍କ ସହ ୫ମଣ୍ଡଳ ସଭାପତିଙ୍କ ସମେତ କେତେକ ଜିଲାସ୍ତରୀୟ ଓ ସ୍ଥାନୀୟ କାର୍ଯ୍ୟକର୍ତ୍ତା ଅନୁପସ୍ଥିତ ଥିଲେ।



ଆଠଗଡ଼ଠାରେ ଶନିବାର କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ଦଳୀୟ କର୍ମୀମାନେ ଶୋଭାଯାତ୍ରାରେ ସଭାସ୍ଥଳକୁ ନେଉଛନ୍ତି।

# ନିଜ କର୍ତ୍ତବ୍ୟ ଭୁଲିଯାଉଛି ଭାଜପା: ସଞ୍ଜୟ

**ମୁମ୍ବାଇ,୧୪।୧୦:** ଭାରତ ବିପକ୍ଷ ବିଶ୍ୱକପ୍ ମ୍ୟାଚ ପୂର୍ବରୁ ପାକିସ୍ତାନ କ୍ରିକେଟ ଦଳକୁ ସ୍ୱାଗତ କରାଯିବା ନେଇ କେନ୍ଦ୍ର ସରକାରଙ୍କୁ ଟାର୍ଗେଟ୍ କରିଛନ୍ତି ଶିବସେନା (ୟୁବିଟି) ନେତା ସଞ୍ଜୟ ରାଉତ। ଏହି ଘଟଣାରେ ସଞ୍ଜୟ ଭାଜପାକୁ କଡ଼ା ସମାଲୋଚନା କରି ଶନିବାର କହିଛନ୍ତି,ଏହା କେବଳ ଗୁଜରାଟରେ ହିଁ ଘଟିଥାଏ। ଯଦି ଏଭଳି ଘଟଣା ଅନ୍ୟ କୌଣସି ରାଜ୍ୟରେ ହୋଇଥାନ୍ତା ତେବେ ଗୈରିକ ଦଳ ହଙ୍ଗାମା ସୃଷ୍ଟି କରିଥାନ୍ତା। ଭାଜପା ଆମକୁ ଶିକ୍ଷା ଦେବାକୁ ଚେଷ୍ଟା କରୁଛି, ମାତ୍ର ନିଜର କର୍ତ୍ତବ୍ୟ ଭୁଲି ଯାଉଛି। ମହାରାଷ୍ଟ୍ରରେ ବାଲା ସାହେବଙ୍କ ନାମରେ ଭାଜପା ସରକାର ଗଠନ କରିଛି, କିନ୍ତୁ ତାଙ୍କ ଆଦର୍ଶକୁ ଅନୁସରଣ କରିନାହିଁ।

## ମନେ ପଡ଼ନ୍ତି

**ଦଶାହ ଉପଲକ୍ଷେ**
**ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



**୰ଶ୍ରୀଧର ମହାପାତ୍ର**

ସେବକ ସାହି, ସାକ୍ଷୀଗୋପାଳ, ପୁରୀ

ଆବିର୍ଭାବ-ଏପ୍ରିଲ ୧୯୩୯
ତିରୋଧାନ- ୦୬।୧୦।୨୦୨୩

ଆପଣଙ୍କ ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥ ଓ ସାକ୍ଷୀଗୋପୀନାଥଙ୍କ ପାଦପଦ୍ମରେ ବିନମ୍ର ପ୍ରାର୍ଥନା କରୁଅଛୁ।

ଶୋକସନ୍ତପ୍ତ: ହତଭାଗ୍ୟ ପୁତ୍ର: ଶ୍ରୀପତି, ଶ୍ରୀବତ୍ସ, ଲିନା, ଶ୍ରୀମତି, ମୀନା, ରୀନା, ରାଜା, ଗୁଡ୍ଡୁ, ଇଶା, ବନ୍ଧୁ ଓ ପରିବାରବର୍ଗ ।

ଧ-୬୬୬୭୦

**ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



**୰ଶ୍ରୀମତୀ ମୋନାଲିସା ଶ୍ରୀଚନ୍ଦନ**

ଆବିର୍ଭାବ-୨୮।୦୮।୧୯୮୩
ତିରୋଧାନ- ୦୫।୧୦।୨୦୦୫

ଆଶ୍ୱିନ ମାସ ଅମାବାସ୍ୟା ପରଦିନ ପ୍ରତିପଦାରେ ତୁ ଚାଲିଗଲୁ ବହୁ ଦୂରକୁ... ଅତୀତ ସ୍ରୋତସ୍ୱିନୀ ସାଜି ମିଶିଗଲୁ ପୁଣ୍ୟର ସାଗର ଗର୍ଭରେ, ଆଉ ଫେରିବୁନି ସତ, କିନ୍ତୁ ତୋର ଛାପ ରହିଗଲା ମୋର ଅଧାପୋଡ଼ା ହୃଦୟ ଭିତରେ।

ତୋର ଅଭାଗିନୀ "ମା" ଓ ତୋର ହତଭାଗା ଭାଇ ଚନ୍ଦୁ

ଧ-୬୯୦୯୪

**ଶ୍ରଦ୍ଧାଞ୍ଜଳି**



**ସ୍ୱର୍ଗତ ରାମଚନ୍ଦ୍ର ଚୌଧୁରୀ**

ଆବିର୍ଭାବ: ୨୦।୦୬।୧୯୩୯
ତିରୋଧାନ: ୦୭।୧୦।୨୦୦୨
(ତିଥି- ଆଶ୍ୱିନ ଶୁକ୍ଳ ପ୍ରତିପଦା)

ଆପଣଙ୍କର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ଠାକୁରଙ୍କ ନିକଟରେ ପ୍ରାର୍ଥନା କରୁଅଛୁ।

ଶୋକସନ୍ତପ୍ତ ପରିବାରବର୍ଗ ।

ଧ-୭୪୫୮୮

# ଔପଦାରେ ବିଜେଡିର ପଦଯାତ୍ରା

ଔପଦା,୧୪।୧୦(ଧରିତ୍ରୀ ପଣ୍ଡା)

ଔପଦାରେ ବିଜେଡି ପକ୍ଷରୁ ଜନସମ୍ପର୍କ ପଦଯାତ୍ରା ସ୍ଥାନୀୟ ଶିବମନ୍ଦିର ନିକଟରୁ ବାହାରି ନବୀନ ପଟ୍ଟନାୟକଙ୍କ ଜନହିତକର ଯୋଜନା ସମ୍ପର୍କରେ ସ୍ଲୋଗାନ ଦେଇ ବଜାର ପରିକ୍ରମା କରି ଔପଦା ହାଇସ୍କୁଲ ପଡ଼ିଆରେ ଆୟୋଜିତ ସଭାରେ ପହଞ୍ଚିଥିଲା। ଔପଦା ବ୍ଲକ ବିଜେଡି ସଭାପତି ଅଶୋକ କୁମାର ପ୍ରଧାନଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ଭାବେ ଜିଲାପରିଷଦ ସଭାପତି ନାରାୟଣ ପ୍ରଧାନ ଯୋଗଦେଇ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟଧାରା ପାଇଁ ସେ ସର୍ବଭାରତୀୟ ସ୍ତରରେ ପରିଚିତ ହୋଇପାରିଛନ୍ତି। ୫-ଟି ଯୋଜନା ସହ ମିଶନ ଶକ୍ତି ମାଧ୍ୟମରେ ମହିଳାଙ୍କୁ ସଶକ୍ତିକରଣ କରିପାରିଥିବା ବେଳେ ଷଷ୍ଠ ଥର ପାଇଁ ମୁଖ୍ୟମନ୍ତ୍ରୀଙ୍କ ହାତମୁଠାକୁ ଟାଣ କରିବା ପାଇଁ ସେ ଆହ୍ୱାନ ଦେଇଥିଲେ। ବିଶିଷ୍ଟ ଅତିଥି ଭାବେ ନୀଳଗିରି ନିର୍ବାଚନମଣ୍ଡଳୀର ବିଜେଡି ନେତା ସନ୍ତୋଷ ଖଟୁଆ ମୁଖ୍ୟମନ୍ତ୍ରୀ ରାଜ୍ୟବାସୀଙ୍କୁ ନିଜ ପରିବାର ବୋଲି ଭାବନ୍ତି, ତାଙ୍କ ଯୋଜନାକୁ ଘରେ ଘରେ ପହଞ୍ଚାଇବା ସମସ୍ତଙ୍କର କର୍ତ୍ତବ୍ୟ ବୋଲି ସେ ମତବ୍ୟକ୍ତ କରିଥିଲେ। ପଦଯାତ୍ରାରେ ଅତିଥି ଭାବେ ଜିଲା ମହିଳା ସଭାପତି ବିନ୍ଦୁବାଳା ନନ୍ଦୀ, ଔପଦା ବ୍ଲକ ଅଧ୍ୟକ୍ଷା ବିସିବିସ୍ମା ପାତ୍ର, ଜିଲା ପରିଷଦ ସଦସ୍ୟ ଗତିକୃଷ୍ଣ ନନ୍ଦ, ଜିଲା ପରିଷଦ ସଭ୍ୟା ମୁନି ସିଂ, ଆଇନଜୀବୀ ଅମର ପ୍ରସାଦ ପଟ୍ଟନାୟକ, ସରପଞ୍ଚ ନିତ୍ୟାନନ୍ଦ ମୁଦୁଲି, ମନସ୍ମିତା ପଣ୍ଡା, ଜୟଶ୍ରୀ ମାଝି, ଯୁବନେତା ମନୋରଞ୍ଜନ ମହାନ୍ତି, ଔପଦା ବ୍ଲକ ବିଜେଡି ମହିଳା ସଭାପତି କନକଲତା ମୁଦୁଲି, ନେତା ସଚିନ୍ଦ୍ର ଦାସ, କାର୍ତ୍ତିକେଶ୍ୱର ପଣ୍ଡା, ଏସ୍‌ଡିସି ମଦନ ମାଝି ପ୍ରମୁଖ ବକ୍ତବ୍ୟ ରଖିଥିଲେ। ବ୍ଲକ ବିଜେଡି ସାଧାରଣ ସମ୍ପାଦକ ନିରଞ୍ଜନ ପ୍ରସାଦ ବାରିକ ଅତିଥିମାନଙ୍କୁ ମଞ୍ଚକୁ ଆହ୍ୱାନ କରିଥିବା ବେଳେ ଜୟଶ୍ରୀ ବେହେରା ସ୍ୱାଗତ ଭାଷଣ ଦେଇଥିଲେ। ଆଇନଜୀବୀ ଶରତ କୁମାର ବେହେରା ଧନ୍ୟବାଦ ଦେଇଥିଲେ।

# ରାଜପଥ ମୃତ୍ୟୁଯନ୍ତା, କେନ୍ଦ୍ରମନ୍ତ୍ରୀ ନୀରବ କାହିଁକି: ବିଜେଡି

ଭୁବନେଶ୍ୱର,୧୪।୧୦(ଅନିଲ ଦାସ)

କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଆଠଗଡ଼ରେ ଯେଉଁ ଅଭିଭାଷଣ ରଖିଲେ, ସେଥିରୁ ତାଙ୍କର ଅଜ୍ଞତା ପଦାରେ ପଡ଼ିଛି। କେନ୍ଦ୍ରମନ୍ତ୍ରୀ କହୁଛନ୍ତି, ମିଶନ ଶକ୍ତି ତାଙ୍କ ସରକାର ସମୟରେ ଆରମ୍ଭ ହୋଇଥିଲା। ଏହା ଅତ୍ୟନ୍ତ ଦୁର୍ଭାଗ୍ୟଜନକ ଓ ମିଥ୍ୟା ବୋଲି ବିଜେଡି ପ୍ରବକ୍ତା ଈପ୍ସିତା ସାହୁ କହିଛନ୍ତି। ସେ କହିଛନ୍ତି ଯେ ମୁଖ୍ୟମନ୍ତ୍ରୀଙ୍କ ନେତୃତ୍ୱରେ ରାଜ୍ୟରେ ୨୦୦୧ରେ ମିଶନ ଶକ୍ତି କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା।

ଏଭଳି ବିଭ୍ରାନ୍ତିକର ତଥ୍ୟ ଦେଇ କେନ୍ଦ୍ରମନ୍ତ୍ରୀ ରାଜ୍ୟର ଲକ୍ଷ ଲକ୍ଷ ମିଶନ ଶକ୍ତି ମା'ମାନଙ୍କୁ ଅପମାନିତ କରିଛନ୍ତି। ଯେଉଁ ମା'ମାନେ ଗଛ ତଳେ ବସି, ମୁଠିଚାଉଳ ଦେଇ ଏହାକୁ ଗଢ଼ିଛନ୍ତି, ତାଙ୍କ କାର୍ଯ୍ୟ ବିଷୟରେ ନ ଜାଣି ବକ୍ତବ୍ୟ ଦେବା ସେମାନଙ୍କ ପ୍ରତି ଅପମାନ ଓ ଅତ୍ୟନ୍ତ ଦୁର୍ଭାଗ୍ୟଜନକ କଥା।

କେନ୍ଦ୍ରମନ୍ତ୍ରୀ ଆଠଗଡ଼ ନିର୍ବାଚନମଣ୍ଡଳୀ ମଧ୍ୟଦେଇ ଯାଇଥିବା ଜାତୀୟ ରାଜପଥର ଶୋଚନୀୟ ଅବସ୍ଥାକୁ ସୁଧାରିବାକୁ କ'ଣ କରିଛନ୍ତି। ୯ ବର୍ଷର କେନ୍ଦ୍ରମନ୍ତ୍ରିତ୍ୱ ସମୟରେ କ'ଣ ପଦକ୍ଷେପ ନେଇଛନ୍ତି ସେ ବିଷୟରେ ଆଠଗଡ଼ବାସୀଙ୍କୁ କହିଥିଲେ ଭଲ ହୋଇଥାନ୍ତା। କାରଣ ଖାଲି ଆଠଗଡ଼ବାସୀ ନୁହନ୍ତି, ସାରା ଓଡ଼ିଶାବାସୀ ଜାଣିବାକୁ ଚାହୁଁଛନ୍ତି କାହିଁକି ଏନ୍ଏଚ୍-୫୫ ମରଣଯନ୍ତା ହେଲା ପରେ ମଧ୍ୟ ସେ ଚୁପ୍ ହୋଇ ରହିଛନ୍ତି।

ସେହିଭଳି ଓଡ଼ିଶାର ଭାଜପା ଏମ୍‌ପିମାନେ ଷଡ଼ଯନ୍ତ୍ର କରି ଗରିବ ଆଦିବାସୀଙ୍କୁ ମିଳିବାକୁ ଥିବା ଘର ବନ୍ଦ କରିଦେଲେ। ସଭାରେ ଧର୍ମେନ୍ଦ୍ର ଏ ବାବଦରେ ପଦୁଟିଏ ମଧ୍ୟ ଉଲ୍ଲେଖ କଲେ ନାହିଁ। ସାଢ଼େ ୪ କୋଟି ଓଡ଼ିଶାବାସୀଙ୍କ ସାମ୍ନାରେ ଏଭଳି ଅବିଚାର ନେଇ ବକ୍ତବ୍ୟ ରଖିଥିଲେ ଭଲ ହୋଇଥାନ୍ତା। କେନ୍ଦ୍ର ଶିକ୍ଷାମନ୍ତ୍ରୀ ଭାବେ ଆପଣ ଦାୟିତ୍ୱ ତୁଲାଉଛନ୍ତି। ଆଠଗଡ଼ ଗସ୍ତ ସମୟରେ ଜବାହର ନବୋଦୟ ବିଦ୍ୟାଳୟ ଅଥବା କେନ୍ଦ୍ରୀୟ ବିଦ୍ୟାଳୟ ନେଇ ଶିଳାନ୍ୟାସ କରିଥିଲେ ଆଠଗଡ଼ବାସୀ ଉପକୃତ ହୋଇଥାନ୍ତେ। ଶିକ୍ଷାମନ୍ତ୍ରୀ ଭାବେ ଓଡ଼ିଶାର ବିଭିନ୍ନ ସ୍ଥାନ ବୁଲୁଛନ୍ତି। କେତେ କେନ୍ଦ୍ରୀୟ ବିଦ୍ୟାଳୟ ଓ ଜବାହର ନବୋଦୟ ବିଦ୍ୟାଳୟ ସ୍ଥାପନ ପାଇଁ ଆପଣ କି ପଦକ୍ଷେପ ନେଇଛନ୍ତି ବୋଲି ଈପ୍ସିତା କହିଛନ୍ତି।


# Classified Everyday
**0674-2580101, 2549949**



**MATRIMONIAL**

**GROOM WANTED**

60 ବୟସ୍କା Govt. ଚାକିରିଆ Retd. ମହିଳାଙ୍କୁ ଯେକୌଣସି ଜାତିର ବରପାତ୍ର ଆବଶ୍ୟକ। (Urgent required). 9040735426. D-1564



**AUTOMOBILE**

**SALE**

TATA HYVA (Model-3118) 2018, 5 Nos., TATA HYVA (Model-2518) 2016, 4 Nos. - 9348369473, 7504690838. D-75235



**REAL ESTATE**

**SALE**

Duplex sale at Bhubaneswar @ 57 lakhs only. Contact: 9777433701. D-75232

ଭୁବନେଶ୍ୱର ଯାଆଁଳା, ଭୁଆସୁଣୀ ମନ୍ଦିର ପାଖରେ ଏବଂ ଗଙ୍ଗପଡା ପାଖରେ ସ୍ଥିତିବାନ୍ possession plot କିଣି ଘର କରନ୍ତୁ। Contact: 9777067303. D-1513

3500 Sqrft Land with 5000 Sqrft, Construction 3 storeyed building for sale near Amri Hospital, Bhubaneswar, price-3crore, No mediator please. Contact No-7377777979. D-1563

Commercial plot suitable for Health Clinic or any Other Business purpose 3 sides road facing to NH Nakhara to Niali road frontage 60 foot facing to south 10000sft. 8 k.m. from Nakhara. 8249851363. D-75049

ପୁରୀ ଶ୍ରୀମନ୍ଦିର ପାଖରେ **Furnished One Bedroom new flat with Kitchen & Bathroom** ମାତ୍ର **25** ଲକ୍ଷ **(Negotiable). Only genuine buyer contact: 9438220432/ 8144658008.** D-1557

ଘରବାରି ବାସୋପଯୋଗୀ ପାଚେରି, ଇଲେକ୍ଟ୍ରିସହ ଭୁବନେଶ୍ୱର ନିୟୁରେଲୱେ ଷ୍ଟେସନ୍ ନିକଟରେ ପ୍ଲଟ୍ ସୁଲଭମୂଲ୍ୟରେ ଉପଲବ୍ଧ ଅଛି। ସମ୍ପର୍କ କରନ୍ତୁ। **9439924161.** D-75236

Khurda ITBP & IRB ପାଖରେ Sthitiban Gharabari plot Electricity ସହିତ ମିଳୁଅଛି। Contact- 9090772843, 9800700664. D-1420

ଭୁବନେଶ୍ୱର **NH-16** ପିତାପଲ୍ଲୀରୁ **1 K.M.** ମଧ୍ୟରେ **Carmel School** ପାଖରେ **30' road, boundary** ପ୍ଲଟ୍ ସୁଲଭ ମୂଲ୍ୟରେ ମିଳୁଛି। **9337166296, 9853474706.** D-75233

ଜଟଣୀଗେଟ୍ NHରୁ ଅଳ୍ପ ଦୂରତାରେ sqft.-300/-, ଛତାବର- 500/-, ନଖରା SC/Gen plot- 300/-. 7978663279. D-75231

ଭୁବନେଶ୍ୱର Gita College ନିକଟ Gridco Colony/ Infocity-2 ପାଖରେ ପ୍ଲଟ୍ sqft. 520/- ବିକ୍ରିହେବ। 8917351078. D-75237

Khurda-Bhubaneswar, ମଧ୍ୟରେ Pitapalli Chhakରେ Sthitiban plot Electricity, Boundary ସହିତ ମିଳୁଅଛି। Contact- 7735888421, 7750068828. D-1421

New house 2 Stories on 5000Sqft. Land with shops for urgent sale Mainroad, Bhagwanpur, Dhenkanal@1.5cr, OSHB MIG house at Mahisapat @42lakhs. 9337416139. D-1549

**4 Bedroom new Construction individual duplex house sale at Gita Engineering College, NH-5 Goharia Chhak, Bhubaneswar, cost@85lac (land area-1560sqft, built up-2426sqft). Mob-9938867397.** D-1555

**PURCHASE**

ଭୁବନେଶ୍ୱରରେ ଘର କଲା ଭଳି କିସମ- ଘରବାରି **yellow zone** ଥାଇ ପିଚୁ ରାସ୍ତାକୁ ଲାଗି ଜାଗା ଆବଶ୍ୟକ ଅଛି। **9799798009**ରେ **Whatsapp** କରନ୍ତୁ। D-74589



**Office Space available at Esplanade Mall, Rasulgarh (1432sqft.). Contact: 9776505301.** D-1498

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/- ରେ। ରଙ୍ଗୀନ ଟ୪୨୦/- ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।



**Relax, Refresh your body, Mind at Saikrupa Spa with best therapies. 8984068077.** D-1502

**Full Body massage, expert Therapist positively health benefits. 8917243035 / 7205044659.** D-75156

Spa Kerala body Massage only best Therapist @699/- Bhubaneswar. 9337672475. D-1535

**Body massage by experience, good looking therapist @999/-. (Bhubaneswar) 9078484455.** D-1533

Newly open health benefits Spa special offer @ 999. Contact: 7749034655. D- 75157

**Full body massage by expert therapist positively health benefits. 9938843929.** D-75159

Asribadaa Panchakarma herbal SPA Kesharimall, Bhubaneswar. Contact: 8926173473. D-75051

**AFFIDAVIT**

By virtue of an affidavit sworn before the Executive Magistrate, Bonai on 12.09.2016, I, Urmila Mishra, S/o. Late Sadhu Charan Mishra, Vill/PO: Kalta, PS: Koira, Dist. Sundargarh declare that my correct name is Urmila Mishra which is reflected in my Aadhar card. But in my School Certificate my surname has been wrongly mentioned as Urmila Sarangi in place of Urmila Mishra. Both the names Urmila Mishra and Urmila Sarangi is one and same person. D-1570

Bhimasen Samantaray, S/o Late Purna Chandra Samantaray, PO/ PS-Badagada Brit Colony, Dist-Khordha, Henceforth is known as Bhimsen Samantaray. D-1569

Shantilata Samantaray, D/o Late Biswanath Mansingh, PO/ PS-Badagada Brit Colony,Dist-Khordha,Henceforth is known as Santilata Samantaray. D-1568

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com

**ଜନ୍ମଦିନ ଶୁଭେଚ୍ଛା**



**ରେୟାଂଶ**

ପୁରୀ ମାଟିତୋଟା

ପ୍ରଥମ ଜନ୍ମ ବାର୍ଷିକ ଅବସରରେ ଅନେକ ଅନେକ ଶୁଭେଚ୍ଛା ଓ ଅଭିନନ୍ଦନ। ମହାପ୍ରଭୁ ତୋ ଚଲାପଥକୁ କୁସୁମିତ କରିବା ସହ ଦୀର୍ଘାୟୁ କରନ୍ତୁ ।

ଶୁଭେଚ୍ଛା ସହ: ବାପା, ବୋଉ, ଜେଜେ ମା', ପିଉସୀ, ଅଜା, ଆଈ, ମାଉସୀ, ବନ୍ଧୁ ଓ ପରିବାରବର୍ଗ ।

ଧ-୧୪୬୭



**CONSTRUCTION**

**Construct your home 850/-, 1340/- which includes Architecture structure along with 3 years FMC, provide BDA Plan approval, boring-SNV Construction- 9439295469.** D-75226


### ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ଧରିତ୍ରୀ DHARITRI
ଭୁବନେଶ୍ୱର, ରବିବାର, ୧୫ ଅକ୍ଟୋବର, ୨୦୨୩



## ଏ ସପ୍ତାହର ପ୍ରଶ୍ନ

୧– ପିତୃପକ୍ଷ ମେଳା .................... ରାଜ୍ୟରେ ଆୟୋଜନ କରାଯାଇଛି ?
୨– ଫ୍ରାଙ୍କ୍ ରୁବିଓ ଜଣେ ............................ ?
୩– ପିସିଭି ହେଉଛି ...............ର ଏକ ପଲିମର୍ ?
୪– ବୋହାଗ ବିହୁ ପର୍ବ ............ରାଜ୍ୟରେ ପାଳନ କରାଯାଏ ?
୫–ୱାର୍ଲ୍ଡ ଇକୋନୋମିକ୍ ଫୋରମ୍‌ର ପ୍ରତିଷ୍ଠାତା ......................... ?

## ଗତ ଥରର ଉତ୍ତର

୧ ଲିଆଣ୍ଡର ପେସ୍
୨ ଉତ୍ତରପ୍ରଦେଶ
୩ ଭାରତ
୪ ନୂଆଦିଲ୍ଲୀ
୫ ଶଶି ଥରୁର୍

## ଉତ୍ତରଦାତା


ସୁନୀଲ କୁମାର ବେହେରା, ବ୍ରହ୍ମପୁର


ଶେଖ୍ ୟାକୁବ୍ ଗୋପ


ନିର୍ବିକଳ୍ପ ନାଥ ଘଣ୍ଟେଶ୍ୱର

**ସୂଚନା:** ଆଗାମୀ ଆଶା ପୃଷ୍ଠା ପାଇଁ ଲେଖା ଓ ଫଟୋ ପଠାଇବା ଲାଗି ଇ-ମେଲ୍ ଠିକଣା: dharitriagamiasha @gmail.com

## ଟପ୍ ୧୦

### ପୃଥିବୀ ପ୍ରସିଦ୍ଧ ସହର (ଫେମସ୍ ଷ୍ଟ୍ରିଟ୍)



୧– ଚ୍ୟାମ୍ପ ଏଲିସିଜ୍ ........................ ଫ୍ରାନ୍ସ
୨– ଲାସ୍ ଭେଗାସ୍ ଷ୍ଟ୍ରିପ୍ ........................ ଲାସ୍ ଭେଗାସ୍
୩– ଭାୟା ଡୋଲୋରୋସା ........................ ଜେରୁସାଲେମ୍
୪– ୱାଲ୍ ଷ୍ଟ୍ରିଟ୍ ........................ ନ୍ୟୁୟର୍କ
୫– ଖାଓ ସ୍ୟାନ୍ ରୋଡ୍ ........................ ବ୍ୟାଙ୍ଗକକ୍
୬– ଅର୍‌ଚାର୍ଡ ରୋଡ୍ ........................ ସିଙ୍ଗାପୁର୍
୭– ଲା ରାମ୍ବଲା ........................ ବାର୍ସେଲୋନା, ସ୍ପେନ୍
୮– ହଲିଉଡ୍ ୱାକ୍ ଅଫ୍ ଫେମ୍ ........................ ଲସ୍ ଆଞ୍ଜେଲ୍ସ
୯– ଆବେ ରୋଡ୍ ........................ ଲଣ୍ଡନ
୧୦– ଲମ୍ବାର୍ଡ ଷ୍ଟ୍ରିଟ୍ ........................ ସ୍ୟାନ୍ ଫ୍ରାନ୍ସିସ୍କୋ

## ଜାଣନ୍ତୁ ଦୁନିଆ

# ଭୂକମ୍ପ ସୂଚନା ଦେବ ଏଆଇ

**ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସ (ଏଆଇ) ବର୍ତ୍ତମାନ ପ୍ରାୟ ସବୁ କ୍ଷେତ୍ରରେ ଏହାର କାୟା ବିସ୍ତାର କରିବାରେ ଲାଗିଛି। ମଣିଷ ତୁଳନାରେ କମ୍ ଭୁଲ୍, ଅଳ୍ପ ସମୟରେ ଅଧିକ କାମ ସହ ୨୪ ଘଣ୍ଟା ଉପଲବ୍ଧ ହୋଇପାରୁଥିବାରୁ ଏହା ସବୁଠି ଆଦୃତ ହେବାରେ ଲାଗିଛି। ହେଲେ ଆପଣ କେବେ ଭାବିଛନ୍ତି କି, ଭବିଷ୍ୟବାଣୀ ଦେବା ଲାଗି ବି ଏଆଇର ବ୍ୟବହାର କରାଯାଇପାରେ। ହେଲେ ଏହା ସମ୍ପୂର୍ଣ୍ଣ ସତ। ଜାଣିବା ସେ ସମ୍ପର୍କରେ...**

ବର୍ତ୍ତମାନ ଅଧିକାଂଶ କ୍ଷେତ୍ରରେ ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସର ବ୍ୟବହାର କରାଯାଉଛି। ତେବେ ଆପଣ ଜାଣିଲେ ଆଶ୍ଚର୍ଯ୍ୟ ହେବେ ବର୍ତ୍ତମାନ ଏଆଇ ଭୂକମ୍ପ ଭଳି ପ୍ରାକୃତିକ ବିପର୍ଯ୍ୟୟ ସମ୍ପର୍କରେ ମଧ୍ୟ ଭବିଷ୍ୟବାଣୀ ଦେଇପାରିବ। ଏକ ଗବେଷଣା ରିପୋର୍ଟ ମୁତାବକ ଭୂକମ୍ପ ସମ୍ପର୍କରେ ଏଆଇ ଏକ ସପ୍ତାହ ପୂର୍ବରୁ ସୂଚନା ଦେଇପାରୁଛି, ଯାହାକି ପ୍ରାୟ ୭୦ ପ୍ରତିଶତ ଠିକ୍ ମଧ୍ୟ ରହୁଛି।

ଚାଇନାର ଅଷ୍ଟିନ୍‌ସ୍ଥିତ ଟେକ୍ସାସ୍ ବିଶ୍ୱବିଦ୍ୟାଳୟର ବୈଜ୍ଞାନିକମାନେ ଏକ ଏଭଳି ଏଆଇ ପ୍ରସ୍ତୁତ କରିଛନ୍ତି, ଯାହା ଠିକ୍ ସମୟରେ ଭୂକମ୍ପ ସମ୍ପର୍କରେ ସୂଚନା ଦେବା ଲାଗି ତାଲିମପ୍ରାପ୍ତ। ତାଲିମ ପୂର୍ବରୁ ଏହି ଏଆଇକୁ ପୂର୍ବରୁ ହୋଇଥିବା କେତୋଟି ଭୂକମ୍ପ ଡାଟା ପ୍ରଦାନ କରାଯାଇଥିଲା। ୭ ମାସ ପରୀକ୍ଷଣ କରାଯିବା ସମୟରେ ଦେଖାଯାଇଥିଲା ଯେ, ୨୦୦ ମାଇଲ ଦୂରତା ମଧ୍ୟରେ ହେବାକୁ ଥିବା ୧୪ଟି ଭୂକମ୍ପ ବିଷୟରେ ଏହି ଏଆଇ ସଠିକ ସୂଚନା ଏକ ସପ୍ତାହ ପୂର୍ବରୁ ସୂଚନା ଦେଇଥିଲା। ଯଦିଓ ଏହା ବ୍ୟତୀତ ଗୋଟିଏ ଭୂକମ୍ପ ବିଷୟରେ ତାହା ନ ଜାଣିପାରିବା ବେଳେ ଅନ୍ୟ ଆଠଟି ବିଷୟରେ ଭୁଲ ତଥ୍ୟ ଦେଇଥିଲା। ତଥାପି ଏହି ଏଆଇ ପ୍ରାୟ ୭୦ ପ୍ରତିଶତ ଠିକ୍ ତଥ୍ୟ ଦେଇ ପାରୁଥିବାରୁ ଭବିଷ୍ୟତରେ ଏହାଦ୍ୱାରା ଭୂକମ୍ପ ଟ୍ରାକିଂ କରିହେବା ସହ ଏହାଯୋଗୁ ହେଉଥିବା କ୍ଷୟ କ୍ଷତିକୁ କିଛି ମାତ୍ରାରେ ରୋକାଯାଇପାରିବ।




# ସେଫ୍ ଡ୍ରାଇଭିଂ





**ବର୍ତ୍ତମାନ ବେପରୁଆ ଗାଡ଼ିଚାଳନା ସାଙ୍ଗକୁ ଗାଡ଼ିରେ ମୋବାଇଲ ଫୋନ୍ ବ୍ୟବହାର ଦିନକୁଦିନ ସଡ଼କ ଦୁର୍ଘଟଣାଜନିତ ଜୀବନହାନି ସଂଖ୍ୟା ବୃଦ୍ଧି କରୁଛି। ତେଣୁ ସୁରକ୍ଷା ଦୃଷ୍ଟିରୁ ଏଥିପ୍ରତି ସଚେତନ ରହିବା ଆବଶ୍ୟକ...**

ୱାର୍ଲ୍ଡ ହେଲ୍‌ଥ ଅର୍ଗାନାଇଜେଶନ୍ (ଡବ୍ଲ୍ୟୁଏଚ୍‌ଓ) ରିପୋର୍ଟ ମୁତାବକ, ବର୍ତ୍ତମାନ ସମଗ୍ର ପୃଥିବୀରେ ୮ମ ସର୍ବାଧିକ ମୃତ୍ୟୁସଂଖ୍ୟାର କାରଣ ସାଜିଛି ସଡ଼କ ଦୁର୍ଘଟଣା। ଏହାଦ୍ୱାରା କୌଣସି ନା କୌଣସି ସ୍ଥାନରେ ପ୍ରତି ୨୪ ସେକେଣ୍ଡରେ ଜଣଙ୍କର ବା ବର୍ଷକୁ ପ୍ରାୟ ୧.୩ ବିଲିୟନ୍ ଜୀବନହାନି ହେଉଛି। ତେବେ ଅତ୍ୟନ୍ତ ପରିତାପର ବିଷୟ ଯେ, ସବୁଆଡ଼େ ହେଉଥିବା ଦୁର୍ଘଟଣା ମଧ୍ୟରେ ଭାରତରେ ସଡ଼କ ଦୁର୍ଘଟଣାଜନିତ ମୃତ୍ୟୁହାର ସର୍ବାଧିକ। ଅର୍ଥାତ୍ ଏଠାରେ ବର୍ଷକୁ ୧.୫ ମିଲିୟନ ଲୋକଙ୍କ ମୃତ୍ୟୁ ହେଉଥିବା ବେଳେ ସେଥିରେ ଯୁବପିଢ଼ିଙ୍କ ସଂଖ୍ୟା ସର୍ବାଧିକ।

ଗାଡ଼ି ଚଳାଇବା ବେଳେ ସାମାନ୍ୟ ଅବହେଳା ବି ବଡ଼ ଦୁର୍ଘଟଣାର କାରଣ ସାଜିପାରେ। ତେଣୁ ନିଜ ସହିତ ଅନ୍ୟମାନଙ୍କ ସୁରକ୍ଷା ନିମନ୍ତେ ଗାଡ଼ି ଚଳାଇବା ବେଳେ କେତେକ ଦିଗ ପ୍ରତି ସତର୍କ ରହିବା ନିହାତି ଆବଶ୍ୟକ...

**ଦ୍ରୁତ ଗତି ମହାବିପତ୍ତି:** ଅଧିକ ସ୍ପିଡ୍‌ରେ ଗାଡ଼ି ଚଳାଇବା ବର୍ତ୍ତମାନ ଅଧିକାଂଶ ଦୁର୍ଘଟଣାର ମୂଳ କାରଣ ସାଜିଛି। ସ୍ପିଡ୍‌ରେ ଗାଡ଼ି ଚଳାଇବା ଦ୍ୱାରା ଆଗରେ କୌଣସି ଗାଡ଼ି, ମଣିଷ କିମ୍ବା ପଶୁ ଆସିଗଲେ ପିଟି ହୋଇଯାଏ କିମ୍ବା ହଠାତ୍ ବ୍ରେକ୍ କରିବା ଦ୍ୱାରା ଗାଡ଼ି ଭାରସାମ୍ୟ ହରାଇ ପଡ଼ିଯାଏ। ଏପରି ନ ହେବା ଲାଗି ଗାଡ଼ିର ସ୍ପିଡ୍ ସବୁବେଳେ ମଧ୍ୟମ ତଥା ନିୟନ୍ତ୍ରଣରେ ରଖନ୍ତୁ।

**ଫୋନ୍ ବ୍ୟବହାର ବିପଦପୂର୍ଣ୍ଣ:** ନ୍ୟାଶନାଲ ସେଫ୍ଟି କାଉନ୍‌ସିଲ ରିପୋର୍ଟ ଅନୁଯାୟୀ, ଗାଡ଼ି ଚଳାଇବା ବେଳେ ମୋବାଇଲ ଫୋନ୍ ବ୍ୟବହାର ଦୁର୍ଘଟଣା ପାଇଁ ବିଶେଷ ଭାବେ ଦାୟୀ। ଅନେକଙ୍କ ମନରେ ଏକ ଧାରଣା ଥାଏ ଯେ, ସିଧାସଳଖ ମୋବାଇଲ ଫୋନ୍ ନ ଧରି ବ୍ଲୁଟୁଥ୍ ଭଳି ହ୍ୟାଣ୍ଡ୍‌ସ ଫ୍ରି ଡିଭାଇସ୍ ବ୍ୟବହାର କରିବା ନିରାପଦ। ହେଲେ ବାସ୍ତବରେ ଏହା ମଧ୍ୟ ଦୁର୍ଘଟଣା ଲାଗି ସମପରିମାଣରେ ଦାୟୀ। ତେବେ ଏହାଦ୍ୱାରା ଚାଳକ ନିଜ ଜୀବନ ସହିତ ଅନ୍ୟମାନଙ୍କ ଜୀବନକୁ ମଧ୍ୟ ମୃତ୍ୟୁମୁଖକୁ ଠେଲି ଦେଇଥାଏ। କେବଳ ଏତିକି ନୁହେଁ, ବର୍ତ୍ତମାନ ଅଧିକାଂଶ ଯୁବପିଢ଼ିଙ୍କଠାରେ ଗାଡ଼ି ଚଳାଇବା ବେଳେ ଦେଖିବାକୁ ମିଳୁଥିବା ସେଲ୍‌ଫି ନେବା, ଭିଡିଓ ଶୁଟ୍ କରିବାର କ୍ରେଜ୍ ବି ଆକ୍ସିଡେଣ୍ଟ ହେବାର ଅନ୍ୟ ଏକ ମୁଖ୍ୟ କାରଣ। ତେଣୁ ଗାଡ଼ି ଚଳାଇବା ବେଳେ କଲ୍ ଆସୁଥିଲେ ରାସ୍ତା କଡ଼ରେ ଡ୍ରାଇଭିଂ ବନ୍ଦ କରି କଥା ହୁଅନ୍ତୁ କିମ୍ବା ପହଞ୍ଚିବା ପରେ ଫୋନ୍ କରନ୍ତୁ । ସେହିପରି ଗାଡ଼ି ଚଳାଇବା ବେଳେ ଫଟୋ, ଭିଡିଓ ଆଦି ଉଠାନ୍ତୁ ନାହିଁ କିମ୍ବା ଗାଡ଼ିରେ ବସିଥିଲେ ଚାଳକଙ୍କୁ ଏସବୁ କରି ଡିଷ୍ଟର୍ବ କରନ୍ତୁ ନାହିଁ। ଏଭଳି ଦୁର୍ଘଟଣା ରୋକିବା ଲାଗି କାଲିଫର୍ନିଆ, କନେକ୍ଟିକଟ୍, ଡେଲାୱେର୍, ୱାଶିଂଟନ୍ ଡିସି, ହାୱାଇ, ଇଲିନୋଇସ୍, ମାରିଲାଣ୍ଡ, ନେଭାଡ଼ା, ନ୍ୟୁୟର୍କ, ଆରେଗନ୍, ଭେରମଣ୍ଟ ଭଳି କେତେକ ସହରରେ ଗାଡ଼ି ଚଳାଇବା ସମୟରେ ମୋବାଇଲ ଫୋନ୍ ବ୍ୟବହାର କରିବା ନିଷେଧ କରାଯାଇଛି।

**ହେଲ୍‌ମେଟ୍ ଓ ସିଟ୍‌ବେଲ୍ଟ:** ଅନେକେ ଟ୍ରାଫିକ୍ ନିୟମ ଅନୁଯାୟୀ ଫାଇନ୍ ଦେବା ଡରରେ ହେଲ୍‌ମେଟ୍ ପିନ୍ଧୁଥିବା ବେଳେ ଟ୍ରାଫିକ୍ ନ ଥିବା ସ୍ଥାନରେ ହେଲ୍‌ମେଟ୍ ଖୋଲି ଗାଡ଼ି ଚଳାନ୍ତି। ହେଲେ ଏହାଦ୍ୱାରା ଦୁର୍ଘଟଣା ହେଲେ ମୁଣ୍ଡରେ ଆଘାତ ଲାଗିବା ସହ ମୃତ୍ୟୁ ଆଶଙ୍କା ବୃଦ୍ଧି ପାଇଥାଏ। ତେଣୁ ଦୁଇଚକିଆ ଯାନ ଚଳାଇବା ବେଳେ ହେଲମେଟ୍ ନିହାତି ପିନ୍ଧିବା ଆବଶ୍ୟକ। ସେହିପରି ପଛରେ ବସିଥିବା ବ୍ୟକ୍ତିଙ୍କୁ ବି ହେଲ୍‌ମେଟ୍ ପିନ୍ଧିବା ଜରୁରୀ। ସେହିପରି ୪ ଚକିଆ ଗାଡ଼ି ଚଳାଇବା ବେଳେ ସିଟ୍ ବେଲ୍ଟ ବାନ୍ଧିବା ସବୁଠୁ ଗୁରୁତ୍ୱପୂର୍ଣ୍ଣ କଥା । କାରଣ ହଠାତ୍ ଆକ୍ସିଡେଣ୍ଟ ହୋଇଗଲେ ଏହା ବେଶି କ୍ଷତି ହେବାରୁ ରକ୍ଷା କରିଥାଏ । ତେଣୁ ଏଥିପ୍ରତି ସତର୍କ ହେବା ଜରୁରୀ।

**ରୁହନ୍ତୁ ନିଶାମୁକ୍ତ:** ଆଲ୍‌କୋହଲ ପିଇ ଗାଡ଼ି ଚଳାଇବା ଦୁର୍ଘଟଣାର ଅନ୍ୟ ଏକ ମୁଖ୍ୟ କାରଣ। ତେଣୁ ଡ୍ରିଙ୍କ୍ସ କରିଥିଲେ ଗାଡ଼ି ଚଳାନ୍ତୁ ନାହିଁ । କାରଣ ଆପଣଙ୍କ ଏହି ଭୁଲ ନିଜ ସହିତ ଅନ୍ୟର ଜୀବନକୁ ବି ବିପଦରେ ପକାଇପାରେ।

**ଓଭରଲୋଡ୍:** ବାଇକ୍ ହେଉ ବା କାର୍, ଗୋଟେ ଗାଡ଼ିରେ ଆବଶ୍ୟକତାଠାରୁ ଅଧିକ ବ୍ୟକ୍ତି ଯାଆନ୍ତୁ ନାହିଁ । କାରଣ ଏହାଦ୍ୱାରା କେବେକେବେ ଗାଡ଼ି ଭାରସାମ୍ୟ ହରାଇ ଦୁର୍ଘଟଣା ହେବାର ଆଶଙ୍କାକୁ ଏଡ଼ାଇ ଦିଆଯାଇ ନ ପାରେ।

**ଟ୍ରାଫିକ୍ ନିୟମ:** ଟ୍ରାଫିକ ନିୟମକୁ କେବଳ ଫାଇନ୍ ଦେବାରୁ ବଞ୍ଚିତ ହେବାର ଏକ ମାଧ୍ୟମ ବୋଲି ଭାବନ୍ତୁ ନାହିଁ। ମଣିଷସମାଜର ସୁରକ୍ଷା ନିମନ୍ତେ କରାଯାଇଥିବା ଏହିସବୁ ନିୟମ ମାନନ୍ତୁ ଏବଂ ନିଜ ସହ ଅନ୍ୟମାନଙ୍କୁ ମଧ୍ୟ ସୁରକ୍ଷିତ ରଖନ୍ତୁ।

### କ'ଣ କୁହନ୍ତି ଏମାନେ...



**ହରପ୍ରସାଦ ସ୍ୱାଇଁ** (କର୍ମଜୀବୀ, ହରିଅନ୍ତା, ପିପିଲି, ପୁରୀ)– ସଡକ ସୁରକ୍ଷା ଆଜିର ଦିନରେ ସମସ୍ତଙ୍କ ପାଇଁ ଏକ ବଡ ଚ୍ୟାଲେଞ୍ଜ। କାରଣ ବର୍ତ୍ତମାନ ଯେତେମାତ୍ରାରେ ଗାଡି ସଂଖ୍ୟା ବଢୁଛି ଅନେକଙ୍କ ବେପରୁଆ ଗାଡି ଚାଳନା ଯୋଗୁ ମୃତ୍ୟୁସଂଖ୍ୟା ସେତେ ବୃଦ୍ଧି ପାଉଛି। ତେଣୁ ମୋ ମତରେ ଗାଡି ଚଲାଇବା ବେଳେ ସତର୍କ ରହିବା ଆବଶ୍ୟକ। ତା'ଛଡା ଷ୍ଟାଇଲ୍ ପାଇଁ ଅଧିକ ହେଭି ଏବଂ ସ୍ପିଡ୍ ଗାଡି ପରିବର୍ତ୍ତେ ଆମ ଅଞ୍ଚଳର ରାସ୍ତାଘାଟକୁ ଚାହିଁ ଗାଡି ବ୍ୟବହାର କରିବା ଦରକାର। ତେଣୁ ରାସ୍ତା ପାର ହେବା ବେଳେ ଉଭୟ ପାର୍ଶ୍ୱକୁ ଭଲ ଭାବେ ଦେଖିବା ତଥା ଗାଡି ଚଲାଇବା ବେଳେ ସ୍ପିଡ୍‌ରେ କାହାକୁ ଓଭରଟେକ୍ ନ କରିବା ଦିଗରେ ସବୁବେଳେ ଯତ୍ନଶୀଳ ରହିଥାଏ।



**ମନୋଜ କୁମାର ସାହୁ**(ଛାତ୍ର, ଫୁଲନଖରା, କଟକ)– ଦୁର୍ଘଟଣା ସବୁବେଳେ ଅକସ୍ମାତ ହୋଇଥାଏ। ହେଲେ ସାମାନ୍ୟ ଅବହେଳା କିମ୍ବା ବେପରୁଆ ଗାଡି ଚାଳନା ପାଇଁ ଯେପରି ନିଜେ କିମ୍ବା ମୋ ପାଇଁ ଅନ୍ୟ କେହି ଅସୁବିଧାର ସମ୍ମୁଖିନ ନ ହେଉ ସେଥିପ୍ରତି ସଜାଗ ରହିଥାଏ। ଟ୍ରାଫିକ୍ ନିୟମ ମାନିବା ସହ ସବୁବେଳେ ହେଲ୍‌ମେଟ୍ ବ୍ୟବହାର କରେ ଏବଂ ସ୍ପିଡ୍ ନିୟନ୍ତ୍ରଣରେ ରଖେ। ସବୁଠୁ ବଡ କଥା ହେଲା ଗାଡି ଚଲାଇବା ବେଳେ ମୋବାଇଲ୍ ଫୋନ୍‌ରେ କଥା କିମ୍ବା ସେଲ୍ଫି ନେବା ଭଳି କାର୍ଯ୍ୟ ଆଦୌ କରେ ନାହିଁ କିମ୍ବା କାହା ପଛରେ ଗାଡିରେ ବସିଥିବା ବେଳେ ଡିଷ୍ଟର୍ବ ମଧ୍ୟ କରେ ନାହିଁ।







## ୟୁଥ୍ ଆଲର୍ଟ

# ଅମୃତଭଣ୍ଡା ସହ ଏହି ଖାଦ୍ୟ ମନା...

**ଅମୃତଭଣ୍ଡା ଖାଇବାକୁ ଅନେକେ ଭଲପାଆନ୍ତି। ଏହା କେବଳ ସ୍ୱାଦିଷ୍ଟ ନୁହେଁ, ବରଂ ଏଥିରେ ଭରି ରହିଛି ଅନେକ ପୋଷକତତ୍ତ୍ୱ। ହେଲେ ଆପଣ ଜାଣନ୍ତିକି ଏହା ସହ କେତେକ ଖାଦ୍ୟ ଖାଇବା ଦ୍ୱାରା ଏହାର ଗୁଣବତ୍ତା ନଷ୍ଟ ହେବା ସହ ବିଭିନ୍ନ ସମସ୍ୟା ବି ଉପୁଜିପାରେ। ଜାଣିରଖନ୍ତୁ କେଉଁ ଖାଦ୍ୟ ଅମୃତଭଣ୍ଡା ସହ ଖାଇବା ଠିକ୍ ନୁହେଁ...**

**କ୍ଷୀର :** ଫ୍ରୁଟ୍ ସେକ୍ ପିଇବାକୁ ଅନେକେ ବହୁତ ଭଲପାଆନ୍ତି, ଯାହାକୁ ପ୍ରସ୍ତୁତ କରିବା ଲାଗି ଫଳକୁ କ୍ଷୀର ସହ ମିଶାଇ ଗ୍ରାଇଣ୍ଡିଂ କରାଯାଏ। ହେଲେ ଆପଣ ଜାଣନ୍ତିକି, କ୍ଷୀର ସହ ଅମୃତଭଣ୍ଡା ଖାଇବା ସ୍ୱାସ୍ଥ୍ୟ ପକ୍ଷେ ହାନିକାରକ ହୋଇପାରେ। କାରଣ ଏହାଦ୍ୱାରା ପେଟ ଯନ୍ତ୍ରଣା, ଗ୍ୟାସ୍, ବଦହଜମି, କୋଷ୍ଠକାଠିନ୍ୟ ଏବଂ କେବେକେବେ ଝାଡ଼ାବାନ୍ତି ଭଳି ସମସ୍ୟା ବି ଉପୁଜିପାରେ।

**ଦହି:** କେବଳ କ୍ଷୀର ନୁହେଁ, ଦହି ବି ଏହା ସହ ଖାଇବା ଠିକ୍ ନୁହେଁ। ଆୟୁର୍ବେଦ ଅନୁଯାୟୀ ଅମୃତଭଣ୍ଡା ଗରମ ଓ ଦହି ଥଣ୍ଡା ହୋଇଥିବାରୁ ଏହି ଦୁଇଟି ଖାଦ୍ୟ ମିଶାଇ ଖାଇବା ଦ୍ୱାରା ଥଣ୍ଡା, କଫ, ମୁଣ୍ଡବିନ୍ଧା ଭଳି ସମସ୍ୟା ଦେଖାଦେଇପାରେ। ତେଣୁ ଅମୃତଭଣ୍ଡା ଖାଇବାର ଅତିକମ୍‌ରେ ଏକ ଘଣ୍ଟା ପରେ ଦହି ଖାଆନ୍ତୁ।



**କମଳା ଏବଂ ଲେମ୍ବୁ:** ଫ୍ରୁଟ୍ ଚାଟ୍‌ରେ ସବୁ ଫଳ ଏକାଠି ଖାଇବାକୁ କିଏ ବା ଭଲ ନ ପାଏ ! କିନ୍ତୁ ଆପଣ ଜାଣିଲେ ଆଶ୍ଚର୍ଯ୍ୟ ହେବେ କିଛି ଫଳ ଏମିତି ଅଛି, ଯାହାକୁ ଅନ୍ୟ ଫଳ ସହ ଖାଇବା ସ୍ୱାସ୍ଥ୍ୟକର ନୁହେଁ। ଠିକ୍ ଯେମିତି ଅମୃତଭଣ୍ଡା ସହ କମଳା କିମ୍ବା ଲେମ୍ବୁ ଆଦି ଖଟା ଫଳ ଖାଇବା ଭଲ ନୁହେଁ। କାରଣ ଏଭଳି ଫଳରେ ଥିବା ସାଇଟ୍ରିକ୍ ଏସିଡ୍ ଏବଂ ଭିଟାମିନ୍ ସି ଅମୃତ ଭଣ୍ଡା ସହ ମିଶିବା ପରେ ହଜମ ସମସ୍ୟା ସୃଷ୍ଟି କରିଥାଏ। ଏହା ଏସିଡିଟି, ଛାତି ପୋଡ଼ିବା, ପାକସ୍ଥଳୀରେ ଯନ୍ତ୍ରଣା ଆଦି ସମସ୍ୟାର କାରଣ ସାଜିପାରେ।



**କଲରା:** ଅମୃତଭଣ୍ଡାରେ ଜଳୀୟ ଅଂଶ ଭରପୂର ମାତ୍ରାରେ ଥିବାରୁ ଏହା ଶରୀରକୁ ହାଇଡ୍ରେଟ୍ ରଖିଥାଏ। କିନ୍ତୁ କଲରା ଅତ୍ୟନ୍ତ ପିତା ହେବା ସହ ଏହା ଶରୀରରୁ ଜଳୀୟାଂଶ ଶୋଷି ନେଇଥାଏ। ତେଣୁ ଏହି ଦୁଇଟି ଖାଦ୍ୟ ଏକାଠି ଖାଇବା ଦ୍ୱାରା ଡିହାଇଡ୍ରେଶନ୍ ସମସ୍ୟା ଉପୁଜିପାରେ। ତେଣୁ ଏହି ଦୁଇଟି ଖାଦ୍ୟ ଏକାଠି ନ ଖାଇବା ଭଲ।





# ଉତ୍ସାହ, ଉଦ୍ଦୀପନା, ଉଲ୍ଲାସ



ଅହମଦାବାଦର ନରେନ୍ଦ୍ର ମୋଦି ଷ୍ଟାଡିୟମରେ ଉଲ୍ଲସିତ ଭାରତୀୟ ଦର୍ଶକ।

## ଅଖତରଙ୍କୁ ଟ୍ରୋଲ କଲେ ସଚିନ୍

**ଅହମଦାବାଦ,୧୪।୧୦(ପି.ଟି.)**

ପାକିସ୍ତାନ ବିପକ୍ଷରେ ଦିନିକିଆ କ୍ରିକେଟ ବିଶ୍ୱକପରେ ବିଜୟକୁ ନେଇ ଅନେକ ପୂର୍ବତନ କ୍ରିକେଟର ଖୁସି ଜାହିର କରିଛନ୍ତି। ପୂର୍ବତନ କ୍ରିକେଟରଙ୍କ ମଧ୍ୟରେ ସଚିନ୍ ତେନ୍ଦୁଲକର, ବୀରେନ୍ଦ୍ର ସେହ୍ୱାଗଙ୍କ ଭଳି କ୍ରିକେଟର ଭାରତର ଏହି ବୃହତ ବିଜୟକୁ ନେଇ ଖୁସି ଜାହିର କରିଛନ୍ତି। ତେବେ କିମ୍ବଦନ୍ତୀ ସଚିନ୍ ତେନ୍ଦୁଲକର ପାକିସ୍ତାନ ସ୍ପିଡଷ୍ଟର ଶୋଏବ ଅଖତରଙ୍କୁ ଟ୍ରୋଲ କରିଥିଲେ। ପୂର୍ବତନ ବିସ୍ଫୋରକ ଓପନର ସେହ୍ୱାଗ ସୋସିଆଲ ମିଡିଆ ପ୍ଲାଟଫର୍ମ ଏକ୍ସରେ ଲେଖିଥିଲେ 'ଭାରତର ବିଧ୍ୱଂସକାରୀ ଅବତାରର ଶ୍ରେଷ୍ଠ ରୂପ। ସମ୍ପୂର୍ଣ୍ଣ ଭାବରେ ପାକିସ୍ତାନକୁ ବଶରେ ରଖିଲେ ଭାରତୀୟ ଖେଳାଳି। ଏହି ବିଜୟ ଚମତ୍କାର ରହିଥିବା ବେଳେ ୭୨ ଓଭର ହିଁ ଯଥେଷ୍ଟ ରହିଥିଲା। ରୋହିତ, ବୁମ୍‌ରା ଓ କୁଲଦୀପ ଚମତ୍କାର ପ୍ରଦର୍ଶନ କରିଥିଲେ। ଭାରତ ମାତା କି ଜୟ'।

ଭାରତର କିମ୍ବଦନ୍ତୀ ସଚିନ୍ ତେନ୍ଦୁଲକର କିନ୍ତୁ ଶୋଏବ ଅଖତରଙ୍କୁ ଟ୍ରୋଲ କରିଥିଲେ। ମ୍ୟାଚ୍‌ର ଦିନକ ପୂର୍ବରୁ ଶୋଏବ ଏକ ଫଟୋ ପୋଷ୍ଟ କରିଥିଲେ ଯେଉଁଥିରେ ସେ ସଚିନଙ୍କୁ ଆଉଟ କରିଥିଲେ। ଏହା ସହିତ ଲେଖିଥିଲେ କାଲି ଯଦି ଏମିତି କିଛି କରିବାକୁ ଚାହୁଁଛ ତେବେ ଶାନ୍ତ ରୁହ। ଭାରତ ଜିତିବା ପରେ ତେନ୍ଦୁଲକର ଏହାର ଜବାବ ଦେଇ ଲେଖିଥିଲେ 'ତୁମ ଉପଦେଶ ମାନିଲି, ସବୁକିଛି ବିଲକୁଲ ଶାନ୍ତିରେ ହୋଇଗଲା'।

### 'ତୁମ ଉପଦେଶ ମାନିଲି, ସବୁକିଛି ବିଲକୁଲ ଶାନ୍ତିରେ ହୋଇଗଲା'

ଭାରତ ସବୁ ବର୍ଗରେ ପାକିସ୍ତାନକୁ ପଛରେ ପକାଇଥିଲା ବୋଲି ଟୁଇଟ୍ କରିଛନ୍ତି ଭେଙ୍କଟେଶ ପ୍ରସାଦ। ବ୍ୟାଟିଂ, ବୋଲିଂ ଓ ଫିଲ୍ଡିଂରେ ଭାରତ ଚମତ୍କାର ପ୍ରଦର୍ଶନ କରିଥିବା ବେଳେ ରୋହିତ ଶର୍ମାଙ୍କ କ୍ୟାପଟେନ୍ସି ମଧ୍ୟ ଉତ୍କୃଷ୍ଟ ରହିଥିଲା। ପୂର୍ବତନ ଭାରତୀୟ ଓପନର ଶିଖର ଧାୱନ ମଧ୍ୟ ଟିମ୍‌କୁ ଚିୟର କରିଛନ୍ତି। ପାକିସ୍ତାନକୁ ପରାସ୍ତ କରିଥିବା ଟିମ୍ ଇଣ୍ଡିଆକୁ ଶୁଭେଚ୍ଛା। ଆମ ଖେଳାଳି ମାନେ ଚମତ୍କାର ଫର୍ମରେ ରହିଥିବା ବେଳେ ସମାନ ମୋମେଣ୍ଟମ ଦଳ ବଜାୟ ରଖୁ।

ପୂର୍ବତନ ଇଂଲଣ୍ଡ ଅଧିନାୟକ ମାଇକେଲ ଭନ୍ ଏହାକୁ ଭାରତର ମନସ୍ତାତ୍ତ୍ୱିକ ବିଜୟ ବୋଲି ବର୍ଣ୍ଣନା କରିଛନ୍ତି। ପାକିସ୍ତାନ ନିକଟରେ ପ୍ରତିଭାର ଅଭାବ ନ ଥିଲେ ମଧ୍ୟ ଆତ୍ମବିଶ୍ୱାସର ଅଭାବ ଥିବା ପରି ମନେହେଉଥିଲା ବୋଲି ସେ ଲେଖିଛନ୍ତି।



ଭାରତ-ପାକିସ୍ତାନ ମ୍ୟାଚ ପୂର୍ବରୁ ଷ୍ଟାଡିୟମକୁ ଟ୍ରଫି ନେଇ ଯାଉଛନ୍ତି ପୂର୍ବତନ କ୍ରିକେଟର ସଚିନ ତେନ୍ଦୁଲକର।




ପାକିସ୍ତାନ ଅଧିନାୟକ ବାବର ଆଜମଙ୍କ ଉଇକେଟ ନେବାପରେ ମହମ୍ମଦ ସିରାଜଙ୍କ ପ୍ରତିକ୍ରିୟା।




ଦେହରେ ରଙ୍ଗବୋଳି ଖୁସି ମନାଉଛନ୍ତି ଭାରତୀୟ ପ୍ରଶଂସକ।

## ରନ୍ ରେଟ୍ ସୁଧାରିବା ଲକ୍ଷ୍ୟରେ ଇଂଲଣ୍ଡ

**ନୂଆଦିଲ୍ଲୀ,୧୪।୧୦(ପି.ଟି.)**

ନୂଆଦିଲ୍ଲୀର ଅରୁଣ ଜେଟଲୀ କ୍ରିକେଟ ଷ୍ଟାଡିୟମରେ ଡିଫେଣ୍ଡିଂ ଚାମ୍ପିୟନ ଇଂଲଣ୍ଡ ରବିବାର ଆଫଗାନିସ୍ତାନର ମୁକାବିଲା କରିବ। ଏହି ମ୍ୟାଚ୍ ପାଇଁ ଇଂଲଣ୍ଡ ଦଳ ଫେଭରିଟ୍ ରହିଥିଲେ ହେଁ ନେଟ୍ ରନ୍ ରେଟ୍‌ରେ ଉନ୍ନତି ଆଣିବାକୁ ଦଳ ପ୍ରୟାସ କରିବ। ଟୁର୍ନାମେଣ୍ଟର ଓପନିଂ ମ୍ୟାଚରେ ଦଳ ନ୍ୟୁଜିଲାଣ୍ଡ ନିକଟରୁ ଶୋଚନୀୟ ଭାବରେ ପରାଜିତ ହୋଇଥିଲା। ଏହା ଦ୍ୱାରା ଇଂଲଣ୍ଡର ନେଟ୍ ରନ୍ ରେଟ୍ ପ୍ରଭାବିତ ହୋଇଥିଲା। ପରବର୍ତ୍ତୀ ମ୍ୟାଚରେ ଦଳ ବିଜୟୀ ହୋଇଥିବା ବେଳେ ନେଟ୍ ରନ୍ ରେଟ୍ ମଧ୍ୟ ସକାରାତ୍ମକ ରହିଥିଲା। ତେବେ ଟୁର୍ନାମେଣ୍ଟର ଆଗାମୀ ପର୍ଯ୍ୟାୟରେ ନେଟ୍ ରନ୍ ରେଟ୍ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ। ତେଣୁ ଏହି ମ୍ୟାଚ୍‌ରେ ପ୍ରଭାବୀ ପ୍ରଦର୍ଶନ କରି ଦଳ ବିଜୟୀ ହେବାକୁ ପ୍ରୟାସ କରିବ। ପ୍ରଥମ ମ୍ୟାଚରେ ଇଂଲଣ୍ଡ ଦଳ ଲଢୁଆ ୨୮୨ ରନ୍ ସ୍କୋର କରିଥିବା ବେଳେ ନ୍ୟୁଜିଲାଣ୍ଡର ରାଚିନ୍ ରବୀନ୍ଦ୍ର ଓ ଡେଭନ୍ କନ୍‌ୱେଙ୍କ ସମ୍ମୁଖରେ ଏହା ଯଥେଷ୍ଟ ହୋଇ ନ ଥିଲା। ପରବର୍ତ୍ତୀ ମ୍ୟାଚ୍‌ରେ ଦଳ ଏହାର ବ୍ୟାଟିଂ ବିଫଳତା ଦୂର କରିବା ସହ ଡାଭିଡ୍ ମଲାନ ଓ ଜନି ବେୟାରଷ୍ଟୋ ଭଲ ବ୍ୟାଟିଂ କରିଥିଲେ। ଏହା ବ୍ୟତୀତ ଜୋଶ ବଟଲର, ହ୍ୟାରୀ ବ୍ରୁକ୍ ଓ ଲିଆମ୍ ଲିଭିଙ୍ଗଷ୍ଟୋନ୍ ମଧ୍ୟ ଉପଯୋଗୀ ଅବଦାନ ଦେଇଥିଲେ। ମୋଇନ୍ ଅଲୀଙ୍କ ସ୍ଥାନରେ ରିସି ଟପ୍‌ଲେଙ୍କୁ ସାମିଲ କରାଯାଇଥିବା ବେଳେ ସେ ବୋଲିଂରେ ୪ ଉଇକେଟ ଅକ୍ତିଆର କରିଥିଲେ। ବାଂଲାଦେଶ ବିପକ୍ଷ ମ୍ୟାଚ୍‌ରେ କ୍ରିସ୍ ଓକ୍ସ, ମାର୍କ ଉଡ୍, ସାମ୍ କୁରାନ୍ ଓ ଆଦିଲ ରଶିଦ୍ ଫର୍ମକୁ ଫେରିବା ଦଳ ପାଇଁ ଶୁଭ ସଙ୍କେତ।

ଦିଲ୍ଲୀରେ ମ୍ୟାଚ୍ ରହିଥିବା ବେଳେ ସମାନ ଭେନ୍ୟୁରେ ଆଫଗାନିସ୍ତାନ ଏହାର ଦ୍ୱିତୀୟ ମ୍ୟାଚ୍ ଖେଳିବ। ଏଠିକାର ପରିବେଶ ବ୍ୟାଟିଂ ସହାୟକ ହୋଇଥିବା ବେଳେ ଦଳ ଏଥିରୁ ଫାଇଦା ଉଠାଇବାକୁ ଚେଷ୍ଟା କରିବ। ଟୁର୍ନାମେଣ୍ଟରେ ଡାର୍କ ହର୍ସର ମାନ୍ୟତା ପାଇଥିବା ଆଫଗାନିସ୍ତାନ ନିକଟରେ ବିଶ୍ୱର ଅନ୍ୟତମ ଶ୍ରେଷ୍ଠ ସ୍ପିନ୍ ଆକ୍ରମଣ ରହିଛି । ତେବେ ଡିଫେଣ୍ଡିଂ ଚାମ୍ପିୟନ ଇଂଲଣ୍ଡ ବିପକ୍ଷ ମ୍ୟାଚ ଆଫଗାନିସ୍ତାନ ପାଇଁ ଏତେ ସହଜ ରହିବ ନାହିଁ। ରହମାନଉଲ୍ଲା ଗୁରବାଜ ଓ ଇବ୍ରାହିମ୍ ଜାଦ୍ରାନଙ୍କ ପରି ଅଭିଜ୍ଞ ଖେଳାଳି ରହିଥିବା ବେଳେ ସ୍ପିନ୍ ବିଭାଗରେ ରଶିଦ୍ ଖାନ୍, ମହମ୍ମଦ ନବି ଓ ମୁଜିବ୍ ଉର୍ ରେହମାନଙ୍କ ପରି ଖେଳାଳି ରହିଛନ୍ତି। ଭାରତ ବିପକ୍ଷ ମ୍ୟାଚ୍‌ରେ ଅର୍ଦ୍ଧଶତକ ହାସଲ କରିଥିବା ଅଧିନାୟକ ହସମତଉଲ୍ଲା ଶାହିଦି ଓ ଅଜମତଉଲ୍ଲା ଓମାରଜାଇଙ୍କଠାରୁ ମଧ୍ୟ ଭଲ ଇନିଂସ ଆଶା କରିବ ଆଫଗାନିସ୍ତାନ।

## ପରବର୍ତ୍ତୀ ୩ ମ୍ୟାଚ ଖେଳିବେନି ୱିଲିୟମସନ

**ଚେନ୍ନାଇ, ୧୪।୧୦(ପି.ଟି.):** ଚଳିତ ଦିନିକିଆ ବିଶ୍ୱକପ୍‌ରେ ତାଙ୍କର ପରବର୍ତ୍ତୀ ୩ଟି ମ୍ୟାଚରେ ଖେଳିପାରିବେନି ନ୍ୟୁଜିଲାଣ୍ଡ ଅଧିନାୟକ କେନ୍ ୱିଲିୟମସନ। ତନ୍ମଧ୍ୟରେ ଭାରତ ବିପକ୍ଷ ଏକ ମ୍ୟାଚ ରହିଛି। ଏଠାରେ ଶୁକ୍ରବାର ରାତିରେ ବାଂଲାଦେଶ ବିପକ୍ଷ ମ୍ୟାଚ ବେଳେ ରନିଂ ବିଟୁଇନ୍ ଦି ଉଇକେଟ ବେଳେ ତାଙ୍କ ବୃଦ୍ଧାଙ୍ଗୁଳି ହାଡ଼ ଭାଙ୍ଗିଯାଇଛି। ୬ ମାସ ପରେ ୱିଲିୟମସନଙ୍କର ଏହାଥିଲା ପ୍ରଥମ ଅନ୍ତର୍ଜାତୀୟ ମ୍ୟାଚ। ଗତ ମାର୍ଚ୍ଚରେ ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍) ବେଳେ ହୋଇଥିବା ଏସିଏଲ୍ ଇଞ୍ଜୁରୀରୁ ସେ ମୁକ୍ତି ପାଇବା ପରେ କ୍ରିକେଟକୁ ପ୍ରତ୍ୟାବର୍ତ୍ତନ କରିଥିଲେ। ଚେପକଠାରେ ସେ ଆକର୍ଷଣୀୟ ୭୮ରନ କରିବା ପରେ ରିଟାୟର୍ଡ ହର୍ଟ ହୋଇଥିଲେ। ୱିଲିୟମସନ ବର୍ତ୍ତମାନ ଏଠାରେ ଅକ୍ଟୋବର ୧୮ରେ ଖେଳାଯିବାକୁ ଥିବା ଆଫଗାନିସ୍ତାନ ବିପକ୍ଷ ମ୍ୟାଚ ଏବଂ ଅକ୍ଟୋବର ୨୨ରେ ଧର୍ମଶାଳାରେ ଭାରତ ଏବଂ ଅକ୍ଟୋବର ୨୮ରେ ପୁଣେଠାରେ ଦକ୍ଷିଣ ଆଫ୍ରିକା ମ୍ୟାଚ ପାଇଁ ଉପଲବ୍ଧ ହେବେ ନାହିଁ। ନଭେମ୍ବରରେ ଅବଶିଷ୍ଟ ୩ଟି ଗେମ୍ ପାଇଁ ତାଙ୍କ ପ୍ରତ୍ୟାବର୍ତ୍ତନ ସୁସ୍ଥ ଉପରେ ନିର୍ଭର କରେ।

### ଭାରତ-ପାକିସ୍ତାନ ଶେଷ ୮ ଦିନିକିଆ ଫଳାଫଳ

- ➡୭୬ ରନ୍ (ଭାରତ ବିଜୟୀ)
- ➡୧୨୪ ରନ୍ (ଭାରତ ବିଜୟୀ)
- ➡୧୮୦ ରନ୍ (ପାକିସ୍ତାନ ବିଜୟୀ)
- ➡୮ ଉଇକେଟ(୧୨୬ ବଲ୍ ବାକି) (ଭାରତ ବିଜୟୀ)
- ➡୯ ଉଇକେଟ(୬୩ ବଲ୍ ବାକି) (ଭାରତ ବିଜୟୀ)
- ➡୮୯ ରନ୍ (ଭାରତ ବିଜୟୀ)
- ➡୨୨୮ ରନ୍ (ଭାରତ ବିଜୟୀ)
- ➡୭ ଉଇକେଟ(୧୧୭ ବଲ୍ ବାକି) (ଭାରତ ବିଜୟୀ)।




ଷ୍ଟାଡିୟମରେ ବୃହତ୍ ତ୍ରିରଙ୍ଗା ପ୍ରଦର୍ଶନ କରାଯାଉଛି।



# ଅହମଦାବାଦରେ ମ୍ୟୁଜିକାଲ ସ୍ପେଶାଲ

**ଅହମଦାବାଦ,୧୪।୧୦(ପି.ଟି.)**

ଚଳିତ ବିଶ୍ୱକପ୍‌ରେ ଉଦ୍‌ଘାଟନୀ ସମାରୋହ ହୋଇ ନ ଥିବା ବେଳେ ଭାରତ-ପାକିସ୍ତାନ ମ୍ୟାଚ୍‌ରେ ଏକ ମ୍ୟୁଜିକାଲ ସ୍ପେଶାଲ ଆୟୋଜନ କରିଥିଲା ବିସିସିଆଇ। ଏହି କାର୍ଯ୍ୟକ୍ରମରେ ବଲିଉଡ୍‌ର ନାମୀଦାମୀ ସିଙ୍ଗରମାନେ ଯୋଗ ଦେଇଥିଲେ। ଅରିଜିତ୍ ସିଂ, ସୁଖବିନ୍ଦର ସିଂ, ସୁନିଧି ଚୌହାନ ଓ ଶଙ୍କର ମହାଦେବନଙ୍କ ପରି ଗୀତିକାରମାନେ ଯୋଗଦେଇ ଦର୍ଶକଙ୍କ ମନୋରଞ୍ଜନ କରିଥିଲେ। ମ୍ୟାଚ୍‌ର ଦେଢ ଘଣ୍ଟା ପୂର୍ବରୁ ଏହି ଉଦ୍‌ଘାଟନୀ ସମାରୋହ ଅନୁଷ୍ଠିତ ହୋଇଥିଲା। ତେବେ କେବଳ ଷ୍ଟାଡିୟମରେ ଉପସ୍ଥିତ ଦର୍ଶକ ଏହି କାର୍ଯ୍ୟକ୍ରମର ମଜା ନେଇଥିଲେ। ଏହାର ଲାଇଭ୍ ପ୍ରସାରଣ କରାଯାଇ ନ ଥିବାରୁ ଦର୍ଶକଙ୍କ ମଧ୍ୟରେ ଅସନ୍ତୋଷ ଦେଖା ଦେଇଥିଲା। ଶଙ୍କର ମହାଦେବନ, ଅରିଜିତ୍ ସିଂ ଓ ସୁଖବିନ୍ଦର ସିଂ ପ୍ରଥମେ ବନ୍ଦେ ମାତରମ୍ ଗୀତ ଗାଇଥିବା ବେଳେ ଶଙ୍କର ମହାଦେବନ ତାଙ୍କର ସିଙ୍ଗଲ୍ସ ଗୌର ସେ ସୁନଲୋ ଦୁନିଆୱାଲୋ ଗାଇଥିଲେ। ସୁଖବିନ୍ଦର ଓ ସୁନିଧିଙ୍କ 'ଶାକି ଶାକି' ଗୀତରେ ଦର୍ଶକ ଝୁମିଥିବା ବେଳେ ପ୍ରତ୍ୟେକ ସିଙ୍ଗର ନିଜର ହିଟ୍ ସିଙ୍ଗଲ୍ସ ଗାଇଥିଲେ। ଏହା ସହିତ ବିସିସିଆଇ ପକ୍ଷରୁ ଗୋଲ୍ଡେନ୍ ଟିକେଟ ପାଇଥିବା ସୁପରଷ୍ଟାର ରଜନୀକାନ୍ତ ଓ ଅମିତାଭ ବଚ୍ଚନ ଯୋଗ ଦେଇ ମ୍ୟୁଜିକାଲ ସ୍ପେଶାଲର ମଜା ନେଇଥିଲେ। ବିଶ୍ୱକପ୍‌ର ଆମ୍ବାସାଡର ରହିଥିବା ସଚିନ ତେନ୍ଦୁଲକର ଓ ପୂର୍ବତନ ଓପନର ବୀରେନ୍ଦ୍ର ସେହ୍ୱାଗ ମ୍ୟାଚ୍ ପୂର୍ବରୁ ଉପସ୍ଥିତ ରହିଥିଲେ।


ସୁନିଧି ଚୌହାନ


ସଙ୍ଗୀତ ପରିବେଷଣ ଅବସରରେ ସୁଖବିନ୍ଦର ସିଂ।


ଶଙ୍କର ମହାଦେବନ

## ପଏଣ୍ଟ ଟେବୁଲ

| ଟିମ୍ | ମ୍ୟାଚ | ବିଜୟ | ପରାଜୟ | ପଏଣ୍ଟ | ରନ୍‌ହାର |
|---|---|---|---|---|---|
| ଭାରତ | ୩ | ୩ | ୦ | ୬ | +୧.୮୨୧ |
| ନ୍ୟୁଜିଲାଣ୍ଡ | ୩ | ୩ | ୦ | ୬ | +୧.୬୦୪ |
| ଦକ୍ଷିଣ ଆଫ୍ରିକା | ୨ | ୨ | ୦ | ୪ | +୨.୩୬୦ |
| ପାକିସ୍ତାନ | ୩ | ୨ | ୧ | ୪ | -୦.୧୩୭ |
| ଇଂଲଣ୍ଡ | ୨ | ୧ | ୧ | ୨ | +୦.୫୫୩ |
| ବାଂଲାଦେଶ | ୩ | ୧ | ୨ | ୨ | -୦.୬୯୯ |
| ଶ୍ରୀଲଙ୍କା | ୨ | ୦ | ୨ | ୦ | -୧.୧୬୧ |
| ନେଦରଲାଣ୍ଡ୍ସ | ୨ | ୦ | ୨ | ୦ | -୧.୮୦୦ |
| ଅଷ୍ଟ୍ରେଲିଆ | ୨ | ୦ | ୨ | ୦ | -୧.୮୪୬ |
| ଆଫଗାନିସ୍ତାନ | ୨ | ୦ | ୨ | ୦ | -୧.୯୦୭ |

## ସ୍କୋର ବୋର୍ଡ

**ପାକିସ୍ତାନ ଇନିଂସ**

ଅବ୍‌ଦୁଲ୍ଲା ଶଫିକ୍-ଏଲ୍‌ବିଡବ୍ଲ୍ୟୁ-ସିରାଜ-୨୦
ଇମାମ ଉଲ୍ ହକ୍-କ-ରାହୁଲ-ବୋ-ହାର୍ଦ୍ଦିକ-୩୬
ବାବର ଆଜମ- ବୋ-ସିରାଜ-୫୦
ମହମ୍ମଦ ରିଜୱାନ-ବୋ-ବୁମ୍‌ରା-୪୯
ସୌଦ ଶକିଲ-ଏଲ୍‌ବିଡବ୍ଲ୍ୟୁ-କୁଲଦୀପ-୬
ଇଫତିଖାର ଅହମଦ-ବୋ-କୁଲଦୀପ-୪
ଶଦାବ ଖାନ୍-ବୋ-ବୁମ୍‌ରା-୨
ମହମ୍ମଦ ନୱାଜ-କ-ବୁମ୍‌ରା-ବୋ-ହାର୍ଦ୍ଦିକ-୪
ହସନ ଅଲି-କ-ଶୁବମନ-ବୋ-ଜାଡେଜା-୧୨
ଶାହିନ ଆଫ୍ରିଦୀ-ନଟ୍‌ଆଉଟ-୨
ହାରିସ ରୌଫ୍-ଏଲ୍‌ବିଡବ୍ଲ୍ୟୁ-ଜାଡେଜା-୨
ଅତିରିକ୍ତ: ୪
ମୋଟ: (୪୨.୫ ଓଭର/ଅଲଆଉଟ) ୧୯୧।
ଉଇକେଟ ପତନ: ୧/୪୧, ୨/୭୩, ୩/୧୫୫, ୪/୧୬୨, ୫/୧୬୬, ୬/୧୬୮, ୭/୧୭୧, ୮/୧୮୭, ୯/୧୮୭।

**ବୋଲିଂ (ଭାରତ)**

ଯଶପ୍ରୀତ ବୁମ୍‌ରା ୭-୧-୧୯-୨
ମହମ୍ମଦ ସିରାଜ ୮-୦-୫୦-୨
ହାର୍ଦ୍ଦିକ ପାଣ୍ଡ୍ୟା ୬-୦-୩୪-୨
କୁଲଦୀପ ଯାଦବ ୧୦-୦-୩୫-୨
ରବୀନ୍ଦ୍ର ଜାଡେଜା ୯.୫-୦-୩୮-୨
ଶାର୍ଦ୍ଦୁଳ ଠାକୁର ୨-୦-୧୨-୦।

**ଭାରତ ଇନିଂସ**

ରୋହିତ ଶର୍ମା-କ-ଇଫ୍‌ତିଖର ଅହମଦ-ବୋ-ଶାହିନ ଆଫ୍ରିଦୀ-୮୬
ଶୁବମନ ଗିଲ୍-କ-ଶଦାବ ଖାନ୍-ବୋ-ଶାହିନ ଆଫ୍ରିଦୀ-୧୬
ବିରାଟ କୋହଲି-କ-ମହମ୍ମଦ ନୱାଜ-ବୋ-ହସନ ଅଲି-୧୬
ଶ୍ରେୟସ ଆୟର-ନଟ ଆଉଟ-୫୩
କେ.ଏଲ୍. ରାହୁଲ-ନଟ ଆଉଟ-୧୯
ଅତିରିକ୍ତ: ୨
ମୋଟ: (୩୦.୩ ଓଭର/୩ ଉଇକେଟ) ୧୯୨।
ଉଇକେଟ ପତନ: ୧/୨୩, ୨/୭୯, ୩/୧୫୬।

**ବୋଲିଂ (ପାକିସ୍ତାନ)**

ଶାହିନ ଆଫ୍ରିଦୀ ୬-୦-୩୬-୨
ହସନ ଅଲି ୬-୦-୩୪-୧
ମହମ୍ମଦ ନୱାଜ ୮.୩-୦-୪୭-୦
ହାରିସ ରୌଫ୍ ୬-୦-୪୩-୦
ଶଦାବ ଖାନ୍ ୪-୦-୩୧-୦

# ଭ୍ୟୁୟରଶିପ୍ ରେକର୍ଡ ଭାଙ୍ଗିଲା

**ନୂଆଦିଲ୍ଲୀ,୧୪।୧୦(ପି.ଟି.)**

ଓଟିଟି ଭ୍ୟୁୟରଶିପ ସମସ୍ତ ରେକର୍ଡ ଭାଙ୍ଗିଲା ଭାରତ-ପାକିସ୍ତାନ ମ୍ୟାଚ୍। ଶନିବାର ନରେନ୍ଦ୍ର ମୋଦି କ୍ରିକେଟ ଷ୍ଟାଡିୟମରେ ଅନୁଷ୍ଠିତ ଏହି ମ୍ୟାଚକୁ ଓଟିଟିରେ ସର୍ବାଧିକ ୩.୫ କୋଟି ଲୋକ ଦେଖିଥିଲେ। ଭାରତରେ ଅନୁଷ୍ଠିତ କୌଣସି କ୍ରୀଡା ଇଭେଣ୍ଟ ପାଇଁ ଓଟିଟିରେ ଏହା ଏକ ରେକର୍ଡ। ଏହା ସହିତ ଆଇପିଏଲ୍ ଫାଇନାଲର ରେକର୍ଡକୁ ଭାଙ୍ଗି ଦେଇଛି ଏହି ମ୍ୟାଚ୍। ଆଇପିଏଲ୍ ଫାଇନାଲକୁ ସର୍ବାଧିକ ୩.୨ କୋଟି ଦର୍ଶକ ଦେଖିଥିଲେ। ବିଶ୍ୱକପ ମ୍ୟାଚ୍‌ଟି ଟିଭିରେ ମଧ୍ୟ ପ୍ରଦର୍ଶିତ ହେଉଥିବା ବେଳେ ଏହାର ଭ୍ୟୁୟରଶିପ ସଂଖ୍ୟା ଜଣା ପଡିନାହିଁ। ଏକ ସପ୍ତାହ ମଧ୍ୟରେ ବାର୍କର ରିପୋର୍ଟ ଆସିବା ପରେ ଏହିଚ ସଂଖ୍ୟା ପ୍ରକାଶ ପାଇବ ବୋଲି ଜଣାପଡିଛି। ବିଶ୍ୱକପର ଉଭୟ ଟିଭି ଓ ଡିଜିଟାଲ ରାଇଟ୍ସ ଡିଜନୀ+ହଟଷ୍ଟାର ନିକଟରେ ରହିଛି। ଏହା ସହିତ ସମଗ୍ର ଦେଶର ୧୧୬ଟି ସେଣ୍ଟରରେ ମ୍ୟାଚ୍ ପ୍ରସାରଣ ପାଇଁ ଡିଜନୀ+ହଟଷ୍ଟାର ଅନୁମତି ଦେଇଛି।

**ଦିନିକିଆ ବିଶ୍ୱକପ**

ICC MEN'S CRICKET WORLD CUP INDIA 2023

**(ଆଜିର ମ୍ୟାଚ)**

**ଇଂଲଣ୍ଡ ବନାମ ଆଫଗାନିସ୍ତାନ**

**ସ୍ଥାନ: ଦିଲ୍ଲୀ,**
**ସମୟ: ଅପରାହ୍ଣ ୨ଟା**
**ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ**

# ଭୁଲ୍ ଜର୍ସିରେ ନଜର ଆସିଲେ କୋହଲି

**ଅହମଦାବାଦ,୧୪।୧୦(ପି.ଟି.)**

ଭାରତୀୟ ଦଳର ଷ୍ଟାର ବ୍ୟାଟର ବିରାଟ କୋହଲି ପାକିସ୍ତାନ ବିପକ୍ଷ ମ୍ୟାଚ୍‌ରେ ଭୁଲ୍ ଜର୍ସି ପିନ୍ଧି ଖେଳିବାକୁ ପଳାଇ ଆସିଥିଲେ। ଭାରତ ଟସ୍ ଜିତି ପ୍ରଥମେ ଫିଲ୍ଡିଂ ନେଇଥିବା ବେଳେ କୋହଲି ଭୁଲ ଜର୍ସିରେ ପ୍ରାୟ ୭ ଓଭର ଫିଲ୍ଡିଂ କରିଥିଲେ। କୋହଲି ପିନ୍ଧିଥିବା ଜର୍ସିରେ କାନ୍ଧରେ ୩ଟି ଧଳା ଷ୍ଟ୍ରିପ ରହିଥିଲା। ତେବେ ବିଶ୍ୱକପ ପାଇଁ ପ୍ରସ୍ତୁତ ଭାରତୀୟ ଜର୍ସିରେ ଉକ୍ତ ସ୍ଥାନରେ ତିରଙ୍ଗାର ରଙ୍ଗ ରହିଛି। ଅଷ୍ଟମ ଓଭରରେ ଅବଦୁଲ୍ଲା ଶଫିକ୍ ଆଉଟ ହେବା ପରେ କୋହଲି ନିଜ ଭୁଲ ସମ୍ପର୍କରେ ଜାଣିବାକୁ ପାଇଥିଲେ। ଏହାପରେ ସେ ଡଗ୍‌ଆଉଟକୁ ଦୌଡି ଯିବା ସହିତ ଜର୍ସି ପରିବର୍ତ୍ତନ କରି ଆସିଥିଲେ।


ବିରାଟ କୋହଲି (ବାମରୁ ଦ୍ୱିତୀୟ)।


ମ୍ୟୁଜିକାଲ ସ୍ପେଶାଲର ଅନ୍ୟତମ ଆକର୍ଷଣ ଅରିଜିତ ସିଂ।

# ଦିନିକିଆରେ ରୋହିତଙ୍କ ୩୦୦ ଛକା

**ଅହମଦାବାଦ,୧୪।୧୦(ପି.ଟି.)**

ଦିନିକିଆ କ୍ରିକେଟରେ ୩୦୦ ଛକା ପୂରଣ କରିଛନ୍ତି ରୋହିତ ଶର୍ମା। ହାରିସ୍ ରୌଫ୍‌ଙ୍କୁ ଚମତ୍କାର ପୁଲ୍ ଶଟ୍ ଜରିଆରେ ଛକା ମାରିବା ସହିତ ରୋହିତ ଦିନିକିଆରେ ୩୦୦ ଛକା ପୂରଣ କରିଥିଲେ। ଦିନିକିଆ ଅନ୍ତର୍ଜାତୀୟରେ ଛକା ସଂଖ୍ୟାରେ ରୋହିତ ବର୍ତ୍ତମାନ ତୃତୀୟ ସ୍ଥାନରେ ରହିଛନ୍ତି। କ୍ରିସ୍ ଗେଲ୍ ୩୩୧ ଛକା ସହିତ ଦ୍ୱିତୀୟ ସ୍ଥାନରେ ରହିଥିବା ବେଳେ ଶାହିଦ ଆଫ୍ରିଦି ୩୫୧ ଛକା ସହ ପ୍ରଥମ ସ୍ଥାନରେ ରହିଛନ୍ତି। ଚଳିତ ବିଶ୍ୱକପ୍‌ର ଆଫଗାନିସ୍ତାନ ବିପକ୍ଷ ମ୍ୟାଚ୍‌ରେ ରୋହିତ ଅନ୍ତର୍ଜାତୀୟ କ୍ୟାରିୟରରେ ସର୍ବାଧିକ ଛକାରେ କ୍ରିସ୍ ଗେଲଙ୍କୁ ଅତିକ୍ରମ କରିଥିଲେ। ଏହା ସହିତ ବିଶ୍ୱକପରେ ଗୋଟିଏ ଇନିଂସରେ ୫ ଛକା ମାରିବାରେ କ୍ରିସ୍ ଗେଲ୍ ଓ ଏବି ଡିଭିଲର୍ସଙ୍କ ସମକକ୍ଷ ହୋଇଛନ୍ତି ରୋହିତ। ଉଭୟ ଖେଳାଳି ୩ ଥର ଲେଖାଏ ଏଭଳି କାରନାମା କରିଥିବା ବେଳେ ରୋହିତ ସେମାନଙ୍କ ସମକକ୍ଷ ହୋଇଛନ୍ତି।




ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୪ Press Regd. No. R.N. 21326/74 Postal Regd. No. BN/42/21-23. ଭୁବନେଶ୍ୱର, ରବିବାର, ୧୫ ଅକ୍ଟୋବର, ୨୦୨୩ Bhubaneswar, Sunday, 15 October, 2023

# ଗୋଟିଏ ଓଭରରେ ୫୨ ରନ୍

## ଆର୍ଜେଣ୍ଟିନା-ଚିଲି ମ୍ୟାଚ୍‌ରେ ଏକାଧିକ ରେକର୍ଡ

**ବୁଏନ୍ସ ଏୟାର୍ସ,୧୪।୧୦**

ଚିଲି ବିପକ୍ଷ ଅନ୍ତର୍ଜାତୀୟ ଟି୨୦ କ୍ରିକେଟ ମ୍ୟାଚରେ ଏକାଧିକ ରେକର୍ଡ କରିଛି ଆର୍ଜେଣ୍ଟିନା ମହିଳା ଦଳ। ସର୍ବାଧିକ ସ୍କୋର ରେକର୍ଡ କରିବା ସହ ଆର୍ଜେଣ୍ଟିନା ଏକ ଉଇକେଟ ହରାଇ ୪୨୭ ରନ୍ ସ୍କୋର କରିଛି। ଏହା ସହିତ ଏହି ମ୍ୟାଚ୍‌ରେ ଗୋଟିଏ ଓଭରରେ ୫୨ ରନ୍ ମଧ୍ୟ ସ୍କୋର ହୋଇଛି। ଗୋଟିଏ ଓଭରରେ ସର୍ବାଧିକ ରନ୍ ବ୍ୟୟ କରିବାର ରେକର୍ଡ ନିଜ ନାମରେ କରିଛନ୍ତି ଚିଲିର ଫ୍ଲୋରେନ୍ସିଆ ମାର୍ଟିନେଜ୍। ଗୋଟିଏ ଓଭରରେ ସେ ୫୨ ରନ୍ ବ୍ୟୟ କରିବାର ଅଲୋଡା ରେକର୍ଡ ନିଜ ନାମରେ କରିଥିବା ବେଳେ ଏହି ଓଭରରେ ସେ ୧୭ଟି ନୋ ବଲ୍ ବୋଲିଂ କରିଥିଲେ। ଉଲ୍ଲେଖଯୋଗ୍ୟ, ୪ ବର୍ଷ ପରେ ପ୍ରଥମଥର ଟି୨୦ ଖେଳୁଥିବା ଚିଲି ପକ୍ଷରୁ ଏହି ମ୍ୟାଚ୍‌ରେ ୭ ଜଣ ଖେଳାଳି ପଦାର୍ପଣ କରିଥିଲେ। ୨୦ ଓଭରରେ ଆର୍ଜେଣ୍ଟିନା ୪୨୭ ରନ୍ କରିଥିବା ବେଳେ ଉଭୟ ପୁରୁଷ ଓ ମହିଳା ଟି୨୦ କ୍ରିକେଟରେ ଏହା ସର୍ବାଧିକ ସ୍କୋର। ପୂର୍ବରୁ ସର୍ବାଧିକ ସ୍କୋରର ରେକର୍ଡ ନେପାଳ ନାମରେ ରହିଥିଲା। ଚିଲି ମାତ୍ର ୬୩ ରନ୍‌ରେ ଅଲଆଉଟ ହୋଇଥିବା ବେଳେ ୩୬୪ ରନ୍‌ରେ ଜିତିଥିଲା ଆର୍ଜେଣ୍ଟିନା। ଆର୍ଜେଣ୍ଟିନାର ଦୁଇ ଓପ୍‌ନର ଲୁସିଆ ଟେଲର ୧୬୯ ରନ୍ କରିଥିବା ବେଳେ ଆଲବର୍ଟିନା ଗେଲାନୋ ୧୪୫ ରନ୍ ସ୍କୋର କରିଥିଲେ। ଉଭୟ ପ୍ରଥମ ଉଇକେଟରେ ୩୫୦ ରନ୍ ଯୋଡିଥିବା ବେଳେ ଏହା ବିଶ୍ୱ କ୍ରିକେଟର କୌଣସି ଉଇକେଟରେ ସର୍ବାଧିକ ଭାଗୀଦାରି। ସେହିପରି ଲୁସିଆ ସ୍କୋର କରିଥିବା ୧୬୯ ରନ୍ ମହିଳା କ୍ରିକେଟରେ ସର୍ବାଧିକ ସ୍କୋର। ଲୁସିଆ ୮୪ ବଲ୍ ଖେଳି ୨୭ ଚୌକା ମାରିଥିବା ବେଳେ ଗେଲାନୋ ସମାନ ସଂଖ୍ୟକ ବଲ୍ ଖେଳି ୨୩ ଚୌକା ମାରିଥିଲେ। ଚିଲି ଖେଳାଳିମାନେ କେବଳ ୫୮ଟି ନୋ ବଲ୍ ବୋଲିଂ କରିଥିଲେ। ପୂର୍ବରୁ ଏହି ରେକର୍ଡ ପାକିସ୍ତାନ ନାମରେ ରହିଥିଲା। ଥରେ ୱେଷ୍ଟଇଣ୍ଡିଜ୍ ଓ ଥରେ ସ୍କଟ୍‌ଲାଣ୍ଡ ବିପକ୍ଷରେ ପାକିସ୍ତାନ ୫୯ ଅତିରିକ୍ତ ରନ୍ ବ୍ୟୟ କରିଥିଲା।



ଲୁସିଆ ଟେଲର

## ୨୦୩୬ ଅଲିମ୍ପିକ୍ସ ଆୟୋଜନ ପାଇଁ ଭାରତ ଆଗ୍ରହୀ

**ମୁମ୍ବାଇ, ୧୪।୧୦ (ପି.ଟି.)**

ଭାରତ ୨୦୩୬ ଅଲିମ୍ପିକ୍ସ ଆୟୋଜନ ପାଇଁ ଆଗ୍ରହୀ। ୧୪୦କୋଟି ଦର୍ଶକଙ୍କର ଏହା ଏକ ସ୍ୱପ୍ନ ରହିଛି। ଏଥିପାଇଁ ଆମେ ସବୁମତେ ପ୍ରସ୍ତୁତ ବୋଲି ସ୍ଥାନୀୟ ଜିଓ ୱାର୍ଲ୍ଡ କନ୍‌ଭେନ୍‌ଶନ ସେଣ୍ଟରଠାରେ ଅନ୍ତର୍ଜାତୀୟ ଅଲିମ୍ପିକ କମିଟି (ଆଇଓସି)ର ୧୪୧ତମ ଅଧିବେଶନକୁ ଉଦ୍‌ଘାଟନ କରି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏକଥା କହିଛନ୍ତି। ଏଥିରେ ଭାରତ ପ୍ରତି ୪ ବର୍ଷରେ ଅନୁଷ୍ଠିତ ହେଉଥିବା ଏହି କ୍ରୀଡ଼ା ମହାକୁମ୍ଭ ଲାଗି ଏହାର ରୋଡ୍‌ମ୍ୟାପ୍ ଉପସ୍ଥାପନ କରିବ। ଆଇଓସି ଅଧିବେଶନ ଦୀର୍ଘ ୪୦ ବର୍ଷ ବ୍ୟବଧାନରେ ଭାରତରେ ଅନୁଷ୍ଠିତ ହେଉଛି। ଏହାପୂର୍ବରୁ ୧୯୮୩ରେ ନୂଆଦିଲ୍ଲୀରେ ଆୟୋଜିତ ହୋଇଥିଲା। ଭାରତ ୨୦୨୯ ୟୁଥ୍ ଅଲିମ୍ପିକ୍ସ ଆୟୋଜନ ପାଇଁ ମଧ୍ୟ ଆଗ୍ରହୀ। ଏଥିଲାଗି ଆମେ ଅନ୍ୟମାନଙ୍କ ସମର୍ଥନ ଆବଶ୍ୟକ କରୁଛୁ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି। କ୍ରୀଡ଼ାମନ୍ତ୍ରଣାଳୟ ନିକଟରେ କହିଥିଲା ଯେ, ଗେମ୍ସ ଆୟୋଜନ ପାଇଁ ଭାରତୀୟ ଅଲିମ୍ପିକ ଆସୋସିଏଶନ ଯଦି ବିଡ୍ ଦାଖଲ କରେ ତେବେ ସରକାର ସମର୍ଥନ କରିବେ।

## ଆର୍‌ଏସ୍‌ପି ସେଲ୍ ହକି ଏକାଡେମୀ ଚାମ୍ପିୟନ

**ଭୁବନେଶ୍ୱର, ୧୪।୧୦ (ତପନ ସ୍ୱାଇଁ)**

କଳିଙ୍ଗ ଷ୍ଟାଡିୟମରେ ରାଜ୍ୟ ଜୁନିୟର ପୁରୁଷ ହକି ଚାମ୍ପିୟନଶିପ୍ ଅନୁଷ୍ଠିତ ହୋଇଯାଇଛି। ଶନିବାର ଅନୁଷ୍ଠିତ ଫାଇନାଲରେ ଆରଏସ୍‌ପି ସେଲ୍ ହକି ଏକାଡେମୀ ୩-୨ ଗୋଲରେ ଓଡ଼ିଶା ନାଭାଲ ଟାଟା ହାକି ହାଇ ପରଫର୍ମାନ୍ସ ସେଣ୍ଟର (ଓଏନ୍‌ଟିଏଚ୍‌ଏଚ୍‌ପିସି)କୁ ହରାଇ ଚାମ୍ପିୟନ ହୋଇଛି। ଆରଏସ୍‌ପି ପକ୍ଷରୁ ଅମିତ ଟପ୍ପୋ, ନବିନ ଲାକ୍ରା ଓ କୁଲୁ ନେଭିଲ ଏବଂ ଏଚ୍‌ପିସି ପକ୍ଷରୁ ଅନମୋଲ ଏକ୍କା ଓ ତୋନଜାମ ରିକି ଗୋଲ ଦେଇଥିଲେ। ତୃତୀୟ ସ୍ଥାନ ପାଇଁ ଅନୁଷ୍ଠିତ ମ୍ୟାଚରେ ସୁନ୍ଦରଗଡ଼ ୨-୧ ଗୋଲରେ ରାଉରକେଲା ସ୍ପୋର୍ଟ୍ସ ହଷ୍ଟେଲକୁ ପରାସ୍ତ କରିଛି। କ୍ରୀଡ଼ାମନ୍ତ୍ରୀ ତୁଷାରକାନ୍ତି ବେହେରା, କ୍ରୀଡ଼ା ନିର୍ଦ୍ଦେଶକ ସିଦ୍ଧାର୍ଥ ଦାସ, ଯୁଗ୍ମ ସଚିବ ଶୈଳେନ୍ଦ୍ର ଜେନା, କୈଳାସ ଚନ୍ଦ୍ର ଦାସ ଓ ବିଜୟାନନ୍ଦ ନାୟକ, ଭୁବନେଶ୍ୱର ଏସ୍‌ବିଆଇ ସିସିଓର ଡେପୁଟି ଜେନେରାଲ ମ୍ୟାନେଜର ରାଜୀବ ରମଣ ପ୍ରମୁଖ ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ।

# ଆଇଓସି ସଭାପତିଙ୍କ ସହ ଓଡ଼ିଶା ସ୍କୁଲ ପିଲାଙ୍କ ବିଶେଷ ବାର୍ତ୍ତାଳାପ


ସ୍କୁଲ ପିଲାଙ୍କ ସହ ଆଇଓସି ସଭାପତି ଥୋମାସ ବାକ, କ୍ରୀଡ଼ା ସଚିବ ଭିନିଲ କ୍ରିଷ୍ଣା ଓ ଅଭିନବ ବିନ୍ଦ୍ରା।

**ମୁମ୍ବାଇ, ୧୪।୧୦**

ଓଡ଼ିଶା ସରକାରୀ ସ୍କୁଲର ୫ଜଣ ଛାତ୍ରଙ୍କୁ ମୁମ୍ବାଇଠାରେ ଅନ୍ତର୍ଜାତୀୟ ଅଲିମ୍ପିକ କମିଟି (ଆଇଓସି) ସଭାପତି ଥୋମାସ ବାକ୍‌ଙ୍କ ସହ ବାର୍ତ୍ତାଳାପ କରିବାର ଏକ ଅନନ୍ୟ ସୁଯୋଗ ମିଳିଥିଲା। ଅଲିମ୍ପିକ ମୂଲ୍ୟବୋଧ ଶିକ୍ଷା କାର୍ଯ୍ୟକ୍ରମ (ଓଭିଇପି)ର ଏକ ଅଂଶବିଶେଷ ସ୍ୱରୂପ ଏହି ବୈଠକର ଆୟୋଜନ କରାଯାଇଥିଲା। ସ୍କୁଲ ସ୍ତରରେ ଛାତ୍ରୀଛାତ୍ରମାନଙ୍କ ଶାରୀରିକ କାର୍ଯ୍ୟକଳାପ ଏବଂ କ୍ରୀଡ଼ାରେ ଅଂଶଗ୍ରହଣ ପାଇଁ ଉତ୍ସାହ ସୃଷ୍ଟି କରିବା ଏହି କାର୍ଯ୍ୟକ୍ରମର ମୂଳ ଉଦ୍ଦେଶ୍ୟ। ବାର୍ତ୍ତାଳାପ ସମୟରେ ପିଲାମାନେ ଥୋମାସ ବ୍ୟାକ୍‌ଙ୍କୁ ବିଭିନ୍ନ ପ୍ରଶ୍ନ ପଚାରିବା ଲାଗି ସୁଯୋଗ ପାଇଥିଲେ। ସେମାନେ ବ୍ୟାକ୍‌ଙ୍କ ଅଲିମ୍ପିକ ଯାତ୍ରା ଏବଂ ଆଜିକାର ବିଶ୍ୱରେ ଅଲିମ୍ପିକ ମୂଲ୍ୟବୋଧର ମହତ୍ତ୍ୱ ସମ୍ପର୍କରେ ଜାଣିବାକୁ ଚାହିଁଥିଲେ। ଏହି ଅବସରରେ ପିଲାମାନେ ପ୍ରସ୍ତୁତ କରିଥିବା ଏକ କଳାକୃତି ଆଇଓସି ସଭାପତିଙ୍କୁ ପ୍ରଦାନ କରିଥିଲେ, ଯେଉଁଥିରେ କି ଅଲିମ୍ପିକ ମୂଲ୍ୟବୋଧ ସମ୍ପର୍କରେ ସେମାନେ କ'ଣ ବୁଝନ୍ତି ତାହା ପରିପୁଷ୍ଟ ହୋଇଥିଲା। ଏହାଛଡ଼ା ସେମାନେ 'ମଡେଲ ଆଇଓସି ଅଧିବେଶନ' ଉପରେ ପ୍ରସ୍ତୁତ କରିଥିବା ଏକ ବିସ୍ତୃତ ରିପୋର୍ଟ ପ୍ରଦାନ କରିଥିଲେ। ଏହି ଅବସରରେ କ୍ରୀଡ଼ା ଓ ଯୁବ ସଶକ୍ତୀକରଣ କ୍ଷେତ୍ରରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଉଦ୍ୟମକୁ ଆଇଓସି ସଭାପତି ପ୍ରଶଂସା କରିଥିଲେ। ଓଭିଇପି ଏବଂ ଓଡ଼ିଶା ରିଡ୍‌ଲେ ବନ୍ୟପ୍ରକଳ୍ପରେ ଆଇଓସିର ସହଭାଗିତାରେ ଓଡ଼ିଶା ରିଡ୍‌ଲେ ବନ୍ୟ ପ୍ରକଳ୍ପ କାର୍ଯ୍ୟ କରୁଛି। ଏହି ପ୍ରକଳ୍ପ ଅଧୀନରେ ୧ ନିୟୁତ ବନ୍ୟ ବୃକ୍ଷରୋପଣ କାର୍ଯ୍ୟକାରୀ ହେଉଛି। ଏହି ଇଭେଣ୍ଟ ଅଲିମ୍ପିକ ମୂଲ୍ୟବୋଧ ଶିକ୍ଷା କାର୍ଯ୍ୟକ୍ରମ । ସୂଚନାଯୋଗ୍ୟ, ବାକ୍ ବର୍ତ୍ତମାନ ଆଇଓସି ଅଧିବେଶନ ପାଇଁ ମୁମ୍ବାଇ ଆସିଛନ୍ତି। ଏହି ଅବସରରେ ଓଡ଼ିଶା କ୍ରୀଡ଼ା ଓ ଯୁବସେବା ବିଭାଗ ସଚିବ ଭିନିଲ କ୍ରିଷ୍ଣା, ଅଲିମ୍ପିକ ଚାମ୍ପିୟନ ଏବଂ ଏବିଏଫ୍‌ଟି ପ୍ରତିଷ୍ଠାତା ଅଭିନବ ବିନ୍ଦ୍ରା ଓ ଆଇଓସି ଆଇଲେଟ୍ସ କମିଶନ ସଦସ୍ୟ ପ୍ରମୁଖ ଉପସ୍ଥିତ ଥିଲେ।

## ସେମିରେ ହାରିଲେ ସିନ୍ଧୁ

**ଭାନ୍‌ଟା (ଫିନ୍‌ଲାଣ୍ଡ), ୧୪।୧୦(ପି.ଟି.)**

ଭାରତର ପି.ଭି. ସିନ୍ଧୁ ଏଠାରେ ଚାଲିଥିବା ଆର୍କଟିକ୍ ଓପନ ସୁପର ୫୦୦ ଟୁର୍ନାମେଣ୍ଟର ସେମିଫାଇନାଲରୁ ବିଦାୟ ନେଇଛନ୍ତି। ଶନିବାର ୫ମ ସିଡ୍ ତଥା ଚାଇନାର ଝି ୟି ୱାଙ୍ଗ୍‌ଙ୍କଠାରୁ ସେ ୧୨-୨୧, ୨୧-୧୧, ୨୧-୭ରେ ହାରିଯାଇଛନ୍ତି।






# ଓଡ଼ିଶାରୁ ଭାଗନେବେ ୭ ଆଥ୍‌ଲେଟ


ପ୍ରଫୁଲ୍ଲ ଖଣ୍ଡାୟତରାୟ


ଜୟନ୍ତୀ ବେହେରା


ପ୍ରମୋଦ ଭଗତ


ପୂଜାସ୍ୱିନୀ ନାୟକ


ରାଖାଲ କୁମାର ସେଠୀ


ସୌନ୍ଦର୍ଯ୍ୟ ପ୍ରଧାନ


ଭି. ରମେଶ ରାଓ

## ଏସିଆନ୍ ପାରା ଗେମ୍ସ

**ଭୁବନେଶ୍ୱର,୧୪।୧୦(ସରୋଜ ଜେନା)**

ଚୀନ୍‌ର ହାଙ୍ଗଝୋରେ ଅକ୍ଟୋବର ୨୨ରୁ ୨୮ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ ଏସିଆନ୍ ପାରା ଗେମ୍ସ। ଏସିଆନ୍ ଗେମ୍ସ ସମାପ୍ତ ହେବାର ୧୪ ଦିନ ମଧ୍ୟରେ ଏହି ଟୁର୍ନାମେଣ୍ଟ ଆରମ୍ଭ ହେବାକୁ ଯାଉଥିବା ବେଳେ ଭାରତ ଅନ୍ୟୁନ ୧୦୦ ମେଡାଲର ଲକ୍ଷ୍ୟ ରଖିଛି। ଏହି ଟୁର୍ନାମେଣ୍ଟରେ ଓଡ଼ିଶାରୁ ୭ ଜଣ ଖେଳାଳି ଅଂଶଗ୍ରହଣ କରିବାକୁ ଯାଉଛନ୍ତି। ହୁଇଲ ଚେୟାର ଫେନସିଂରେ ସର୍ବାଧିକ ୪ ଜଣ ଖେଳାଳି ରହିଥିବା ବେଳେ ବ୍ୟାଡମିଣ୍ଟନ, ଆଥଲେଟିକ୍ସ ଓ ବ୍ଲାଇଣ୍ଡ ଚେସ୍‌ରେ ଜଣେ ଲେଖାଏ ପ୍ରତିଯୋଗୀ ରହିଛନ୍ତି। ପାରା ଅଲିମ୍ପିକ୍ସ ପଦକ ବିଜେତା ବ୍ୟାଡମିଣ୍ଟନ ଖେଳାଳି ପ୍ରମୋଦ ଭଗତଙ୍କ ସହ ଜାତୀୟ ପାରା ଆଥଲେଟିକ୍ସରେ ଏକାଧିକ ପଦକ ବିଜେତା ଜୟନ୍ତୀ ବେହେରା ଭାରତୀୟ ଦଳରେ ସାମିଲ ଅଛନ୍ତି। ଦୃଷ୍ଟିବାଧିତ ଚେସ୍ ଦଳରେ ସୌନ୍ଦର୍ଯ୍ୟ କୁମାର ପ୍ରଧାନ ରହିଥିବା ବେଳେ ହୁଇଲ ଚେୟାର ଫେନସିଂରେ ରାଖାଲ କୁମାର ସେଠୀ, ଭି ରମେଶ ରାଓ, ପ୍ରଫୁଲ୍ଲ କୁମାର ଖଣ୍ଡାୟତରାୟ ଓ ପୂଜାସ୍ୱିନୀ ନାୟକ ଅଂଶଗ୍ରହଣ କରିବେ।

# ଖୋର୍ଦ୍ଧା ଜିଲା ଚେସ୍ ୩ ରାଉଣ୍ଡ ଶେଷରେ ୧୭ ଅଗ୍ରଣୀ



ଖୋର୍ଦ୍ଧା ଜିଲା ଚେସ୍ ଚାମ୍ପିୟନଶିପ୍ ଉଦ୍‌ଘାଟନୀ ଅବସରରେ ଅତିଥି ଓ କର୍ମକର୍ତ୍ତା।

**ଭୁବନେଶ୍ୱର, ୧୪।୧୦ (ତପନ ସ୍ୱାଇଁ)**

ଖୋର୍ଦ୍ଧା ଜିଲା ଚେସ୍ ଚାମ୍ପିୟନଶିପ୍ ଶନିବାର ଆରମ୍ଭ ହୋଇଛି। ଏଥିରେ ୧୭୮ ଖେଳାଳି ଅଂଶଗ୍ରହଣ କରିଛନ୍ତି। ପ୍ରଥମ ଦିବସରେ ୩ ରାଉଣ୍ଡ ଖେଳ ଅନୁଷ୍ଠିତ ହୋଇଛି। ଏଥିରେ ସୌମ୍ୟରଞ୍ଜନ ସାହୁ, ରାଜେନ୍ଦ୍ର କୁମାର ସାହୁ, ୟଶିତା ରାଉତ ଓ କୌସ୍ତୁଭ ଦାସଙ୍କ ସମେତ ମୋଟ ୧୭ ଖେଳାଳି ଅଗ୍ରଣୀ ହାସଲ କରିଛନ୍ତି। ରବିବାର ଆଉ ୪ ରାଉଣ୍ଡ ଖେଳ ସହ ପ୍ରତିଯୋଗିତା ଉଦ୍‌ଯାପିତ ହେବ। ପୂର୍ବାହ୍ନରେ ଭେଙ୍କଟେଶ୍ୱର ଇଂଲିଶ୍ ମିଡିୟମ ସ୍କୁଲର ମୁଖ୍ୟ ପ୍ରଶାସକ ହିମାଂଶୁ ଶେଖର ପତି ମୁଖ୍ୟ ଅତିଥିଭାବେ ଯୋଗଦେଇ ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିଲେ। ଆୟୋଜକ ଖୋର୍ଦ୍ଧାଜିଲା ଚେସ୍ ଆସୋସିଏଶନ ସମ୍ପାଦକ ଶୁଭାଶିଷ ପଟ୍ଟନାୟକ, ଯୁଗ୍ମ ସମ୍ପାଦକ ସରୋଜ କିଶୋର ବେହେରା, ମୁଖ୍ୟ ଆର୍ବିଟର ସୁରେଶ ଚନ୍ଦ୍ର ସାହୁ ଓ ବିଜୁ ପଟ୍ଟନାୟକ କ୍ରୀଡ଼ା ପୁରସ୍କାରପ୍ରାପ୍ତ ସତ୍ୟରଞ୍ଜନ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ। ପ୍ରଥମ ରାଉଣ୍ଡ ଆରମ୍ଭ ହେବା ପୂର୍ବରୁ ଖୋର୍ଦ୍ଧା ଜିଲା ଚେସ୍ ଆସୋସିଏଶନ ମେଣ୍ଟର ସ୍ୱର୍ଗତ ଶରତ ଚନ୍ଦ୍ର ମିଶ୍ରଙ୍କ ସ୍ମୃତିରେ ୨ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା।






4-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ